# ଧରିତ୍ରୀ DHARITRI

52 Years

ଭୁବନେଶ୍ୱର, ମଙ୍ଗଳବାର, ଫେବୃଆରୀ ୨୪/୨୦୨୬ (୧୪ ପୃଷ୍ଠା) | Bhubaneswar, Tuesday, February 24/2026 | Page 14 | ₹ 7.00

୫୨ଶ ଭାଗ ୯୨ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 52 ISSUE 92 | ମୂଲ୍ୟ ₹୭/-




**ହେଟ୍‌ମେୟରଙ୍କ ବିସ୍ଫୋରକ ବ୍ୟାଟିଂ**

ଜିମ୍ବାୱେ ବିପକ୍ଷ ଟି୨୦ ବିଶ୍ୱକପ୍ ସୁପର-୮ ମ୍ୟାଚରେ ବିସ୍ଫୋରକ ୮୫ ରନ ସଂଗ୍ରହ କରିଛନ୍ତି ୱେଷ୍ଟଇଣ୍ଡିଜ ବ୍ୟାଟର ଶିମରନ ହେଟ୍‌ମେୟର।

୧୪

୦୨

**ସାମନ୍ଥାଙ୍କ ମନର କଥା**

ଅଭିନେତ୍ରୀ ସାମନ୍ଥା ରୁଥ ପ୍ରଭୁ ପୂର୍ବତନ ସ୍ୱାମୀ ନାଗାଚୈତନ୍ୟଙ୍କଠାରୁ ଅଲଗା ହେବା ପରେ ରାଜଙ୍କ ସହ ବନ୍ଧୁତା ତାଙ୍କୁ ପୁଣି ପ୍ରେମରେ ବିଶ୍ୱାସ କରିବାକୁ ଶିଖାଇଛି।





ଢେଙ୍କାନାଳ ଜିଲା ରାସୋଳ ଥାନା କାରନ୍ଦା ଅଞ୍ଚଳରେ ସୋମବାର ସନ୍ଧ୍ୟାରେ ୫ଟି ତେଲ ଟ୍ୟାଙ୍କରରେ ଲାଗିଥିବା ନିଆଁକୁ ଅଗ୍ନିଶମ କର୍ମଚାରୀ ଲିଭାଉଛନ୍ତି।

# ବଢୁଛି ଅପମିଶ୍ରଣ ଭୟ

**ଓଡ଼ିଶାରେ ବିଭିନ୍ନ ନାମୀଦାମୀ କମ୍ପାନୀର ଖାଦ୍ୟପଦାର୍ଥରେ ଅପମିଶ୍ରଣ ଘଟଣା ସାମ୍ନାକୁ ଆସୁଛି। ରାଜ୍ୟରେ ହେଉଥିବା ଅପମିଶ୍ରଣ ସମ୍ପର୍କରେ ଜଣେ ବରିଷ୍ଠ ଖାଦ୍ୟ ସୁରକ୍ଷା ନିରୀକ୍ଷକ କହିଛନ୍ତି, ବିଭିନ୍ନ ସମୟରେ ବ୍ରାଣ୍ଡେଡ୍ କମ୍ପାନୀର ଲେଭଲକୁ ଅବିକଳ ନକଲ କରାଯାଇ ବିକ୍ରିଯୋଗ୍ୟ କରାଯାଉଛି। ଏଥିସହ ସମ୍ପୃକ୍ତ କମ୍ପାନୀର ଖାଦ୍ୟପଦାର୍ଥକୁ ଚୋରି କରି ପୁନଃ ପ୍ୟାକେଜିଂ କରାଯାଇ ବିକ୍ରି କରାଯାଏ। ଫଳରେ ଖାଦ୍ୟରେ ଅପମିଶ୍ରଣ ହୋଇଥାଏ। 'ସିଟିଜେନ୍ ମ୍ୟାଟର୍ସ' ନାଗରିକ ଗଣମାଧ୍ୟମ ପ୍ଲାଟଫର୍ମର ସୂଚନା ଅନୁଯାୟୀ ଭାରତରେ ହେଉଥିବା ଅପମିଶ୍ରଣ ପ୍ରାୟତଃ ପୁନଃ-ପ୍ୟାକେଜିଂ ୟୁନିଟ୍‌ରେ କରାଯାଇଥାଏ। ନିକଟରେ ଓଡ଼ିଶାରେ କ୍ଷୀରର ୮ଟି ନମୁନା ନିମ୍ନମାନର ବୋଲି ସ୍ୱାସ୍ଥ୍ୟବିଭାଗ ପକ୍ଷରୁ ସ୍ପଷ୍ଟ କରାଯାଇଥିବାବେଳେ ପାଣି ଏବଂ 'ହର୍ଲିକ୍ସ'ଭଳି ପୁଷ୍ଟିକର ଖାଦ୍ୟ ଅପମିଶ୍ରିତ ହେଉଥିବା ବିଷୟ ସୋମବାର ସ୍ୱାସ୍ଥ୍ୟମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ବିଧାନସଭାରେ ଏକ ପ୍ରଶ୍ନର ଉତ୍ତରରେ କହିଛନ୍ତି। ଦିନକୁ ଦିନ ବିଭିନ୍ନ ଖାଦ୍ୟପଦାର୍ଥ ଅପମିଶ୍ରଣ ହେଉଥିବାରୁ ଜନସାଧାରଣ ସଚେତନ ହେବାକୁ ସେ ସତର୍କ କରାଇଛନ୍ତି।**

## ■ ୪ ଜିଲାରେ ଭେଜାଲ ହର୍ଲିକ୍ସ

## ■ ଖୋର୍ଦ୍ଧାରେ ସର୍ବାଧିକ ୩୫ ପ୍ରକାର

ଭୁବନେଶ୍ୱର,୨୩।୨(ରବିନାରାୟଣ ଜେନା)

ରାଜ୍ୟରେ ଏବେ ଖାଦ୍ୟ ପଦାର୍ଥର ଅପମିଶ୍ରଣ ଏକପ୍ରକାର କୋକୁଆ ଭୟ ସୃଷ୍ଟି କରିଛି। ବରଗଡ଼ ଓ କୋରାପୁଟ ଜିଲାକୁ ବାଦ୍ ଦେଲେ ସକାଳୁ ସଞ୍ଜ ଯାଏ ଲୋକେ ଯାହା ଖାଦ୍ୟ ଖାଉଛନ୍ତି ସେଥିରୁ ଅଧିକାଂଶ ଖାଦ୍ୟରେ ଅନ୍ୟ ସମସ୍ତ ଜିଲାରେ ଅପମିଶ୍ରଣ ରହିଛି। ଏପରିକି ଶିଶୁଙ୍କୁ ପ୍ରଦାନ କରାଯାଉଥିବା ପୁଷ୍ଟିଯୁକ୍ତ ଖାଦ୍ୟ ହର୍ଲିକ୍ସ ଓ କ୍ଷୀରରେ ମଧ୍ୟ ଅପମିଶ୍ରଣ ହେଉଛି। ଏଭଳି ଏକ ସାଂଘାତିକ ଖବର ଲୋକଲୋଚନକୁ ଆସିବା ପରେ ରାଜ୍ୟରେ ଏକ ପ୍ରକାର ଆତଙ୍କ ଖେଳିଯାଇଛି। କାହାକୁ ଖାଇବେ ଏବଂ କାହାକୁ ନ ଖାଇବେ ସେଥିନେଇ ସାଧାରଣ ଲୋକେ ସନ୍ଦେହରେ ପଡ଼ି ଯାଇଛନ୍ତି। ତେବେ ଏହି ପ୍ରସଙ୍ଗ ଅଧିକ ଗୁରୁତ୍ୱ ଧାରଣ କରିଛି ବିଧାନସଭାରେ ସ୍ୱାସ୍ଥ୍ୟମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗଙ୍କ ଉତ୍ତର। ସଦସ୍ୟ ତାରା ପ୍ରସାଦ ବାହିନୀପତିଙ୍କ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ କହିଛନ୍ତି, ରାଜ୍ୟର ବୌଦ୍ଧ, ଢେଙ୍କାନାଳ, ଜଗତ୍‌ସିଂହପୁର ଏବଂ ମୟୂରଭଞ୍ଜରେ ହର୍ଲିକ୍ସରେ ଅପମିଶ୍ରଣ ଥିବା ବିଭାଗୀୟ ଯାଞ୍ଚରୁ ଜଣାଯାଇଛି।

ମନ୍ତ୍ରୀ ତାଙ୍କ ଉତ୍ତରରେ ଦର୍ଶାଇଛନ୍ତି, ରାଜ୍ୟ ସରକାର ଖାଦ୍ୟ ଅପମିଶ୍ରଣ ହେଉଥିବା ସମ୍ପର୍କରେ ସମ୍ପୂର୍ଣ୍ଣ ସଜାଗ ଅଛନ୍ତି। ଏଥିନିମନ୍ତେ ଖାଦ୍ୟ ନିରାପତ୍ତା ଆୟୁକ୍ତଙ୍କ ଦ୍ୱାରା ଖାଦ୍ୟ ନିରାପତ୍ତା ଆଇନ-୨୦୦୬ ଅନୁଯାୟୀ ବିଭିନ୍ନ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି। ଖାଦ୍ୟ ଅପମିଶ୍ରଣ ରୋକିବା ଦିଗରେ ରାଜ୍ୟର ସବୁ ଜିଲା ଓ ପୌର ପରିଷଦ ଅଧୀନରେ ଖାଦ୍ୟ ନିରାପତ୍ତା ଅଧିକାରୀମାନଙ୍କୁ ନିଯୁକ୍ତି ଦିଆଯାଇଛି। ବର୍ତ୍ତମାନ ୬୩ ଜଣ ଖାଦ୍ୟ ନିରାପତ୍ତା ଅଧିକାରୀ କାର୍ଯ୍ୟରତ ଅଛନ୍ତି। ନିୟମିତ ଭାବେ ଅପମିଶ୍ରଣ ରୋକିବା ପାଇଁ ସେମାନେ ଖାଦ୍ୟ ବିକ୍ରେତାଙ୍କୁ ଲାଇସେନ୍ସ ଅଫ୍ ରେଜିଷ୍ଟ୍ରେଶନ ସାର୍ଟିଫିକେଟ୍ ପ୍ରଦାନ କରିବା ସଙ୍ଗେ ସଙ୍ଗେ ନିୟମିତ ଚଢ଼ଉ ସହିତ ବିଭିନ୍ନ ପ୍ରକାର ଖାଦ୍ୟପଦାର୍ଥ ନମୁନା ଯାଞ୍ଚ କରୁଛନ୍ତି। ଖାଦ୍ୟ ଅପମିଶ୍ରଣର ସନ୍ଦେହ ହେଲେ ସମ୍ପୃକ୍ତ ପଦାର୍ଥର ନମୁନା ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରତିଷ୍ଠା କରାଯାଇଥିବା ପରୀକ୍ଷାଗାରକୁ ପଠାଯାଇ ଯାଞ୍ଚ କରାଯାଉଛି। ଜନସାଧାରଣଙ୍କ ମଧ୍ୟରେ ସଚେତନତା ଉପରେ ବିଭିନ୍ନ ସମୟରେ କାର୍ଯ୍ୟକ୍ରମ କରାଯାଉଛି। ଏଥିସହିତ ଏକ ଭ୍ରାମ୍ୟମାଣ ପରୀକ୍ଷାଗାର ☞ ପୃଷ୍ଠା-୪

## ୧୮ ବ୍ରାଣ୍ଡର ପାଣି ଅସୁରକ୍ଷିତ

ରାଜ୍ୟରେ ବିକ୍ରି ହେଉଥିବା ବିଭିନ୍ନ ବ୍ରାଣ୍ଡର ପାନୀୟଜଳ ମଧ୍ୟରୁ କେତେକ ପାନୀୟଜଳ ଅଶୁଦ୍ଧ ତଥା ଅସୁରକ୍ଷିତ ଏବଂ ନିମ୍ନମାନର ରହିଛି। ଜନସାଧାରଣ ଏନେଇ ଜାଣିପାରୁ ନ ଥିବାରୁ ତାହାକୁ ପାନ କରୁଛନ୍ତି। ସରକାରଙ୍କ ପକ୍ଷରୁ ପ୍ରତିବର୍ଷ ଯଦିଓ ଯାଞ୍ଚ କରାଯାଉଛି ସେ ସମ୍ପର୍କରେ ଠିକଣା ସଚେତନ କରାଯାଉ ନାହିଁ। ଫଳରେ ଲୋକେ ଅସୁରକ୍ଷିତ ପାଣି ପିଉଛନ୍ତି। ଏହିଭଳି ଏକ ତଥ୍ୟ ସୋମବାର ଲୋକଲୋଚନକୁ ଆସିଛି।

ଭାଜପା ସଦସ୍ୟା ଉପାସନା ମହାପାତ୍ରଙ୍କ ପ୍ରଶ୍ନର ଉତ୍ତରରେ ସ୍ୱାସ୍ଥ୍ୟମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ଦେଇଥିବା ଉତ୍ତର ଅନୁଯାୟୀ, ଚଳିତ ବର୍ଷ(୨୦୨୫-୨୬)୨୯ ଟି ପାଣି ନମୁନା ପରୀକ୍ଷା ହୋଇଥିବା ବେଳେ ସେଥିରୁ ୮ଟି ନମୁନାରେ ଅସୁରକ୍ଷିତ ରହିଥିବା ଜଣାଯାଇଛି। ସେହିପରି ଗତ ୪ ବର୍ଷରେ ୬୮ଟି ନମୁନା ଯାଞ୍ଚରୁ ୧୮ଟି ଅସୁରକ୍ଷିତ ଜଣାପଡ଼ିଥିବା ବେଳେ ୮ଟି ନମୁନା ନିମ୍ନମାନର ବୋଲି ଜଣାପଡ଼ିଛି।

ମନ୍ତ୍ରୀଙ୍କ ତଥ୍ୟ ଅନୁଯାୟୀ, ୨୦୨୨-୨୩ରେ ୧୯ଟି ନମୁନା ଯାଞ୍ଚରୁ ୪ଟି ଅସୁରକ୍ଷିତ ଏବଂ ୮ଟି ଅତିନିମ୍ନମାନର ରହିଥିବାବେଳେ ୨୦୨୩-୨୪ରେ ୧୫ଟି ନମୁନାରୁ ୫ଟି ଅସୁରକ୍ଷିତ ଏବଂ ୫ଟି ଗୁଣବତ୍ତା ଠିକ୍ ଥିବାବେଳେ ଆଉ ୫ଟିରେ କୌଣସି ତଥ୍ୟ ନାହିଁ। ୨୦୨୪-୨୫ରେ ୫ଟି ନମୁନା ଯାଞ୍ଚ ହୋଇଥିବାବେଳେ ଗୋଟିଏ ସ୍ଥିରୀକୃତ ହୋଇ ନ ଥିବାବେଳେ ଆଉ ଗୋଟିଏ ଅସୁରକ୍ଷିତ ଏବଂ ଅବଶିଷ୍ଟ ନମୁନାର ତଥ୍ୟ ଜଣାପଡିନାହିଁ ବୋଲି ମନ୍ତ୍ରୀ ତାଙ୍କ ଉତ୍ତରରେ ଦର୍ଶାଇଛନ୍ତି।

## ପିଲାଚୋର ସନ୍ଦେହ: ଯୁବକଙ୍କୁ ପିଟି ମାରିଦେଲେ

ମୋରଡ଼ା,୨୩।୨(ସ୍ମାରକ ମାଝୀ)

ଚୋରି ହେଉ ଅବା ପିଲାଚୋରି, ପ୍ରେମ ହେଉ ବା ଅନ୍ଧବିଶ୍ୱାସ ଭଳି ଘଟଣାରେ ଲୋକେ ଆଇନକୁ ହାତକୁ ନେବା ଭଳି ଅଭାବନୀୟ ଘଟଣା ମୟୂରଭଞ୍ଜ ଜିଲାରେ ଦେଖିବାକୁ ମିଳୁଛି। କ୍ରୋଧର ବଶବର୍ତ୍ତୀ ହୋଇ ଲୋକେ ଅପରାଧ ଘଟାଉଛନ୍ତି। ୧୭ ବର୍ଷ ପୂର୍ବେ ବୈଁଶିଙ୍ଗା ଥାନା ଅଧୀନ ମାଣତ୍ରୀ ବଙ୍ଗଳା ପଡ଼ିଆରେ ପିଲାଚୋରି ସନ୍ଦେହରେ ଲୋକେ ଜଣେ ମାନସିକ ବିକୃତଙ୍କୁ ପିଟିପିଟି ମାରି ଦେଇଥିଲେ। ସୋମବାର ମୋରଡ଼ାରେ ଏହି ଘଟଣାର ପୁନରାବୃତ୍ତି ଘଟିଛି।

ମୟୂରଭଞ୍ଜ ଜିଲା ମୋରଡ଼ା ଥାନା ଅଞ୍ଚଳରେ ପିଲାଚୋରି ସନ୍ଦେହରେ ଲୋକେ ଜଣେ ଅଚିହ୍ନା ଯୁବକଙ୍କୁ ପିଟି ମାରିଦେବା ଆଲୋଡ଼ନ ସୃଷ୍ଟି କରିଛି। ପୋଲିସ ମୃତଦେହ ଜବତ କରି ବାରିପଦାସ୍ଥିତ ପିଆର୍‌ଏମ୍ ମେଡିକାଲକୁ ପଠାଇ ତଦନ୍ତ ଜାରି ରଖିଛି। ଏନେଇ ଏକ ହତ୍ୟା ମାମଲା(ନଂ.୭୬/୨୬) ରୁଜୁ ହୋଇଥିବା ଥାନା ଅଧିକାରୀ ସୁମିତ କୁମାର ସୋରେନ କହିଛନ୍ତି। ଏ ସମ୍ପର୍କରେ ବେତନଟୀ ଏସ୍‌ଡିପିଓ ମୀନତୀ ବିଶ୍ୱାଳଙ୍କୁ ପଚାରିବାରୁ ପିଲା ଚୋରି ଘଟଣା ଏକ ଗୁଜବ। ପ୍ରାଥମିକ ତଦନ୍ତରୁ ମୃତକ ଜଣେ ମାନସିକ ବିକୃତ ବୋଲି ଜଣାପଡ଼ିଛି। ତେବେ ଆଇନକୁ ହାତକୁ ନେଇ ଅପରାଧରେ ଜଡ଼ିତ ଥିବା ସମସ୍ତଙ୍କୁ ଗିରଫ କରାଯିବ ବୋଲି ସେ କହିଛନ୍ତି।

ସୂଚନା ଅନୁଯାୟୀ, ସୋମବାର ମଧ୍ୟାହ୍ନ ୧୨ଟା ସମୟରେ ମୋରଡ଼ା ଥାନା ଅଧୀନ ଡେଙ୍ଗାଶୋଳ ଗ୍ରାମ ନିକଟରେ ୪ ଜଣ ଯୁବକ ଜଣେ ପିଲାକୁ ଚୋରି କରିବା ପାଇଁ ଉଦ୍ୟମ କରୁଥିଲେ। ସ୍ଥାନୀୟ ଲୋକେ ଏହା ଜାଣିପାରି ଉକ୍ତ ୪ ଯୁବକଙ୍କୁ ଧରିବାକୁ ଚେଷ୍ଟା କରିଥିଲେ। ଘଟଣାସ୍ଥଳରୁ ୩ ଜଣ ଫେରାର ହେବାକୁ ସକ୍ଷମ ହୋଇଥିବା ବେଳେ ଲୋକେ ଜଣଙ୍କୁ କାବୁ କରି ନିସ୍ତୁକ ମାଡ଼ ମାରିଥିଲେ। ଖବରପାଇ ପୋଲିସ ପହଞ୍ଚି ଉକ୍ତ ଯୁବକଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ବାରମାଇଲସ୍ଥିତ କିଶାନତାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲା। ତେବେ ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିବା ସୂଚନା ମିଳିଛି।

ଉଲ୍ଲେଖଯୋଗ୍ୟ, ମୋରଡ଼ା ଅଞ୍ଚଳରେ ଏବେ ପିଲା ଚୋରି ଆତଙ୍କ ଦେଖାଦେଇଛି। ଲୋକେ ସେମାନଙ୍କ ପିଲାଙ୍କୁ ବାହାରକୁ ଛାଡ଼ିବାକୁ ଭୟ କରୁଛନ୍ତି। ରବିବାର ସ୍ଥାନୀୟ କୋହି ଗ୍ରାମରେ ଲୋକେ ଠେଙ୍ଗା, ବାଡ଼ି ଧରି ରାତିତମାମ ଗାଁ ଜଗିଥିବା ଦେଖିବାକୁ ମିଳିଥିଲା। ପୋଲିସ ପାଟ୍ରୋଲିଂ ବ୍ୟବସ୍ଥା କଡ଼ାକଡ଼ି କରିବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।

## ଏୟାର ଆମ୍ବୁଲାନ୍ସ ଦୁର୍ଘଟଣାଗ୍ରସ୍ତ: ୭ ମୃତ

ରାଞ୍ଚି,୨୩।୨

ସୋମବାର ସନ୍ଧ୍ୟାରେ ରାଞ୍ଚିରୁ ଦିଲ୍ଲୀ ଯାଉଥିବା ଏକ ଏୟାର ଆମ୍ବୁଲାନ୍ସ ଦୁର୍ଘଟଣାଗ୍ରସ୍ତ ହୋଇ ଖସିପଡ଼ିବାରୁ ସମସ୍ତ ୭ ଯାତ୍ରୀଙ୍କର ମୃତ୍ୟୁ ଘଟିଛି। ଏହି ବିମାନରେ ୪୧ ବର୍ଷୀୟ ରୋଗୀ ସଞ୍ଜୟ କୁମାରଙ୍କ ସମେତ ତାଙ୍କର ୨ ଆଟେଣ୍ଡାଣ୍ଟ, ଜଣେ ଡାକ୍ତର, ଜଣେ ଫାର୍ମାଶିଷ୍ଟ ଏବଂ ଦୁଇ ପାଇଲଟ୍ ଥିଲେ। ବିମାନଟି ରାଞ୍ଚି ବିମାନ ବନ୍ଦରରୁ ଉଡ଼ାଣ ଭରିବାର ମାତ୍ର ୨୩ ମିନିଟ୍ ପରେ ରାଡାର୍‌ରୁ ଉଭାନ ହୋଇଯାଇଥିଲା। କୌଣସି କାରଣରୁ ବିମାନଟି ଦୁର୍ଘଟଣାଗ୍ରସ୍ତ ହୋଇ ଛାତ୍ରା ଜିଲାରେ ଖସିପଡ଼ିଥିଲା। ରାଜ୍ୟ ପ୍ରଶାସନର କେତେଜଣ ଅଧିକାରୀ ଦୁର୍ଘଟଣାସ୍ଥଳରେ ପହଞ୍ଚି ବିମାନଟିକୁ ଠାବ କରିଥିଲେ। ଦୁର୍ଘଟଣାସ୍ଥଳରୁ ୭ ଜଣଙ୍କ ମୃତଦେହ ଉଦ୍ଧାର କରାଯାଇଛି। ମୃତ ବ୍ୟକ୍ତିଙ୍କ ମଧ୍ୟରେ ସଞ୍ଜୟ କୁମାର, ତାଙ୍କର ୨ ଆଟେଣ୍ଡାଣ୍ଟ ଅର୍ଚ୍ଚନା ଦେବୀ ଓ ଧ୍ରୁବ କୁମାର, ଡାକ୍ତର ବିକାଶ କୁମାର ଗୁପ୍ତା, ଫାର୍ମାଶିଷ୍ଟ ସଚିନ୍ କୁମାର ମିଶ୍ର ଏବଂ ୨ ପାଇଲଟ୍ ବିବେକ ବିକାଶ ଭଗତ୍ ଓ ସଭରାଜଦୀପ୍ ସିଂ ରହିଛନ୍ତି। ଏହି ବିମାନଟି ଦିଲ୍ଲୀସ୍ଥିତ ରେଡ୍‌ବାର୍ଡ ଏୟାରୱେଜ୍ ନାମକ ଘରୋଇ କମ୍ପାନୀ ଦ୍ୱାରା ପରିଚାଳିତ ହେଉଥିଲା। ଦୁର୍ଘଟଣା ସମ୍ପର୍କରେ ଯାଞ୍ଚ ପାଇଁ ଏୟାରକ୍ରାଫ୍ଟ ଆକ୍ସିଡେଣ୍ଟ ଇନ୍‌ଭେଷ୍ଟିଗେଶନ ବ୍ୟୁରୋର ଏକ ଟିମ୍ ଘଟଣାସ୍ଥଳରେ ପହଞ୍ଚିଛି।

## କେନ୍ଦ୍ର ଦେଇଛି ୧୦ ହଜାର ୭୨୭ କୋଟି: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୨୩।୨(ରବିନାରାୟଣ ଜେନା)



ମୋହନ ଚରଣ ମାଝୀ

ରାଜ୍ୟ ସରକାର ୨୦୨୫-୨୬ ଆର୍ଥିକ ବର୍ଷରେ କେନ୍ଦ୍ର ସରକାରଙ୍କଠାରୁ ବିଭିନ୍ନ ଯୋଜନାରେ ପାଇବାକୁ ଥିବା ଅର୍ଥ ମଧ୍ୟରୁ ପ୍ରାୟ ୨୫ ପ୍ରତିଶତ ମିଳିଛି। ଚଳିତ ଆର୍ଥିକବର୍ଷ ଶେଷ ହେବାକୁ ହାତରେ ଆଉ ୩୬ଦିନ ରହିଥିବାବେଳେ ବଜେଟ ଅନୁଯାୟୀ, କେନ୍ଦ୍ର ଅନୁଦାନ ବାବଦକୁ ଏବେ ମଧ୍ୟ ୩୦ହଜାର ୮୬୪କୋଟି ଟଙ୍କା ବକେୟା ରହିଛି। ତେବେ ଚଳିତବର୍ଷ କେନ୍ଦ୍ରୀୟ ଅନୁଦାନ ବାବଦକୁ ୪୧,୫୯୧.୭୩ କୋଟି ଟଙ୍କା ରାଜ୍ୟ ପାଇବାକୁ ଲକ୍ଷ୍ୟ ରଖି ଥିବାବେଳେ ୧୦,୭୨୭ କୋଟି ୫୨ ଲକ୍ଷ ଟଙ୍କା ପାଇଛି ବୋଲି ଅର୍ଥମନ୍ତ୍ରୀ ତଥା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ତଥ୍ୟରୁ ଜଣାଯାଇଛି। ବିଜେଡି ☞ ପୃଷ୍ଠା-୪

## ହାତଗୋଡ଼ ବାନ୍ଧି ୭୦ ଲକ୍ଷ ଲୁଟିନେଲେ

ନବରଙ୍ଗପୁର,୨୩।୨
(ସଦାଶିବ ପ୍ରହରାଜ/ସନ୍ତୋଷ ଶତପଥୀ)

ଜମି ବିକ୍ରିକରି ଘରେ ରଖିଥିଲେ ଟଙ୍କା। ତେବେ ଘରେ କେତେଜଣ ଦୁର୍ବୃତ୍ତ ପଶି ବେକରେ ମାରଣାସ୍ତ୍ର ଲଗାଇ ଲୁଟିନେଲେ ନଗଦ ୭୦ଲକ୍ଷ ସହ ଟଙ୍କା ସୁନାଗହଣା। ରବିବାର ବିଳମ୍ବିତ ରାତିରେ ନବରଙ୍ଗପୁର ଜିଲା ଉମରକୋଟ ବ୍ଲକ୍ କୋଚନିଆଁଘାର ଅମୂଲ୍ୟ ଜେନାଙ୍କ ଘରୁ ଲୁଟ୍ ହୋଇଛି। ଦୁର୍ବୃତ୍ତମାନଙ୍କୁ ଧରିବାକୁ ଏସ୍‌ପି ମଡକର ସନ୍ଦୀପ ସମ୍ପଦଙ୍କ ନିର୍ଦ୍ଦେଶକ୍ରମେ ୩ଟି ଟିମ୍ ଗଠନ କରାଯାଇଛି। ରାସ୍ତାକଡ଼ରେ ଲାଗିଥିବା ସିସିକ୍ୟାମେରା ଯାଞ୍ଚ କରାଯାଉଛି। ନବରଙ୍ଗପୁରରୁ ସାଇଣ୍ଟିଫିକ୍ ଟିମ୍ ଓ ତଦନ୍ତ ସନ୍ଧାନୀ କୁକୁର ଦ୍ୱାରା ତଦନ୍ତ କରାଯାଉଛି। ଉମରକୋଟ ଏସ୍‌ଡିପିଓ ଶୁଭେନ୍ଦୁ କୁମାର ଶବର, ଥାନାଧିକାରୀ ବିପିନ କୁମାର ବାଗଙ୍କ ସହ ଏସ୍‌ଆଇ ଅକ୍ଷୟ କୁମାର ମିଶ୍ର ଘଟଣାସ୍ଥଳରେ ଯାଞ୍ଚ କରିଥିବା ସୂଚନା ମିଳିଛି।

ଅମୂଲ୍ୟ ନିଜ ମା'ଙ୍କ ସହ ଘରେ ରୁହନ୍ତି। ୩ ମାସ ତଳେ ଜମି ବିକ୍ରିକରି ଅମୂଲ୍ୟ ୭୦ ଲକ୍ଷ ଟଙ୍କା ଆଣି ରଖିଥିଲେ। କିଛିଦିନ ହେବ ଅମୂଲ୍ୟଙ୍କ ମା' ଝିଅ ଘରେ ଯାଇ ରହୁଥିଲେ। ରବିବାର ବିଳମ୍ବିତ ରାତି ପ୍ରାୟ ୧ଟାରେ କବାଟ ତାଡ଼ି ପ୍ରଥମେ ୪ ଜଣ ଦୁର୍ବୃତ୍ତ ଅମୂଲ୍ୟଙ୍କ ଘର ଭିତରକୁ ପଶିଥିଲେ। ସେମାନେ ତାଙ୍କୁ ଗାଳିଗୁଲଜ କରିବା ସହ ବେକରେ ଭୁଜାଲି ରଖି ହାତ ଗୋଡ଼ ବାନ୍ଧିଦେଇଥିଲେ। ଅମୂଲ୍ୟ ପାଟି କରିବାରୁ ପୁଣି ୨ ଜଣ ଦୁର୍ବୃତ୍ତ ଘରେ ପଶି ଆଲମିରା ଚାବି ମାଗିଥିଲେ। ☞ ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

**ସହଜରେ ମଦ**

## ଆଜିଠୁ ଆମେରିକାରେ ଟ୍ରମ୍ପ୍ ଟାରିଫ୍ ଆଦାୟ ବନ୍ଦ

ୱାଶିଂଟନ,୨୩।୨

ବିଭିନ୍ନ ଦେଶରୁ ଆମଦାନୀ ସାମଗ୍ରୀ ଉପରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଲଗାଇଥିବା ଟାରିଫ୍‌କୁ ସେଠାର ସୁପ୍ରିମକୋର୍ଟ ଗତ ୨୦ ତାରିଖରେ ବେଆଇନ କହି ରଦ୍ଦ କରିଥିଲେ। ତଦନୁଯାୟୀ ମଙ୍ଗଳବାରଠାରୁ ଆମେରିକାରେ ଉକ୍ତ ଟାରିଫ୍ ଆଦାୟ ବନ୍ଦ ହେବାକୁ ଯାଉଛି। ଉକ୍ତ ବିବାଦୀୟ ଟାରିଫ ବୈଶ୍ୱିକ ଯୋଗାଣ ଶୃଙ୍ଖଳରେ ବାଧା ସୃଷ୍ଟି କରିଥିଲା ଏବଂ ପ୍ରମୁଖ ସହଯୋଗୀଙ୍କ ସହ ବାଣିଜ୍ୟିକ ସମ୍ପର୍କକୁ ଖରାପ କରିଥିଲା। ୧୯୭୭ର ଅନ୍ତର୍ଜାତୀୟ ଜରୁରୀ ଆର୍ଥିକ କ୍ଷମତା ଆଇନ (ଆଇଇଇପିଏ) ଅନୁଯାୟୀ କରାଯାଉଥିବା ଟାରିଫ୍ ସଂଗ୍ରହ ଆମେରିକା ସମୟ ମଙ୍ଗଳବାର ୧୨ଟା ୧ ମିନିଟ୍‌ଠାରୁ ବନ୍ଦ ରହିବ ବୋଲି ଆମେରିକା ବହିଃଶୁଳ୍କ ଓ ସୀମା ସୁରକ୍ଷା ପକ୍ଷରୁ ଏକ ବିବୃତିରେ କୁହାଯାଇଛି। ଆମଦାନିକାରୀଙ୍କ କାର୍ଗୋ ସିଷ୍ଟମରେ ରହିଥିବା ସମସ୍ତ ଟାରିଫ୍ କୋଡ୍‌କୁ ଅକାମୀ କରାଯିବ ବୋଲି ସେମାନଙ୍କୁ ଜଣାଇ ଦିଆଯାଇଛି। ସୁପ୍ରିମକୋର୍ଟଙ୍କ ରାୟର ୩ ଦିନ ପରେ ଏହା କାର୍ଯ୍ୟକାରୀ ହେବାକୁ ଯାଉଛି। ତେବେ ପୂର୍ବରୁ ଆଦାୟ ହୋଇଥିବା ଶୁଳ୍କ ଆମଦାନିକାରୀ ଫେରିପାଇବେ କି ନାହିଁ, ସେ ନେଇ ଏଜେନ୍ସି ପକ୍ଷରୁ ସ୍ପଷ୍ଟ କରାଯାଇ ନାହିଁ। କେବଳ ଆଇଇଇପିଏ ଅଧୀନରେ ଲାଗୁ ହୋଇଥିବା ଟାରିଫ୍ ସଂଗ୍ରହ ବନ୍ଦ ରହିବ। ତେବେ ଅନ୍ୟ ସମସ୍ତ ଶୁଳ୍କ ପୂର୍ବଭଳି ସଂଗ୍ରହ କରାଯିବ ବୋଲି କୁହାଯାଇଛି।

## ଆତଙ୍କବାଦକୁ ଦମନ କରିବ 'ପ୍ରହାର'

### କେନ୍ଦ୍ରର ପ୍ରଥମ ଜାତୀୟ ଆତଙ୍କବାଦ ବିରୋଧୀ ନୀତି

ନୂଆଦିଲ୍ଲୀ,୨୩।୨

କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ସୋମବାର ଦେଶର ପ୍ରଥମ ଆତଙ୍କବାଦ ବିରୋଧୀ-ନୀତି ଜାରି କରାଯାଇଛି। ଏହାର ନାମ 'ପ୍ରହାର' ରଖାଯାଇଛି। ଆତଙ୍କବାଦକୁ ରୋକିବା ସହିତ ଯେକୌଣସି ଜରୁରୀ ସ୍ଥିତିକୁ ମୁକାବିଲା କରିବା ଦିଗରେ ତ୍ୱରିତ ଏବଂ ସନ୍ତୁଳିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଏହି ନୀତିରେ ଗୁରୁତ୍ୱ ଦିଆଯାଇଛି। ୮ ପୃଷ୍ଠା ସମ୍ବଳିତ ଏହି ନୀତିରେ ପ୍ରଥମେ 'ପ୍ରହାର'ର ସଂଜ୍ଞା ନିରୂପଣ କରାଯାଇଥିଲାବେଳେ ଆଇନ ବ୍ୟବସ୍ଥାକୁ ଖାପଖୁଆଇ ଆତଙ୍କବାଦକୁ ରୋକିବା, ଆବଶ୍ୟକସ୍ଥଳେ ତ୍ୱରିତ ପଦକ୍ଷେପ ନେବା ଏବଂ ଉତ୍ତମ ସମନ୍ୱୟ ରଖି ବ୍ୟାପକ ବ୍ୟବସ୍ଥା ଗ୍ରହଣ କରିବା ଏହି ନୀତିର ମୁଖ୍ୟ ଉଦ୍ଦେଶ୍ୟ ରହିଛି। 'ପ୍ରହାର' ସମ୍ପର୍କରେ ଘୋଷଣା କରି



ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି, ଭାରତ ଦଶନ୍ଧି ଧରି ବୈଶ୍ୱିକ ସ୍ତରରେ ଆତଙ୍କବାଦ କାର୍ଯ୍ୟକଳାପକୁ ଦୃଢ଼ ବିରୋଧ କରିଆସିଛି। ସମୟାନୁସାରେ ଆତଙ୍କବାଦର ତରିକା ବଦଳୁଥିଲେ ହେଁ ଭାରତ ଯେକୌଣସି ସ୍ତରରେ ଏହାକୁ ବିରୋଧ କରିଆସିଛି। କିନ୍ତୁ ଆତଙ୍କବାଦ ସହିତ କୌଣସି ଧର୍ମ, ଜାତି, ରାଷ୍ଟ୍ର କିମ୍ବା ସଭ୍ୟତାକୁ ଯୋଡି ଦେଖିନାହିଁ। ହେଲେ ପାକିସ୍ତାନ ଭଳି ଏକ ପଡ଼ୋଶୀ ଦେଶ ସବୁବେଳେ ଆତଙ୍କବାଦକୁ ପ୍ରୋତ୍ସାହନ ଦେବା ସହିତ ଏହାକୁ ଜାତୀୟ ନୀତି କରିଛି। କିନ୍ତୁ ଭାରତ ଯେକୌଣସି ସ୍ତରରେ ଆତଙ୍କବାଦକୁ ପ୍ରତିହତ କରିବାକୁ ପ୍ରସ୍ତୁତ ରହିଛି ଏବଂ ଏଥିପାଇଁ ଶୂନ୍ୟ ସହନଶୀଳତା ନୀତି ଅବଲମ୍ବନ କରିଆସୁଛି ବୋଲି ମନ୍ତ୍ରଣାଳୟ କହିଛି। ଆତଙ୍କବାଦୀ ସଂଗଠନଗୁଡିକ ☞ ପୃଷ୍ଠା-୪



ତେଲଙ୍ଗାନା ସରକାରଙ୍କ ବିରୋଧରେ ରାଜ୍ୟର ଆମ୍ ଆଦ୍‌ମୀ ପାର୍ଟି କର୍ମୀମାନେ ସୋମବାର ହାଇଦ୍ରାବାଦରେ ବିକ୍ଷୋଭ ପ୍ରଦର୍ଶନ କରୁଥିବାବେଳେ ପୋଲିସ ସେମାନଙ୍କୁ ଉଠାଇନେଉଛି।

# ଇରାନରେ ଘନଉଛି ଯୁଦ୍ଧ ଆଶଙ୍କା

**ତେହରାନ୍,୨୩।୨**

ଇରାନ ଉପରେ ଯୁଦ୍ଧଭୟ ବେଳକୁ ବେଳ ବଢ଼ିବାରେ ଲାଗିଛି। ଗୋଟିଏ ପଟେ ଆଣବିକ ବୁଝାମଣା ପାଇଁ ଉଦ୍ୟମ ଚାଲିଥିଲା ବେଳେ ଅନ୍ୟପଟେ ଇରାନର ପ୍ରତିଦ୍ୱନ୍ଦ୍ୱୀକୁ ନେଇ ଆମେରିକା କ୍ଷୁବ୍ଧ ହେବା ସହିତ ଯେକୌଣସି ସମୟରେ ଆକ୍ରମଣ କରିବା ଆଶଙ୍କା ବଢାଇଛି। ଏଭଳି ସ୍ଥିତିରେ ସୋମବାର ଇରାନର ଅନେକ ହଜାର ନାଗରିକଙ୍କ ନିକଟକୁ ଆସିଥିବା ମୋବାଇଲ ମେସେଜ୍ ଆକ୍ରମଣ ଭୟକୁ ଆହୁରି ତୀବ୍ର କରିଛି। ପାର୍ସୀ ଭାଷାରେ ଆସିଥିବା ଏହି ମେସେଜ୍ କିଏ ପଠାଇଛି ତାହା ସ୍ପଷ୍ଟ ହୋଇ ନ ଥିଲେ ମଧ୍ୟ ଏଥିରେ ରାଷ୍ଟ୍ରପତି ଟ୍ରମ୍ପଙ୍କ ସମ୍ପର୍କରେ ଉଲ୍ଲେଖ ରହିଛି ଏବଂ ଟ୍ରମ୍ପ ଯାହା କୁହନ୍ତି ତାହା କରି ଦେଖାନ୍ତି ବୋଲି କୁହାଯାଇଛି। ଆସନ୍ତା ଗୁରୁବାର ଜେନେଭାରେ ଆଣବିକ ବୁଝାମଣା ନେଇ ଇରାନ ଏବଂ ଆମେରିକା ମଧ୍ୟରେ ଦ୍ୱିତୀୟ ପର୍ଯ୍ୟାୟ ବୈଠକ ବସିବାକୁ ଯାଉଛି। କିନ୍ତୁ ଏହା ମଧ୍ୟରେ ଇରାନ ଉପରେ ଆକ୍ରମଣ କରିବାକୁ ଟ୍ରମ୍ପଙ୍କ ସୂଚନା ସ୍ଥିତିକୁ ଜଟିଳ କରିଦେଇଛି। ଇରାନରେ ଗତ ଦୁଇ ଦିନ ହେଲା ବିଭିନ୍ନ ବିଶ୍ୱବିଦ୍ୟାଳୟରେ ଖାମେନେଇ ସରକାରଙ୍କ ବିରୋଧରେ ବିକ୍ଷୋଭ ବଢ଼ିଥିଲାବେଳେ ଏହି ସମୟରେ ଆମେରିକା ଆକ୍ରମଣ କରିପାରେ ବୋଲି କୁହାଯାଉଛି। ଏହାକୁ ଦୃଷ୍ଟିରେ ରଖି ବହୁ ଦେଶ ସେମାନଙ୍କ ନାଗରିକଙ୍କୁ ସତର୍କ କରି ତୁରନ୍ତ ଇରାନ ଛାଡିବାକୁ ପରାମର୍ଶ ଜାରି କରିଛନ୍ତି। ଏହି କ୍ରମରେ ଭାରତ ସରକାରଙ୍କ ପକ୍ଷରୁ ମଧ୍ୟ ଇରାନରେ ରହୁଥିବା ଭାରତୀୟଙ୍କୁ ଇରାନ ଛାଡିବାକୁ ପରାମର୍ଶ ଜାରି କରାଯାଇଛି। ଅନ୍ୟପଟେ ଆକ୍ରମଣ ହେଲେ ଆମେରିକାକୁ ଠିକଣା ଜବାବ ଦେବାକୁ ଇରାନ ପ୍ରସ୍ତୁତ ଥିବା କହିଛି। ଏପରିକି ଇରାନର ସର୍ବୋଚ୍ଚ ନେତା ଆୟାତୋଲ୍ଲା ଅଲ୍ଲୀ ସୟିଦ ଖାମେନେଇ ସହିଦ ହେବାକୁ ପ୍ରସ୍ତୁତ ଉତ୍ତରାଧିକାରୀ ଚୟନ କରିସାରିଛନ୍ତି ବୋଲି ବିଶେଷ ସୂତ୍ରରୁ କୁହାଯାଇଛି। ଆମେରିକା ଆକ୍ରମଣ କଲେ ଇରାନ ତୁରନ୍ତ ଇସ୍ରାଏଲ ଉପରେ ଆକ୍ରମଣ କରିବା ଆଶଙ୍କା ଥିବାରୁ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତନ୍ୟାହୁ ନିଜ ସେନାକୁ ପ୍ରସ୍ତୁତ ରହିବାକୁ ନିର୍ଦ୍ଦେଶ ଦେଇଛନ୍ତି।

## ଇରାନ ଛାଡ଼ିବାକୁ ଭାରତୀୟଙ୍କୁ ପରାମର୍ଶ

# ନଦୀରେ ବସ୍ ଖସି ୧୮ ମୃତ

**କାଠମାଣ୍ଡୁ,୨୩।୨**

ନେପାଳର ଧାଡ଼ିଙ୍ଗ ଜିଲା ଅନ୍ତର୍ଗତ ଗଜୁରୀ ନିକଟରେ ତ୍ରିଶୂଳି ନଦୀ ମଧ୍ୟକୁ ଏକ ଯାତ୍ରୀବାହୀ ବସ୍ ଖସିପଡ଼ିବାରୁ ଅନ୍ୟୂନ ୧୮ ଜଣଙ୍କ ମୃତ୍ୟୁ ଘଟିଛି ଓ ୨୬ ଜଣ ଆହତ ହୋଇଛନ୍ତି। ବସ୍‌ଟି ପୋଖରାରୁ କାଠମାଣ୍ଡୁ ଅଭିମୁଖେ ଯାଉଥିବାବେଳେ ରବିବାର ବିଳମ୍ବିତ ରାତିରେ ପୃଥ୍ୱୀ ଜାତୀୟ ରାଜପଥରୁ ନଦୀକୁ ଖସିପଡ଼ି ଦୁର୍ଘଟଣାଗ୍ରସ୍ତ ହୋଇଛି। ଦୁର୍ଘଟଣାସ୍ଥଳରୁ ୧୭ ମୃତଦେହ ମିଳିଥିବାବେଳେ ୨୮ ଆହତ ଯାତ୍ରୀଙ୍କୁ ବିଭିନ୍ନ ଚିକିତ୍ସା ପାଇଁ ବିଭିନ୍ନ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଉଦ୍ଧାର କାର୍ଯ୍ୟରେ ନେପାଳ ସେନା, ସଶସ୍ତ୍ର ପୋଲିସ ଏବଂ ନେପାଳ ପୋଲିସ କର୍ମଚାରୀ ସାମିଲ ହୋଇଥିଲେ। ମୃତକଙ୍କ ମଧ୍ୟରେ ନ୍ୟୁଜିଲାଣ୍ଡର ଜଣେ ଯାତ୍ରୀ ଥିବାବେଳେ ଆହତଙ୍କ ମଧ୍ୟରେ ଜାପାନ ଏବଂ ନେଦରଲାଣ୍ଡସରୁ ଜଣେ ଲେଖାଏ ମହିଳା ଯାତ୍ରୀ ଅଛନ୍ତି। ଦ୍ରୁତ ଗାଡ଼ିଚାଳନାରୁ ଦୁର୍ଘଟଣା ହୋଇଥାଇପାରେ ବୋଲି ସନ୍ଦେହ କରାଯାଉଛି।

# ସେନା ଗୁଳିରେ ଡ୍ରଗ୍ସ କାର୍ଟେଲ ମୁଖ୍ୟ ନିହତ



ନେମେସିଓ ଓସେଗୁଏରା ଓରଫ ଏଲ୍ ମେଞ୍ଚୋ

**ମେକ୍ସିକୋ ସିଟି,୨୩।୨**

ମେକ୍ସିକୋର ମୋଷ୍ଟୱାଣ୍ଟେଡ୍ ଦୁର୍ଦ୍ଧର୍ଷ ନିଶାଦ୍ରବ୍ୟ ଚୋରାଚାଲାଣକାରୀ ତଥା ଜାଲିସ୍କୋ ନ୍ୟୁ ଜେନେରେଶନ କାର୍ଟେଲ(ସିଜେଏନ୍‌ଜି)ର ନେତା ନେମେସିଓ ଓସେଗୁଏରା ଓରଫ ଏଲ୍ ମେଞ୍ଚୋ ରବିବାର ସେନା ଗୁଳିରେ ନିହତ ହୋଇଛନ୍ତି। ଏହି ଖବର ପ୍ରସାରିତ ହେବା ପରେ ନିଶା ଚୋରାଚାଲାଣକାରୀ ସଂଗଠନଗୁଡ଼ିକ ପ୍ରତିହିଂସା ପରାୟଣ ହୋଇ ହିଂସାକାଣ୍ଡ ଘଟାଇଛନ୍ତି। ସେମାନେ ମେକ୍ସିକୋର ବିଭିନ୍ନ ସହରରେ ଥିବା ସୁପରମାର୍କେଟ, ବ୍ୟାଙ୍କ ଏବଂ କାର୍‌ଗୁଡ଼ିକରେ ନିଆଁ ଲଗାଇ ଦେଇଛନ୍ତି। ସେମାନେ ବିଭିନ୍ନ ଜାତୀୟ ରାଜପଥକୁ ଅବରୋଧ କରିବା ସହ ବିମାନ ଚଳାଚଳକୁ ବନ୍ଦ କରିଛନ୍ତି। ମେଞ୍ଚୋଙ୍କ ଅନୁଗତମାନେ ବିଭିନ୍ନ ରାଜ୍ୟରେ ରାସ୍ତା ଅବରୋଧ କରିବା ସହ ଗାଡ଼ି ଓ ଦୋକାନ ବଜାରରେ ଜଳାପୋଡ଼ା କରିଛନ୍ତି।

ନିଶାଦ୍ରବ୍ୟ ଉତ୍ପାଦନ ଓ ଚୋରାଚାଲାଣ କରୁଥିବା ଡ୍ରଗ୍ କାର୍ଟେଲମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ମେକ୍ସିକୋ ରାଷ୍ଟ୍ରପତି କ୍ଲାଉଡିଆ ସେଇନ୍‌ବମ୍‌ଙ୍କ ଉପରେ ଆମେରିକା ଚାପ ପକାଇଆସୁଥିଲା। ବିଶେଷ କରି ଲାବରେଟୋରି ପ୍ରସ୍ତୁତ ନିଶାଦ୍ରବ୍ୟ ଫେଣ୍ଟାନିଲ୍ ଆମେରିକାକୁ ବେଆଇନ ଭାବେ ଚାଲାଣ ହେଉଥିଲା। ୬୦ ବର୍ଷୀୟ ମେଞ୍ଚୋ ପ୍ରଭାବଶାଳୀ ସିଜେଏନ୍‌ଜିର ମାଷ୍ଟରମାଇଣ୍ଡ ଥିଲେ। ମେକ୍ସିକୋର ଟାପଲ୍‌ପା ସହରରେ ସ୍ୱତନ୍ତ୍ର ସେନା କାର୍ଯ୍ୟାନୁଷ୍ଠାନ ବେଳେ ଗୁରୁତର ହୋଇଥିବା ମେଞ୍ଚୋଙ୍କର ହାଜତରେ ମୃତ୍ୟୁ ଘଟିଥିଲା। ରବିବାର କଡ଼ା ସୁରକ୍ଷା ମଧ୍ୟରେ ତାଙ୍କ ମୃତଦେହ ମେକ୍ସିକୋ ଟାଉନ୍‌ରେ ପହଞ୍ଚିଥିଲା। ମେକ୍ସିକୋ ସେନା ଦ୍ୱାରା କରାଯାଇଥିବା ଚଢ଼ାଉ ପଛରେ ଆମେରିକା ସେନା ନେତୃତ୍ୱାଧୀନ ଟାସ୍କଫୋର୍ସର ମୁଖ୍ୟ ଭୂମିକା ରହିଥିଲା। ଆମେରିକା ମେକ୍ସିକୋକୁ ଗୋଇନ୍ଦା ସହାୟତା ଯୋଗାଇଦେଇଥିଲା ବୋଲି ହ୍ୱାଇଟ୍ ହାଉସ ପକ୍ଷରୁ କୁହାଯାଇଛି।

ଡ୍ରଗ୍ କାର୍ଟେଲ ନିଧନ ପରବର୍ତ୍ତୀ ହିଂସା ୬ରୁ ଊର୍ଦ୍ଧ୍ୱ ରାଜ୍ୟକୁ ବ୍ୟାପିଥିବାବେଳେ ଏୟାର କାନାଡା, ୟୁନାଇଟେଡ ଏୟାରଲାଇନ୍ସ ଏବଂ ଏରୋମେକ୍ସିକୋ ପୁଏର୍ଟୋ ଭାଲ୍ଲାର୍ଟାକୁ ବିମାନ ଚଳାଚଳ ବାତିଲ କରିଥିବାରୁ ବିମାନ ସେବା ବାଧାପ୍ରାପ୍ତ ହୋଇଛି। ମେଞ୍ଚୋ ହତ୍ୟାର ପ୍ରତିଶୋଧ ପାଇଁ ସିଜେଏନ୍‌ଜି ସଦସ୍ୟମାନେ ପୋଡ଼ାଜଳା କରିବା ସହ ଗୁଳିମାଡ଼ କରୁଛନ୍ତି ଓ ଆଗକୁ ସଂଘର୍ଷ ଜୋର୍‌ଦାର ହେବ ବୋଲି ଚେତାବନୀ ଦେଇଛନ୍ତି। ଜାଲିସ୍କୋ ରାଜ୍ୟରେ ବନ୍ଧୁକଧାରୀମାନେ ନ୍ୟାଶନାଲ ଗାର୍ଡ ଘାଟି ଉପରେ ଆକ୍ରମଣ କରିଛନ୍ତି। ହିଂସାକାଣ୍ଡ ଲାଗିରହିଥିବାରୁ ଲୋକମାନେ ଭୟ ଓ ଅନିଶ୍ଚିତତା ମଧ୍ୟରେ ରହିଛନ୍ତି।

ମେକ୍ସିକୋର ବିଭିନ୍ନ ଭାଗରେ ହିଂସାକାଣ୍ଡ ଓ ଉତ୍ତେଜନା ଲାଗିରହିଥିବାରୁ ସେଠାରେ ଥିବା ଭାରତୀୟମାନଙ୍କୁ ସତର୍କ ରହିବା ଓ ଘରୁ ନ ବାହାରିବା ପାଇଁ ସୋମବାର ଭାରତୀୟ ଦୂତାବାସ ପକ୍ଷରୁ ପରାମର୍ଶ ଦିଆଯାଇଛି। ବିଶେଷକରି ଜେଲିସ୍କୋ ରାଜ୍ୟରେ ସେନା ଅଭିଯାନ ସାଙ୍ଗକୁ ରାସ୍ତା ଅବରୋଧ ଏବଂ ଆପରାଧିକ କାର୍ଯ୍ୟ ଜାରି ରହିଥିବାରୁ ସେଠାରେ ଥିବା ଭାରତୀୟମାନଙ୍କୁ ଅଧିକ ସତର୍କ ରହିବାକୁ କୁହାଯାଇଛି।

## ମେକ୍ସିକୋରେ ବ୍ୟାପକ ପୋଡ଼ାଜଳା



ମେକ୍ସିକୋର ଏକ ସହରରେ ନିଶା ଚୋରାଚାଲାଣକାରୀ ସଂଗଠନର ସଦସ୍ୟମାନେ ପୋଡ଼ାଜଳା କରୁଛନ୍ତି।

# ଜେଏନ୍‌ୟୁରେ ବିକ୍ଷୋଭ ବେଳେ ସଂଘର୍ଷ: ବହୁ ଛାତ୍ର ଆହତ

**ନୂଆଦିଲ୍ଲୀ,୨୩।୨(ପି.ଟି.)**

ଦିଲ୍ଲୀର ଜବାହରଲାଲ୍ ନେହେରୁ ବିଶ୍ୱବିଦ୍ୟାଳୟ (ଜେଏନ୍‌ୟୁ)ରେ ରବିବାର ବିଳମ୍ବିତ ରାତିରେ ୨ ଗୋଷ୍ଠୀ ଛାତ୍ରଙ୍କ ମଧ୍ୟରେ ସଂଘର୍ଷ ଘଟି ଅନେକେ ଆହତ ହୋଇଛନ୍ତି। ଏହି ହିଂସା ପାଇଁ ବାମଦଳ ସମର୍ଥିତ ଗୋଷ୍ଠୀ ଏବଂ ଏବିଭିପି ସମର୍ଥକମାନେ ପରସ୍ପରକୁ ଦୋଷ ଦେଇଥିବାବେଳେ କ୍ୟାମ୍ପସ୍‌ରେ ବିଶୃଙ୍ଖଳିତ ବ୍ୟବହାର ପାଇଁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ କର୍ତ୍ତୃପକ୍ଷ ଚେତାବନୀ ଦେଇଛନ୍ତି। କୁଳପତିଙ୍କ ବିରୋଧରେ ଚାଲିଥିବା ବିକ୍ଷୋଭ ହିଂସାତ୍ମକ ରୂପ ନେଇଥିଲା। କୁଳପତି ଶାନ୍ତିଶ୍ରୀ ଧୁଲିପୁଡ଼ି ପଣ୍ଡିତଙ୍କ ଇସ୍ତଫା ଏବଂ ନିଲମ୍ବନ ଆଦେଶ ପ୍ରତ୍ୟାହାର ଦାବିରେ ଇଷ୍ଟ ଗେଟ୍ ପର୍ଯ୍ୟନ୍ତ ସମତା ଶୋଭାଯାତ୍ରା ବାହାର କରିବାକୁ ବାମଦଳ ସମର୍ଥିତ ଛାତ୍ର ସଂଗଠନ ଡାକରା ଦେଇଥିଲା। ତେବେ ପ୍ରଶାସନ ସେମାନଙ୍କ ସହ ଆଲୋଚନା ନ କରି ଏବିଭିପି ସଦସ୍ୟଙ୍କୁ ଡାକିବାରୁ ଏହାକୁ ନେଇ ଉତ୍ତେଜନା ଦେଖାଦେଇଥିଲା। ପଣ୍ଡିତ ନିକଟରେ ଦେଇଥିବା ଏକ ଜାତିଆଣ ଓ ସମ୍ବେଦନଶୂନ୍ୟ ମନ୍ତବ୍ୟକୁ ନେଇ ସେ ବିବାଦଘେରକୁ ଆସିଥିବାବେଳେ ଛାତ୍ର ସଂଗଠନ ତାଙ୍କ ଇସ୍ତଫା ଦାବି କରିଛି।

# ଦିଲ୍ଲୀ ସଚିବାଳୟ, ବିଧାନସଭାକୁ ବୋମା ଧମକ

**ନୂଆଦିଲ୍ଲୀ,୨୩।୨(ପି.ଟି.)**

ଦିଲ୍ଲୀ ବିଧାନସଭା, ସଚିବାଳୟ, ଲାଲ୍‌କିଲ୍ଲା ଏବଂ ୨ଟି ସ୍କୁଲ ସମେତ ବିଭିନ୍ନ ପ୍ରତିଷ୍ଠାନକୁ ସୋମବାର ଇମେଲ୍ ଯୋଗେ ବୋମା ଧମକ ଦିଆଯାଇଥିଲା। ଦିଲ୍ଲୀ ବିଧାନସଭା ଏବଂ ଏହାର ବାଚସ୍ପତିଙ୍କୁ ସରକାରୀ ଆଇଡିକୁ ଧମକପୂର୍ଣ୍ଣ ଇମେଲ୍ ଆସିଥିଲା। ଖଲିସ୍ତାନୀ ନ୍ୟାଶନାଲ ଆର୍ମି ପକ୍ଷରୁ ଏହି ଇମେଲ୍ ଆସିଥିଲା। ସେଥିରେ ଲେଖାଯାଇଛି, 'ଦିଲ୍ଲୀ ବନେଗା ଖଲିସ୍ତାନ। ଆଗାମୀ ୩ ଦିନରେ ଦିଲ୍ଲୀ ସେନା ସ୍କୁଲ, ଲାଲ୍‌କିଲ୍ଲା ଏବଂ ମେଟ୍ରୋରେ ବିସ୍ଫୋରଣ ହେବ। ଏପରିକି ବିସ୍ଫୋରଣର ନିର୍ଦ୍ଦିଷ୍ଟ ସମୟ ମଧ୍ୟ ଇମେଲ୍‌ରେ ଉଲ୍ଲେଖ ରହିଛି। ତେବେ ଉପରୋକ୍ତ ପ୍ରତିଷ୍ଠାନଗୁଡ଼ିକରେ ବ୍ୟାପକ ଖାନ୍‌ତଲାସି ସତ୍ତ୍ୱେ କୌଣସି ସନ୍ଦିଗ୍ଧ ସାମଗ୍ରୀ ମିଳି ନ ଥିବାରୁ ତାହା ମିଥ୍ୟା ଧମକ ଥିବା କୁହାଯାଉଛି।

# ପୂର୍ବତନ ରେଳମନ୍ତ୍ରୀ ମୁକୁଲ ରୟଙ୍କ ପରଲୋକ

**କୋଲକାତା,୨୩।୨(ପି.ଟି.)**

ଏକଦା ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ସବୁଠୁ ଘନିଷ୍ଠ ଏବଂ ତୃଣମୂଳ କଂଗ୍ରେସ (ଟିଏମ୍‌ସି)ର ପ୍ରମୁଖ ରଣନୀତିକାର ଥିବା ପୂର୍ବତନ ରେଳମନ୍ତ୍ରୀ ମୁକୁଲ ରୟଙ୍କର ରବିବାର ହୃଦ୍‌ଘାତରେ ପରଲୋକ ହୋଇଯାଇଛି। ତାଙ୍କୁ ୭୧ ବର୍ଷ ହୋଇଥିଲା। ରାତି ୧ଟା ୩୦ ମିନିଟ୍ ସମୟରେ କୋଲକାତାର ସଲ୍ଟଲେକ୍‌ସ୍ଥିତ ଏକ ଘରୋଇ ହସ୍ପିଟାଲରେ ସେ ଶେଷନିଃଶ୍ୱାସ ତ୍ୟାଗ କରିଛନ୍ତି।

ମୁକୁଲ ଏକାଧିକ ରୋଗରେ ପୀଡ଼ିତଥିଲେ। ନିକଟରେ ସେ କୋମା ଅବସ୍ଥାକୁ ଚାଲିଯାଇଥିଲେ। ମରଶରୀର ତାଙ୍କ ବାସଭବନକୁ ନିଆଯିବା ପରେ ଶେଷକୃତ୍ୟ ସମ୍ପନ୍ନ ହୋଇଛି।



ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ପଶ୍ଚିମବଙ୍ଗରୁ ୨ ଥର ରାଜ୍ୟ ସଭା ସଦସ୍ୟ ହୋଇଥିବା ରୟ ତାଙ୍କ ୪ ଦଶନ୍ଧିର ରାଜନୈତିକ ଜୀବନରେ କଂଗ୍ରେସ, ଟିଏମ୍‌ସି ଏବଂ ଭାଜପାରେ କାର୍ଯ୍ୟ କରିଥିଲେ। ଯୁବକଂଗ୍ରେସରୁ ରାଜନୈତିକ ଜୀବନ ଆରମ୍ଭ କରିଥିବା ରୟ ପରେ ମମତାଙ୍କ ସହ ମିଶି ୧୯୯୮ରେ ତୃଣମୂଳ କଂଗ୍ରେସ ଗଠନ କରିଥିଲେ। ୨୦୦୬ରେ ରାଜ୍ୟ ସଭାକୁ ନିର୍ବାଚିତ ହୋଇ ଉପା ଦ୍ୱିତୀୟ ପାଳି ସରକାରରେ ପ୍ରଥମେ ଜାହାଜ ଚଳାଚଳ ରାଷ୍ଟ୍ରମନ୍ତ୍ରୀ ଓ ୨୦୧୨ରେ ରେଳମନ୍ତ୍ରୀ ହୋଇଥିଲେ। ୨୦୧୧ରେ ୩୪ ବର୍ଷର ବାମଦଳ ଶାସନର ଅନ୍ତ ଘଟାଇ ଟିଏମ୍‌ସି ଐତିହାସିକ ବିଜୟ ହାସଲ କରିବାରେ ରୟଙ୍କର ଉଲ୍ଲେଖନୀୟ ଭୂମିକା ଥିଲା। ମୁକୁଲଙ୍କ ପରଲୋକରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଶୋକବ୍ୟକ୍ତ କରିଛନ୍ତି।

# ବାୟୁ ପ୍ରଦୂଷଣ ରୋକିବାକୁ କୋଇଲାଭିତ୍ତିକ ଶିଳ୍ପ ସ୍ଥାନାନ୍ତର ପ୍ରସ୍ତାବ

**ନୂଆଦିଲ୍ଲୀ,୨୩।୨(ପି.ଟି.)**

## କେନ୍ଦ୍ରର ଜବାବ ମାଗିଲେ ସୁପ୍ରିମକୋର୍ଟ

ଦିଲ୍ଲୀ ଜାତୀୟ ରାଜଧାନୀ ଅଞ୍ଚଳ (ଏନ୍‌ସିଆର୍)ରେ ଉତ୍ତମ ମାନର ବାୟୁ ସୁନିଶ୍ଚିତ କରିବା ନିମନ୍ତେ କୋଇଲାଭିତ୍ତିକ କାରଖାନାଗୁଡ଼ିକୁ ଏନ୍‌ସିଆର୍ ବାହାରକୁ ସ୍ଥାନାନ୍ତର କରିବା ପ୍ରସ୍ତାବ ଉପରେ ସୁପ୍ରିମକୋର୍ଟ ସୋମବାର କେନ୍ଦ୍ର ସରକାରଙ୍କ ବିଭିନ୍ନ ମନ୍ତ୍ରଣାଳୟକୁ ଜବାବ ମାଗିଛନ୍ତି। ବାୟୁ ଗୁଣବତ୍ତା ପରିଚାଳନା ଆୟୋଗ (ସିଏକ୍ୟୁଏମ୍)ର ପ୍ରସ୍ତାବ ଆଧାରରେ ମାର୍ଚ୍ଚ ୧୨ରେ ପ୍ରଧାନ ବିଚାରପତି ସୂର୍ଯ୍ୟ କାନ୍ତ, ଜଷ୍ଟିସ ଜୟମାଲ୍ୟ ବାଗ୍‌ଚୀ ଏବଂ ବିପୁଲ ଏମ୍ ପାଞ୍ଚୋଲିଙ୍କ ଖଣ୍ଡପୀଠ ଯାନବାହନଜନିତ ବାୟୁ ପ୍ରଦୂଷଣର ଅନୁଧ୍ୟାନ କରିବେ। ନିର୍ମାଣ ଏବଂ ଉଚ୍ଛେଦ କାର୍ଯ୍ୟ ଯୋଗୁ ଧୂଳିଜନିତ ପ୍ରଦୂଷଣକୁ ରୋକିବା ଲାଗି ସିଏକ୍ୟୁଏମ୍ ଦେଇଥିବା ପ୍ରସ୍ତାବ ଉପରେ ଖଣ୍ଡପୀଠ ସମସ୍ତ ଅଂଶୀଦାରଙ୍କୁ ଜବାବ ମାଗିଛନ୍ତି। ଦିଲ୍ଲୀର ୩୦୦ କି.ମି. ମଧ୍ୟରେ କୋଇଲାଭିତ୍ତିକ ନୂଆ ତାପଜ ବିଦ୍ୟୁତ୍ କେନ୍ଦ୍ର ସ୍ଥାପନ ନ କରିବା ପ୍ରସ୍ତାବ ଉପରେ ପରିବେଶ ମନ୍ତ୍ରଣାଳୟ, ପେଟ୍ରୋଲିୟମ ଓ ପ୍ରାକୃତିକ ବାଷ୍ପ ମନ୍ତ୍ରଣାଳୟ, ଶକ୍ତି ମନ୍ତ୍ରଣାଳୟଠାରୁ ଜବାବ ମଗାଯାଇଛି।

# ରାଷ୍ଟ୍ରପତି ଭବନରେ ରାଜଗୋପାଳାଚାରୀଙ୍କ ପ୍ରତିମୂର୍ତ୍ତି ଅନାବରଣ

**ନୂଆଦିଲ୍ଲୀ,୨୩।୨(ପି.ଟି.)**

ରାଷ୍ଟ୍ରପତି ଭବନରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ସୋମବାର ସ୍ୱାଧୀନ ଭାରତର ପ୍ରଥମ ତଥା ଏକମାତ୍ର ଭାରତୀୟ ଗଭର୍ନର ଜେନେରାଲ ଚକ୍ରବର୍ତ୍ତୀ ରାଜଗୋପାଳାଚାରୀଙ୍କ ଆବକ୍ଷ ପ୍ରତିମୂର୍ତ୍ତିର ଅନାବରଣ କରିଛନ୍ତି। ଦେଶରୁ ଉପନିବେଶୀୟ ମାନସିକତାର ଚିହ୍ନକୁ ହଟାଇବା ପାଇଁ ନିଆଯାଉଥିବା ପଦକ୍ଷେପ ମଧ୍ୟରୁ ଏହା ଅନ୍ୟତମ। ରାଷ୍ଟ୍ରପତି ଭବନର ଅଶୋକ ମଣ୍ଡପ ନିକଟରେ ମୁଖ୍ୟ ସ୍ଥପତି ଏଡ୍‌ୱିନ୍ ଲୁଟ୍ୟେନ୍ସଙ୍କ ପ୍ରତିମୂର୍ତ୍ତିକୁ ହଟାଯାଇ ସେଠାରେ ରାଜଗୋପାଳାଚାରୀଙ୍କ ଆବକ୍ଷ ପ୍ରତିମୂର୍ତ୍ତି ସ୍ଥାପନ କରାଯାଇଛି।

# ବାଂଲାଦେଶରେ ଅସ୍ଥିରତା ଆଣିବାକୁ ଚାହୁଁଥିଲେ ୟୁନୁସ୍

**ଢାକା,୨୩।୨**

## ରାଷ୍ଟ୍ରପତି ଶାହବୁଦ୍ଦିନଙ୍କ ସଙ୍ଗୀନ ଅଭିଯୋଗ

ବାଂଲାଦେଶରେ ତାରିକ୍ ରହମାନ ସରକାର ଶପଥ ନେବାର କିଛି ଦିନ ପରେ ରାଷ୍ଟ୍ରପତି ମହମ୍ମଦ ଶାହବୁଦ୍ଦିନ ପୂର୍ବ ଅନ୍ତରୀଣ ସରକାର ମୁଖ୍ୟ ପରାମର୍ଶଦାତା ମହମ୍ମଦ ୟୁନୁସ୍‌ଙ୍କ ବିରୋଧରେ ସଙ୍ଗୀନ ଅଭିଯୋଗ ଆଣିଛନ୍ତି। ୟୁନୁସ୍ ଦେଶର ସାମ୍ବିଧାନିକ ବ୍ୟବସ୍ଥାକୁ ନଷ୍ଟ କରି ଦେଶକୁ ଅସ୍ଥିରତା ମଧ୍ୟକୁ ଠେଲିଦେବାକୁ ଚାହୁଁଥିଲେ ବୋଲି ଶାହବୁଦ୍ଦିନ ଗଣମାଧ୍ୟମକୁ ଏକ ସାକ୍ଷାତ୍‌କାର ଦେବାବେଳେ କହିଛନ୍ତି। ଏପରିକି ଷଡ଼ଯନ୍ତ୍ର କରି ଅସାମ୍ବିଧାନିକ ଢଙ୍ଗରେ ତାଙ୍କୁ ରାଷ୍ଟ୍ରପତି ପଦରୁ ହଟାଇବାକୁ ମଧ୍ୟ ୟୁନୁସ୍ ଯୋଜନା କରିଥିଲେ ବୋଲି ସେ କହିଛନ୍ତି। ପୂର୍ବତନ ପ୍ରଧାନମନ୍ତ୍ରୀ ଶେଖ୍ ହସିନା ଦେଶ ଛାଡିବା ପରେ ୟୁନୁସ୍ ସରକାର ହାତରେ ବାଂଲାଦେଶର ଶାସନ କ୍ଷମତା ରହିଥିଲା। କିନ୍ତୁ ଏହି ଦେଢ଼ ବର୍ଷ ଧରି ସେ ଏକପ୍ରକାର ବନ୍ଦୀ ଜୀବନ ବିତାଇଛନ୍ତି। ରାଷ୍ଟ୍ରପତି ଭାବେ ତାଙ୍କ ସହିତ ୟୁନୁସ୍ ସରକାର କୌଣସି ସ୍ତରରେ ଆଲୋଚନା କରିନାହାନ୍ତି। ବରଂ ତାଙ୍କୁ ହଟାଇ ୟୁନୁସ୍ ଦେଶର ସବୁ ନିୟମକୁ ବାଦ୍ ଦେଇ ଜଣେ ପୂର୍ବତନ ପ୍ରଧାନ ବିଚାରପତିଙ୍କୁ ରାଷ୍ଟ୍ରପତି ପଦରେ ଅଧିଷ୍ଠିତ କରିବାକୁ ଉଦ୍ୟମ କରିଥିଲେ ବୋଲି ଶାହବୁଦ୍ଦିନ କହିଛନ୍ତି। ୟୁନୁସ୍ ତାଙ୍କ ଶାସନକାଳରେ ୧୪ରୁ ୧୫ଥର ବିଦେଶ ଯାଇଥିଲା ବେଳେ କୌଣସି ସମୟରେ ତାଙ୍କ ଗସ୍ତ ବାବଦରେ ରାଷ୍ଟ୍ରପତିଙ୍କୁ ଅବଗତ କରିନାହାନ୍ତି। ଅପରପକ୍ଷେ ତାଙ୍କର କୋଶଭୋ ଏବଂ କାତାର ଗସ୍ତକୁ ରୋକି ଦେଇଥିଲେ ବୋଲି ଶାହାବୁଦ୍ଦିନ କହିଛନ୍ତି।





# ସାମନ୍ଥାଙ୍କ ମନର କଥା

**ମୁମ୍ବାଇ**

ଅଭିନେତ୍ରୀ ସାମନ୍ଥା ରୁଥ ପ୍ରଭୁ ଆଜିକାଲି ସୁଖୀ ଦାମ୍ପତ୍ୟ ଜୀବନ ବିତାଉଛନ୍ତି। ସ୍ୱାମୀ ତଥା ଚଳଚ୍ଚିତ୍ର ନିର୍ମାତା ରାଜ ନିଦିମୋରୁଙ୍କ ସହ ସେ ହନିମୁନ୍‌ରୁ ଫେରିଛନ୍ତି। ନିକଟରେ ଏକ ସାକ୍ଷାତକାରରେ ନିଜ ହୃଦୟର କଥା କହିଛନ୍ତି ସାମନ୍ଥା। ପୂର୍ବତନ ସ୍ୱାମୀ ନାଗା ଚୈତନ୍ୟଙ୍କଠାରୁ ଅଲଗା ହେବାପରେ ସମ୍ପୂର୍ଣ୍ଣ ଭାଙ୍ଗିପଡ଼ିଥିଲେ ସାମନ୍ଥା। ଏହି ସମୟରେ ରାଜ ତାଙ୍କୁ ସମ୍ଭାଳିଥିଲେ। ରାଜଙ୍କ ସହ ବନ୍ଧୁତା ଏବଂ ପ୍ରେମ ତାଙ୍କୁ ପୁଣି ଥରେ ପ୍ରେମରେ ବିଶ୍ୱାସ କରିବାକୁ ଶିଖାଇଥିଲା। ସାମନ୍ଥା କୁହନ୍ତି, ଯେତେବେଳେ ମୁଁ ସମ୍ପୂର୍ଣ୍ଣ ଭାଙ୍ଗି ପଡ଼ିଥିଲି। ସେତେବେଳେ ମୁଁ ଭାବି ନଥିଲି ଯେ ମୁଁ ଆଉ କେବେ କାହାକୁ ବିଶ୍ୱାସ କରିପାରିବି। କିନ୍ତୁ ଆଜି ମୁଁ ଗର୍ବିତ ଯେ, ରାଜ ମୋ ଜୀବନରେ ଅଛନ୍ତି।

ସାମନ୍ଥା ଏବଂ ନାଗା ଚୈତନ୍ୟ ୨୦୧୭ରେ ଭବ୍ୟ ବିବାହ କରିଥିଲେ। ବିବାହର ଚାରି ବର୍ଷ ପରେ ସେମାନେ ୨୦୨୧ରେ ଅଲଗା ହେବାକୁ ନିଷ୍ପତ୍ତି ନେଇଥିଲେ। ନାଗା ଚୈତନ୍ୟ ପରେ ୨୦୨୪ ମସିହାରେ ସୋଭିତା ଧୂଳିପାଲାଙ୍କୁ ବିବାହ କରିଥିଲେ। ଡିସେମ୍ବର ୧, ୨୦୨୫ ରେ ସାମନ୍ଥା ଏବଂ ରାଜ କୋଏମ୍ବାଟୁରରେ ବିବାହ କରିଥିଲେ।



ସାମନ୍ଥା ରୁଥ ପ୍ରଭୁ

ଧରିତ୍ରୀ 52 Years
DHARITRI
ଭୁବନେଶ୍ୱର, ମଙ୍ଗଳବାର, ଫେବୃଆରୀ ୨୪/୨୦୨୬ Bhubaneswar, Tuesday, February 24/2026 

# କୋରାପୁଟକୁ ଗୋଟେ ଯାଇପାରେ

## ରାଜ୍ୟ ସଭା ନିର୍ବାଚନ

**ରାୟଗଡ଼ା, ୨୩।୨ (ଆଶିଷ ରଞ୍ଜନ ପଣ୍ଡା)**

ଓଡ଼ିଶାର ୪ ଜଣ ରାଜ୍ୟ ସଭା ଏମ୍‌ପି ମମତା ମହନ୍ତ, ନିରଞ୍ଜନ ବିଶି, ମୁଜିବୁଲ୍ଲା ଖାନ ଏବଂ ସୁଜିତ୍ କୁମାରଙ୍କ କାର୍ଯ୍ୟକାଳ ଏପ୍ରିଲ ୨ ତାରିଖରେ ଶେଷ ହେବ। ଏହି ୪ ଆସନ ଲାଗି ଆସନ୍ତା ମାର୍ଚ୍ଚ ୧୬ରେ ଭୋଟ୍ ହେବ ବୋଲି ବିଜ୍ଞପ୍ତି ପ୍ରକାଶ ପାଇସାରିଛି। ଏବେ ରାଜ୍ୟରେ ଶାସନ ଦାୟିତ୍ୱରେ ଥିବା ଭାଜପା କେଉଁମାନଙ୍କୁ ରାଜ୍ୟ ସଭା ପଠାଇବ ତାହା ବର୍ତ୍ତମାନ ସବୁଠାରୁ ଚର୍ଚ୍ଚାର ବିଷୟ ପାଲଟିଛି। ଯଦି ରାଜନୈତିକ ଦୃଷ୍ଟିକୋଣରୁ ଲକ୍ଷ୍ୟ କରାଯାଏ, ତେବେ ଭାଜପା ଗୋଟିଏ ରାଜ୍ୟ ସଭା ଆସନରେ ଅବିଭକ୍ତ କୋରାପୁଟ ଜିଲାରୁ ଜଣଙ୍କୁ ପ୍ରତିନିଧିତ୍ୱ କରିବାର ସୁଯୋଗ ପ୍ରଦାନ କରିପାରେ। ଏହାର କେତେଗୁଡ଼ିଏ ଦିଗ ରହିଛି ଯାହାକୁ ରାଜନୈତିକ ଦୃଷ୍ଟିରୁ ବିଚାର କରାଯାଇପାରେ। ଗତ ସାଧାରଣ ନିର୍ବାଚନରେ ୨୧ ଲୋକ ସଭା ନିର୍ବାଚନମଣ୍ଡଳୀ ମଧ୍ୟରୁ ୨୦ଟି ଆସନରେ ଭାଜପା ବିଜୟୀ ହୋଇଛି। କେବଳ କୋରାପୁଟ ଲୋକ ସଭା ଆସନରେ ଭାଜପାକୁ ପରାଜୟ ସ୍ୱୀକାର କରିବାକୁ ପଡ଼ିଛି। ଏହି ଲୋକ ସଭା ଆସନ ୨୦୧୯ ମସିହାରୁ କଂଗ୍ରେସ ହାତରେ ରହି ଆସିଛି। ଭାଜପା ପାଇଁ ସାଙ୍ଗଠନିକ ଦୃଷ୍ଟିକୋଣରୁ କୋରାପୁଟ ଜିଲା ଅତ୍ୟନ୍ତ ଗୁରୁତ୍ୱ ବହନ କରୁଥିବା ଚର୍ଚ୍ଚା ହେଉଛି। ଦକ୍ଷିଣ ଓଡ଼ିଶାର ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ ଭାବେ ଅବିଭକ୍ତ କୋରାପୁଟ ଜିଲା ପରିଚିତ। ରାଜ୍ୟର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଦିବାସୀ ସମ୍ପ୍ରଦାୟରୁ ଆସିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଧ୍ୟ ଆଦିବାସୀମାନଙ୍କୁ ଅନେକ ସମୟରେ ଅଗ୍ରାଧିକାର ଦେଉଥିବା ଲକ୍ଷ୍ୟ କରାଯାଉଛି। ଏଭଳି ସ୍ଥିତିରେ ଭାଜପା ଅବିଭକ୍ତ କୋରାପୁଟ ଜିଲାରେ ଦଳୀୟ ସଙ୍ଗଠନକୁ ଅଧିକ ମଜଭୂତ କରିବା ଲାଗି ରାଜ୍ୟ ସଭାର ଗୋଟିଏ ଆସନ ଉକ୍ତ ଅଞ୍ଚଳର ଜଣଙ୍କୁ ଦେଇପାରେ ବୋଲି ଚର୍ଚ୍ଚା ହେଲାଣି।

ଉଲ୍ଲେଖଯୋଗ୍ୟ, କୋରାପୁଟ ଲୋକ ସଭା ଆସନ ଏବଂ ଏହା ଅନ୍ତର୍ଗତ ୭ ବିଧାନସଭା କ୍ଷେତ୍ର ମଧ୍ୟରୁ କେବଳ କୋରାପୁଟ ନିର୍ବାଚନମଣ୍ଡଳୀ ଭାଜପା ଦଖଲରେ ଅଛି। ବାକି ୬ ବିଧାନସଭା ଆସନ ଜୟପୁର, ପଟ୍ଟାଙ୍ଗୀ, ଲକ୍ଷ୍ମୀପୁର, ରାୟଗଡା, ବିଷମକଟକ ଏବଂ ଗୁଣୁପୁରରେ କଂଗ୍ରେସ ବିଧାୟକ ଅଛନ୍ତି। ତେଣୁ ଏହି ନିର୍ବାଚନୀ ଫଳାଫଳ ଗୋଟିଏ କଥା ଦର୍ଶାଉଛି, ରାଜ୍ୟର ଅନ୍ୟ ଲୋକ ସଭା କ୍ଷେତ୍ର ଏବଂ ଏହାର ଅନ୍ତର୍ଗତ ବିଧାନସଭା ନିର୍ବାଚନମଣ୍ଡଳୀ ତୁଳନାରେ କୋରାପୁଟ ଜିଲାରେ ଭାଜପା ସ୍ଥିତି ଦୁର୍ବଳ ରହିଛି। ଭାଜପା ନିଜର ରାଜନୈତିକ ଭିତ୍ତିଭୂମି ସୁଦୃଢ଼ କରିବାକୁ ହେଲେ କୋରାପୁଟ ଜିଲାର ଜଣଙ୍କୁ ରାଜ୍ୟ ସଭା ପଠାଇବା ଜରୁରୀ ବୋଲି ଶାସକ ଦଳର ଅନେକ ନେତା ବିଭିନ୍ନ ସ୍ଥାନରେ ଚର୍ଚ୍ଚା କରୁଛନ୍ତି। ୨୦୨୪ରେ କୋରାପୁଟ ଲୋକ ସଭା ଆସନରେ ଭାଜପାରୁ ପ୍ରାର୍ଥୀ ହୋଇଥିବା କାଳିରାମ ମାଝୀ ୩ୟ ସ୍ଥାନରେ ରହିଥିଲେ। କଂଗ୍ରେସରୁ ପ୍ରାର୍ଥୀ ହୋଇଥିବା ସପ୍ତଗିରି ଉଲାକାଙ୍କଠାରୁ କାଳିରାମ ୨,୩୮,୮୭୯ ଖଣ୍ଡ ଭୋଟ୍ ରେ ପରାଜିତ ହୋଇଥିଲେ। ଏତେବଡ ଭୋଟ୍ ବ୍ୟବଧାନକୁ ସାଙ୍ଗଠନିକ କ୍ଷେତ୍ରରେ ପରିବର୍ତ୍ତନ କରିବା ପାଇଁ ଭାଜପା ନେତୃତ୍ୱ କୋରାପୁଟକୁ ରାଜ୍ୟ ସଭା ପ୍ରତିନିଧିତ୍ୱ କରିବାର ସୁଯୋଗ ଦେବା ବିଷୟ ଚର୍ଚ୍ଚା ହେବା ସ୍ୱାଭାବିକ। ଅନ୍ୟପଟେ କୋରାପୁଟ ବିଧାନସଭା ଆସନରୁ ଭାଜପା ପ୍ରାର୍ଥୀ ରଘୁରାମ ମାଛ ବିଜେଡି ପ୍ରାର୍ଥୀ ରଘୁରାମ ପଡାଲଙ୍କ ଠାରୁ ମାତ୍ର ୨,୫୨୪ ଭୋଟ୍ ବ୍ୟବଧାନରେ ବିଜୟୀ ହୋଇଥିଲେ। ପୂର୍ବ ନିର୍ବାଚନଗୁଡ଼ିକୁ ଦେଖିଲେ କୋରାପୁଟ ଲୋକ ସଭା ଆସନରେ ପୂର୍ବରୁ ଅନେକ ଥର କଂଗ୍ରେସ ହାତରେ ରହିଆସୁଥିଲା। ମଝିରେ କିଛି ନିର୍ବାଚନରେ ବିଜେଡି ଏହି ଆସନରେ ନିଜର ପତିଆରା ବଢ଼ାଇପାରିଥିଲା। ୨୦୧୯ ଏବଂ ୨୦୨୪ରେ ପୁଣିଥରେ ଏହି ଆସନ କଂଗ୍ରେସ ☞ପୃଷ୍ଠା-୪

# ବର୍ଷକରେ ୧୯୬୮ ନାବାଳିକା ବଳାତ୍କାର

## ବିଧାନସଭାରେ ଉତ୍ତର ରଖିଲେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର, ୨୩।୨ (ସୁଚିସ୍ମିତା ସାହୁ)**

ରାଜ୍ୟରେ ନାରୀ ନିର୍ଯାତନା, ବଳାତ୍କାର ଓ ଗଣବଳାତ୍କାର ବଢ଼ି ଚାଲିଛି। ସୋମବାର ବିଧାନସଭାରେ ବିଧାୟକ ଡା. ସି. ଏସ୍. ରାଜେନ ଏକ୍କାଙ୍କ ପ୍ରଶ୍ନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉପସ୍ଥାପନ କରିଥିବା ତଥ୍ୟରୁ ଜଣାପଡ଼ିଛି ଯେ, ୨୦୨୪ରେ ୧୭୮୬ଜଣ ଏବଂ ୨୦୨୫ରେ ୧୯୬୮ଜଣ ନାବାଳିକା ବଳାତ୍କାର ହୋଇଛନ୍ତି। ଗତବର୍ଷ ବାଲେଶ୍ୱର ଜିଲାରେ ସର୍ବାଧିକ ୧୨୭ଜଣ ନାବାଳିକା ବଳାତ୍କାର ହୋଇଥିବା ବେଳେ ମୟୂରଭଞ୍ଜରେ ୧୦୯, ରାୟଗଡ଼ାରେ ୯୮, କେନ୍ଦୁଝରରେ ୯୬, କୋରାପୁଟରେ ୯୩, ଯାଜପୁରରେ ୮୯, ଭଦ୍ରକରେ ୮୫, ଭୁବନେଶ୍ୱର ୟୁପିଡିରେ ୮୩, ଗଞ୍ଜାମରେ ୭୩ଜଣ ବଳାତ୍କାର ହୋଇଛନ୍ତି। ସେହିପରି ୨୦୨୪ରେ ବଳାତ୍କାର ହୋଇଥିବା ନାବାଳିକାଙ୍କ ମଧ୍ୟରେ କେନ୍ଦୁଝର ଜିଲାରେ ସର୍ବାଧିକ ୧୦୮ଜଣ, ମୟୂରଭଞ୍ଜରେ ୧୦୪, ଯାଜପୁରରେ ୯୫, ଭଦ୍ରକରେ ୯୦, କଳାହାଣ୍ଡିରେ ୭୯, ଭୁବନେଶ୍ୱର ୟୁପିଡିରେ ୭୭, କଟକ ୟୁପିଡିରେ ୭୬, କନ୍ଧମାଳରେ ୭୦ ଏବଂ କଟକରେ ୬୮ଜଣ ରହିଛନ୍ତି।

ଅନ୍ୟପକ୍ଷରେ ୨୦୨୪ରେ ☞ପୃଷ୍ଠା-୪






# ଆଜି କ'ଣ କେଉଁଠି

**ଭୁବନେଶ୍ୱର**
- ରାଜ୍ୟରେ କୃଷକ କଲ୍ୟାଣ, ଆଇନ୍ ଶୃଙ୍ଖଳାର ଅବନତି ଏବଂ ମହିଳା ସୁରକ୍ଷା ଆଦି ପ୍ରସଙ୍ଗକୁ ନେଇ ବିଜେଡି ପକ୍ଷରୁ ଧାରଣା, ସ୍ଥାନ: ଲୋୟର ପିଏମ୍‌ଜି, ସମୟ: ପୂର୍ବାହ୍ନ ୧୦ଟା।
- କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ଶ୍ରାଦ୍ଧୋତ୍ସବ ଉପଲକ୍ଷେ ମାଲ୍ୟାର୍ପଣ, ସ୍ଥାନ: ବିଧାନସଭା ମୁଖ୍ୟ ଫାଟକ ପାର୍ଶ୍ୱ ପ୍ରତିମୂର୍ତ୍ତି, ସମୟ: ପୂର୍ବାହ୍ନ ୧୦ଟା।
- ଟେରାକୋଟା କୃତୀ ପ୍ରତିଯୋଗିତା, ସ୍ଥାନ:କଳାଭୂମି, ଗଣ୍ଡମୁଣ୍ଡା, ସମୟ: ପୂର୍ବାହ୍ନ ୧୦ଟା ୩୦।
- ନିଖିଳ ଓଡ଼ିଶା ଠିକାଦାର ସହାସଂଘ ପକ୍ଷରୁ ଖବରଦାତା ସମ୍ମିଳନୀ ଏବଂ ଧାରଣା ପ୍ରଦର୍ଶନ, ସ୍ଥାନ: ଲୋୟର ପିଏମ୍‌ଜି, ସମୟ: ମଧ୍ୟାହ୍ନ ୧୨ଟା।
- କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ଶ୍ରାଦ୍ଧୋତ୍ସବ, ସ୍ଥାନ: ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ ସମ୍ମିଳନୀ କକ୍ଷ, ସମୟ: ଅପରାହ୍ନ ୩ଟା।
- ଶତାବ୍ଦୀର କଳାକାର ପକ୍ଷରୁ ଜାତୀୟ କଳିଙ୍ଗ ନାଟ୍ୟ ମହୋତ୍ସବ, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୪୫।

**କଟକ**
- କଟକ ନଗର କଂଗ୍ରେସ କମିଟି ପକ୍ଷରୁ ଭିଜିଲାନ୍ସ ନିର୍ଦ୍ଦେଶକଙ୍କୁ ଦାବିପତ୍ର ପ୍ରଦାନ, ସ୍ଥାନ: ଭିଜିଲାନ୍ସ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା ୩୦।
- ଚିନ୍ମୟ ମିଶନର ୭୫ବର୍ଷ ପୂର୍ତ୍ତି ଉପଲକ୍ଷେ ହନୁମତ୍ ମହୋତ୍ସବର ଉଦ୍‌ଘାଟନ, ସ୍ଥାନ: ଉପର ବାଲିଯାତ୍ରା ପଡ଼ିଆ, ସମୟ: ସନ୍ଧ୍ୟା ୬ଟା ୩୦।

**ଖୋର୍ଦ୍ଧା**
- ଶ୍ରୀରାମଚରିତ ମାନସ ପାରାୟଣ ଓ ପ୍ରବଚନ, ସ୍ଥାନ: ଧବଳେଶ୍ୱର ପୀଠ, ଗୁରୁଜଙ୍ଗ, ସମୟ: ପୂର୍ବାହ୍ନ ୧୦ଟା।

**ବାଲେଶ୍ୱର**
- ଓଡ଼ିଶା ଆନ୍ତଃବିଶ୍ୱବିଦ୍ୟାଳୟ ଖେଳକସରତ ଓ କ୍ରୀଡ଼ା ପ୍ରତିଯୋଗିତା, ସ୍ଥାନ: ଫକୀରମୋହନ ବିଶ୍ୱବିଦ୍ୟାଳୟ କ୍ୟାମ୍ପସ, ବାଲେଶ୍ୱର, ସମୟ: ସକାଳ ୯ଟା।
- ଏଫ୍ଏମ୍‌ୟୁ ପକ୍ଷରୁ ଗ୍ରାମୀଣ ଶିବିର, ସ୍ଥାନ: କୁମ୍ଭକ୍ଷେତ୍ର, ସିଆଡ଼ିମାଳ, ନୀଳଗିରି, ସମୟ: ସକାଳ ୯ଟା।
- ଭାଷାପକ୍ଷ ଓ କୁଟୀର ବହିମେଳା, ସ୍ଥାନ: ସ୍ରଷ୍ଟା କାର୍ଯ୍ୟାଳୟ ପରିସର, ମାକଳପୁର, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- କଂଗ୍ରେସ ପକ୍ଷରୁ ଏସ୍‌ପିଙ୍କୁ ଏତଲା ପ୍ରଦାନ, ସ୍ଥାନ: ଏସ୍‌ପି ଅଫିସ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର, ସ୍ଥାନ: ପୌର କାର୍ଯ୍ୟାଳୟ ପରିସର, ସୋର, ସମୟ: ପୂର୍ବାହ୍ନ ୧୦ଟା।
- ବାଲେଶ୍ୱର ପ୍ରିମିୟର ଲିଗ୍ ଉଦ୍‌ଘାଟନୀ ମ୍ୟାଚ୍, ସ୍ଥାନ: ପରମିଟ୍ ପଡ଼ିଆ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ସୁଭଦ୍ରା ଶକ୍ତି ମେଳା-୨୦୨୬ ତୃତୀୟ ସନ୍ଧ୍ୟା, ସ୍ଥାନ: ଆଇଟିଆଇ ପଡ଼ିଆ, ବାଲେଶ୍ୱର, ସମୟ: ସନ୍ଧ୍ୟା ୬ଟା।
- ମା' ବୁଢ଼ାମଙ୍ଗଳା ଦେବୀଙ୍କର ବାର୍ଷିକ ପୂଜା ଉତ୍ସବ, ସ୍ଥାନ: ବାରାପାଳ, ରୁପସା, ସମୟ: ସନ୍ଧ୍ୟା ୬ଟା।

**ଭଦ୍ରକ**
- ଲକ୍ଷ୍ମୀନାରାୟଣ ପୂଜା ସୁବର୍ଣ୍ଣ ଜୟନ୍ତୀ ଉତ୍ସବର ୨ୟ ଦିବସ, ସ୍ଥାନ: ଲକ୍ଷ୍ମୀନାରାୟଣ ମନ୍ଦିର ପରିସର, ଆରୁହା, ତିହିଡ଼ି, ସମୟ: ସକାଳ ୮ଟା।
- କଂଗ୍ରେସ ପକ୍ଷରୁ ଏସ୍‌ପି ଅଫିସ ଘେରାଉ, ସ୍ଥାନ: ଏସ୍‌ପିଙ୍କ କାର୍ଯ୍ୟାଳୟ, ଭଦ୍ରକ, ସମୟ: ସକାଳ ୧୦ଟା ୩୦।

**କେନ୍ଦୁଝର**
- ଶିବ ଚର୍ଚ୍ଚା, ସ୍ଥାନ: ବିକାଶ ମହଲ, ବଡ଼ବିଲ, ସମୟ : ଅପରାହ୍ନ ୩ଟା।

**ମୟୂରଭଞ୍ଜ**
- ଉତ୍ତର ଓଡ଼ିଶାର ପ୍ରସିଦ୍ଧ ଜାଗରମେଳା,ସ୍ଥାନ:ମାଣତ୍ରୀ, ବଡ଼ସାହି,ସମୟ: ସକାଳ ୮ଟା।
- ଜାତୀୟ ସଂହତି ଶିବିର, ସ୍ଥାନ:ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ ତକତପୁର, ବାରିପଦା,ସମୟ: ପୂର୍ବାହ୍ନ ୧୦ଟା।
- ବରିଷ୍ଠ ନାଗରିକ ସମ୍ମିଳନୀ, ସ୍ଥାନ:ଶହୀଦ ସ୍ମୃତି ଭବନ, ବାରିପଦା,ସମୟ: ପୂର୍ବାହ୍ନ ୧୦ଟା।
- ଗୋଶାଳା କପ୍ କ୍ରିକେଟ ଟୁର୍ନାମେଣ୍ଟ, ସ୍ଥାନ: ଗୋଶାଳା ପଡ଼ିଆ, ତୁଳସୀଚଉରା ବାରିପଦା,ସମୟ: ଅପରାହ୍ନ ୨ଟା।
- ବନ୍ଧୁମିଳନ କାର୍ଯ୍ୟକ୍ରମ,ସ୍ଥାନ: ଚିତ୍ରଡ଼ା ବିଦ୍ୟାଜ୍ୟୋତି ପବ୍ଲିକ ସ୍କୁଲ,ମୋରଡ଼ା, ସମୟ:ସନ୍ଧ୍ୟା ୭ଟା।

**ବ୍ରହ୍ମପୁର**
- ଏଲମା ଠାକୁରାଣୀଙ୍କ ଖାମିଯାତ୍ରା, ସ୍ଥାନ: ନୀଳକଣ୍ଠନଗର, ସମୟ: ସକାଳ ୬ଟା।

**ଗଞ୍ଜାମ**
- ଜନଗଣନା କର୍ମଶାଳା, ସ୍ଥାନ: ଛତ୍ରପୁର ଜିଲା ପରିଷଦ ଭବନ, ସମୟ: ପୂର୍ବାହ୍ନ ୧୦ଟା।

**ଅନୁଗୋଳ**
- ମା'ମାହେଶ୍ୱରୀ ଫୁଟବଲ ଟୁର୍ନାମେଣ୍ଟର ଦ୍ୱିତୀୟ ଦିବସରେ ଫୁଟ୍‌ବଲ ମ୍ୟାଚ, ସ୍ଥାନ: ଆଠମଲ୍ଲିକ ମିନି ଷ୍ଟାଡିୟମ ଖେଳପଡ଼ିଆ, ସମୟ: ଅପରାହ୍ନ ୩ଟା।

**ଜଗତ୍‌ସିଂହପୁର**
- ମା'ଦୁର୍ଗା ମନ୍ଦିରର ୧୭ତମ ପ୍ରତିଷ୍ଠା ଦିବସ, ସ୍ଥାନ: ବଣିକସଂଘ ପରିସର, ବଡ଼ପଡ଼ିଆ, ପାରାଦୀପ, ସମୟ: ସକାଳ ୮ଟା।

**କେନ୍ଦ୍ରାପଡ଼ା**
- ବାଙ୍କବିହାରୀଙ୍କ ଜନ୍ମ ଉତ୍ସବ ଓ ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ: ନଳଦିଆ ଶାସନ ଗତାନଈ, ନାରାୟଣପୁର, ମାର୍ଶାଘାଇ, ସମୟ: ସକାଳ ୮ଟା।
- ରାଜସ୍ୱ ମାମଲା ସମ୍ପର୍କୀୟ ଜନଶୁଣାଣି ଶିବିର, ସ୍ଥାନ: ତହସିଲ କାର୍ଯ୍ୟାଳୟ, ଆଳି, ସମୟ: ପୂର୍ବାହ୍ନ ୧୦ଟା।
- ଜିଲା ସାମାଜିକ ସୁରକ୍ଷା ବିଭାଗ ପକ୍ଷରୁ ଭିନ୍ନକ୍ଷମ ଉପକରଣ ବଣ୍ଟନ କାର୍ଯ୍ୟକ୍ରମ, ସ୍ଥାନ: ବ୍ଲକ କାର୍ଯ୍ୟାଳୟ, ମାର୍ଶାଘାଇ, ସମୟ: ପୂର୍ବାହ୍ନ ୧୦ଟା।
- ଶ୍ରୀମୁକ୍ତେଶ୍ୱର ମନ୍ଦିର ପ୍ରତିଷ୍ଠା ଉତ୍ସବ, ସ୍ଥାନ: ଡିହବଳରାମପୁର, ମାର୍ଶାଘାଇ, ସମୟ: ସନ୍ଧ୍ୟା ୬ଟା।

**ଯାଜପୁର**
- ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ: ଧର୍ମଶାଳା ବ୍ଲକ୍ ନୂଆଗାଁସ୍ଥିତ, ମା'ପଳାଶ ବୁଢ଼ୀ ମଠ ପରିସର, ସମୟ: ସକାଳ ୬ଟା।
- ରବି ଲାବଣ୍ୟ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟର ଶୁଭାରମ୍ଭ, ସ୍ଥାନ: ଧର୍ମଶାଳା ବ୍ଲକ୍ ମିର୍ଜାପୁରସ୍ଥିତ ଜନାମଠ ପଡ଼ିଆ, ସମୟ: ପୂର୍ବାହ୍ନ ୧୦ଟା।
- ଜିଲାସ୍ତରୀୟ ରାଜସ୍ୱ ବୈଠକ, ସ୍ଥାନ: ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୧ଟା।
- ଛତିଆ ରଜ ଦୋଳ ମେଲଣ ମହୋତ୍ସବ ଅବସରରେ ହସ୍ତତନ୍ତ ପ୍ରଦର୍ଶନୀ ଉଦ୍‌ଘାଟନ, ସ୍ଥାନ: ଛତିଆ ଫୁଟବଲ ପଡିଆ, ସମୟ: ଅପରାହ୍ନ ୫ଟା।

**ନୟାଗଡ଼**
- ଜାମାଲାଗି ବେଶର ୩୩ତମ ଦିବସ, ସ୍ଥାନ: କଣ୍ଟିଲୋ ନୀଳମାଧବ ମନ୍ଦିର, ସମୟ: ସକାଳ ୭ଟା।
- ଶ୍ରୀରାମ ଚରିତ ମାନସ ନବାହ୍ନ ପାରାୟଣ ମହାଯଜ୍ଞର ୫ମ ଦିବସରେ ସୂର୍ଯ୍ୟପୂଜା ଓ ପ୍ରବଚନ, ସ୍ଥାନ: ନୟାଗଡ଼ ବ୍ଲକର ବେଗୁନିଆପାଟଣା ଶ୍ରୀରଘୁନାଥ ଜୀଉ ମନ୍ଦିର ପ୍ରାଙ୍ଗଣ, ସମୟ: ସକାଳ ୭ରୁ ରାତ୍ର ୧୦ଟା।
- ବିଶ୍ୱଶାନ୍ତି ଶୈବଯଜ୍ଞର ୨ୟ ଦିବସରେ ଆହୁତି ପ୍ରଦାନ ଓ ନାମ ସଂକୀର୍ତ୍ତନ, ସ୍ଥାନ: ଓଡ଼ଗାଁ ବ୍ଲକର ବରସାହିସ୍ଥ ଶ୍ରୀସିଦ୍ଧେଶ୍ୱର ମହାଦେବଙ୍କ ପୀଠ, ସମୟ: ପୂର୍ବାହ୍ନ ୧୦ଟା।
- ବ୍ଲକସ୍ତରୀୟ ପ୍ରବୋଧନ ଶିକ୍ଷକ ତାଲିମ ଶିବିରର ୪ର୍ଥ ଦିବସ, ସ୍ଥାନ: ନୟାଗଡ଼ ବ୍ଲକ ମାଛିପଡା ହାଇସ୍କୁଲ, ସମୟ: ପୂର୍ବାହ୍ନ ୧୦ଟା।
- ପ୍ରତିଷ୍ଠା ଉତ୍ସବ ଅବସରରେ ଅଙ୍କୁରାରୋପଣ ଓ ଅଧିବାସ, ସ୍ଥାନ: ନୟାଗଡ଼ ପୁରୁଣା ସହର ମା' ଦକ୍ଷିଣକାଳୀ ମନ୍ଦିର, ସମୟ: ପୂର୍ବାହ୍ନ ୧୦ଟା।
- ବିଶ୍ୱଶାନ୍ତି ଯଜ୍ଞ ଓ ପାର୍ବତୀ ଦେବୀଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ଉତ୍ସବର ଅଙ୍କୁରାରୋପଣ, ସ୍ଥାନ: ନୟାଗଡ଼ ବ୍ଲକ ଭାଟସାହି ସିଦ୍ଧେଶ୍ୱର ଜୀଉଙ୍କ ପୀଠ, ସମୟ: ପୂର୍ବାହ୍ନ ୧୦ଟା।
- ମହେନ୍ଦ୍ର ସ୍ୱାଇଁ ସ୍ମାରକୀ ଫୁଟବଲ ଟୁର୍ନାମେଣ୍ଟର ୩ୟ ଦିବସରେ ସ୍ପୋଟସ ଆସୋସିଏଶନ ଖଣ୍ଡପଡ଼ା ବନାମ ବାପୁଜୀ କ୍ଲବ କଟକ, ସ୍ଥାନ: ଖଣ୍ଡପଡ଼ା ମଧୁବନ ମିନି ଷ୍ଟାଡିୟମ, ସମୟ: ଅପରାହ୍ନ ୪ଟା।
- ମହାଶିବରାତ୍ରୀ ଅବସରରେ ଜାଗରଯାତ୍ରାର ଦଶମ ଦିବସ, ସ୍ଥାନ: ଶରଣକୁଳ ଲଡୁବାବାଙ୍କ ପୀଠ, ସମୟ: ସନ୍ଧ୍ୟା ୬ଟା।

**ରାୟଗଡ଼ା**
- ଆମେ ପଢ଼ିବା ଆମ ଭାଷାରେ ଶୁଭାରମ୍ଭ କାର୍ଯ୍ୟକ୍ରମ, ସ୍ଥାନ: ଜିଲା ପରିଷଦ ସମ୍ମିଳନୀ କକ୍ଷ, ରାୟଗଡ଼ା, ସମୟ: ପୂର୍ବାହ୍ନ ୧୦ଟା ୩୦।

**ନବରଙ୍ଗପୁର**
- ସୁଭଦ୍ରା ଶକ୍ତି ମେଳା ଖବରଦାତା ସମ୍ମିଳନୀ, ସ୍ଥାନ: ନବରଙ୍ଗପୁର ଜିଲାପରିଷଦ ବୈଠକ ଗୃହ, ସମୟ: ପୂର୍ବାହ୍ନ ୧୦ଟା।
- ବାବା ବୈଦ୍ୟନାଥ ମନ୍ଦିର ବାର୍ଷିକ ଉତ୍ସବ ପ୍ରସ୍ତୁତି ବୈଠକ, ସ୍ଥାନ: ଉମରକୋଟ ଗୁଳିପାଟଣାସ୍ଥିତ ମନ୍ଦିର ପରିସର, ସମୟ: ସନ୍ଧ୍ୟା ୬ଟା।

**କୋରାପୁଟ**
- ସ୍ୱାସ୍ଥ୍ୟ ଓ ଶିଶୁ ବିକାଶ ନେଇ ଯୁଗ୍ମ କମିଟି ବୈଠକ, ସ୍ଥାନ: ସଦ୍‌ଭାବନା ସଭାଗୃହ, କୋରାପୁଟ, ସମୟ: ପୂର୍ବାହ୍ନ ୧୦ଟା।
- ଘଟଯାତ୍ରା ଉପଲକ୍ଷେ ଆଜ୍ଞାମାଳ ଅନୁମତି, ସ୍ଥାନ: ମନ୍ଦିର ପରିସର, କୋଟପାଡ଼, ସମୟ: ପୂର୍ବାହ୍ନ ୧୦ଟା।
- ୟୁଥ୍ କ୍ରିକେଟ ଆସୋସିଏଶନ ଟୁର୍ନାମେଣ୍ଟ ଉଦ୍‌ଯାପନ, ସ୍ଥାନ: କଲେଜ ପଡ଼ିଆ, କୋଟପାଡ଼, ସମୟ: ଅପରାହ୍ନ ୩ଟା।
- ଜାତୀୟ ସ୍ୱାସ୍ଥ୍ୟ ମିଶନ ସମୀକ୍ଷା ବୈଠକ, ସ୍ଥାନ: ଜିଲାପାଳଙ୍କ ସମ୍ମିଳନୀ ଗୃହ, କୋରାପୁଟ, ସମୟ: ଅପରାହ୍ନ ୪ଟା।
- ଜନ୍ମ ଓ ମୃତ୍ୟୁ ପଞ୍ଜୀକରଣ ବୈଠକ, ସ୍ଥାନ: ଜିଲାପାଳଙ୍କ ସମ୍ମିଳନୀ କକ୍ଷ, କୋରାପୁଟ, ସମୟ: ଅପରାହ୍ନ ୫ଟା।

**ସମ୍ବଲପୁର**
- ଯୋଗ ପରିବାର ପକ୍ଷରୁ ମାଗଣା ଯୋଗ ଶିବିର, ସ୍ଥାନ: ଗାନ୍ଧୀ ପାର୍କ, ସମୟ : ସକାଳ ୬ଟା।
- ଶିଶୁ ରୋଗ ଏବଂ ନବଜାତ ୟୁନିଟ ସହ ଉଚ୍ଚ ନିର୍ଭରଶୀଳ ୟୁନିଟର ଶୁଭ ଉଦ୍‌ଘାଟନ ସମାରୋହ, ସ୍ଥାନ : ବରେଇପାଲି ପାଞ୍ଚଗଛିଆ ସ୍ଥିତ ବୈଦ୍ୟ ବିକାଶ ହସ୍ପିଟାଲ, ସମୟ : ଅପରାହ୍ନ ୨ଟା।
- ୧୪ତମ ସର୍ବଭାରତୀୟ ଫୁଟବଲ ଟୁର୍ନାମେଣ୍ଟ, ମୁମ୍ବାଇ ଜିଏମ୍‌ଏସ୍‌ସି ଏମୱାଇଜେ ବନାମ କେରଳ ଷ୍ଟେଟ ଇଲେଭେନ ବୋର୍ଡର ମ୍ୟାଚ, ସ୍ଥାନ : ବୀରସୁରେନ୍ଦ୍ର ସାଏ ଷ୍ଟାଡିୟମ, ସମୟ : ଅପରାହ୍ନ ୪ଟା ୩୦।

**ବଲାଙ୍ଗୀର**
- ଲନ୍‌ବଲ ପ୍ରଶିକ୍ଷଣ, ସ୍ଥାନ: ଆର୍‌ଏନ୍ ସିଂଦେଓ ସ୍ପୋର୍ଟସ୍ କମ୍ପ୍ଲେକ୍ସ, ବଲାଙ୍ଗୀର, ସମୟ: ସକାଳ ୭ଟା।
- ଲୋଇସିଂହା ବ୍ଲକସ୍ତରୀୟ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର, ସ୍ଥାନ: ବ୍ଲକ ପରିସର, ଲୋଇସିଂହା, ସମୟ: ସକାଳ ୯ଟା।

**ରାଉରକେଲା**
- ଓଡ଼ିଶା ପୋଲିସ ହକି ଚାମ୍ପିୟନଶିପ୍--୨୦୨୬ର ଉଦ୍‌ଯାପନୀ ଦିବସ, ସ୍ଥାନ: ବିର୍ସା ମୁଣ୍ଡା ହକି ଷ୍ଟାଡିୟମ୍, ସମୟ: ସକାଳ ୬ଟା ୩୦।
- ହନୁମାନ ବାଟିକା ପ୍ରତିଷ୍ଠା ଦିବସ ଉଦ୍‌ଯାପନୀ ଉତ୍ସବ, ସ୍ଥାନ: ପାନପୋଷ ରୋଡ୍, ସମୟ: ସକାଳ ୬ଟା ୩୦।
- ଜାଗର ମେଳାର ୧୦ମ ଦିବସ, ସ୍ଥାନ: ବେଦବ୍ୟାସ ଶୈବପୀଠ, ସମୟ: ସକାଳ ୮ଟା।
- କଂଗ୍ରେସର ବ୍ଲକସ୍ତରୀୟ ବୈଠକ, ସ୍ଥାନ: ସେକ୍ଟର-୨, ସମୟ: ପୂର୍ବାହ୍ନ ୧୦ଟା ୩୦।

**ବରଗଡ଼**
- ସ୍ୱେଚ୍ଛାକୃତ ରକ୍ତଦାନ ଶିବିର,ସ୍ଥାନ: ଖଣ୍ଡହଥା (ଆମ୍ବକ୍ୟାମ୍ପ), ବରଗଡ଼, ସମୟ: ସକାଳ ୯ଟା।

**କଳାହାଣ୍ଡି**
- ୧୧ତମ ଷୋହଳ ପ୍ରହର ନାମଯଜ୍ଞ ଆରମ୍ଭ, ସ୍ଥାନ: କେସିଙ୍ଗା ବ୍ଲକ ଦଦୁମେରମୁଣ୍ଡା ପ୍ରହରୀ ମଣ୍ଡପ, ସମୟ: ସକାଳ ୭ଟା ୩୦।
- ଜିଲାସ୍ତରୀୟ ନିଯୁକ୍ତି ମେଳା, ସ୍ଥାନ: ଭବାନୀପାଟଣାସ୍ଥିତ ସରକାରୀ ଆଇଟିଆଇ ପଡିଆ, ସମୟ: ପୂର୍ବାହ୍ନ ୧୦ଟା।
- ଭୂଗୋଳ ବିଭାଗରେ କର୍ମଶାଳା, ସ୍ଥାନ: ଭବାନୀପାଟଣାସ୍ଥିତ ମା'ମାଣିକେଶ୍ୱରୀ ବିଶ୍ୱ ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ଭୀମ ଭୋଇ ସାମର୍ଥ୍ୟ ଶିବିର, ସ୍ଥାନ: ଲାଞ୍ଜିଗଡ଼ ବ୍ଲକ ପରିସର ବିଶ୍ୱନାଥପୁର, ସମୟ: ସକାଳ ୯ଟା।
- ମାଗଣା ଚକ୍ଷୁ ଚିକିତ୍ସା ଶିବିର, ସ୍ଥାନ: ରାଜୀବ ଗାନ୍ଧୀ ସେବାକେନ୍ଦ୍ର ଲାଞ୍ଜିଗଡ, ସମୟ: ସକାଳ ୧୦ଟା ୩୦।

**ବୌଦ୍ଧ**
- ଜନଗଣନା ନେଇ ତାଲିମ କାର୍ଯ୍ୟକ୍ରମ, ସ୍ଥାନ: ବୌଦ୍ଧ ଜିଲାପାଳଙ୍କ ସଦ୍‌ଭାବନା ସଭାଗୃହ, ସମୟ: ପୂର୍ବାହ୍ନ ୧୦ଟା ୩୦।

**ସୁବର୍ଣ୍ଣପୁର**
- ସୁବର୍ଣ୍ଣପୁରର ଇଷ୍ଟଦେବୀ ସୁରେଶ୍ୱରୀଙ୍କ ସନ୍ଧ୍ୟା ଆଳତୀ ଓ ବିଶେଷ ପୂଜା, ସ୍ଥାନ: ମନ୍ଦିର ପରିସର, ସମୟ: ସନ୍ଧ୍ୟା ୬ଟା।
- ତରଭା ମା' ପାଟ ମାହେଶ୍ୱରୀ ମନ୍ଦିରରେ ସନ୍ଧ୍ୟା ଆଳତୀ ଓ ପୂଜାର୍ଚ୍ଚନା, ସ୍ଥାନ: ମନ୍ଦିର ପରିସର, ସମୟ: ସନ୍ଧ୍ୟା ୬ଟା।

**ନୂଆପଡ଼ା**
- ସରକାରୀ ଆଶ୍ରମ ବିଦ୍ୟାଳୟ ସୋସେଙ୍ଗର ୬୮ତମ ବାର୍ଷିକ ଉତ୍ସବ, ସ୍ଥାନ: ବିଦ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୧ଟା।
- ଖରିଆର ରୋଡ୍ ମହୋତ୍ସବ ତୃତୀୟ ରଜନୀ, ସ୍ଥାନ: ଗୋତମା ସୀମାନ୍ତ ପଡିଆ, ସମୟ: ସନ୍ଧ୍ୟା ୬ଟା।
- ଜିଲା ବାନରସେନା ମଞ୍ଚ ପକ୍ଷରୁ ବ୍ଲକସ୍ତରୀୟ ସାଧାରଣ ବୈଠକ, ସ୍ଥାନ: ତୀରବନ୍ଧ ଶିବ ମନ୍ଦିର ଖଡିଆଲ, ସମୟ: ପୂର୍ବାହ୍ନ ୧୦ଟା।

**ଝାରସୁଗୁଡ଼ା**
- ହନୁମାନଙ୍କ ପଞ୍ଚ ଉପଚାର ପୂଜା ଓ ଚାଳିଶା ପଠନ କାର୍ଯ୍ୟକ୍ରମ, ସ୍ଥାନ: ସାହାପଡ଼ା ହନୁମାନ ମନ୍ଦିର, ସମୟ: ସକାଳ ୮ଟା।
- ଯକ୍ଷ୍ମା ରୋଗ ସମ୍ବନ୍ଧୀୟ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ବାଗଡ଼ିହି, ସମୟ: ସକାଳ ୯ଟା।
- କ୍ରିକେଟ୍ ଟୁର୍ନାମେଣ୍ଟ, ସ୍ଥାନ: ପୂଜାରୀପାଲି ଖେଳପଡ଼ିଆ, ସମୟ: ପୂର୍ବାହ୍ନ ୧୧ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** କର୍ମକ୍ଷେତ୍ରର ପ୍ରତିବନ୍ଧକକୁ ଦୃଢ଼ତାର ସହ ସମ୍ମୁଖୀନ ହୋଇ ସଫଳତା ପାଇବେ। କୃତ୍ତିକା ନକ୍ଷତ୍ର ସକାଶେ ପଡ଼ୋଶୀଙ୍କ ପ୍ରତିବାଦ କାରଣରୁ ନିର୍ମାଣାଧୀନ କାମ ଅଟକିବ। ବିବାଦୀୟ କଥାରେ ମୁଣ୍ଡ ନ ପୂରାଇବା ଭଲ। ରଚନାତ୍ମକ କାର୍ଯ୍ୟାରମ୍ଭ, ଋଣପରିଶୋଧ, ପାରିବାରିକ ଆବଶ୍ୟକତା ସମ୍ପର୍କରେ ଆଲୋଚନା କରିପାରନ୍ତି।

**ବୃଷ** ବନ୍ଧୁଙ୍କ ପାରିବାରିକ କଥାରେ ଅନୁପ୍ରବେଶକରି ମଧ୍ୟସ୍ଥତା କଲେ ଅପଦସ୍ଥ ହୋଇପାରନ୍ତି। ଆଜିର ଯାତ୍ରାକାଳୀନ ରାସ୍ତାରେ ଅଜଣା ବ୍ୟକ୍ତି ପ୍ରତି ସତର୍କ ରୁହନ୍ତୁ। ରୋହିଣୀ ନକ୍ଷତ୍ରର ଘରେ ଅସାବଧାନତାରୁ ଦ୍ରବ୍ୟ ନଷ୍ଟ କିମ୍ବା ଧନହାନି ଘଟିପାରେ। ଅବହେଳାରୁ କେତେକ କାମ ସକାଶେ ଅନ୍ୟର ସାହାଯ୍ୟ ନେବାକୁ ବାଧହୋଇପାରନ୍ତି।

**ମିଥୁନ** ପ୍ରତୀକ୍ଷିତ ଖବରଟି ପାଇବା ପାଇଁ ଚାହିଁଚାହିଁ ଆଖିରୁ ପାଣି ମରିଯାଇପାରେ। ସହକର୍ମୀଙ୍କ ଆଶ୍ୱାସନା ସାଙ୍ଗକୁ ସହଯୋଗ,ସୁଖ ସମ୍ମାନ ପାଇ ଖୁସି ହେବେ। ଆର୍ଦ୍ରା ନକ୍ଷତ୍ର କ୍ଷେତ୍ରରେ ରାଜନୈତିକ ସ୍ତରରେ ବନ୍ଧୁଙ୍କ କୁଟିଳ ଚିନ୍ତାଧାରା ଅତିଷ୍ଠ କରିପାରେ। ସହକର୍ମୀଙ୍କ ନିକଟରେ ବାକି ପଡ଼ିଥିବା ବହୁଦିନର ଅର୍ଥ ଆଦାୟ କରିବାରେ ସକ୍ଷମ ହେବେ।

**କର୍କଟ** ପୁନର୍ବସୁ ନକ୍ଷତ୍ରର କର୍ମକ୍ଷେତ୍ରରେ ଅପୂରଣୀୟ ଆଶା ଆଜି ପୂରଣ ହୋଇଯିବ। ପୂର୍ବଶତ୍ରୁତା କାରଣରୁ ବେଳକାଳ ଉଣ୍ଡି ଆତ୍ମୀୟମାନେ ହଠାତ୍ ଶତ୍ରୁତା କରିପାରନ୍ତି। ନିର୍ମାଣାଧୀନ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିବା କ୍ଷେତ୍ରରେ ବନ୍ଧୁଙ୍କ ସହଯୋଗ ଅବିସ୍ମରଣୀୟ ରହିବ। ନୂତନ କର୍ମାରମ୍ଭ ସକାଶେ ପରିବାରରୁ ପୂର୍ଣ୍ଣ ସହଯୋଗ ପାଇବେ।

**ସିଂହ** ମନ ଅନୁଯାୟୀ କାର୍ଯ୍ୟ ହାସଲହେବା ସାଙ୍ଗକୁ ମନୋରଞ୍ଜନରେ ଅଂଶ ଗ୍ରହଣକରି ପ୍ରଶଂସିତହେବେ। ଉତ୍ତରାଫାଲ୍‌ଗୁନୀ ନକ୍ଷତ୍ରର ପାରିବାରିକ ଅସ୍ଥିରତା ଲାଗି ରହିଲେ ମଧ୍ୟ କାମ ଅଟକିବ ନାହିଁ। ମାଙ୍ଗଳିକ କାର୍ଯ୍ୟ ପରିପ୍ରେକ୍ଷୀରେ ବନ୍ଧୁଙ୍କର ଛୋଟ ଛୋଟ କଥାକୁ ଧରି ବସନ୍ତୁ ନାହିଁ। ଆବଶ୍ୟକତା ପୂରଣ ସକାଶେ ଅର୍ଥଭାବ ବିଚଳିତ କରିବ।

**କନ୍ୟା** ଯେତେ ଚେଷ୍ଟାକଲେ ମଧ୍ୟ ମନ ମୁତାବକ କାମ ନ ହେବା ଯୋଗୁ କ୍ଷୁବ୍ଧ ହୋଇପାରନ୍ତି। ଆଜିର କର୍ମକ୍ଷେତ୍ରରେ ଚିତ୍ରା ନକ୍ଷତ୍ର ସକାଶେ ସହଜରେ କାମ ହାସଲ କଷ୍ଟକର ହେବ। ପରିବାରରେ ସନ୍ଦେହ ଓ ଭୁଲ୍ ବୁଝାମଣା ହେତୁ ସମସ୍ୟା ବଢ଼ିପାରେ। ସରକାରୀ କ୍ଷେତ୍ରରୁ ଲାଭର ଆଶା ଦେଖି ମାନସିକ ସ୍ତରରେ ଖୁସି ହୋଇପାରନ୍ତି।

**ତୁଳା** ଉପରିସ୍ଥ କର୍ମଚାରୀଙ୍କ ଦ୍ୱାରା ପ୍ରେରିତ ହୋଇ ଦୂରସ୍ଥାନକୁ ଯାତ୍ରା କରିପାରନ୍ତି। ସ୍ୱାତୀର ସାଧାରଣ କଥାରୁ ସ୍ତ୍ରୀଙ୍କ ସହ ମନୋମାଳିନ୍ୟ ଘଟିପାରେ। ସହକର୍ମୀଙ୍କ ଅସହଯୋଗ କାରଣରୁ ସୁବିଧାରେ କାମ ହାସଲକରିବା କଷ୍ଟକର ହେବ। କ୍ରୀଡ଼ା, ସଙ୍ଗୀତ, ଚଳଚ୍ଚିତ୍ର ତଥା ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରିବେ।

**ବିଛା** ଦୀର୍ଘଦିନର ସ୍ୱାସ୍ଥ୍ୟଗତ ସମସ୍ୟା ନିୟନ୍ତ୍ରଣାଧୀନ ରହିବା ଯୋଗୁ ଆଶ୍ୱସ୍ତି ଲାଭ କରିବେ। ବିଶାଖା ସକାଶେ ଈର୍ଷାପରାୟଣବଶତଃ ନିକଟସ୍ଥ ବ୍ୟକ୍ତିବିଶେଷ କୌଣସି ଅଭିଯୋଗ କରିପାରନ୍ତି। ରଚନାତ୍ମକ କାର୍ଯ୍ୟରେ ଅଗ୍ରଗତି ଘଟିବା ସହ ପ୍ରଶଂସିତ ମଧ୍ୟ ହୋଇପାରନ୍ତି। ଗୁରୁଜନଙ୍କ ପରାମର୍ଶ ନେଇ କାର୍ଯ୍ୟକଲେ ଉପକୃତ ହେବେ।

**ଧନୁ** ମୂଳା ନକ୍ଷତ୍ର ସହକର୍ମୀଙ୍କ ସହମତିରେ କାର୍ଯ୍ୟକଲେ ସଫଳତା ପାଇବେ। କଠିନ ଶ୍ରମ ଓ ବିଶ୍ରାମ ଅଭାବରୁ ସ୍ୱାସ୍ଥ୍ୟ ସମସ୍ୟା ବଢ଼ିଯିବ। ଶତ୍ରୁମାନେ ଆପଣଙ୍କ ପଛରେ ଛାଇ ଭଳି ଲାଗିରହିଲେ ମଧ୍ୟ ଅନର୍ଥ ସୃଷ୍ଟି କରିପାରିବେ ନାହିଁ। ଶିଳ୍ପ,ବାଣିଜ୍ୟରେ ଲାଭାଂଶ ବଢ଼ିବା ସହ ବ୍ୟବସାୟକୁ ବହୁମୁଖୀ କରିବା ପାଇଁ ଚିନ୍ତାକରିପାରନ୍ତି।

**ମକର** ପାରିବାରିକ କାର୍ଯ୍ୟକ୍ରମରେ ବନ୍ଧୁଙ୍କ ସହ ଭୁଲ୍ ବୁଝାମଣା ହେତୁ ସମସ୍ୟା ବଢ଼ିପାରେ। ବାରମ୍ବାର ପ୍ରତିବନ୍ଧକରୁ କର୍ମକ୍ଷେତ୍ରରେ ଆଖିଦୃଶିଆ ସଫଳତା ହାସଲ କରିପାରିବେ ନାହିଁ। ଉତ୍ତରାଷାଢ଼ା ନକ୍ଷତ୍ରର ସ୍ୱାସ୍ଥ୍ୟରେ ଉନ୍ନତି ହେବାରୁ ଖୁସି ହୋଇପାରନ୍ତି । କର୍ମକ୍ଷେତ୍ରରେ ସମସ୍ୟା ବୃଦ୍ଧି ଯୋଗୁ ଅନ୍ୟମାନଙ୍କୁ ସନ୍ଦେହ ଚକ୍ଷୁରେ ଦେଖିବେ।

**କୁମ୍ଭ** ଆଜି ଯେଉଁ କାମରେ ହାତ ଦେଲେ ମଧ୍ୟ ସହଜ ଓ ସୁବିଧାରେ କାମ ହାସଲ କରିହେବ। ପୂର୍ବଭାଦ୍ରପଦ ନକ୍ଷତ୍ର ସୌଖୀନ ଦ୍ରବ୍ୟ ବ୍ୟବସାୟରୁ ଲାଭବାନ୍ ହେବେ। କର୍ମଜଞ୍ଜାଳ ବୃଦ୍ଧି ପାଇବା କାରଣରୁ ପରିଶ୍ରମ ଯୋଗୁ ସ୍ନାୟବିକ ଦୁର୍ବଳତା ଅନୁଭବ କରିପାରନ୍ତି। ଅସମର୍ଥିତ ସୂତ୍ରରୁ ହଠାତ୍ କାହାର କଥା ଶୁଣି ବ୍ୟସ୍ତ ହୁଅନ୍ତୁ ନାହିଁ।

**ମୀନ** କର୍ମକ୍ଷେତ୍ରରେ ଆକସ୍ମିକ ତର୍କ ଓ ବିବାଦ ବୃଦ୍ଧିପାଇବା କାରଣରୁ ମଧ୍ୟାହ୍ନରେ ଟେନ୍‌ସନ ବଢ଼ିପାରେ। ରେବତୀ ନକ୍ଷତ୍ର ସକାଶେ ଆପଣଙ୍କ ପ୍ରଗତିରେ ମିତ୍ରମାନେ ଈର୍ଷାପରାୟଣ ହୋଇ ପରୋକ୍ଷ ସମାଲୋଚନା କରିପାରନ୍ତି। ବିବାଦୀୟ ଘଟଣାରେ ବିଜୟୀ ହେବେ ଏବଂ ବନ୍ଧୁବର୍ଗଙ୍କ ଦ୍ୱାରା ପ୍ରଶଂସିତହେବା ସହ ସୌଭାଗ୍ୟ ପ୍ରାପ୍ତହେବ ।

ଆଜି ଫେବୃଆରୀ ୨୪ ତାରିଖ, ଫାଲ୍‌ଗୁନ ଶୁକ୍ଳ ସପ୍ତମୀଯୁକ୍ତ ଅଷ୍ଟମୀ ମଙ୍ଗଳବାର, କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ତିରୋଧାନ ଦିବସ। ରାଶିନକ୍ଷତ୍ର-କୃତ୍ତିକା/ବୃଷ, ଅଷ୍ଟମୀର ଏକୋଦ୍ଦିଷ୍ଟ ଓ ପାର୍ବଣଶ୍ରାଦ୍ଧ। ଦିବା ଘ.୦୯।୦୬ ଗତେ,ଘ.୧୦।୫୦ ମଧ୍ୟେ, ଘ.୦୧।୦୯ ଗତେ, ଘ. ୦୧।୨୬ ମଧ୍ୟେ ଶୁଦ୍ଧ ଶୁଭବେଳା। ଅପରାହ୍ନ ଘ.୦୨।୫୩ ଗତେ, ଘ.୦୪।୧୯ ମଧ୍ୟେ ରାହୁକାଳ।

ପ୍ରଥମ ପୃଷ୍ଠାରୁ...

## ବଢ଼ୁଛି ଅପମିଶ୍ରଣ...

ରାଜ୍ୟର ବ୍ୟବସାୟ ବହୁଳ ଜାଗାରେ ଏବଂ ବିଭିନ୍ନ ପର୍ବପର୍ବାଣିରେ ପହଞ୍ଚି ଖାଦ୍ୟର ମାନ ଯାଞ୍ଚ କରୁଛି। ବିଗତ ଦେଢ଼ ବର୍ଷ ମଧ୍ୟରେ ଅର୍ଥାତ୍ ୨୦୨୪-୨୫ ଏବଂ ୨୦୨୫-୨୬ ନଭେମ୍ବର ୨୦୨୫ ମଧ୍ୟରେ ୩୦ ଜିଲାରେ ଶତାଧିକ ଖାଦ୍ୟ ପଦାର୍ଥ ଅପମିଶ୍ରଣ ହୋଇଥିବା ଜଣାଯାଇଛି। ବିଭାଗୀୟ ତଥ୍ୟ ଅନୁଯାୟୀ, ଅନୁଗୋଳରେ ଚା' ସହିତ କରିପାଉଡର ଅପମିଶ୍ରଣଥିବା ଜଣାପଡ଼ିଥିବାବେଳେ ବାଲେଶ୍ୱରରେ ବିସ୍କୁଟ, ସୋୟାଚଙ୍କ୍, ମଷ୍ଟାର୍ଡ ଅଏଲ୍, ଚିକେନ ମସଲା, ଭଦ୍ରକରେ ଚିଲି ସସ୍, ଗରମ ମସଲା, ଚାଇନା ସଲ୍ଟ, ମଷ୍ଟାର୍ଡ ଅଏଲ, କେକ୍, ସୁଜି ଓ ଛତୁଆ, ବଲାଙ୍ଗୀରରେ ବଏଲ୍‌ଡ ରାଇସ୍, ସୁଜି, ନୁଡୁଲ୍‌ସ, ଚା', ସୋୟାଚଙ୍କ, ବୌଦ୍ଧରେ ହର୍ଲିକ୍ସ ସହ ଛତୁଆ, କଟକରେ ହଳଦୀ ପାଉଡର, ଧନିଆ ପାଉଡର, ଛତୁଆ ଏବଂ ଅଟା, ଦେବଗଡ଼ରେ ଗାଣ୍ଡିଆ, ବାଦାମ ଲଡ୍ଡୁ, ଢେଙ୍କାନାଳରେ ସୁଜି, ହର୍ଲିକ୍ସ, ଚା' ଏବଂ ଡାଟେସ୍, ଗଜପତିରେ ବିସ୍କୁଟ, ସୋୟାଚଙ୍କ୍, ଚିଲି ପାଉଡର, ହର୍ଲିକ୍ସ ଓ ବେସନ ରହିଛି। ସେହିପରି ଯାଜପୁରରେ ଚିଲି ପାଉଡର, ଝାରସୁଗୁଡ଼ାରେ ବିସ୍କୁଟ ଓ ସୋୟାବିନ୍ ଅଏଲ, କଳାହାଣ୍ଡିରେ ପାମୋଲିନ୍, ସନଫ୍ଲାୱାର ଅଏଲ୍, କନ୍ଧମାଳରେ ପାମୋଲିନ୍,ସନଫ୍ଲାୱାର ଅଏଲ୍ ଏବଂ ବିସ୍କୁଟ, କେନ୍ଦ୍ରାପଡ଼ାରେ ପାମ୍ପଡ଼, ସନଫ୍ଲାୱାର, ବନସ୍ପତି, ମଷ୍ଟାର୍ଡ, ଚକୋଲେଟ, ନୁଡୁଲ୍ସ, କେନ୍ଦୁଝରରେ ଚା', ରାଇସବ୍ରାନ୍ ଅଏଲ, ବିସ୍କୁଟ, ସନଫ୍ଲାୱାର, ଖୋର୍ଦ୍ଧାରେ ସର୍ବାଧିକ ୩୫ରୁ ଅଧିକ ଖାଦ୍ୟରେ ଅପମିଶ୍ରଣ ଥିବା ଯାଞ୍ଚରୁ ଜଣାପଡ଼ିଛି। ଏହାବ୍ୟତୀତ ଅବଶିଷ୍ଟ ଜିଲାରେ ତେଲଠାରୁ ଆରମ୍ଭ କରି ସ୍କିମଡ଼୍ ମିଲ୍କ ପର୍ଯ୍ୟନ୍ତ ଅଧିକାଂଶ ଖାଦ୍ୟ ପଦାର୍ଥରେ ଅପମିଶ୍ରଣ ଥିବା ସରକାରୀ ତଥ୍ୟରୁ ଜଣାପଡ଼ିଛି।

## କେନ୍ଦ୍ର ଦେଇଛି...

ସଦସ୍ୟ ନିରଞ୍ଜନ ପୂଜାରୀଙ୍କ ପ୍ରଶ୍ନର ଉତ୍ତରରେ ମୁଖ୍ୟମନ୍ତ୍ରୀ ଦେଇଥିବା ତଥ୍ୟ ଅନୁଯାୟୀ, ୨୦୨୫-୨୬ରେ ରାଜ୍ୟ ସରକାର କେନ୍ଦ୍ରୀୟ ଅନୁଦାନ ବାବଦକୁ ମୋଟ ୪୧,୫୯୧.୭୩ କୋଟି ଟଙ୍କା ପ୍ରାପ୍ତିର ଲକ୍ଷ୍ୟ ଧାର୍ଯ୍ୟ କରିଥିବା ବେଳେ ମହାଲେଖାକାର, ଓଡିଶାଙ୍କ ଠାରୁ ପ୍ରାପ୍ତ ତଥ୍ୟାନୁଯାୟୀ, ଜାନୁଆରୀ ମାସ ଶେଷ ସୁଦ୍ଧା ଏ ବାବଦରେ ମୋଟ ୧୦,୭୨୭ କୋଟି ୫୨ ଲକ୍ଷ ଟଙ୍କା ମିଳିଛି।

## ହାତଗୋଡ଼ ବାନ୍ଧି...

ଚାବି ନ ଦେବାରୁ ଗଡ୍‌ରେଜ ଭାଙ୍ଗି ଭିତରେ ଥିବା ନଗଦ ୭୦ ଲକ୍ଷ ଟଙ୍କା ଓ ୧୪ଟା ସୁନାମୁଦି, ୩ଟି ଲକେଟ ଓ କାନଫୁଲ ଆଦି ନେଇ ପଳାଇଥିଲେ। ଯିବାବେଳେ ଅମୂଲ୍ୟଙ୍କ ମୋବାଇଲ ଭାଙ୍ଗିଦେଇଥିଲେ। ଏଥିସହ ହାତଗୋଡ଼ ନ ଖୋଲି ଦୁର୍ବୃତ୍ତମାନେ ସେଠାରୁ ଚାଲିଯାଇଥିଲେ। ଦୀର୍ଘ ସମୟ ଚେଷ୍ଟାକରି ଅମୂଲ୍ୟ କଷ୍ଟରେ ହାତ ଗୋଡ଼ ଖୋଲି ସମସ୍ତଙ୍କୁ ଏ ସମ୍ପର୍କରେ ଜଣାଇଥିଲେ। ଖବରପାଇ ପୋଲିସ ସୋମବାର ସକାଳେ ପହଞ୍ଚି ବିଭିନ୍ନ ଦିଗରୁ ତଦନ୍ତ କରୁଛି। ଡକାୟତିରେ ବ୍ୟବହାର କରାଯାଇଥିବା ଭୁଜାଲିକୁ ଦୁର୍ବୃତ୍ତମାନେ ଛାଡ଼ି ଚାଲିଯାଇଥିବାରୁ ତାହାକୁ ପୋଲିସ ଜବତ କରିଛି। ଉମରକୋଟ ଥାନାରେ କେସ୍ ନଂ. ୫୭/୨୬ରେ ମାମଲା ରୁଜୁ କରାଯାଇଛି।

## ଆତଙ୍କବାଦକୁ ଦମନ...

ଇଣ୍ଟରନେଟ୍ ମାଧ୍ୟମରେ ପରସ୍ପର ମଧ୍ୟରେ ସମ୍ପର୍କ ରଖିବା ସହିତ ସାଙ୍ଗଠନିକ କାର୍ଯ୍ୟକୁ ବ୍ୟାପକ କରିବା, ଅଧିକରୁ ଅଧିକ ଲୋକଙ୍କୁ ଆତଙ୍କବାଦ କାର୍ଯ୍ୟକଳାପରେ ସାମିଲ କରୁଛନ୍ତି। ଏହାକୁ କିଭଳି ରୋକାଯାଇପାରିବ ସେନେଇ ମଧ୍ୟ ଏହି ନୀତିରେ ପଦକ୍ଷେପ ନିଆଯାଇଛି। ସେହିପରି ସୀମାପାର ଆତଙ୍କବାଦ, ଡ୍ରୋନ୍ ଏବଂ ସାଇବର୍ ବିପଦକୁ ମଧ୍ୟ ପ୍ରତିହତ କରିବା ଦିଗରେ ସ୍ୱତନ୍ତ୍ର ରଣନୀତି ଗ୍ରହଣ କରାଯିବ। ଆଇନ ବ୍ୟବସ୍ଥା ଏବଂ ମାନବାଧିକାର ଦିଗ ପ୍ରତି ସମନ୍ୱୟ ରଖାଯାଇ ଆତଙ୍କବାଦକୁ ଦୃଢ଼ ହସ୍ତରେ ପ୍ରତିହତ କରିବାକୁ ସବୁ ଦିଗରେ ପଦକ୍ଷେପ ନିଆଯିବ ବୋଲି ଏହି ନୀତିରେ ଉଲ୍ଲେଖ କରାଯାଇଛି।

## କୋରାପୁଟକୁ...

ନିଜ ଦଖଲକୁ ନେଇପାରିଛି। ତେଣୁ ଆଗାମୀ ପଞ୍ଚାୟତ ନିର୍ବାଚନ ପାଇଁ ମଧ୍ୟ ଭାଜପା କୋରାପୁଟ ଜିଲାରେ ନେତୃତ୍ୱକୁ କ୍ଷମତାଶାଳୀ କରିବା ବିଷୟକୁ ପ୍ରାଧାନ୍ୟ ଦେଇ ରାଜ୍ୟ ସଭା କଥା ଚିନ୍ତା କରିପାରେ ବୋଲି ଶୁଣାଯାଉଛି। ତେଣୁ ଏହି ଅଞ୍ଚଳର ଜଣେ ଆଦିବାସୀ ନେତା ରାଜ୍ୟ ସଭାକୁ ଗଲେ ଅଞ୍ଚଳବାସୀଙ୍କ ଦାବି ସିଧାସଳଖ କେନ୍ଦ୍ର ସରକାରଙ୍କ ନିକଟରେ ଉପସ୍ଥାପନ ହେବା ସହ ସମସ୍ତ କେନ୍ଦ୍ରୀୟ ଯୋଜନା ସଫଳ ରୂପାୟନ ହୋଇପାରିବ ବୋଲି କେତେଜଣ ମତ ପ୍ରକାଶ କରିଛନ୍ତି। ସୂଚନାଯୋଗ୍ୟ, ନିର୍ବାଚନ ହେବାକୁ ଥିବା ୪ ରାଜ୍ୟ ସଭା ଆସନ ମଧ୍ୟରୁ ସଂଖ୍ୟା ଦୃଷ୍ଟିରୁ ଭାଜପାକୁ ୨ଟି ଏବଂ ଗୋଟିଏ ବିଜେଡିକୁ ମିଳିବା ଏକପ୍ରକାର ସୁନିଶ୍ଚିତ। ମୁଖ୍ୟତଃ ୪ର୍ଥ ଆସନ ପାଇଁ କୌଣସି ଦଳ ପାଖରେ ଆବଶ୍ୟକ ସଂଖ୍ୟା ନ ଥିବାରୁ ଏହି ଆସନକୁ ନେଇ ସବୁ ଦଳ ଭିତରେ ଅଙ୍କକଷା ଚାଲିଛି।

### ଏମାନେ କ'ଣ କୁହନ୍ତି...

■ ରାୟଗଡ଼ା ରେଳ ଡିଭିଜନ କାର୍ଯ୍ୟକ୍ଷମ, ଗୁଣପୁର-ନୌପଡ଼ା ରେଳ ସଂଯୋଗ, ବ୍ରହ୍ମପୁର-ରାୟଗଡ଼ା ରାସ୍ତା ଚାରି ଲେନ୍ ସମେତ ଚଳିତ ବଜେଟରେ ରାୟଗଡ଼ା ଜିଲାରେ ଆୟୁର୍ବେଦ ମେଡିକାଲ କଲେଜ ସ୍ଥାପନା ପାଇଁ ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି। ତେଣୁ ଅଞ୍ଚଳରେ ଅଧିକ ବିକାଶ ପାଇଁ ଭାଜପା ପ୍ରଥମେ ରାଜ୍ୟ ସଭାକୁ କୋରାପୁଟ ସଂସଦୀୟ କ୍ଷେତ୍ରରୁ ଜଣଙ୍କୁ ପଠାଇବା ଜରୁରୀ।

**-କୀର୍ତ୍ତି ଚନ୍ଦ୍ର ସାହୁ, ସାମ୍ବାଦିକ, ରାୟଗଡ଼ା**

■ କୋରାପୁଟ ଲୋକ ସଭା କଂଗ୍ରେସ ଗଡ଼ ଭାବେ ପରିଚିତ। ତେଣୁ ପୂର୍ବରୁ ଏଠାରେ ଭୋଟ ହାତେଇବା ପାଇଁ ବିଜେଡି ଏହି ଅଞ୍ଚଳକୁ ଗୁରୁତ୍ୱ ଦେଇ ଜଣେ ନେତାଙ୍କୁ ରାଜ୍ୟ ସଭାକୁ ପଠାଇଥିଲା। ବର୍ତ୍ତମାନ ଏହି ଅଞ୍ଚଳର ଅଧିକ ବିକାଶ ପାଇଁ ଏବଂ ରାଜନୈତିକ ଲୋକସମ୍ପର୍କ ବଢାଇବା ପାଇଁ ମଧ୍ୟ ସୁଯୋଗ ଦେବା ଆବଶ୍ୟକ ରହିଛି।

**-ଶଶିଭୂଷଣ ପଟ୍ଟନାୟକ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ, ରାୟଗଡ଼ା**

■ ଅବିଭକ୍ତ କୋରାପୁଟରୁ ଜଣେ ରାଜ୍ୟ ସଭାକୁ ପ୍ରତିନିଧିତ୍ୱ କଲେ ଜିଲା ଲୋକ ସମ୍ପର୍କ ସୁଦୃଢ଼ ସହ ପଛୁଆ ଅଞ୍ଚଳ ଭାବେ ପରିଚିତ ଆଦିବାସୀ ଓ ଅନ୍ୟ ବର୍ଗର ଲୋକେ ଉପକୃତ ହୋଇପାରିବେ। କାରଣ ବର୍ତ୍ତମାନ କୋରାପୁଟ ବିଧାନସଭା ଆସନ ସମେତ ନବରଙ୍ଗପୁର ଓ ମାଲକାନଗିରି ଜିଲାର କିଛି ବିଧାନସଭା ଆସନ ଭାଜପା ଅଧୀନରେ ରହିଛି, ଯାହା ଲୋକଙ୍କ ଭାଜପା ପ୍ରତି ଶ୍ରଦ୍ଧାଭାଜନ ରହିଥିବା ପ୍ରମାଣିତ କରୁଛି।

**-ରମେଶ ଚନ୍ଦ୍ର ସାହୁ, ଅବସରପ୍ରାପ୍ତ ଶିକ୍ଷକ, କୋରାପୁଟ**

■ ବିକାଶ ମାନଚିତ୍ରରେ ପଛୁଆ ରହିଥିବା କାରଣରୁ ୧୯୭୭ରେ ଭାରତର ତତ୍କାଳୀନ ରାଷ୍ଟ୍ରପତି ନିଲମ୍ ସଞ୍ଜୀବ ରେଡ୍ଡୀ ବିଭକ୍ତ କୋରାପୁଟ ଜିଲାକୁ ଅନୁସୂଚିତ ଅଞ୍ଚଳ ଭାବେ ଘୋଷଣା କରିଥିଲେ। ତେବେ ଏହାପରେ କେବଳ ବିକାଶ ପାଇଁ ଯୋଜନା ହେଉଛି, ହେଲେ ଅଞ୍ଚଳର ପ୍ରକୃତ ବିକାଶ ହୋଇପାରିନାହିଁ। ବକ୍ସାଇଟ ଖଣିରେ ଭାରତରେ ଅବିଭକ୍ତ କୋରାପୁଟ ଜିଲା ସର୍ବାଗ୍ରେ ରହିଛି। ତେଣୁ ଅବିଭକ୍ତ କୋରାପୁଟ ଜିଲାର ରାଜସ୍ୱ ସହଭାଗିତା ଆଧାରରେ ପ୍ରକୃତ ବିକାଶ ପାଇଁ ଭାଜପା ଜଣେ ଯୋଗ୍ୟ, ଶିକ୍ଷିତ ଏବଂ ସମାଜର ବିକାଶ ପାଇଁ ଉତ୍ସର୍ଗ ରହିଥିବା ନିରପେକ୍ଷ ବ୍ୟକ୍ତିଙ୍କୁ ରାଜ୍ୟ ସଭାକୁ ପଠାଇବା ଜରୁରୀ ରହିଛି।

**-ଅନୁପ କୁମାର ପାତ୍ର, ମାନବାଧିକାର ଓ ସୂଚନା ଅଧିକାର କର୍ମୀ, ଜୟପୁର, କୋରାପୁଟ**

■ ମାଲକାନଗିରି ଜିଲାକୁ ସବୁବେଳେ ଅଣଦେଖା କରାଯାଉଛି। ଜିଲାରୁ କେହି ବି କେନ୍ଦ୍ରକୁ ପ୍ରତିନିଧିତ୍ୱ କରୁ ନ ଥିବାରୁ ଜିଲାରେ ମେଡିକାଲ କଲେଜ, ଏୟାରପୋର୍ଟ ଓ ଅନ୍ୟାନ୍ୟ ସୁବିଧା ହୋଇପାରୁନି। ତେଣୁ ଏହି ଅଞ୍ଚଳରୁ ଜଣଙ୍କୁ ଭାଜପା ରାଜ୍ୟ ସଭାକୁ ପଠାଇବା ଆବଶ୍ୟକ।

**-ବିଭୁ ଆସିଦାନ ସାଗରିଆ, ଆଇନଜୀବୀ, ମାଲକାନଗିରି**

■ ମାଲକାନଗିରି ଜିଲାରୁ ଯଦି କାହାକୁ ଭାଜପା ରାଜ୍ୟ ସଭାକୁ ପଠାଏ ତେବେ ଏହି ଅଞ୍ଚଳରେ ରହିଥିବା ମୌଳିକ ସମସ୍ୟାର ସମାଧାନ ହେବ ଏବଂ ଲୋକେ ଉପକୃତ ହୋଇପାରିବେ। ଏଥି ସହିତ ଭାଜପା ଦଳ ସୁଦୃଢ଼ ହେବ।

**-ଦେବାଶିଷ ହାଲଦାର, ବ୍ୟବସାୟୀ, ମାଲକାନଗିରି**

## ବର୍ଷକରେ ୧୯୬୮...

ରାଜ୍ୟରେ ୧୦୮୪ ମହିଳା ବଳାତ୍କାର ହୋଇଛନ୍ତି। ଯାଜପୁର ଜିଲାରେ ସର୍ବାଧିକ ୧୬୮ ରହିଥିବା ବେଳେ ଭୁବନେଶ୍ୱର ୟୁପିଡି ଏବଂ ବାଲେଶ୍ୱରରେ ୧୪୬ ଲେଖାଏ ରହିଛନ୍ତି। ୨୦୨୫ ମସିହାରେ ରାଜ୍ୟର ୯୨ ମହିଳାଙ୍କୁ ଗଣବଳାତ୍କାର କରାଯାଇଥିବାବେଳେ ୮ଜଣଙ୍କୁ ବଳାତ୍କାର ପରେ ହତ୍ୟା କରାଯାଇଛି। ୨୦୨୪ରେ ୮୨ ଗଣବଳାତ୍କାର ଓ ୧୨ଜଣଙ୍କୁ ବଳାତ୍କାର ପରେ ହତ୍ୟା କରାଯାଇଛି। ବାହାଘର ପାଇଁ ପ୍ରତିଶ୍ରୁତି ଦେଇ ୫୩ଜଣଙ୍କୁ ଯୌନ ନିର୍ଯାତନା ଦିଆଯାଇଛି। ୩ ମହିଳା ଏସିଡ୍ ଆକ୍ରମଣର ସମ୍ମୁଖୀନ ହୋଇଥିବା ବେଳେ ୨ଜଣଙ୍କ ଉପରେ ଏସିଡ୍ ପକାଇବାକୁ ପ୍ରୟାସ କରାଯାଇଛି। ଯୌତୁକ ପାଇଁ ୧୦୭ ମହିଳାଙ୍କୁ ହତ୍ୟା କରାଯାଇଥିବା ବେଳେ ୩୩ ମହିଳା ଯୌତୁକ ପାଇଁ ଆତ୍ମହତ୍ୟା କରିଛନ୍ତି। ଯୌତୁକ ପାଇଁ ୧୯୩୨ ଓ ଅନ୍ୟ କାରଣ ପାଇଁ ୧୩୮୯ ମହିଳାଙ୍କୁ ନିର୍ଯାତନା ଦିଆଯାଇଥିବା ଅଭିଯୋଗ ରହିଛି। ଯୌତୁକ ପାଇଁ କଟକରେ ସର୍ବାଧିକ ୨୪ ମହିଳାଙ୍କୁ ହତ୍ୟା କରାଯାଇଛି। ବାଲେଶ୍ୱରରେ ସର୍ବାଧିକ ୩୪୧ଜଣ ମହିଳାଙ୍କୁ ଯୌତୁକ ନିର୍ଯାତନା ଦିଆଯାଇଥିବାବେଳେ ଅନ୍ୟ ଘଟଣା ପାଇଁ ଯାଜପୁରର ସର୍ବାଧିକ ୨୫୯ଜଣ ମହିଳା ନିର୍ଯାତନାର ସମ୍ମୁଖୀନ ହୋଇଥିବା ତଥ୍ୟ ରହିଛି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଖାଇ ସାରିଲେ ଗାଈକି ଯିବି**
**ଖାଇ ସାରିଲି, କାହିଁକି ଯିବି ?**

ଆଜିର ସ୍ୱାର୍ଥପର ଦୁନିଆରେ ଏଭଳି ଅନେକ ବ୍ୟକ୍ତି ଅଛନ୍ତି, ଯେଉଁମାନେ ନିଜର ସ୍ୱାର୍ଥ ପୂରଣ କରିବା ଲାଗି ସାହାଯ୍ୟ ପ୍ରଦାନକାରୀ ବ୍ୟକ୍ତିଙ୍କଠାରେ ନିଜର ଆନୁଗତ୍ୟ ପ୍ରକାଶ କରିଥାନ୍ତି ବା ଦେଖାଇଥାନ୍ତି। ତେବେ ସ୍ୱାର୍ଥ ପୂରଣ ହେଲା ପରେ ସେହି ବ୍ୟକ୍ତି ଆଉ ଧରାଛୁଆଁ ଦେଇ ନ ଥାନ୍ତି। ଧୂର୍ତ୍ତ ବ୍ୟକ୍ତିଙ୍କ ଏତାଦୃଶ ପ୍ରକୃତି ହୋଇଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଖାଇଲାବେଳକୁ ପୁଅର ମା'**
**ହୁଳହୁଳୀ ଦେଲା ବେଳକୁ ତୁଣ୍ଡରେ ଘା।**

ଖାଇବାକୁ ଆଗୁସାର ଅଥଚ କାମ କରିବାକୁ ବିମୁଖ। ଅନ୍ୟ ଅର୍ଥରେ ନିଜର କାର୍ଯ୍ୟ ସାଧନ ପାଇଁ ଯେତିକି ବ୍ୟଗ୍ରତା ପ୍ରକାଶ ପାଏ, ଅନ୍ୟର ସାହାଯ୍ୟ କରିବାକୁ ସେତେଟା ବ୍ୟଗ୍ରତା ପରିଲକ୍ଷିତ ହୁଏନାହିଁ ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ




ସୋମବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# 'ବିକଶିତ ଓଡ଼ିଶା' ପାଇଁ ବଳିଷ୍ଠ ସଙ୍କଳ୍ପ

**ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଦ୍ୱାରା ୨୦ ଫେବୃଆରୀ ୨୦୨୬ ଶୁକ୍ରବାର ବିଧାନସଭାରେ ଉପସ୍ଥାପିତ ୨୦୨୬-୨୭ ଆର୍ଥିକ ବର୍ଷର ବଜେଟ ଓଡ଼ିଶା ଇତିହାସରେ ଏକ ନୂତନ ଅଧ୍ୟାୟ ସୃଷ୍ଟି କରିଛି। ୩.୧୦ ଲକ୍ଷ କୋଟି ଟଙ୍କାର ଏହି ବିଶାଳ ବଜେଟ କେବଳ ଏକ ଆର୍ଥିକ ହିସାବ ନୁହେଁ, ବରଂ ଓଡ଼ିଶାକୁ ୨୦୩୬ ସୁଦ୍ଧା ଏକ ବିକଶିତ ରାଜ୍ୟ ଭାବେ ଗଢ଼ିତୋଳିବାର ଏକ ବଳିଷ୍ଠ ସଙ୍କଳ୍ପ। ବଜେଟରେ ନାରୀ ଶକ୍ତିକୁ ସମ୍ମାନ, କୃଷକଙ୍କ କଲ୍ୟାଣ, ଭିତ୍ତିଭୂମି ବିକାଶ, ସାମାଜିକ ସୁରକ୍ଷା, ଆଧ୍ୟାତ୍ମିକ ଓ ସାଂସ୍କୃତିକ ଗୌରବ ଆଦି ଅନେକ ବିଷୟକୁ ଗୁରୁତ୍ୱ ଦିଆଯାଇଛି। ଏହି ବଜେଟ 'ଲୋକଙ୍କ ବଜେଟ'। ଏଥିରେ ଗ୍ରାମୀଣ ସଶକ୍ତୀକରଣ, ଯୁବକମାନଙ୍କ ନିମନ୍ତେ ନିଯୁକ୍ତି ଏବଂ ସବୁ ବର୍ଗର ଉନ୍ନତି ପାଇଁ ଉପଯୁକ୍ତ ଦୂରଦୃଷ୍ଟି ରହିଛି। ପ୍ରକୃତରେ ଏହା 'ସମୃଦ୍ଧ ଓଡ଼ିଶା ଓ ବିକଶିତ ଓଡ଼ିଶା' ଗଠନ ପାଇଁ ଏକ ସୁଦୃଢ଼ ମୂଳଦୁଆ ।**



## ଭୁବନେଶ୍ୱରରେ ବିଶ୍ୱସ୍ତରୀୟ ସଂଗ୍ରହାଳୟ

**ବାରିପଦାରେ ଛଉ ଏକାଡେମୀ**

ସମୃଦ୍ଧ ଐତିହ୍ୟ, ଭାଷା ଏବଂ ସାଂସ୍କୃତିକ ସମ୍ପଦ ହେଉଛି ଓଡ଼ିଶାର ପରିଚୟ ଏବଂ ବିଶ୍ୱସ୍ତରୀୟ ଆକର୍ଷଣର ଶକ୍ତିଶାଳୀ ଉତ୍ସ। ମୁଖ୍ୟମନ୍ତ୍ରୀ ବଜେଟରେ ଭୁବନେଶ୍ୱରଠାରେ ଏକ ବିଶ୍ୱସ୍ତରୀୟ ସଂଗ୍ରହାଳୟ ନିର୍ମାଣ କରିବାକୁ ପ୍ରସ୍ତାବ ଦେଇଛନ୍ତି, ଯାହା ଓଡ଼ିଶାର ଗୌରବମୟ ଅତୀତକୁ ପ୍ରଦର୍ଶନ କରିବ। ସାମରିକ କଳା କୌଶଳ 'ଛଉ' ହେଉଛି ଓଡ଼ିଶାର ଗର୍ବ। ରାଜ୍ୟ ସରକାର ବାରିପଦାଠାରେ 'ମୟୂରଭଞ୍ଜ ଛଉ ଏକାଡେମୀ' ପ୍ରତିଷ୍ଠା କରିବେ, ଯେଉଁଥିପାଇଁ ବଜେଟରେ ୧୦ କୋଟି ଟଙ୍କାର ବ୍ୟବସ୍ଥା କରାଯାଇଛି।

## ଅନ୍ୟ ପ୍ରମୁଖ ଜନକୈନ୍ଦ୍ରିକ ପଦକ୍ଷେପ

- ମଧୁବାବୁ ପେନ୍‌ସନ ଯୋଜନା ପରିପୂର୍ତ୍ତି ବା ସାଚ୍ୟୁରେଶନ ମୋଡ୍‌ରେ କାର୍ଯ୍ୟକାରୀ ହେବ। ଏହାଦ୍ୱାରା ୬ ଲକ୍ଷରୁ ଅଧିକ ନୂତନ ହିତାଧିକାରୀ ତୁରନ୍ତ ଲାଭ ପାଇବେ।
- ମିଶନ୍ ପାୱାର ମାଧ୍ୟମରେ ୨୦୨୭ ସୁଦ୍ଧା ସମସ୍ତ ରାଜସ୍ୱ ଗ୍ରାମକୁ ବିଜୁଳି, ସଡ଼କ ଏବଂ ପାଣି ସହିତ ପରିପୂର୍ତ୍ତି କରାଯିବ। ୨୦୨୬-୨୭ ପାଇଁ ୧ହଜାର କୋଟି ଟଙ୍କା ଆବଣ୍ଟନ ସହିତ ନୂତନ ଯୋଜନା 'ସଂଯୋଗରୁ ବଞ୍ଚିତ ଜନବସତିକୁ ସଂଯୋଗୀକରଣ' ଆରମ୍ଭ କରାଯାଇଛି।
- ସମସ୍ତ ଅଙ୍ଗନୱାଡିରେ ଆବଶ୍ୟକ ଭିତ୍ତିଭୂମି ପରିପୂର୍ତ୍ତି ବା ସାଚ୍ୟୁରେଶନ ମୋଡ୍‌ରେ ସମ୍ପୂର୍ଣ୍ଣ କରିବା ପାଇଁ ସମୃଦ୍ଧ ଅଙ୍ଗନୱାଡି ଯୋଜନା ଆରମ୍ଭ କରାଯାଇଛି। ୨୦୨୬-୨୭ ପାଇଁ ୬୩୫ କୋଟି ଟଙ୍କା ଆବଣ୍ଟନ କରାଯାଇଛି।



- ଜନ ଆଶ୍ରୟ ଭବନ: ଭୁବନେଶ୍ୱରଠାରେ ଅତିଥି ଗୃହ ନିର୍ମାଣ ହେବ, ଯାହା ବିଭିନ୍ନ କାର୍ଯ୍ୟ ପାଇଁ ରାଜ୍ୟ ରାଜଧାନୀକୁ ଜିଲାଗୁଡ଼ିକରୁ ଆସୁଥିବା ଲୋକମାନଙ୍କ ଆବଶ୍ୟକତା ପୂରଣ କରିପାରିବ।
- ଡାଲଖାଇ: ପର୍ଯ୍ୟାପ୍ତ କର୍ମ ସଂସ୍ଥାନ ଅଭାବ ଯୋଗୁ ହେଉଥିବା ସ୍ଥାନାନ୍ତରଣ ପ୍ରବଣ ଜିଲାଗୁଡିକରେ ବିପର୍ଯ୍ୟୟ ପ୍ରବାସକୁ ରୋକିବା ପାଇଁ ଡାଲଖାଇ ଯୋଜନା। ୨୦୨୬-୨୭ ପାଇଁ ୨୨୦ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି।




- ୨୩ କୋଟି ଟଙ୍କାର ବ୍ୟୟବରାଦ ସହିତ ଓଡ଼ିଶା ଏଆଇ ମିଶନ।
- ପର୍ଯ୍ୟଟନ ଭିତ୍ତିଭୂମି ପାଇଁ ଲ୍ୟାଣ୍ଡ ବ୍ୟାଙ୍କ ସୃଷ୍ଟି। ୨୦୨୬-୨୭ ବର୍ଷ ପାଇଁ ୧୫୦ କୋଟି ଟଙ୍କା ଆବଣ୍ଟନ କରାଯାଇଛି।
- ରାଜ୍ୟର ପୁଞ୍ଜି ବ୍ୟୟ ବର୍ତ୍ତମାନ ସୁଦ୍ଧା ସର୍ବୋଚ୍ଚସ୍ତରରେ ୭୨,୧୦୦ କୋଟି ଟଙ୍କା ରହିଛି, ଯାହା ଜିଏସ୍‌ଡିପିର ୬.୫%। ଏହି ପୁଞ୍ଜି ବ୍ୟୟବରାଦ ଦେଶର ସମସ୍ତ ପ୍ରମୁଖ ରାଜ୍ୟ ତୁଳନାରେ ସର୍ବାଧିକ ଅଟେ।
- ୨୦୨୬-୨୭ (ବଜେଟ) ପାଇଁ ସମସ୍ତ ନିଅଣ୍ଟ ମାନଦଣ୍ଡ ଏବଂ ଋଣ ମାନଦଣ୍ଡ (ଏଫ୍‌ଆର୍‌ବିଏମ୍) ଅଧିନିୟମ ଅନୁକୂଳ ଅଟେ।
- ଆର୍ଥିକ ବର୍ଷ ୨୦୨୫-୨୬ରେ ରାଜ୍ୟର ଅର୍ଥନୀତି ୭.୯% ଦରରେ ବୃଦ୍ଧି ପାଇବ।
- ୨୦୨୬ ଏପ୍ରିଲ ପହିଲାଠାରୁ ପେସା ବା ବୃତ୍ତି ଉପରେ ଟିକସ (ପ୍ରଫେଶନାଲ ଟ୍ୟାକ୍ସ) ପ୍ରତ୍ୟାହାର, ଯାହାଦ୍ୱାରା ବିଭିନ୍ନ ବୃତ୍ତି ନିୟୋଜିତ ଲୋକମାନେ ଉପକୃତ ହେବେ।

## ସମ୍ବଲପୁର, ବ୍ରହ୍ମପୁରରେ ହେବ ବିଶ୍ୱ ଦକ୍ଷତା କେନ୍ଦ୍ର



ବିଶ୍ୱ ଦକ୍ଷତା କେନ୍ଦ୍ର: ସମ୍ବଲପୁର ଏବଂ ବ୍ରହ୍ମପୁରରେ ୨୭୮ କୋଟି ଟଙ୍କା ନିବେଶରେ ବିଶ୍ୱ ଦକ୍ଷତା କେନ୍ଦ୍ରର ଦୁଇଟି ନୂତନ କ୍ୟାମ୍ପସ ପ୍ରତିଷ୍ଠା କରାଯିବ ବୋଲି ମୁଖ୍ୟମନ୍ତ୍ରୀ ବଜେଟରେ ଘୋଷଣା କରିଛନ୍ତି। ରାଜ୍ୟ ସରକାର ୨୦୪୭ ସୁଦ୍ଧା 'ବିଶ୍ୱ ଦକ୍ଷତା କେନ୍ଦ୍ର' ୭ଟି କ୍ୟାମ୍ପସ ଏବଂ ୨୦୩୬ ସୁଦ୍ଧା ଅନ୍ତତଃ ୫ଟି କ୍ୟାମ୍ପସ ପ୍ରତିଷ୍ଠା କରିବାକୁ ଲକ୍ଷ୍ୟ ରଖିଛନ୍ତି। ଏହି କ୍ୟାମ୍ପସଗୁଡ଼ିକ ଯୁବତୀଯୁବକମାନଙ୍କୁ ବିଶ୍ୱସ୍ତରୀୟ ପ୍ରତିଯୋଗିତାମୂଳକ ଦକ୍ଷତା ସହିତ ପ୍ରସ୍ତୁତ କରିବା ପାଇଁ ଆଧୁନିକ ତଥା ଶିଳ୍ପ-ଭିତ୍ତିକ ପ୍ରଶିକ୍ଷଣ ପ୍ରଦାନ କରିବ। ପ୍ରତ୍ୟେକ କ୍ୟାମ୍ପସରେ ଆଇଟିଆଇ, ପଲିଟେକ୍‌ନିକ ଏବଂ ଅନ୍ୟାନ୍ୟ ଆଗ୍ରହୀ ଯୁବତୀଯୁବକଙ୍କ ମଧ୍ୟରୁ ବାର୍ଷିକ ପ୍ରାୟ ୨,୦୦୦ ଛାତ୍ରୀଛାତ୍ର ପ୍ରଶିକ୍ଷଣ ପାଇବାର କ୍ଷମତା ରହିବ। ଏହି ପ୍ରକ୍ରିୟା ଆରମ୍ଭ କରିବା ପାଇଁ ମୁଖ୍ୟମନ୍ତ୍ରୀ ଓଡ଼ିଶା ଦକ୍ଷତା ବିକାଶ ପ୍ରକଳ୍ପ – ଦ୍ୱିତୀୟ ପର୍ଯ୍ୟାୟ ଅଧୀନରେ ୧୦ କୋଟି ଟଙ୍କା ବଜେଟରେ ଆବଣ୍ଟନ କରିଛନ୍ତି।

## ୩ ଅର୍ଥନୈତିକ କ୍ଷେତ୍ର

- ବରଗଡ଼-ଝାରସୁଗୁଡ଼ା-ସମ୍ବଲପୁର
- ବ୍ରହ୍ମପୁର-ଛତ୍ରପୁର-ଗୋପାଳପୁର
- ଜୟପୁର-କୋରାପୁଟ-ସୁନାବେଡ଼ା

ଭୁବନେଶ୍ୱର-କଟକ-ପୁରୀ-ପାରାଦୀପ ଅର୍ଥନୈତିକ କ୍ଷେତ୍ର (ବିସିପିପିଇଆର୍) ପାଇଁ ବ୍ୟାପକ ଅର୍ଥନୈତିକ ଯୋଜନା ଶୁଭାରମ୍ଭ କରାଯାଇଛି। ବିସିପିପିଇଆର୍‌କୁ ମଡେଲ ଭାବେ ଗ୍ରହଣ କରାଯାଇ ବଜେଟରେ ପର୍ଯ୍ୟାୟକ୍ରମେ ତିନୋଟି ଅତିରିକ୍ତ ଅର୍ଥନୈତିକ କ୍ଷେତ୍ର ଯଥା ବରଗଡ଼-ଝାରସୁଗୁଡ଼ା-ସମ୍ବଲପୁର, ବ୍ରହ୍ମପୁର-ଛତ୍ରପୁର-ଗୋପାଳପୁର ଏବଂ ଜୟପୁର-କୋରାପୁଟ-ସୁନାବେଡ଼ାକୁ ଅର୍ଥନୈତିକ କ୍ଲଷ୍ଟର ଭାବେ ପରିଣତ କରାଯିବ।



## ଶ୍ରୀ ଜଗନ୍ନାଥ ବ୍ୟାଖ୍ୟାନ କେନ୍ଦ୍ର

ପୁରୀରେ ୧ ହଜାର କୋଟି ଟଙ୍କା ବ୍ୟୟ ଅଟକଳରେ ଏକ ବିଶ୍ୱସ୍ତରୀୟ ଶ୍ରୀଜଗନ୍ନାଥ ବ୍ୟାଖ୍ୟାନ କେନ୍ଦ୍ର ପ୍ରତିଷ୍ଠା କରାଯିବ।

## ଡିଜିଟାଲ ହୁଣ୍ଡି

ଶ୍ରୀଜଗନ୍ନାଥ ମନ୍ଦିର ପାଇଁ 'ସମର୍ପଣ' ନାମରେ ଏକ ସୁରକ୍ଷିତ ଅନ୍‌ଲାଇନ ଦାନ ପ୍ଲାଟଫର୍ମ ପ୍ରଚଳନ କରାଯାଇଛି।

**ନାରୀ ଶକ୍ତିକୁ ସମ୍ମାନ:** 'ମୁଖ୍ୟମନ୍ତ୍ରୀ କନ୍ୟା ସୁମଙ୍ଗଳ ଯୋଜନା' ମାଧ୍ୟମରେ କନ୍ୟା ସନ୍ତାନର ଜନ୍ମଠାରୁ ଗ୍ରାଜୁଏସନ ପର୍ଯ୍ୟନ୍ତ ଆର୍ଥିକ ସହାୟତା ପ୍ରଦାନ କରିବା ଏକ ଯୁଗାନ୍ତକାରୀ ନିଷ୍ପତ୍ତି। ଯୋଜନାରେ ନବଜାତ କନ୍ୟା ଶିଶୁଙ୍କ ନାମରେ ୨୦,୦୦୦ ଟଙ୍କା ଜମା କରାଯିବ। ସ୍ନାତକ ପାଠ ସମାପ୍ତ କରିବା ପରେ କନ୍ୟାସନ୍ତାନ ୧ଲକ୍ଷ ୧ଟଙ୍କା ପାଇବେ।

**କୃଷକ କଲ୍ୟାଣ:** ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ୩୧୦୦ ଟଙ୍କାକୁ ବୃଦ୍ଧି ଏବଂ 'ସମୃଦ୍ଧ କୃଷକ ଯୋଜନା' ଚାଷୀମାନଙ୍କ ଆର୍ଥିକ ମେରୁଦଣ୍ଡକୁ ଶକ୍ତିଶାଳୀ କରିବ।

**ଭିତ୍ତିଭୂମି ବିକାଶ:** 'ନମୋ ଏକ୍ସପ୍ରେସ୍‌ୱେ' ଏବଂ 'ଅଟଳ ଏକ୍ସପ୍ରେସ୍‌ୱେ' ଭଳି ପ୍ରକଳ୍ପ ରାଜ୍ୟର ଯୋଗାଯୋଗ ବ୍ୟବସ୍ଥାରେ ଏକ ବୈପ୍ଳବିକ ପରିବର୍ତ୍ତନ ଆଣିବ।

**ସାମାଜିକ ସୁରକ୍ଷା:** ମଧୁବାବୁ ପେନସନ ଯୋଜନାରେ ନୂତନ ହିତାଧିକାରୀଙ୍କୁ ସାମିଲ କରି ସମାଜର ଅନ୍ତିମ ପାହାଚରେ ଥିବା ବ୍ୟକ୍ତିଙ୍କୁ ସୁରକ୍ଷା ଦେବା ଏକ ମହତ ପ୍ରୟାସ।

**ଆଧ୍ୟାତ୍ମିକ ଓ ସାଂସ୍କୃତିକ ଗୌରବ:** ପୁରୀରେ 'ଜଗନ୍ନାଥ ଇଣ୍ଟରପ୍ରିଟେସନ ସେଣ୍ଟର' ଏବଂ ଐତିହ୍ୟର ସଂରକ୍ଷଣ ପାଇଁ ବ୍ୟୟବରାଦ ଓଡ଼ିଶାର ଅସ୍ମିତାକୁ ଗୁରୁତ୍ୱ ଦେଇଛି।

## ପ୍ରତିଷ୍ଠା ହେବ ୪ ନୂଆ ବିଶ୍ୱବିଦ୍ୟାଳୟ

କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର, ଭଦ୍ରକ ଏବଂ ଝାରସୁଗୁଡ଼ା ଜିଲା ମୁଖ୍ୟାଳୟରେ ୪ଟି ନୂତନ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା କରାଯିବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବଜେଟରେ ଘୋଷଣା କରିଛନ୍ତି।

## ପାରାଦୀପ, ବଲାଙ୍ଗୀରରେ ହେବ ସରକାରୀ ଇଞ୍ଜିନିୟରିଂ କଲେଜ

ରାଜ୍ୟ ସରକାର ଭୁବନେଶ୍ୱରସ୍ଥିତ ଓଡ଼ିଶା ପ୍ରଯୁକ୍ତିବିଦ୍ୟା ଓ ଗବେଷଣା ବିଶ୍ୱବିଦ୍ୟାଳୟ ଏବଂ ବୁର୍ଲାର ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟକୁ ବିଶ୍ୱସ୍ତରୀୟ ବୈଷୟିକ ବିଶ୍ୱବିଦ୍ୟାଳୟରେ ରୂପାନ୍ତରିତ କରିବା ଉପରେ ଧ୍ୟାନକେନ୍ଦ୍ରିତ କରିଛନ୍ତି। ଏହାସହ ମୁଖ୍ୟମନ୍ତ୍ରୀ ପାରାଦୀପ ଏବଂ ବଲାଙ୍ଗୀରଠାରେ ୨ଟି ନୂତନ ସରକାରୀ ଇଞ୍ଜିନିୟରିଂ କଲେଜ ପ୍ରତିଷ୍ଠା କରିବାକୁ ବଜେଟରେ ପ୍ରସ୍ତାବ ଦେଇଛନ୍ତି।

## ପ୍ରତିଷ୍ଠା ହେବ ୫ ନୂଆ ମେଡିକାଲ କଲେଜ

ଗୁଣାତ୍ମକ ଚିକିତ୍ସା ଶିକ୍ଷାର ସମ୍ପ୍ରସାରଣ ଏବଂ ଆୟୁଷ ପରିସଂସ୍ଥାକୁ ସୁଦୃଢ଼ କରିବା ପାଇଁ ମୁଖ୍ୟମନ୍ତ୍ରୀ ଗଜପତି, ମାଲକାନଗିରି ଏବଂ ରାୟଗଡ଼ାଠାରେ ୩ଟି ନୂତନ ଆୟୁର୍ବେଦିକ ମେଡିକାଲ କଲେଜ ଏବଂ ନୟାଗଡ଼ ଓ ନୂଆପଡ଼ାଠାରେ ୨ଟି ନୂତନ ହୋମିଓପାଥି ମେଡିକାଲ କଲେଜ ପ୍ରତିଷ୍ଠା ପାଇଁ ଘୋଷଣା କରିଛନ୍ତି।

## ୩ବର୍ଷରେ ବଢ଼ିବ ୫,୦୦୦ ଆଇପିଡି ଶଯ୍ୟା



ବୃଦ୍ଧି ପାଉଥିବା ରୋଗୀଙ୍କ ସଂଖ୍ୟା ଏବଂ ଲୋକଙ୍କ ଆବଶ୍ୟକତାକୁ ପୂରଣ କରିବା ପାଇଁ ସରକାର ଆସନ୍ତା ୩ ବର୍ଷରେ ମେଡିକାଲ କଲେଜ, ଜିଲା ମୁଖ୍ୟ ଚିକିତ୍ସାଳୟ ଏବଂ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରଗୁଡ଼ିକରେ ଅତିରିକ୍ତ ଭାବେ ୫,୦୦୦ ଆଇପିଡି ଶଯ୍ୟା ଏବଂ ୧୦୦୦ ଉନ୍ନତ ଆଇସିୟୁ ଶଯ୍ୟା ଏବଂ ୫୦୦ ଉଚ୍ଚ ନିର୍ଭରଶୀଳତା ୟୁନିଟ୍ (ଏଚଡିୟୁ) ପର୍ଯ୍ୟାପ୍ତ ମାନବସମ୍ବଳ ଏବଂ ଭିତ୍ତିଭୂମି ସହିତ ଯୋଡ଼ାଯିବ।

## ୩ ନୂଆ ଏକ୍ସପ୍ରେସ୍ ୱେ

- ଉତ୍ତର-ଦକ୍ଷିଣ କରିଡର: ଅଟଳ ଏକ୍ସପ୍ରେସ୍ ୱେ
- ପୂର୍ବ-ପଶ୍ଚିମ କରିଡର: ନମୋ ଏକ୍ସପ୍ରେସ୍ ୱେ
- ୨୮୭ କି.ମି. ଦୈର୍ଘ୍ୟ ବିଶିଷ୍ଟ ବ୍ରହ୍ମପୁର-ଜୟପୁର ରାସ୍ତା

ରାଜ୍ୟ ସରକାର ଆଗାମୀ ପିଢ଼ି ପାଇଁ ବିଶ୍ୱସ୍ତରୀୟ ଭିତ୍ତିଭୂମି ନିର୍ମାଣ କରିବାକୁ ବଜେଟରେ ଯୋଜନା କରିଛନ୍ତି। ତଦନୁଯାୟୀ ମୁଖ୍ୟମନ୍ତ୍ରୀ ନୂତନ ପ୍ରମୁଖ ସଡ଼କ ପ୍ରକଳ୍ପଗୁଡ଼ିକର ବିକାଶ ପାଇଁ ପ୍ରସ୍ତାବ ଦେଇଛନ୍ତି। ସେଥିମଧ୍ୟରେ କୋରାପୁଟ ଜିଲାର ଜୟପୁର ସହ ବ୍ରହ୍ମପୁରକୁ ସଂଯୋଗ କରିବା ପାଇଁ ପ୍ରାୟ ୯୦୦୦ କୋଟି ଟଙ୍କା ବ୍ୟୟରେ ୨୮୭ କିଲୋମିଟର ଦୈର୍ଘ୍ୟ ବିଶିଷ୍ଟ ବ୍ରହ୍ମପୁର-ଜୟପୁର ରାସ୍ତା ବିକଶିତ ହେବ। ସେହିପରି ପୂର୍ବ-ପଶ୍ଚିମ କରିଡରର ଅଂଶବିଶେଷ ଭାବେ ଗଜପତି ଜିଲାର ପାରଳାଖେମୁଣ୍ଡିକୁ ବରଗଡ଼ ଜିଲାର ଅମ୍ବାଭୋନା ସହିତ ସଂଯୋଗ କରିବା ପାଇଁ 'ନମୋ ଏକ୍ସପ୍ରେସ ୱେ' ନିର୍ମାଣ ହେବ। ଅନ୍ୟପକ୍ଷରେ ଉତ୍ତର-ଦକ୍ଷିଣ କରିଡରର ଅଂଶ ଭାବେ ମାଲକାନଗିରି ଜିଲାର ମୋଟୁକୁ ମୟୂରଭଞ୍ଜ ଜିଲ୍ଲାର ତିରିଂ ସହିତ ସଂଯୋଗ କରିବା ପାଇଁ ୬୯୯ କିଲୋମିଟର ବିଶିଷ୍ଟ ଅଟଳ ଏକ୍ସପ୍ରେସ ୱେ ନିର୍ମାଣ କରାଯିବ।



ADVERTORIAL-1 IPR-ADV-3-ADV-0016-2026

ଅନ୍ୟମାନେ ତୁମ ସମ୍ବନ୍ଧରେ କ'ଣ କହୁଛନ୍ତି, କରୁଛନ୍ତି ଓ ଭାବୁଛନ୍ତି- ସେକଥାକୁ ନେଇ ଯଦି ତୁମେ ଆଘାତ ପାଉଥାଅ ବା ବ୍ୟଥିତ ହେଉଥାଅ- ତା'ହେଲେ ତୁମେ ଜଣେ ଦୁର୍ବଳ ମଣିଷ ଏବଂ ତୁମେ କେବେ ଏକାନ୍ତ ଭାବେ ଭଗବାନଙ୍କ ପ୍ରଭାବର ଅଧୀନ ହୋଇ ବଞ୍ଚ ନାହିଁ।-ଶ୍ରୀମା



# ସହଜରେ ମଦ

କାଚବୋତଲ ପରିବର୍ତ୍ତେ କାଗଜ ପ୍ୟାକେଟରେ ମଦ ବଜାରକୁ ଆଣିବା ଲାଗି ବ୍ୟବସ୍ଥା କରାଯାଉଛି ବୋଲି ନିକଟରେ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ବିଧାନସଭାରେ କହିଛନ୍ତି। ନୂଆ ଅବକାରୀ ନୀତିରେ ନିୟମ ଅଣାଯାଇ କୁହାଯାଇଛି ଯେ, ଟେଟ୍ରା ପ୍ୟାକ୍‌ରେ ମଦ ବିକ୍ରି କରାଯିବ। ଏଭଳି ପ୍ୟାକେଜିଂ ବ୍ୟବସ୍ଥା ପରିବେଶ ଅନୁକୂଳ ବୋଲି ସରକାରୀ ସୂତ୍ରରୁ ଜଣାପଡ଼ିଛି। ଅବଶ୍ୟ ଟେଟ୍ରା ପ୍ୟାକ୍ କେଉଁ ଦୃଷ୍ଟିରୁ ପରିବେଶ ପାଇଁ ଅନୁକୂଳ ହେବ ତାହା ବୁଝିବା କଷ୍ଟକର। ବୋର୍ଡ(ମୋଟା) କାଗଜ, ପଲିଥିନ୍ ଓ ଆଲୁମିନିୟମ୍ ମିଶ୍ରଣରେ ପ୍ରସ୍ତୁତ ଟେଟ୍ରା ପ୍ୟାକ୍‌ର ଭିତର ଅଂଶ ଜଳରେ ଓଦା ହୁଏନାହିଁ। କିନ୍ତୁ ଟେଟ୍ରା ପ୍ୟାକ୍ ପ୍ରସ୍ତୁତିରେ ଯେଉଁସବୁ ଉପାଦାନ ରହୁଛି ସେଗୁଡ଼ିକ କାଗଜ ବ୍ୟତୀତ ବାୟୋଡିଗ୍ରେଡେବଲ ବା ମାଟିରେ ସହଜେ ମିଶିବ ନାହିଁ। ଆଲୁମିନିୟମ୍ ଭଳି ପଦାର୍ଥ ମାଟିରେ ମିଶିବା ପାଇଁ ୨୦୦ରୁ ୫୦୦ ବର୍ଷ ଲାଗିଥାଏ। ସେହିଭଳି ପଲିଥିନ୍ ବା ପଲିମର୍ସକୁ ୨୦ରୁ ୧୦୦୦ ବର୍ଷ ପର୍ଯ୍ୟନ୍ତ ଲାଗିଥାଏ ମାଟିରେ ମିଶିବା ପାଇଁ। ଏଣୁ ଟେଟ୍ରା ପ୍ୟାକ୍‌ର ଦ୍ୱିତୀୟ ବ୍ୟବହାର ନ ଥିବାରୁ ଏହା ପରିବେଶର ବିରାଟକାୟ କ୍ଷତି କରିଥାଏ। ସରକାରଙ୍କ ଉପରଲିଖିତ ଦୃଢ଼ୋକ୍ତି ସମ୍ପୂର୍ଣ୍ଣ ଭାବେ ଅସତ୍ୟ ତଥ୍ୟ ଉପରେ ଆଧାରିତ ବୋଲି ବୁଝାପଡୁଛି।

ଏହା ବ୍ୟତୀତ ମନେରଖିବାକୁ ହେବ ଯେ, ଆଲୁମିନିୟମ୍ ପ୍ରସ୍ତୁତିରେ ବକ୍ସାଇଟ ଓ ବିଦ୍ୟୁତ୍‌ଶକ୍ତିର ବ୍ୟବହାର ମୁଖ୍ୟତଃ ହୋଇଥାଏ। ଏହା ଏକ ହେଭି ମେଟାଲ ହୋଇଥିବାରୁ ମଦ ଭଳି ଜଳ ଏବଂ ଆଲ୍‌କୋହଲ ମିଶ୍ରିତ କମ୍ପାଉଣ୍ଡ୍ ବା ଯୌଗିକ ବସ୍ତୁ ସହ ପ୍ରତିକ୍ରିୟା ହେବ। ଏହି ପ୍ରତିକ୍ରିୟାର କୁଫଳ ଟେଟ୍ରା ପ୍ୟାକ୍‌ରୁ ମଦ ପିଉଥିବା ବ୍ୟକ୍ତିଙ୍କ ଶରୀରରେ ପ୍ରବେଶ କରି ବିଭିନ୍ନ ମାରାତ୍ମକ ରୋଗ ଆରମ୍ଭ କରିବ। ସେହି ଟେଟ୍ରା ପ୍ୟାକ୍‌ରେ ଫଳରସ ବା ଗୋରସ ରହିଲେ କୌଣସି ରାସାୟନିକ ପ୍ରତିକ୍ରିୟା ହୋଇ ନ ଥାଏ। ଅନ୍ୟ ଦେଶଗୁଡ଼ିକରେ ଗ୍ରାହକଙ୍କ ସ୍ୱାସ୍ଥ୍ୟକୁ ଅଧିକ ଗୁରୁତ୍ୱ ଦିଆଯାଉଥିବାରୁ ସାଧାରଣତଃ ଟେଟ୍ରା ପ୍ୟାକ୍‌ରେ ମଦ ମିଳେ ନାହିଁ। ଦକ୍ଷିଣ ଓ ପଶ୍ଚିମ ଭାରତର କେତୋଟି ରାଜ୍ୟରେ ଏବେ ଟେଟ୍ରା ପ୍ୟାକ୍‌ରେ ମଦ ମିଳୁଛି। ଏହିସବୁ ରାଜ୍ୟ ହେଲେ କର୍ଣ୍ଣାଟକ, ମହାରାଷ୍ଟ୍ର ଏପରିକି ଉତ୍ତରରେ ଉତ୍ତରପ୍ରଦେଶ।

୧୮ ନଭେମ୍ବର ୨୦୨୫ରେ ସୁପ୍ରିମକୋର୍ଟ ଟେଟ୍ରା ପ୍ୟାକ୍‌ରେ ମଦ ବିକ୍ରି ବିପଜ୍ଜନକ ବୋଲି କହିଥିଲେ। ଜୁସ୍ ପ୍ୟାକେଟ ପରି ଦେଖାଯାଉଥିବାରୁ ପିଲାଙ୍କ ହାତରେ ଏଭଳି ଟେଟ୍ରା ପ୍ୟାକ୍ ପଡ଼ିଗଲେ ମାତାପିତା ଓ ଶିକ୍ଷକମାନେ ସେଥିରେ ନିଶାଦ୍ରବ୍ୟ ଅଛି କି ନାହିଁ ଜାଣିବା କଷ୍ଟକର ହୋଇପଡ଼ିବ। ଏକ ମାମଲାରେ 'ଅଫିସର୍ସ ଚଏସ୍' ତିଆରି କରୁଥିବା ଆଲାଇଡ ବ୍ଲେଣ୍ଡର୍ସ ଏବଂ 'ଅରିଜିନାଲ ଚଏସ୍' ନାମରେ ହୁଇସ୍କି ବିକ୍ରି କରୁଥିବା ଜନ୍ ଡିଷ୍ଟିଲର୍ସ ଜଡ଼ିତ ଥିଲେ। ସେମାନଙ୍କ ବ୍ୟବସାୟିକ ପ୍ରତିଦ୍ୱନ୍ଦ୍ୱିତା ଏକ ରୋଚକ ମୋଡ଼ରେ ପହଞ୍ଚିଥିଲା ଯେଉଁଥିରେ ଦୁଇଟି କମ୍ପାନୀ ଇଣ୍ଟେଲେକ୍ଚୁଆଲ ପ୍ରପର୍ଟି ଆପିଲେଟ ବୋର୍ଡ (ଆଇପିଏବି) ନିକଟରେ ପରସ୍ପରର ଟ୍ରେଡ୍‌ମାର୍କ ସଂଶୋଧନ ପାଇଁ ଆବେଦନ କରିଥିଲେ। ଏକ ଆଦେଶରେ ଆଇପିଏବି ଦୁଇଟି ଆବେଦନକୁ ଖାରଜ କରି କହିଥିଲା ଯେ, ଟ୍ରେଡମାର୍କରେ ଏତେ ସମାନତା ନାହିଁ ଯାହା ଗ୍ରାହକଙ୍କୁ ଭ୍ରମରେ ପକାଇବ। କିନ୍ତୁ ନଭେମ୍ବର ୭ ତାରିଖରେ ମାଡ୍ରାସ ହାଇକୋର୍ଟର ଏକ ଡିଭିଜନ ବେଞ୍ଚ୍ 'ଅରିଜିନାଲ ଚଏସ୍' ଟ୍ରେଡ୍‌ମାର୍କକୁ 'ଅଫିସର୍ସ ଚଏସ୍' ସହିତ ସମାନତା ଥିବାରୁ ସଂଶୋଧନ ନିର୍ଦ୍ଦେଶ ଦେଇଥିଲେ। ଏହାକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରାଯାଇଥିଲା, ଯେଉଁଠାରେ ବିଭିନ୍ନ ଆକାରର ବୋତଲ ଓ ଟେଟ୍ରା ପ୍ୟାକ୍ ଖଣ୍ଡପୀଠକୁ ଦେଖାଯାଇଥିଲା। ଏହି ଟେଟ୍ରା ପ୍ୟାକ୍‌ଗୁଡ଼ିକ ଦେଖି ସୁପ୍ରିମ୍‌କୋର୍ଟ ଖଣ୍ଡପୀଠ ଆଶ୍ଚର୍ଯ୍ୟ ବ୍ୟକ୍ତ କଲେ ଓ ଏହାର ନକାରାତ୍ମକ ଦିଗ ଉପରେ ଦୃଷ୍ଟି ଦେବାକୁ ଯାଇ ସତର୍କ କରାଇଲେ। ଖଣ୍ଡପୀଠ ଏହା ମଧ୍ୟ କହିଲେ ରାଜ୍ୟ ସରକାରଗୁଡ଼ିକ ଜନସାଧାରଣଙ୍କ ସ୍ୱାସ୍ଥ୍ୟ ଅପେକ୍ଷା ରାଜସ୍ୱ ଉପରେ ଅଧିକ ଗୁରୁତ୍ୱ ଦେଉଛନ୍ତି। ଏହା ନିଶ୍ଚିତ ଭାବେ ଏକ ଚିନ୍ତାର ବିଷୟ।

ସରକାର ତାଙ୍କ ଆୟ ବଢ଼ାଇବା ପାଇଁ ମଦକୁ ଏକ ବଡ଼ ଧରଣର ସୂତ୍ର ଭାବେ ଧରିନେଇଛନ୍ତି। ଏଥିସହିତ ସରକାରଙ୍କୁ ଅନେକ ପ୍ରକାରର ସ୍ୱାସ୍ଥ୍ୟ ସମ୍ପର୍କିତ ମାଗଣା ଯୋଜନା ପରିଚାଳନା କରିବାକୁ ପଡୁଛି। ନାଗରିକଙ୍କ ସ୍ୱାସ୍ଥ୍ୟ ସୁରକ୍ଷା ସମ୍ବନ୍ଧୀୟ ସବୁପ୍ରକାର ସରକାରୀ ଖର୍ଚ୍ଚ ପୃଥିବୀର ସବୁ ଦେଶରେ ସମର୍ଥନ ପାଇଥାଏ। ବିକଶିତ ଦେଶଗୁଡ଼ିକରେ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ଗବେଷଣା ସବୁବେଳେ ଚାଲିଥାଏ। ଘରୋଇ କମ୍ପାନୀଗୁଡ଼ିକ ଚାପରେ ଅନେକ କାର୍ଯ୍ୟ ହେଉଥିବା ସତ୍ତ୍ୱେ ବିପରୀତ ଯୁକ୍ତି ଜୋର୍‌ସୋର ଶୁଣିବାକୁ ମିଳିଥାଏ। ଉଦାହରଣ ସ୍ୱରୂପ ୬ ବର୍ଷ ପୂର୍ବେ ହୋଇଥିବା କୋଭିଡ ନିରାକରଣ ପାଇଁ ପୃଥିବୀର ୨/୩ଟି ଔଷଧୀୟ କମ୍ପାନୀ ଭ୍ୟାକ୍ସିନ ବା ଟିକା ପ୍ରସ୍ତୁତ କରି ବିକ୍ରି ଆରମ୍ଭ କରିଦେଲେ। ପୃଥିବୀବ୍ୟାପୀ ବୋକା ଜନସାଧାରଣ ଏହି ଟିକା ପାଇଁ ବାଡ଼ିଆପିଟା ହେଲେ। ସେହି ସମୟରେ ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ତାଙ୍କର ପ୍ରଥମ ଚାରିବର୍ଷିଆ ଶାସନ କାଳରେ ଟିକା ବିରୋଧରେ ଖୋଲାଖୋଲି ମତ ଦେବା ସହିତ ମୁହଁ ଢାଙ୍କିବାକୁ ଅସ୍ୱୀକାର କରିଥିଲେ। ତାଙ୍କ ସହିତ ଆମେରିକାରେ 'ଆଣ୍ଟି ଭ୍ୟାକ୍ସର' ନାମରେ ଏକ ବିରାଟ ଗୋଷ୍ଠୀ ଦେଶବ୍ୟାପୀ ସୃଷ୍ଟି ହେଲା, ଯେଉଁମାନେ କୋଭିଡ୍ ଭ୍ୟାକ୍ସିନ୍ ନେଲେ ନାହିଁ। ସେହି ସମୟରେ ଛାତ ଉପରେ ଛିଡ଼ାହୋଇ ଘଣ୍ଟ ବାଡ଼େଇଥିବା କ୍ଲାନ୍ତ ଭାରତୀୟ ଉଡ଼ାଜାହାଜ, ରେଳଗାଡ଼ି, ସ୍କୁଲ ଓ କଲେଜରେ ନାମ ଲେଖାଇବା ସହିତ ଅନେକ ମୌଳିକ କାର୍ଯ୍ୟ କରିବାକୁ ଚାହୁଁଥିଲେ ମଧ୍ୟ ସରକାରୀ ନିୟମ ଅନୁଯାୟୀ ଟିକା ନେବାର ପ୍ରମାଣପତ୍ର ପ୍ରଦାନ କରିବା ବାଧ୍ୟତାମୂଳକ ହୋଇଗଲା। ଏବେ ଜଣାପଡୁଛି ବିଶ୍ୱବ୍ୟାପୀ ଅନେକ ଲୋକଙ୍କ ମୃତ୍ୟୁ ବର୍ତ୍ତମାନ ମଧ୍ୟ ଘଟୁଛି ସେହି କୋଭିଡ ଭ୍ୟାକ୍ସିନ୍‌ର କୁପ୍ରଭାବ ଯୋଗୁ। ଏଥିରୁ ଶିଖିବା କଥା ଯେ ସରକାର ଅତ୍ୟନ୍ତ ସଜାଗ ରହି ଜନସାଧାରଣଙ୍କ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ବିଷୟକୁ ଧ୍ୟାନ ଦେଲେ ଅସୁସ୍ଥ ଜନସାଧାରଣଙ୍କ ପାଇଁ ସରକାରୀ ଖର୍ଚ୍ଚ ହ୍ରାସ ପାଇବ।

# ରକ୍ଷକ ଯେବେ ଭକ୍ଷକ ହୁଅନ୍ତି



ହରିଶଙ୍କର ମିଶ୍ର

ଦେଶ ସ୍ୱାଧୀନ ହେବା ପୂର୍ବରୁ ଚାକିରିର ଉପର ପଦବୀରେ ପ୍ରାୟ ଇଂରେଜମାନେ ଥିବାରୁ ତାଙ୍କ ଅଧୀନରେ କର୍ତ୍ତବ୍ୟରତ କର୍ମଚାରୀଙ୍କ ସାମାନ୍ୟ ତ୍ରୁଟିବିଚ୍ୟୁତି ପାଇଁ କଠୋର ଦଣ୍ଡ ବ୍ୟବସ୍ଥା ଥିଲା। ତେଣୁ କର୍ମଚାରୀ ବା ଅଧିକାରୀ ପଦବୀରେ ଥିବା ବ୍ୟକ୍ତି ସଚ୍ଚୋଟ ଏବଂ କର୍ମଦକ୍ଷ ଥିଲେ। ବର୍ତ୍ତମାନ ପରି ଏତେ ବିଭାଗ ବା କମିଶନ ନ ଥିଲା। ସେତେବେଳେ ଇଂରେଜ ସରକାରଙ୍କ ତତ୍ତ୍ୱାବଧାନରେ କିଛି ଗଡଜାତ ଶାସିତ ହେଉଥିଲା। ସେମାନଙ୍କଠାରୁ ଇଂରେଜ ସରକାର କିଛି ଅର୍ଥ ନେଉଥିବାରୁ ଗଡ଼ଜାତ ରାଜ୍ୟର ଜଙ୍ଗଲ, ନଦୀ, ଜମିରୁ ରାଜାମାନେ କର ଆଦାୟ କରୁଥିଲେ। ସରକାରୀ ଭାବରେ ରାସ୍ତା ନିର୍ମାଣ, ରାସ୍ତା କଡ଼ରେ ବୃକ୍ଷ ରୋପଣ, କୂଅ ପୋଖରୀ ଖନନ ସହ ବିଦ୍ୟାଳୟ ପ୍ରତିଷ୍ଠା ପାଇଁ ସେମାନେ ଧ୍ୟାନ ଦେଉଥିଲେ। ବଡ଼ କଥା ଥିଲା ମଠ ମନ୍ଦିର ପରିଚାଳନା। ରାଜାମାନେ ମଠ ମନ୍ଦିର ସମ୍ପତ୍ତିର ସୁରକ୍ଷା ଉପରେ ତୀକ୍ଷ୍ଣ ନଜର ରଖୁଥିଲେ। ଇତିହାସ କହେ ମୋଗଲ ସମ୍ରାଟ ଶେର ଶାହା ପ୍ରଥମେ ଜମିଜମାର ବନ୍ଦୋବସ୍ତ କରିଥିଲେ। ଇଂରେଜ ସରକାର ମଧ୍ୟ ଭୂସଂସ୍କାର ପାଇଁ ଅନେକ ପ୍ରଚେଷ୍ଟା କରିଥିଲେ। ଜଙ୍ଗଲରୁ କେବଳ ଶୁଖିଲା କାଠ ଲୋକମାନେ ଆଣୁଥିଲେ। ଜଳାଶୟର ପାଣି ସମସ୍ତେ ବ୍ୟବହାର କଲେ ବି ଗଛ, ମାଛ ଉପରେ କର୍ତ୍ତୃତ୍ୱ ସମସ୍ତଙ୍କର ନ ଥିଲା। ଦେଶ ସ୍ୱାଧୀନ ହେବା ପରେ ଲୋକମାନେ ନିଜେ ଶାସକ ନିଜେ ନାଗରିକ ଭାବରେ ଶାସନ ଖସଡ଼ା ପ୍ରସ୍ତୁତ ହେଲା। ସେଥିରେ ଶାସନ ପାଇଁ ଯେଉଁ ବିଭାଗ ସବୁ ସୃଷ୍ଟି କରାଗଲା ସମୟ କ୍ରମେ ସେଗୁଡ଼ିକ ତା'ର ରକ୍ଷକ ପରିବର୍ତ୍ତେ ଭକ୍ଷକ ସାଜିଲେ। ଉଦାହରଣ ସ୍ୱରୂପ ଦେବୋତ୍ତର ବିଭାଗ ମଠ ମନ୍ଦିରର ପରିଚାଳନା ପାଇଁ ଉଦ୍ଦିଷ୍ଟ। କିନ୍ତୁ ଭୂସଂସ୍କାର ଓ ଜମିଦାରୀ ଉଚ୍ଛେଦରେ ଅନେକ ମଠବାଡି ସେମାନଙ୍କ ଜମି ହରାଇଲେ। ତା'ପରେ ଯାହା ବା ଜମି ରହିଲା ତାହା କିଛି ଜାଗାରେ ଜବରଦଖଲ ହେଲା। ତା'ପରେ ଜବରଦଖଲ ଉଚ୍ଛେଦ ପରିବର୍ତ୍ତେ ବହୁ ଏକର ଜମି ସେମାନଙ୍କୁ ଦେବୋତ୍ତର ଆୟୁକ୍ତଙ୍କ ଅନୁମୋଦନରେ ଶାଗମାଛ ଦରରେ ବିକ୍ରି କରିଦିଆଗଲା। ଜବରଦଖଲଠାରୁ ଜମି ହସ୍ତାନ୍ତର ଆଦି ସମସ୍ତ କାର୍ଯ୍ୟ ଆୟୁକ୍ତଙ୍କ କାର୍ଯ୍ୟାଳୟ ଜ୍ଞାତସାରରେ ହେଉଥିଲା। ମଠର କୋଠାବାଡ଼ି କିଛି ପ୍ରତିପତ୍ତିଶାଳୀ ଓ ଅସାମାଜିକ ବ୍ୟକ୍ତିଙ୍କ ଅକ୍ତିଆରକୁ ଚାଲିଗଲା। ଦେଶ ସ୍ୱାଧୀନ ହେଲାବେଳେ ରାଜ୍ୟରେ ରହିଥିବା ବହୁ ହଜାର ମଠ ଏବେ ହାତଗଣତିରେ ରହିଥିବାବେଳେ କିଛି ମଠ ନାମକୁ ମାତ୍ର କାଗଜ କଲମରେ ସୀମିତ ରହିଛି। ପରେ ଶ୍ରୀଜଗନ୍ନାଥ ମନ୍ଦିରର ସମ୍ପତ୍ତି ଭୂସଂସ୍କାର



ମୁକ୍ତ ବୋଲି ସର୍ବୋଚ୍ଚ ନ୍ୟାୟାଳୟଙ୍କ ଆଦେଶ ପରେ ମଠ ଓ ମନ୍ଦିର ସମ୍ପତ୍ତି କିଣି ଘର କରି ରହିଥିବା ବହୁ ହଜାର ବ୍ୟକ୍ତି ସମ୍ପତ୍ତିର ମାଲିକାନା ହରାଇଛନ୍ତି। କିନ୍ତୁ ସରକାର ବେଧଡକ ରହିଛନ୍ତି।

ଜଙ୍ଗଲ ବିଭାଗ କଥା ନ କହିବା ଭଲ। ଜଙ୍ଗଲ ସୁରକ୍ଷା ନାମରେ ରୀତିମତ ଜଙ୍ଗଲ ଲୁଟି ହେବାସହ ଜଙ୍ଗଲ ସୃଷ୍ଟି କେବଳ କାଗଜକଲମରେ ସୀମିତ ରହିଛି। ବୃକ୍ଷରୋପଣ ଓ ରକ୍ଷଣାବେକ୍ଷଣରେ ଯେତେ ଗଛର ତାଲିକା ଉପଲବ୍ଧ ଅଛି ତାହା ସତ୍ୟ ହୋଇଥିଲେ ଆଜି ରାଜ୍ୟ ସାରା ଜଙ୍ଗଲ ହୋଇଯାଇଥାନ୍ତା, କିନ୍ତୁ ମୂଲ୍ୟବାନ ଗଛ ଲୁଟି, ଜଙ୍ଗଲ କ୍ଷୟ ସହ ଜଙ୍ଗଲ ଜାତୀୟ ଜମି ପରିମାଣ ହ୍ରାସ ହୋଇ ଚାଲିଛି। ଅପରପକ୍ଷରେ ଜଙ୍ଗଲ ବିଭାଗ ଅଧିକାରୀଙ୍କ ସମ୍ପତ୍ତି ବୃଦ୍ଧି ହୋଇଛି। ଅପରାଧ ନିୟନ୍ତ୍ରଣ ପାଇଁ ପୋଲିସ ପ୍ରଶାସନ ରହିଛି। ଇଂରେଜ ଶାସନ ସମୟରେ ଅପରାଧ କରିବାକୁ ଲୋକମାନେ ଭୟ କରୁଥିଲେ। ଏବେ ବଡ଼ବଡ଼ ଅପରାଧ ସମାଜର ଉପର ସ୍ତରର ବ୍ୟକ୍ତିଙ୍କ ଦ୍ୱାରା ହେଉଛି ଏବଂ ସେମାନେ ସୁରକ୍ଷିତ ରହୁଛନ୍ତି।

ରାଜରାଜୁଡ଼ା ସମୟରେ ବିଚାର ତତ୍କାଳ ହେଉଥିବାରୁ ପ୍ରଜାମାନେ ଖୁସି ଥିଲେ। ଇଂରେଜ ଶାସନରେ ଅପରାଧ ସଂହିତା ତିଆରି କରାଯାଇ ମାମଲା ବିଚାର ପାଇଁ ଅଦାଲତ ସୃଷ୍ଟି କରାଗଲା। କିନ୍ତୁ ଆଇନ ସମଗ୍ର ବିଚାର ପାଇଁ ସମାନ ଓ ଅପରିବର୍ତ୍ତିତ ରହିଥିବା ବେଳେ କିଛି ନାମୀଦାମୀ ଓକିଲଙ୍କ ବଳିଷ୍ଠ ଯୁକ୍ତି ବିଚାର ପ୍ରକ୍ରିୟାକୁ ଭିନ୍ନ ରୂପ ଦେବା ସାଧାରଣ ଘଟଣା ହୋଇଯାଇଛି। ନିମ୍ନ ଅଦାଲତ ଦଣ୍ଡ ଅନେକ ସମୟରେ ଉଚ୍ଚ ବା ସର୍ବୋଚ୍ଚ ନ୍ୟାୟାଳୟରେ ବଦଳି ଯାଉଛି। ବିଳମ୍ବିତ ନ୍ୟାୟ ନ୍ୟାୟ ନୁହେଁ ବୋଲି ଯେଉଁମାନେ କୁହନ୍ତି ସେମାନଙ୍କ ପାଇଁ ମାମଲା କିଛି ଦଶନ୍ଧି ମଧ୍ୟରେ ମଧ୍ୟ ଫଇସଲା ହୁଏନାହିଁ। ଲମ୍ବା ବିଚାର ପ୍ରକ୍ରିୟାରେ ଏବେ ବି କୌଣସି ପକ୍ଷର ତୃତୀୟ ପିଢ଼ି ମଧ୍ୟ ପୂର୍ବ ମାମଲା ଲଢୁଥିବା ଜଣାଯାଇଛି। କିନ୍ତୁ କେହି ଉତ୍ତରଦାୟୀ ହେଉନାହାନ୍ତି।

ଉଚ୍ଚ ଶିକ୍ଷା ବିଭାଗ ପାଇଁ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ ଗଠନ କରାଗଲା। ଅଧ୍ୟାପନା ବୃତ୍ତିକୁ ଆକର୍ଷିତ ପାଇଁ ସର୍ବୋଚ୍ଚ ହାରରେ ଦରମା ସୁପାରିସ କରାଯାଇ ଗବେଷଣାକୁ ପ୍ରାଧାନ୍ୟ ଦିଆଗଲା। କିନ୍ତୁ ଆଇନର ଗଳାବାଟ ସୃଷ୍ଟି କରାଯାଇ ଯେଉଁମାନେ ସେଇ ଦରମା ପାଇଲେ ସେମାନଙ୍କ ମଧ୍ୟରୁ ସରକାରଙ୍କୁ ପରାମର୍ଶ ଦେବା ବା ଗବେଷଣା କରିବା ଅଧ୍ୟାପକଙ୍କ ସଂଖ୍ୟା ସୀମିତ ରହିଲା। ପରେ କେତେକ ମହାବିଦ୍ୟାଳୟକୁ ସ୍ୱୟଂଶାସିତ ମାନ୍ୟତା ଦିଆଗଲା। ଫଳତଃ ବିଶ୍ୱବିଦ୍ୟାଳୟ ଅଧୀନରେ ହେଉଥିବା ପରୀକ୍ଷାରେ ଷାଠିଏ ଶତାଂଶ ସଫଳତା ହାର ସ୍ୱୟଂଶାସିତ ମାନ୍ୟତା ପରେ ପଞ୍ଚାନବେ ଶତାଂଶ ହୋଇଗଲା।

ରାଜ୍ୟର ଆୟ ବୃଦ୍ଧି ପାଇଁ ରାଜସ୍ୱ ଓ ଅବକାରୀ ବିଭାଗ ରହିଛି। ଜମିଜମା ସମ୍ବନ୍ଧୀୟ ସମସ୍ୟା ସହ ଖଣି ଲଘୁ ଖଣିଜ ଦ୍ରବ୍ୟର ସୁପରିଚାଳନା ଏହି ବିଭାଗରେ ଦାୟିତ୍ୱ ହୋଇଥିବାବେଳେ ଏଯାବତ କୌଣସି ଅଞ୍ଚଳର ଜମି ମାମଲା ମୁକ୍ତ ହୋଇପାରିନାହିଁ। ଗୋଟିଏ ଗୋଟିଏ ମୌଜାର ବନ୍ଦୋବସ୍ତ ଚାଳିଶ ବର୍ଷରେ ବି ପୂର୍ଣ୍ଣାଙ୍ଗ ହୋଇନାହିଁ। ବରଂ ଲଘୁ ଖଣିଜ ବିଶେଷତଃ ବିଭିନ୍ନ ନଦୀବାଲି, ମୋରମ, ଗ୍ରାନାଇଟ ଅବାଧ ଚୋରାଚାଲାଣ ହୋଇଚାଲିଛି। ଖଣି ଲୁଟିର ଉଚ୍ଚସ୍ତରୀୟ ତଦନ୍ତ ସତ୍ତ୍ୱେ ଲୁଟକାରୀମାନେ ଯଥେଷ୍ଟ ନିରାପଦରେ ଅଛନ୍ତି। କିନ୍ତୁ ରାଜସ୍ୱ ବିଭାଗର ତଳଠାରୁ ଉପର ସ୍ତରର ବ୍ୟକ୍ତିମାନେ ଆରାମରେ ଚାକିରି କରି ଅବସର ନେଉଛନ୍ତି। ଅବକାରୀ ବିଭାଗ ନିଜେ ଅର୍ଥ ନିଶାସକ୍ତ ହୋଇଥିବା ମନେହୁଏ। ସମସ୍ତ ସାମାଜିକ ଅସଂଗତି ସୃଷ୍ଟିକାରୀ ମଦ ଆମ ରାଜ୍ୟରେ କାୟାବିସ୍ତାର କରିଥିବାବେଳେ ଭାଙ୍ଗ ଗଞ୍ଜେଇ ନିଷିଦ୍ଧ ହୋଇଛି। ଫଳରେ ହେରୋଇନ, ଚରସ ଭଳି ଉତ୍କଟ ନିଶା ସହର ଛାଡି ଗାଁମାନଙ୍କରେ ପ୍ରବେଶ କରୁଛି। ଏହାର ଧରପଗଡ ଯେତେ ହେଲେ ବି ମୂଳ ରପ୍ତାନି ପାଖରେ ବିଭାଗ ଅପହଞ୍ଚ ହେଉଛି। ତା'ର ପ୍ରତିବଦଳରେ ମାସିକ ବଟି ଏକ ଅଘୋଷିତ ନିୟମ ହୋଇଯାଇଛି। ସ୍ୱାଧୀନତା ପରେ ସୃଷ୍ଟି ହୋଇଥିବା ଜଳସେଚନ ବିଭାଗ ଯଦି ବାର୍ଷିକ ନିର୍ଦ୍ଦିଷ୍ଟ ଜଳସେଚନ ଲକ୍ଷ୍ୟ ପୂରଣ କରିଥାନ୍ତା ତେବେ ରାଜ୍ୟରେ ଏକଇଞ୍ଚ ଅଣ ଜଳସେଚିତ ଜମି ନ ଥାନ୍ତା।

ଅନେକ ବ୍ୟକ୍ତିଙ୍କୁ କୋଟିପତି କରାଇଥିବା ବିଭାଗ ହେଉଛି ବିଜୁଳି ଶକ୍ତି ବିଭାଗ। ତାହାକୁ କିଛି ବିଦେଶୀ ସଂସ୍ଥା ଲୁଟି କରି ଚାଲିଯାଆନ୍ତି। କିନ୍ତୁ ଚଡ଼କ ପଡୁଛି ଉପଭୋକ୍ତାଙ୍କ ମୁଣ୍ଡରେ। ବର୍ତ୍ତମାନର ସଂସ୍ଥା ଯେଉଁ ଲୁଟି ଯୋଜନା କରିଛି ତା' ପଛରେ ସରକାରଙ୍କ ସମର୍ଥନ ଥିବା ସମସ୍ତେ ଜାଣନ୍ତି। ଏବେ ସାଧାରଣ ଉପଭୋକ୍ତା ହନ୍ତସନ୍ତ ହେଉଛନ୍ତି। ରାଜ୍ୟରେ ଥିବା ସ୍ୱାସ୍ଥ୍ୟ ବିଭାଗର ସବୁବେଳେ ଜନସାଧାରଣଙ୍କ ପ୍ରତି ଅସ୍ୱାସ୍ଥ୍ୟକର ମନୋଭାବ କିଛି ଘରୋଇ ଡାକ୍ତରଖାନାରେ ଅର୍ଥ ଲୁଟ ପାଇଁ ବାଟ ପରିଷ୍କାର କରୁଛି। ତେଣୁ ରାଜ୍ୟର ପ୍ରଗତି ପାଇଁ ଥିବା ସମସ୍ତ ବିଭାଗ ରକ୍ଷକ ପରିବର୍ତ୍ତେ ଭକ୍ଷକ ସାଜୁଛନ୍ତି।

୧୧୩, ଗୁଣ୍ଡିଚା ବିହାର, ପୁରୀ
ମୋ:୭୯୭୮୭୮୫୪୭୮

# ଅସ୍ପୃଶ୍ୟତାର ଅନ୍ତ କେବେ



ରାନୀ ନାୟକ

ସମାଜ ସମୟକ୍ରମେ ଆଧୁନିକତା ଆଡ଼କୁ ଗତିଶୀଳ ହେଉଛି। କିନ୍ତୁ ଦିନକୁ ଦିନ ଲୋକଙ୍କ ଚିନ୍ତନଶକ୍ତିରେ ଅବନତି ଘଟୁଛି। ବେଶଭୂଷା ପରିଧାନରେ ଆଧୁନିକତାର ଛାପ ଦେଲେ ସୁଦ୍ଧା ଆଚରଣ ସେହିପରି କୁତ୍ସିତ ଅବସ୍ଥାରେ ରହିଛି। ଜାତିଭେଦ ଭଳି ଏକ ଅମାନୁଷିକ ପ୍ରଥା ଆଜିପର୍ଯ୍ୟନ୍ତ ସଭିଙ୍କ ମନରେ ବସାବାନ୍ଧି ରହିଛି। ମନ୍ଦିରଠାରୁ ନେଇ ମଶାଣି ଯାଏ ସବୁଠି ଏହି ଅସ୍ପୃଶ୍ୟତାର କାୟା ବଢ଼ିଚାଲିଛି। ଏହା କହିବାର କାରଣ ହେଉଛି, ଏବେ ବି ଯଦି ଲୋକଟି ନ୍ୟୁନ ଜାତିର ହୋଇଥିବ ତେବେ ତା'ର ମୃତ୍ୟୁ ପରେ ମଧ୍ୟ ମୃତଦେହର ଜାତି ନିର୍ଦ୍ଧାରଣ କରାଯାଏ। ଉଚ୍ଚଜାତିର ବ୍ୟକ୍ତି ତା'ର ଶବକୁ କାନ୍ଧ ଦିଅନ୍ତି ନାହିଁ। କେବଳ ଏତିକି ନୁହେଁ, ଉଚ୍ଚଜାତିର ଲୋକଙ୍କ ସ୍ଥାନରେ ସେମାନଙ୍କୁ ପୋଡ଼ିବା କାଳେ ଜାତି ପ୍ରତି କିଛି ବ୍ୟାଘାତ ଘଟିବ ସେଥିପାଇଁ ଭିନ୍ନ ସମ୍ପ୍ରଦାୟ ପାଇଁ ଭିନ୍ନ ସ୍ଥାନ ନିରୂପଣ କରାଯାଏ। ଏହା ବିଶେଷକରି ଗାଁଗୁଡ଼ିକରେ ଦେଖାଯାଏ। ତାଙ୍କ ସହ ଏକାଠି ପୋଖରୀ ତୁଠରେ ଗାଧୋଇବା ହେଉ କି ଭୋଜି ମହୋତ୍ସବରେ ଏକତ୍ର ବସି ଖାଦ୍ୟ ମଧ୍ୟ ଗ୍ରହଣ କରନ୍ତି ନାହିଁ। ବିବାହ ମଧ୍ୟ ଜାତି ମଧ୍ୟରେ ସୀମିତ ରହିଛି। ଯଦି ଉଚ୍ଚଜାତିର ଝିଅ ନୀଚଜାତିର ପୁଅକୁ ବିବାହକରେ ତେବେ ସମାଜ ତାକୁ ସହଜରେ ଗ୍ରହଣ କରିପାରେ ନାହିଁ। ଆମର ବିଶ୍ୱାସ କେବଳ ଅପାଠୁଆ ଲୋକମାନେ ଏହି ପ୍ରଥାକୁ ଜାବୁଡ଼ିଧରି ରଖିଛନ୍ତି, କିନ୍ତୁ ସତ କଥା ହେଲା ଆମ ଭଳି କେତେଜଣ ଶିକ୍ଷିତ ଯୁବପିଢ଼ି ମଧ୍ୟ ଛୁଆଁଅଛୁଆଁ ଭେଦଭାବକୁ ବିସ୍ତୃତ କରିଚାଲିଛନ୍ତି।

ଏବେ ଏକ ଘଟଣା ହେଲା କେନ୍ଦ୍ରାପଡ଼ା ଜିଲା ରାଜନଗର ବ୍ଲକ୍‌ର ନୂଆଗାଁ ଅଙ୍ଗନୱାଡି ସହାୟିକାଙ୍କ କଥା। ଗତ ବର୍ଷ ନଭେମ୍ବରରେ ତାଙ୍କୁ ଏହି ଗାଁ ଅଙ୍ଗନୱାଡିର ନିଯୁକ୍ତି ମିଳିଥିଲା। ସେ ଦଳିତ ଜାତିର ହୋଇଥିବାରୁ ଗାଁ ଲୋକେ ବସି ନିଷ୍ପତ୍ତି ନେଇଗଲେ ଯେ ସେମାନେ ତାଙ୍କ ପିଲାଙ୍କୁ ଅଙ୍ଗନୱାଡିକୁ ଛାଡ଼ିବେ ନାହିଁ। କାରଣ ସେ ରୋଷେଇ କରିଥିବା ଖାଦ୍ୟ ଖାଇଲେ ସେମାନଙ୍କ ପିଲାମାନଙ୍କର ଜାତି ଚାଲିଯିବ, ଏଥିପାଇଁ ସେମାନେ ନିଜ ପିଲାଙ୍କୁ ଅଙ୍ଗନୱାଡି ଛାଡ଼ିଲେ ନାହିଁ। କଥା ସେତିକିରେ ସରିନି, ସେ ଗାଁର କୌଣସି ଗର୍ଭବତୀ ମହିଳା କିମ୍ବା ନବଜାତ ଶିଶୁଙ୍କ ଜନନୀ ଜାତି ଚାଲିଯିବା ଭୟରେ ଅଙ୍ଗନୱାଡି ଦ୍ୱାର ମାଡ଼ିଲେ ନାହିଁ। ଏହି ଘଟଣା କେବଳ ଓଡ଼ିଶାରେ ସୀମିତ ରହିଲା ନାହିଁ, ପାର୍ଲାମେଣ୍ଟରେ କଥା ଉଠିବା ସହ ଜାତୀୟ ଖବର ପାଲଟି ଗଲା। ଉକ୍ତ ଘଟଣାଟି ଦର୍ଶାଇବାର ତାତ୍ପର୍ଯ୍ୟ ହେଉଛି ଆକାଶରେ ଉପଗ୍ରହ ନେଇ ଚନ୍ଦ୍ରରେ ପାଦ ଥାପିବା ଯାଏ ଏବଂ ଏଆଇ ଯୁଗରେ ଅଗ୍ରଗତି କରିବା ସହ ଏକ ବିକଶିତ ଭାରତର ସ୍ୱପ୍ନ ଦେଖିବା ଯାଏ ଆମେ ଧୀରେ ଧୀରେ ଉନ୍ନତି କରୁଥିଲେ ସୁଦ୍ଧା ଏହି କୁତ୍ସିତ ମାନସିକତାକୁ ଘଉଡ଼ାଇବାରେ ବିଫଳ ହୋଇଛନ୍ତି। ସମ୍ବିଧାନର ଧାରା ୧୭ରେ ଅସ୍ପୃଶ୍ୟତାର ବିଲୋପ ସାଧନା କରାଯାଇଛି ଓ ଏହା ଦଣ୍ଡନୀୟ ଅପରାଧ



ରୂପେ ଘୋଷଣା କରାଯାଇଛି। ଦଳିତ ଶ୍ରେଣୀ ଲୋକଙ୍କ ଉନ୍ନତି ପାଇଁ ସରକାର ଅନେକ ଯୋଜନା ପ୍ରସ୍ତୁତି କରିଛନ୍ତି। କିନ୍ତୁ ଏହି ଘଟଣାକୁ ଦୃଷ୍ଟି ପକାଇଲେ ଲାଗୁଛି ଯେତେ ଯୋଜନା କଲେ ମଧ୍ୟ ଲୋକଙ୍କ ଆଚରଣ ଏବଂ ଦୃଷ୍ଟିଭଙ୍ଗୀ ଯଦି ପରିବର୍ତ୍ତନ ନ ହୁଏ ତେବେ ଏମାନେ ସଦାସର୍ବଦା ଏଭଳି ନିର୍ଯାତନାର ଶିକାର ହେଉଥିବେ, ଏଥିରେ ସନ୍ଦେହ ନାହିଁ।

ଏହା କେବଳ ଏବେ ନୁହେଁ ଯୁଗେ ଯୁଗେ ଏଭଳି ଘଟଣା ଘଟିଆସିଛି। ଇତିହାସର ପୃଷ୍ଠା ଯଦି ଓଲଟାଇ ଦେଖିବା ତେବେ ସର୍ବଦା ଦଳିତ ଶ୍ରେଣୀର ଲୋକ ଉଚ୍ଚଶ୍ରେଣୀର ଲୋକଙ୍କ ଦ୍ୱାରା ନିର୍ଯାତିତ ହୋଇଛନ୍ତି। ଉଦାହରଣ ସ୍ୱରୂପ, ଭାରତ ସମ୍ବିଧାନର ନିର୍ମାତା ଭୀମରାଓ ରାମ୍‌ଜୀ ଆମ୍ବେଡକରଙ୍କ ମଧ୍ୟ ଛୁଆଁଅଛୁଆଁ ଭେଦଭାବର ଶିକାର ହୋଇଥିଲେ। ବହୁ ପ୍ରତିକୂଳ ଅବସ୍ଥାରୁ ଉଠି ବିଦେଶରେ ପଢ଼ିବା ସହ ଦୁଇ ଦୁଇଟି ଡିଗ୍ରୀ ହାସଲ କରିଥିଲେ ଏବଂ ଆଇନରେ ମଧ୍ୟ ତାଲିମ ନେଇଥିଲେ। ଏହା ସତ୍ତ୍ୱେ ସେ ସମୟରେ ଏତେ ଶିକ୍ଷା ହାସଲ କରିଥିଲେ ସୁଦ୍ଧା ସେ ମଧ୍ୟ ଭେଦଭାବର ଶିକାରର ବଶବର୍ତ୍ତୀ ହୋଇଥିଲେ। ପରେ ଆମ୍ବେଦକର ହିନ୍ଦୁ ଜାତି ପ୍ରତି ତିକ୍ତତା ଭାବ ପ୍ରକାଶକରି ବୌଦ୍ଧଧର୍ମ ଗ୍ରହଣ କରିଥିଲେ।

ଏହି ଘଟଣା ବର୍ଣ୍ଣନା କରିବାର କାରଣ ହେଉଛି ଏହା ଏକ ଛୋଟିଆ ପ୍ରସଙ୍ଗ ନୁହେଁ। ଯଦି ଅନୁମାନ କରିବେ ଯେବେ ଗୋଟିଏ ଦଳିତ ଶ୍ରେଣୀରେ ପିଲାଟି ଜନ୍ମହୁଏ ପରେ ବଡ଼ ହେବାକ୍ଷଣି ଶିକ୍ଷା କିମ୍ବା କର୍ମକ୍ଷେତ୍ରରେ ସେ କେଉଁଠି ନା କେଉଁଠି ଛୁଆଁଅଛୁଆଁର ଭେଦଭାବ ଭିତରେ ଛନ୍ଦି ହୋଇଯାଏ। ବେଳେବେଳେ ସେ ତା'ର ମାନସିକ ସ୍ଥିତି ହରାଇ ବସେ। ଉପରେ ଦର୍ଶାଯାଇଥିବା ଶର୍ମିଷ୍ଠାଙ୍କ କଥା ଯଦି ନେବା ସେ ଦୀର୍ଘ ୩ମାସ ଧରି ଏଭଳି ମାନସିକ ନିର୍ଯାତନା ପାଇଥିଲେ। ବେଳ ଥାଉ ଥାଉ ଯଦି ମାନସିକତାରେ ପରିବର୍ତ୍ତନ ନ କରିବା ତେବେ ବେଳ ଆସିବ ଅସ୍ପୃଶ୍ୟତାକୁ ନେଇ ଏଭଳି ତୁମୁଳକାଣ୍ଡ ଘଟିବ ଯେ ତାକୁ ରୋକିବାକୁ ମଧ୍ୟ କେହି ନ ଥିବେ। ବଳରାମ ଦାସଙ୍କ 'ଲକ୍ଷ୍ମୀପୁରାଣ' ଓଡ଼ିଶାର ଘରେ ଘରେ ପଢ଼ାଯାଏ। ଜାତିପ୍ରଥା ବିରୋଧରେ ତାହା ଥିଲା ଏକ ସଶକ୍ତ ପଦକ୍ଷେପ। କିନ୍ତୁ ଆମେ ଲକ୍ଷ୍ମୀଙ୍କୁ କେବଳ ମୂର୍ତ୍ତି ଆଉ ପୂଜାରେ ସୀମିତ ରଖୁଛନ୍ତି। କିନ୍ତୁ ସେ ଏହି ଅସ୍ପୃଶ୍ୟତା ବିରୋଧରେ ଯେଉଁ କଷ୍ଟ ସହ୍ୟ କରିଥିଲେ ତାହା ଆମେ ଭୁଲିଯାଉଛନ୍ତି। କଥାରେ ଅଛି ଆଚାରେ ଲକ୍ଷ୍ମୀ ବିଚାରେ ପଣ୍ଡିତ। ଯଦି ଆମେ ଆଚାର ବ୍ୟବହାର ଠିକ୍ ନ ରଖିବା ତେବେ ସେ ମଣିଷ ବୋଲି ଗଣତି ନୁହେଁ। ଶିକ୍ଷା ଓ ସଂସ୍କାର, ଆଚାର ବ୍ୟବହାର, ପରିଷ୍କାର ପରିଚ୍ଛନ୍ନତା ନେଇ ଆଲୋଚନା କରାଯାଇପାରେ, କିନ୍ତୁ ଜାତିଭେଦରେ କାହାକୁ ନ୍ୟୁନକରି ଦେଖିବା ସମ୍ବିଧାନ ଓ ଈଶ୍ୱର ଦୃଷ୍ଟିରେ ଅପରାଧ। ଲୋକଙ୍କୁ ଯେତେ ବୁଝାଇଲେ କ'ଣ ହେବ ଯେପର୍ଯ୍ୟନ୍ତ ସେମାନେ ନିଜେ ହୃଦୟଙ୍ଗମ କରିନାହାନ୍ତି ସବୁ ପ୍ରୟାସ ବୃଥା। ଦିନକୁ ଦିନ ଜାତି ଭେଦଭାବ ଦୂରହେବା ପରିବର୍ତ୍ତେ ସୁଦୂରପ୍ରସାରୀ ହୋଇଚାଲିଛି। ତେବେ ଏଠାରେ ସଭିଙ୍କୁ ଏକ ପ୍ରଶ୍ନ ଅସ୍ପୃଶ୍ୟତାର ଅନ୍ତ କେବେ ହେବ?

ଢେଙ୍କାନାଳ
ମୋ:୭୬୦୬୯୯୬୦୫୩

## ଏଇ ଭାରତରେ

ଅନେକ ସ୍ଥାନରେ ଏକ ବିଚାରଶୀଳ ପଦକ୍ଷେପ ବହୁତ କିଛି ପରିବର୍ତ୍ତନ କରିଦିଏ। ଏହା ବ୍ୟକ୍ତିଗତ ହେଉ କିମ୍ବା ଗୋଷ୍ଠୀବଦ୍ଧ, ଯୋଜନାଗୁଡ଼ିକରେ ଏକ ଆଖିଦୃଶିଆ ସଫଳତା ମିଳିବା ଦେଖାଯାଏ। ଏଭଳି ଏକ ଉଦାହରଣ ଦେଖିବାକୁ ମିଳିଛି ଗୁରୁଗ୍ରାମରେ। ସହରର ରାସ୍ତାଗୁଡ଼ିକରେ ସବୁବେଳେ ବର୍ଜ୍ୟ ଠୁଳ ହୋଇ ରହୁଥିଲା। ଏହାକୁ ଠିକ୍ ସମୟରେ ସଫା କରାଯାଉ ନ ଥିଲା। ଏହା ବିରୋଧରେ ସହରବାସୀ ମଧ୍ୟ ସ୍ୱର ଉଠାଉ ନ ଥିଲେ। ହେଲେ ଗୁରୁଗ୍ରାମରେ ସର୍ବିୟାର ଜଣେ ନାଗରିକ ସହରର ସଫେଇ କାର୍ଯ୍ୟ ନିଜେ ଆରମ୍ଭ କରିଥିଲେ। ଅଗଷ୍ଟ ୨୦୨୪ରେ ସେ ଏକ ସୋସିଆଲ ମିଡିଆ ପେଜ 'ଲେଟସ କ୍ଲିନ ଗୁରୁଗ୍ରାମ' ବା 'ଆସନ୍ତୁ ଗୁରୁଗ୍ରାମକୁ ସଫା କରିବା'ରେ ତାଙ୍କ ସଫେଇ ଅଭିଯାନ ସମ୍ପର୍କିତ ତଥ୍ୟ ଶେୟାର କରିବାରେ ଲାଗିଲେ। ଏ ବିଷୟରେ ସବୁଠି ଆଲୋଚନା ଚାଲିଲା ଏବଂ ତାଙ୍କ କାର୍ଯ୍ୟକୁ ଦେଖି ଯୁବ ସ୍ୱେଚ୍ଛାସେବୀମାନେ ଯୋଗଦେଲେ। ଫଳରେ ବ୍ୟକ୍ତିଗତ ପ୍ରୟାସ ଏକ ଗୋଷ୍ଠୀଗତ ଅଭିଯାନ ପାଲଟିଗଲା। ମ୍ୟୁନିସିପାଲିଟିର ସଫେଇ କାର୍ଯ୍ୟ ସହ ଏବେ ସେମାନଙ୍କ ଏହି ଅଭିଯାନ ସହରକୁ ପରିଷ୍କାର ରଖିବାରେ ପ୍ରମୁଖ ଭୂମିକା ନେଉଛି।

## ୫୦ ବର୍ଷ ତଳର ଧରିତ୍ରୀ DHARITRI

### ୨୪ ଫେବୃଆରୀ ୧୯୭୬

- ହରିୟାଣା ବିଧାନସଭାର ୭ ଜଣ ସଦସ୍ୟ କଂଗ୍ରେସ ଦଳରୁ ଇସ୍ତଫା ଦେଇ ଗଣତାନ୍ତ୍ରିକ କଂଗ୍ରେସ ଦଳରେ ଯୋଗଦେଲେ ବୋଲି ଘୋଷଣା କରିଛନ୍ତି।
- ଗୁଜରାଟର ପୂର୍ବତନ ମୁଖ୍ୟମନ୍ତ୍ରୀ ଘନଶ୍ୟାମ ଓଜ କେନ୍ଦ୍ର ସରକାରଙ୍କ ଅଗଣତାନ୍ତ୍ରିକ କାର୍ଯ୍ୟକଳାପର ପ୍ରତିବାଦ କରି କଂଗ୍ରେସ ଦଳରୁ ଇସ୍ତଫା ଦେଇଛନ୍ତି।

## ସୁ-ଡୋ-କୁ

su|do|ku
Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 9 | 1 | | | | | | | |
| | 5 | | | 2 | | | | 1 |
| 3 | | 6 | 7 | | 1 | 9 | | |
| | | 3 | | | | | 4 | |
| 6 | | | 5 | | | | 8 | 7 |
| | 9 | | | 4 | 7 | | | 3 |
| | 8 | 2 | | 7 | 5 | | | |
| | | | 2 | | | 7 | 3 | |
| | | 9 | | 6 | | | 2 | 5 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 8 | 9 | 7 | 1 | 5 | 3 | 4 | 2 | 6 |
| 3 | 2 | 1 | 6 | 8 | 4 | 7 | 5 | 9 |
| 6 | 5 | 4 | 2 | 9 | 7 | 1 | 3 | 8 |
| 7 | 3 | 2 | 4 | 1 | 6 | 9 | 8 | 5 |
| 4 | 6 | 5 | 9 | 3 | 8 | 2 | 1 | 7 |
| 1 | 8 | 9 | 5 | 7 | 2 | 3 | 6 | 4 |
| 2 | 1 | 8 | 7 | 4 | 5 | 6 | 9 | 3 |
| 5 | 7 | 6 | 3 | 2 | 9 | 8 | 4 | 1 |
| 9 | 4 | 3 | 8 | 6 | 1 | 5 | 7 | 2 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ରପ୍ତାନିଭିତ୍ତିକ ଚାଷ ଉପରେ ଗୁରୁତ୍ୱ ଦେବାକୁ ପଡ଼ିବ

ମହାଶୟ,
ସାମ୍ପ୍ରତିକ ବଜେଟରେ କୃଷି, ଉଦ୍ୟାନ କୃଷି, ପଶୁପାଳନ, ମତ୍ସ୍ୟଚାଷ ସହିତ ଗ୍ରାମ ବିକାଶକୁ ଗୁରୁତ୍ୱ ଦିଆଯାଇଛି। ଓଡ଼ିଶା ଏକ କୃଷି ଓ ଗ୍ରାମୀଣପ୍ରଧାନ ରାଜ୍ୟ। ପ୍ରାୟ ୮୦% ଲୋକ ଗ୍ରାମରେ ବସବାସ କରନ୍ତି ଓ କୃଷି ତଥା ଆନୁଷଙ୍ଗିକ କୃଷି ଉପରେ ନିର୍ଭର କରନ୍ତି। ସୁତରାଂ, ସାମଗ୍ରିକ ଓ ଦ୍ରୁତ ବିକାଶ ବଜେଟରେ ୮୮୯୦୦ କୋଟି ଟଙ୍କା ଓ ଜଳସେଚନ ଓ ବନ୍ୟା ନିୟନ୍ତ୍ରଣ ପାଇଁ ୧୭୮୫୫ କୋଟି ଟଙ୍କା ନିଶ୍ଚୟ ଫଳପ୍ରଦ ହେବ। ଗାଁ ହସିବ, ଅନ୍ନଦାତାମାନେ ହସିବେ, ପୂର୍ବ ଦିଗରୁ ବିକାଶର ସୂର୍ଯ୍ୟୋଦୟ ଆଗାମୀ ଦିନରେ ନିଶ୍ଚୟ ହେବ। କେବଳ ଧାନ ଉପରେ ନିର୍ଭର ନ କରି ଆଖୁଚାଷ, କପାଚାଷ, ଗହମ ଚାଷ, ଚା'ଚାଷ, ଡେରାଡୁନ ଧାନ, ବାସନା ଧାନ, ମସଲା ଚାଷ, ତୈଳବୀଜ, ଡାଲିଜାତୀୟ ଶସ୍ୟ ଚାଷ, ପନିପରିବା ଚାଷ, ଫଳଚାଷ, ଷ୍ଟ୍ରବେରି ଓ ଅନ୍ୟାନ୍ୟ ରପ୍ତାନିଭିତ୍ତିକ ଚାଷ ଉପରେ ଆମକୁ ଗୁରୁତ୍ୱ ଦେବାକୁ ପଡ଼ିବ। ଏହାଦ୍ୱାରା ରାଜ୍ୟ ଅର୍ଥନୀତି ସମୃଦ୍ଧ ହେବା ସହିତ କୃଷକଙ୍କ ଆୟ ବୃଦ୍ଧି ହେବ ଓ ବେକାରି ସମସ୍ୟା ଦୂର ହୋଇପାରିବ। ଏହାସହ ବିକଶିତ ତଥା ଆତ୍ମନିର୍ଭର ଓଡ଼ିଶା ୨୦୩୬ର ସ୍ୱପ୍ନ ସାକାର ହେବ।

-ନିଶାକର ରାଉତ, ବରିଷ୍ଠ ନାଗରିକ,ଶହୀଦନଗର, ଭୁବନେଶ୍ୱର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ବିଟପ ଛାୟାର ନିବିଡ଼ ତମସା ତଳରେ
କେତେ ରୂପ
ଜାଳିଲା ଅର୍ଘ୍ୟ ଶୁଭ ପରଦୋଷ ବେଳରେ
ବାଳ ଧୂପ ।
-(ମନେ ନାହିଁ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

# ଏନ୍‌ସି କଲେଜକୁ ବିଶ୍ୱବିଦ୍ୟାଳୟ ମାନ୍ୟତା ଦାବି

**ଯାଜପୁରଟାଉନ,୨୩।୨ (ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି):**

ଐତିହ୍ୟ ଓ କିମ୍ବଦନ୍ତୀ ବହନ କରୁଥିବା ନରସିଂହ ଚୌଧୁରୀ(ଏନ୍‌ସି) କଲେଜକୁ ବିଶ୍ୱବିଦ୍ୟାଳୟର ମାନ୍ୟତା ଦେବା ନିମନ୍ତେ ସୋମବାର କଲେଜ ଛାତ୍ରଙ୍କ ପକ୍ଷରୁ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଜିଲା ପ୍ରଶାସନକୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଦେଶ ସ୍ୱାଧୀନ ପୂର୍ବରୁ ଏହି କଲେଜ ସ୍ଥାପିତ ହୋଇଥିଲା। ଏହା ବର୍ତ୍ତମାନ ଓଡ଼ିଶାର ଏକ ଅନ୍ୟତମ ସର୍ବପୁରାତନ ମହାବିଦ୍ୟାଳୟ ଭାବେ ବେଶ ପରିଚିତ। ୨୦୨୦ରେ ବିଶ୍ୱବିଦ୍ୟାଳୟର ମାନ୍ୟତା ଦେବାକୁ ପ୍ରୟାସ ଆରମ୍ଭ କରାଯାଇଥିଲା।



ଜିଲା ପ୍ରଶାସନକୁ ଦାବିପତ୍ର ଦେବାକୁ ଆସିଥିବା କଲେଜ ଛାତ୍ରମାନେ।

ଏଥିପାଇଁ କଲେଜର କ୍ୟାମ୍ପସକୁ ବିଶାଳ ଗବେଷଣା କେନ୍ଦ୍ର, ବିଜ୍ଞାନଗାର, ଏକାଧିକ ହଷ୍ଟେଲ ସହ ଅନ୍ୟାନ୍ୟ କରିବା ସହ ନୂତନ ଶ୍ରେଣୀଗୃହ, ପାଠାଗାର, ଛାତ୍ରୀ ଓ ଛାତ୍ରଙ୍କ ପାଇଁ ପ୍ରକଳ୍ପ ନିର୍ମାଣ କରାଯାଇଥିଲା। ରାଜ୍ୟ ସରକାରଙ୍କ ନେତୃତ୍ୱରେ ଏନସି କଲେଜକୁ ପୁଷ୍ପଗିରି ବିଶ୍ୱବିଦ୍ୟାଳୟ ନାମରେ ନାମିତ କରିବାକୁ ପ୍ରସ୍ତାବ ରଖାଯାଇଥିଲା। କିନ୍ତୁ ୨୦୨୪ ପରଠାରୁ କୌଣସି କାର୍ଯ୍ୟ ହୋଇନାହିଁ। ତେଣୁ ଏନ୍‌ସି କଲେଜର ବିଶ୍ୱବିଦ୍ୟାଳୟ ପ୍ରସ୍ତାବ ମଧ୍ୟ ସ୍ୱପ୍ନ ହୋଇ ରହିଯାଇଛି। ପଡ଼ୋଶୀ ଜିଲା ଭଦ୍ରକ କଲେଜର କିଛି ଭିତ୍ତିଭୂମି ନ ଥିବା ସତ୍ତ୍ୱେ ମଧ୍ୟ ତାହାକୁ ବିଶ୍ୱବିଦ୍ୟାଳୟର ମାନ୍ୟତା ମିଳିଲା। କିନ୍ତୁ ଏନସି କଲେଜର ସମସ୍ତ ପ୍ରକାର ଭିତ୍ତିଭୂମି ଥାଇ ମଧ୍ୟ ବିଶ୍ୱବିଦ୍ୟାଳୟ ମାନ୍ୟତା ମିଳିପାରିଲା ନାହିଁ। ଫଳରେ ଏହାକୁ ନେଇ କଲେଜର ଛାତ୍ରୀଛାତ୍ର ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଦାବିପତ୍ର ପ୍ରଦାନ ସମୟରେ କଲେଜର ବହୁ ଛାତ୍ର ଉପସ୍ଥିତ ଥିଲେ।

# ବିରଜା ସେବା ସମିତିର ଗଣ ବ୍ରତୋପନୟନ

**ଯାଜପୁରଟାଉନ,୨୩।୨ (ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି):**

ବିରଜା ମନ୍ଦିର ପରିସରରେ ବିରଜା ସେବା ସମିତି ଆନୁକୂଲ୍ୟରେ ଗଣବ୍ରତୋପନୟନ ସଭାପତି ବିଶ୍ୱମ୍ଭର ମିଶ୍ର ଓ ସମ୍ପାଦକ କ୍ଷୀରୋଦ ଚନ୍ଦ୍ର ପାଠୀଙ୍କ ତତ୍ତ୍ୱାବଧାନରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ପୂଜକ ଭାବେ ସଚିକାନ୍ତ ଶତପଥୀ ଯୋଗଦେଇ ବ୍ରତୋପନୟନ କାର୍ଯ୍ୟ କରିଥିଲେ। ଉପସଭାପତି ପ୍ରମୋଦ ଦ୍ୱିବେଦୀ, କୋଷାଧ୍ୟକ୍ଷ ହରିହର ବେହେରା, ନୃସିଂହ ଚରଣ ମହାପାତ୍ର, ବ୍ରହ୍ମାନନ୍ଦ ସ୍ୱାଇଁ, ପଣ୍ଡିତ କୃଷ୍ଣଚନ୍ଦ୍ର ମିଶ୍ର, ରବି ଶତପଥୀ, ନିର୍ମଳାବାଳା ମିଶ୍ର, ବିଷ୍ଣୁଚରଣ ଲେଙ୍କା, ବୀରେନ୍ଦ୍ର ମହାନ୍ତି, ବନବିହାରୀ ମହାପାତ୍ର, ଧନଞ୍ଜୟ କେଶରୀ ରାଉତରାୟ, ଭାଗବତ ପ୍ରସାଦ ମହାପାତ୍ର, କହ୍ନାଇ ଚରଣ ମହାନ୍ତି, ଜଗତ ନାୟକ, ଗଦାଧର ରାଉତ, ସୁବାସ ଚନ୍ଦ୍ର ମହାନ୍ତି, ବିରଜା ପ୍ରସାଦ କର, ବିଜୟ ପଣ୍ଡା, ହିମାଂଶୁ ଭୂଷଣ ନନ୍ଦ ଓ ମନ୍ଦିର ପୂଜକ ଦେବୀପ୍ରସାଦ ପାଣି ପ୍ରମୁଖ ସହଯୋଗ କରିଥିଲେ।



ଗଣବ୍ରତୋପନୟନ କାର୍ଯ୍ୟକ୍ରମରେ ବିରଜା ସେବା ସମିତିର କର୍ମକର୍ତ୍ତା ଓ ଅନ୍ୟମାନେ।

# ଶ୍ରୀଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ଉତ୍ସବ



**ବରୀ,୨୩।୨ (ମହେନ୍ଦ୍ର ସ୍ୱାଇଁ):**

ବରୀ ବ୍ଲକ୍ ଅଧୀନ ବିଦଗ୍ଧ କବି ଅଭିମନ୍ୟୁ ସାମନ୍ତ ସିଂହାରଙ୍କ ଜନ୍ମପୀଠ ଅଭିମନ୍ୟୁ ବାଲିଆସ୍ଥିତ ବଣବାବାଜୀ ମହାପୁରୁଷଙ୍କ ପୀଠରେ ଶ୍ରୀଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ଉତ୍ସବ ପାଳିତ ହୋଇଯାଇଛି। ଗତ ୧୯ ତାରିଖରୁ ୨୨ ତାରିଖ ପର୍ଯ୍ୟନ୍ତ ୪ ଦିନଧରି ଏହି ଉତ୍ସବ ଅନୁଷ୍ଠିତ ହୋଇଥିଲା। ବିଦଗ୍ଧ କବିଙ୍କ ସ୍ଥାପିତ ବାଲିଆ ବୃନ୍ଦାବନର ରାଧିକାଚନ୍ଦାସ୍ଥିତ ବୃଷଭାନୁ ପରିବାରର ଦାୟାଦ ଶିକ୍ଷାବିତ ଗୋପବନ୍ଧୁ ଦାସଙ୍କ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟର ମୂଳଦୁଆ ସ୍ଥାପିତ ହୋଇଥିଲା। ୩ ବର୍ଷଧରି ଉକ୍ତ ପୀଠରେ ଶ୍ରୀଜଗନ୍ନାଥ, ମା' ବିମଳା, ମା' ମହାଲକ୍ଷ୍ମୀ, ଭଗବାନଶିବ ଶଙ୍କର, ଦଶାବତାର, ନବଗ୍ରହ ଶ୍ରୀହନୁମାନଙ୍କ ମନ୍ଦିର ପ୍ରତିଷ୍ଠା ହେବାପରେ ଏହାର ପ୍ରାଥମିକ କାର୍ଯ୍ୟକ୍ରମ ଶୁଭାରମ୍ଭ ହୋଇଥିଲା। ମୁଖ୍ୟପଣ୍ଡିତ ଶରତ ଚନ୍ଦ୍ର ପଣ୍ଡାଙ୍କ ସମେତ ୭ ଜଣ ପୂଜକଙ୍କ ସହଯୋଗକ୍ରମେ ସମସ୍ତ କାର୍ଯ୍ୟ ସମାହିତ ହୋଇଥିଲା। ପୀଠପଣ୍ଡିତ ମାନସ ବୃନ୍ଦାବନର ବ୍ରହ୍ମାପରିବାରର ବିଶ୍ୱଜିତ ମିଶ୍ର ଠାକୁରଙ୍କ ନିତ୍ୟ ସେବାରେ ନିଜକୁ ନିୟୋଜିତ କରିଥିଲେ। ସମସ୍ତ କାର୍ଯ୍ୟକ୍ରମ ଶ୍ରୀବଣବାବାଜୀ ମହାପୁରୁଷ କମିଟି ଦ୍ୱାରା ପରିଚାଳିତ ହୋଇଥିଲା। ଶ୍ରୀଜୀଉମାନଙ୍କ ନବଯୌବନ ଦର୍ଶନ ଅତ୍ୟନ୍ତ ମନୋଲୋଭା ଥିଲା।

# ଆରୁହା ଗ୍ରାମରେ ଅଷ୍ଟପ୍ରହର ନାମଯଜ୍ଞ

**ଚଢ଼େଇଧରା,୨୩।୨ (ଦିଲୀପ ପରିଡ଼ା):**

ଧର୍ମଶାଳା ବ୍ଲକ ଅନ୍ତର୍ଗତ ଆରୁହା ଗ୍ରାମରେ ଅଷ୍ଟପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଶନିବାର ରାତିରେ ଗ୍ରାମ ପୋଖରୀରୁ କଳସରେ ଜଳଅଣାଯାଇ ଶୋଭାଯାତ୍ରା କରାଯାଇଥିଲା। ପରେ ନାମଯଜ୍ଞ ଆରମ୍ଭ ହୋଇଥିଲା। ବିଭିନ୍ନ ଗ୍ରାମରୁ ସଙ୍କୀର୍ତ୍ତନମଣ୍ଡଳୀ ଆସି ନାମଯଜ୍ଞ କରିଥିଲେ। ସୋମବାର ନଗର ପରିକ୍ରମା କରାଯିବାପରେ ଦଧିହାଣ୍ଡି ଭଙ୍ଗାଯାଇଥିଲା। ଅତିଥିଭାବେ ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁଙ୍କ ମା' ମିନତି ସାହୁ, ୧୩ ନମ୍ବର ଜୋନ ମଣ୍ଡଳ ସଭାପତି ଜିତେନ୍ଦ୍ର ରାଉତ ଯୋଗଦେଇ ପ୍ରଭୁ ହରୀ ଗୋସାଇଁଙ୍କ କୃପା ଲାଭ କରିଥିଲେ। ଉଚ୍ଛବ ସାମଲ, ଧ୍ରୁବାନନ୍ଦ ବଳ, ଉତ୍ତମ ରଣା, ପ୍ରଶାନ୍ତ ସାମଲ, କେଶବ ଦାସ, ରଞ୍ଜନ ସାହୁ, ପ୍ରମୋଦ ଜେନା ଓ ସୁଧାକର ସାହୁ ପ୍ରମୁଖ ସହଯୋଗ କରିଥିଲେ।



# ପିଇଓଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଦାବିପତ୍ର

**ବିଞ୍ଝାରପୁର,୨୩।୨ (ରାମକୃଷ୍ଣ ଦାସ):**

### ପିଇଓ ସ୍ୱାମୀଙ୍କ ଧମକ ଦେବା ଘଟଣା ନେଇ ଥାନାରେ ୨ ମାମଲା

ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ଘଣ୍ଟିଆଳି ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ(ପିଇଓ) ରଶ୍ମିତା ବେହେରାଙ୍କ ଅନୁପସ୍ଥିତିରେ ତାଙ୍କ ସ୍ୱାମୀ ବିଜୟ ଦାସ ପଞ୍ଚାୟତ କାର୍ଯ୍ୟାଳୟରେ ବସି ଭତ୍ତା ବାଣ୍ଟିବାକୁ ନେଇ ବଚସା ଓ ପରେ ପିଇଓଙ୍କ ସ୍ୱାମୀମାଡ଼ ମାରିବାକୁ ଧମକ ଘଟଣାରେ ଥାନାରେ ୨ ମାମଲା ରୁଜୁ ହୋଇଛି। ଏନେଇ ପୋଲିସ ନଂ.୯୪/୨୬ ଓ ୯୬/୨୬ ରୁଜ କରି ତଦନ୍ତ ଆରମ୍ଭ କରିଛି। ଅନ୍ୟପକ୍ଷରେ ସମ୍ପୃକ୍ତ ପିଇଓଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଗ୍ରାମବାସୀ ବିଡିଓଙ୍କୁ ଏକ ଦାବିପତ୍ର ଦେଇଛନ୍ତି। ବିଡିଓଙ୍କ ଅନୁପସ୍ଥିତିରେ ଅତିରିକ୍ତ ବିଡିଓ ସତ୍ୟଭୂଷଣ ବିଶ୍ୱାଳ ଦାବିପତ୍ର ଗ୍ରହଣ କରିଛନ୍ତି। ତୁରନ୍ତ ପିଇଓ ବେହେରାଙ୍କୁ ନିଲମ୍ବନ ସହ ତାଙ୍କ ସ୍ୱାମୀ ବିଜୟଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ଘଟଣା ସମ୍ପର୍କରେ ଏବିଡିଓ ବିଶ୍ୱାଳଙ୍କୁ ପଚାରିବାରୁ ସେ କହିଛନ୍ତି, ଗ୍ରାମବାସୀଙ୍କ ନିକଟରୁ ପିଇଓ ବେହେରାଙ୍କ ବିରୋଧରେ ଏକ ଅଭିଯୋଗମୂଳକ ଦାବିପତ୍ର ମିଳିଛି। ଉକ୍ତ ଘଟଣାର ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ସୂଚନାଯୋଗ୍ୟ, ପିଇଓ ରଶ୍ମିତାଙ୍କ ଅନୁପସ୍ଥିତିରେ ତାଙ୍କ ସ୍ୱାମୀ ବିଜୟ ଗତ ଶନିବାର ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ କରୁଥିଲେ। ଏହାକୁ ନେଇ ପଞ୍ଚାୟତର ସନ୍ତୋଷ ଧଳ ତୁମେ କିଏ ପିଇଓଙ୍କ ବଦଳରେ ଭତ୍ତା ବାଣ୍ଟନ କରୁଛ ବୋଲି ପଚାରିବାରୁ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା। ଏହାପରେ ପିଇଓଙ୍କ ସ୍ୱାମୀ ବିଜୟ ନିଜକୁ ଭାଜପା ସମର୍ଥକ ବୋଲି କହିବା ସହିତ ମାଡ଼ ମାରିବା ପାଇଁ ଧମକ ଦେଇଥିଲେ। ପରେ ଏହି ଘଟଣାକୁ ନେଇ ଉଭୟଙ୍କ ପକ୍ଷରୁ ବିଞ୍ଝାରପୁର ଥାନାରେ ଲିଖିତ ଅଭିଯୋଗ ହୋଇଥିଲା।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com



@ ଫିନା



@ ଜ୍ୟୋତିପ୍ରକାଶ



@ ଲିଜାଲିନ୍



@ ଶିଶିର



@ ଶିବପ୍ରସାଦ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ନିକେଲ ମାଟି ଡମ୍ପିଙ୍ଗ୍‌କୁ ଗ୍ରାମବାସୀଙ୍କ ବିରୋଧ

**କାଳିଆପାଣି,୨୩।୨ (ଅସିତ ମହାନ୍ତ):**

ଯାଜପୁର ଜିଲା ସୁକିନ୍ଦା ତହସିଲ ଅନ୍ତର୍ଗତ ସୌରିକ ସାର୍ବଜନୀନ ଦୁର୍ଗାପୂଜା ପଡ଼ିଆରେ ନିକେଲ ମାଟି ଡମ୍ପିଂକୁ ଭିମଟାଙ୍ଗର ଗ୍ରାମବାସୀ ବିରୋଧ କରିଛନ୍ତି। ଏଠାରେ ଜଣେ ଠିକାଦାର ମାଟି ଡମ୍ପିଂ କରୁଥିଲେ। ୩ ଦିନ ହେବ ସେ ଲଗାତାର ଭାବେ ରାତିରେ ନିକେଲ ମାଟିକୁ ହାଇୱାରେ ଆଣି ଅନଲୋଡ କରୁଥିବାରୁ ଗ୍ରାମବାସୀଙ୍କ ପକ୍ଷରୁ କୁନାଲ ମହାନ୍ତ, ମନୋଜ ମହାନ୍ତ, ତ୍ରିଲୋଚନ ମହାନ୍ତ, ମିକୁ ମହାନ୍ତ, ଲମ୍ବୋଦର ମହାନ୍ତ ପ୍ରମୁଖ ସୋମବାର ସକାଳୁ ପଡ଼ିଆରେ ପହଞ୍ଚି ବିରୋଧ କରିବା ସହ ଅନଲୋଡିଂ ଗାଡ଼ିକୁ ଛାଡ଼ି ନ ଥିଲେ। ଡ୍ରାଇଭର କାକୁତି ମିନତି ହେବା ପରେ ଗ୍ରାମବାସୀ ଗାଡ଼ି ଛାଡ଼ିଥିଲେ। ମାତ୍ର ଆଉ ଥରେ ମାଟି ଡମ୍ପିଂ କଲେ ଗାଡ଼ି ଛାଡ଼ିବେ ନାହିଁ ବୋଲି ଗ୍ରାମବାସୀ ଚେତାବନୀ ଦେଇଥିଲେ। ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ, ପଡ଼ିଆ କଡ଼ରେ ଏକ ଚିରସ୍ରୋତା ନାଳବହି ଡମଶାଳ ନାଳରେ ମିଶିଛି। ଉପର ମୁଣ୍ଡରୁ ମାଟି ଡମ୍ପର ନିକେଲ ମିଶା ମାଟି ଡମଶାଳ ନାଳରେ ମିଶି ଦୂଷିତ କରୁଛି। ଫଳରେ ନିକେଲ ନାଳର ପାଣି ତଳେ ଥିବା ୧୦୦ ଏକରରୁ ଊର୍ଦ୍ଧ୍ୱ ଚାଷ ଜମିରେ ମିଶିବ। ଏହି ନିକେଲ ଯେଉଁ ଜମିରେ ମିଶିବ ସେ ଜମିରେ ଚାଷ ହେବ ନାହିଁ ବୋଲି ଗ୍ରାମବାସୀ କହିଛନ୍ତି। ଏହି ମାଟି ଡମ୍ପକୁ ନେଇ ଗ୍ରାମବାସୀ ସୁକିନ୍ଦା ତହସିଲଦାରଙ୍କ ନିକଟରେ ଅଭିଯୋଗ କରିବେ ବୋଲି ପ୍ରକାଶ କରିଛନ୍ତି।



ନିକେଲ ମାଟି ଡମ୍ପିଙ୍ଗ୍‌କୁ ଭିମଟାଙ୍ଗର ଗ୍ରାମବାସୀ ବିରୋଧ କରୁଛନ୍ତି।

# ଚୋରା ମଦ ବିକ୍ରି ବନ୍ଦ ଦାବିରେ ମହିଳାଙ୍କ ଆନ୍ଦୋଳନ

**ଧର୍ମଶାଳା/କାଏମା,୨୩।୨ (ବଟକୃଷ୍ଣ ପରିଡ଼ା/ଶିବପ୍ରସାଦ ମହାନ୍ତି):**

ଧର୍ମଶାଳା ଥାନା ଅନ୍ତର୍ଗତ ଗଙ୍ଗାଧରପୁର ପଞ୍ଚାୟତ ପଲାର ଗ୍ରାମର ଶତାଧିକ ଏସ୍‌ଏଚ୍‌ଜି ମହିଳା ଗଙ୍ଗାଧରପୁର(ନାକପୋଲ) ଗ୍ରାମରେ ଚୋରା ବିଦେଶୀ ମଦ ଓ ପଲାର ଗ୍ରାମରେ ହାଣ୍ଡିଆ, ଲସି, ଗଞ୍ଜେଇ ବିକ୍ରି ବନ୍ଦ ଦାବିରେ ଆନ୍ଦୋଳନ କରିଛନ୍ତି। ଏନେଇ ସେମାନେ ଧର୍ମଶାଳା ଅବକାରୀ ବିଭାଗକୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ସୋମବାର ଶତାଧିକ ମହିଳା ପଲାର ଗ୍ରାମ ନିକଟରୁ ଏକ ରାଲିରେ ବାହାରି ମଦ ବନ୍ଦର ନାରାଦେଇ ନାକପୋଲ ବଜାର ନିକଟରେ ପହଞ୍ଚିଥିଲେ। ସେଠାରେ ରାସ୍ତା ଅବରୋଧ କରିଥିଲେ। ଖବର ପାଇ ଧର୍ମଶାଳା ଥାନା ଏଏସଆଇ ପ୍ରତାପ ଦେବତା ଏବଂ ଜାରକା ଫାଣ୍ଡି ଅଧିକାରୀ ବିଜୟ କୁମାର ବେହେରାଙ୍କ ସମେତ ଏକ ଟିମ ପହଞ୍ଚି ସେମାନଙ୍କୁ ବୁଝାଶୁଝା କରିଥିଲେ। ଏହାପରେ ମହିଳାମାନେ ସେଠାରୁ ଜାରକା ସ୍ଥିତ ଅବକାରୀ କାର୍ଯ୍ୟାଳୟରେ ପହଞ୍ଚି ଧର୍ମଶାଳା ଅବକାରୀ ଅଧିକାରୀ ଶୁଭଶ୍ରୀ ଚକ୍ରଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ସେମାନଙ୍କ



ମହିଳାମାନେ ଅବକାରୀ ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି।

ଗ୍ରାମର ନାବାଳକ ଓ ଯୁବକ ମଦ୍ୟପାନ କରି ବିଭିନ୍ନ ପ୍ରକାରର ଅପ୍ରତିକର ପରିସ୍ଥିତି ସୃଷ୍ଟି କରୁଥିବା ମହିଳାମାନେ ଜଣାଇଥିଲେ। ଏହାସହ ବିଭିନ୍ନ ପ୍ରକାରର ସ୍ୱାସ୍ଥ୍ୟ ଗତ ସମସ୍ୟା ହେଉଥିବା କହିଥିଲେ। ଘରର ପୁରୁଷମାନେ ମଦ୍ୟପାନ କରି ଗାଳିଗୁଲଜ କରିବା ସହ ମାଡ଼ ମାରୁଛନ୍ତି। ଫଳରେ ପରିବାର ଭିତରେ ଅସନ୍ତୋଷ ଦେଖା ଦେଉଥିବା ମହିଳାମାନେ ଅଭିଯୋଗ କରିଥିଲେ। ଗାଁ ପାଖରେ ମଦ ମିଳୁ ଥିବାରୁ ରାତି ୧୧ଟା ପରେ ମଧ ମଦ୍ୟପାନ ଚାଲୁଛି। ଜାରକାରେ ଥିବା ଅବକାରୀ ବିଭାଗର ଅସ୍ଥାୟୀ କାର୍ଯ୍ୟାଳୟଠାରୁ ମାତ୍ର କିଛି ମାଇଲ ଦୂରରେ ଏହିପରି କାର୍ଯ୍ୟ ହେଉଥିବା ମହିଳାମାନେ ଜଣାଇଥିଲେ। ତେଣୁ ଏହି ସବୁ ସ୍ଥାନରୁ ଚୋରା ଦେଶୀ ଓ ବିଦେଶୀ ମଦ ବିକ୍ରି ବନ୍ଦ କରିବା ସହ ଭବିଷ୍ୟତରେ ଯେପରି କେହି ଚୋରାମଦ, ହାଣ୍ଡିଆ, ଲସି, ଗଞ୍ଜେଇ ଏବଂ ଡ୍ରଗସ ବେପାର ନ କରନ୍ତି ସେଥିପାଇଁ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଥିଲେ। ଅବକାରୀ ଅଧିକାରୀ ଚକ୍ର ଏହାଉପରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେବାକୁ ପ୍ରତିଶ୍ରୁତି ଦେଇଥିଲେ।

# ବାଲିଖାଦାନ ଅସାମାଜିକ ତତ୍ତ୍ୱଙ୍କ ପାଇଁ ପଟ୍ଟାମୁଣ୍ଡାଇ ଅଶାନ୍ତ

■ସହରରେ ହିଂସାତ୍ମକ ପରିସ୍ଥିତି

■ପ୍ରଶାସନର ଦାୟିତ୍ୱହୀନତା ଉପରେ ପ୍ରଶ୍ନ



ପଟ୍ଟାମୁଣ୍ଡାଇ, ୨୩।୨ (କଳ୍ପତରୁ ନାୟକ)

କେନ୍ଦ୍ରାପଡ଼ା ଜିଲାରେ ବେଆଇନ ବାଲି ଚାଲାଣ ଏକ ଗୁରୁତର ସମସ୍ୟା ଭାବେ ଉଭା ହୋଇଥିବା ବେଳେ ଆପରାଧିକ କାର୍ଯ୍ୟକଳାପ ବଢ଼ିବାରେ ଲାଗିଛି। କିଛିଦିନ ମଧ୍ୟରେ ବ୍ରାହ୍ମଣୀ ନଦୀର ଏକାଧିକ ବାଲିଘାଟରୁ ୧୦୦ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ବାଲି ଉଠାଗଲାଣି। ଯେଉଁଥିରେ ସ୍ଥାନୀୟ ପ୍ରଭାବଶାଳୀ ନେତା, ଖଣି ଅଧିକାରୀ, ଏବଂ ବାଲି ଘାଟ ମାଲିକଙ୍କ ସମ୍ପୃକ୍ତି ଥିବା ଅଭିଯୋଗ ହୋଇଛି। ରାଜସ୍ୱ ବିଭାଗ ପକ୍ଷରୁ ନିଲାମ ଦିଆଯାଇଥିବା ବାଲି ଖାଦାନଗୁଡ଼ିକର ମୂଲ୍ୟ ସମ୍ପର୍କିତ ଫଳକ ଲଗାଯାଇନାହିଁ କିମ୍ବା ବାଲିଖାଦାନ ସୀମା ନିର୍ଦ୍ଧାରଣ ହୋଇନାହିଁ। ଫଳରେ ନିଲାମ ଦିଆଯାଇଥିବା ଅମୃତମଣୋହି ଘାଟରୁ ବେଆଇନ ବାଲି ଚାଲାଣ ବଢ଼ିବାରେ ଲାଗିଛି। ମାତ୍ର ଗତ ୩ ଦିନ ତଳେ ନିଲାମଧାରୀଙ୍କ ପ୍ରରୋଚନାରେ ଖଣି ବିଭାଗ ଅଧିକାରୀ କେତେଗୋଟି ବାଲିଘାଟ ବନ୍ଦକରି ଦେଇଥିବା ବେଳେ ସମ୍ପୃକ୍ତି ଥିବା ଘାଟ ପୂର୍ବପରି ଚାଲୁରହିଛି। ସରକାରୀ ନୀତିନିୟମକୁ ବେଖାତିର ଶ୍ରମିକ ବଦଳରେ ଜେସିବିକୁ ନିୟୋଜିତକରି ହାଇୱା, ଟ୍ରକ୍‌ରେ ମନଇଚ୍ଛା ବାଲି ଚାଲାଣ କରାଯାଉଛି। ଫଳରେ ସ୍ଥାନୀୟ ଅଧିବାସୀଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବା ସହିତ ଖଣି ଓ ତହସିଲ ଅଧିକାରୀଙ୍କ ସମ୍ପୃକ୍ତିକୁ ନେଇ ଜିଲାପାଳଙ୍କୁ ଅଭିଯୋଗ କରିଥିଲେ ମଧ୍ୟ ଜିଲା ପ୍ରଶାସନର ନୀରବଦ୍ରଷ୍ଟା ପାଇଁ ଆପରାଧିକ କାର୍ଯ୍ୟକଳାପ ବଢ଼ିଚାଲିଛି।

ବାଲିଘାଟକୁ କେନ୍ଦ୍ରକରି କିଛିଦିନ ହେବ ପଟ୍ଟାମୁଣ୍ଡାଇ ସହର ଅଶାନ୍ତରେ ହୋଇ ରହିଛି। କେତେ ବେଳେ ଖଣ୍ଡା ବୁଲୁଛି ତ କେଉଁଠାରେ ଗୁଳି ଫୁଟୁଛି ଆଉ କେତେକ ସ୍ଥାନରେ ଚାଲାଣକାରୀ ମେଳିମେଳି ହୋଇ ନିଜନିଜର ପତିଆରା ଜାହିର କରୁଛନ୍ତି। ବେଆଇନ ବାଲି ଚାଲାଣ ଏବଂ ସ୍ଥାନୀୟ ଅଞ୍ଚଳ ଅଶାନ୍ତ ଘଟଣାର ବିଭିନ୍ନ ଦିଗରୁ ଆଲୋଚନା ହେଉଛି। ଗ୍ରାଉଣ୍ଡ ସ୍ଥିତି ଅନୁଧ୍ୟାନ କରିବାରେ ପ୍ରଭାବଶାଳୀ ବେଆଇନ ବାଲି ବ୍ୟବସାୟୀଙ୍କ ସହିତ ଏଥିରେ ସିଧାସଳଖ ଖଣି ବିଭାଗ ଓ ରାଜନେତାଙ୍କ ସମ୍ପୃକ୍ତି ରହିଥିବା ଆଲୋଚନା ହେଉଛି। ଏସବୁ ବେଆଇନ କାର୍ଯ୍ୟକଳାପ ଦିଗରେ ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ପୋଲିସର ଦାୟିତ୍ୱହୀନତା ଉପରେ ପ୍ରଶ୍ନ ଉଠୁଛି। ଯାହାକୁ ନେଇ ଗତ ବର୍ଷେ ହେବ ବିଭିନ୍ନ ସମୟରେ ଆପରାଧିକ କାର୍ଯ୍ୟକଳାପ ଘଟୁଥିବା ବେଳେ ଶନିବାର କେନ୍ଦ୍ରାପଡ଼ା ଜିଲା ଖଣି ବିଭାଗ, ପଟ୍ଟାମୁଣ୍ଡାଇ ତହସିଲଦାର ଓ ଆଦର୍ଶ ଥାନା ପକ୍ଷରୁ ଅଲଭା ଏବଂ ନୀଳକଣ୍ଠପୁର ବ୍ରାହ୍ମଣୀ ନଦୀରୁ ବେଆଇନ ବାଲି ଖନନ ଉପରେ ଚଢାଉ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିଲା। ଏ ନେଇ ୧୬୩ଧାରା ଜାରି କରାଯାଇଥିଲା। ମାତ୍ର ଅନ୍ୟ ବାଲି ଖାଦାନଗୁଡିକ ପୂର୍ବଭଳି ଚାଲାଣ ହେଉଥିବାରୁ ଗୋଷ୍ଠୀ ଅସନ୍ତୋଷ ବୃଦ୍ଧି ପାଇଥିଲା, ଯାହାକୁ ନେଇ ପଟ୍ଟାମୁଣ୍ଡାଇ ବାଇପାସ୍ ନିକଟରେ ୨ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ହୋଇ ବନ୍ଧୁକ ଗୁଳିଚାଳନା ଥାନାରେ ଅଭିଯୋଗ ହୋଇ ଉଭୟପକ୍ଷରୁ ୨ଟି ମାମଲା ହୋଇଛି। ବାଲି ଖାଦାନକୁ ନେଇ ଉପୁଜୁଥିବା ଗଣ୍ଡଗୋଳରେ ପୋଲିସର ନିରପେକ୍ଷତା ଓ ନିଷ୍କ୍ରିୟତାକୁ ନେଇ ଅଞ୍ଚଳବାସୀ ନାପସନ୍ଦ କରିଛନ୍ତି।

ଅନ୍ୟପକ୍ଷରେ ଅମୃତମଣୋହି ବାଲି ଲିଜ୍ ନେଇଥିବା ଲିଜ୍‌ଧାରୀମାନେ ଯେଉଁ ସ୍ଥାନରେ ବାଲି ଉଠାଇବା ପାଇଁ ନିର୍ଦ୍ଦେଶ ରହିଛି ତାହା ପାଳନ ନ କରି ମନଇଚ୍ଛା ବାଲି ଉଠାଉଥିବା ଅଞ୍ଚଳବାସୀ ଅଭିଯୋଗ କରୁଥିଲେ ମଧ୍ୟ କେହି ଶୁଣୁନାହାନ୍ତି। ଗୋଟିଏ ରୟାଲଟି କାଟି ଅନେକ ଗାଡ଼ିରେ ବାଲି ଚାଲାଣ ହେଉଛି। ସ୍ଥାନୀୟ ମାଇନିଂ ବିଭାଗ ଓ ରାଜସ୍ୱ ବିଭାଗ ପାଖରେ ଏହି ଖବର ଥିଲେ ମଧ୍ୟ ବାଲି ଚୋରା ଚାଲାଣକାରୀଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ହେଉ ନ ଥିବା ସାଧାରଣ ଅଭିଯୋଗ ହୋଇଛି। ସ୍ଥାନୀୟ ଅଞ୍ଚଳର ଚାଷଜମି, ବାଡ଼ି, ବଗିଚା, ଘରଦ୍ୱାର ବାଲି ଉଡ଼ି ଭର୍ତ୍ତି ହୋଇ ନଷ୍ଟ ହେଉଛି। ବାଲି ବ୍ୟବସାୟୀମାନେ ରାଜନେତାଙ୍କ ପାଖ ଲୋକ ହୋଇଥିବାରୁ ସ୍ଥାନୀୟ ଲୋକେ ଡରି ମୁହଁ ଖୋଲୁନାହାନ୍ତି। ବର୍ତ୍ତମାନ ଖରାଦିନ, ନଦୀରେ ପାଣି କମ୍ ରହିଥିବାର ସୁଯୋଗ ନେଇ କେତେଜଣ ବାଲି ବ୍ୟବସାୟୀ ବିଭିନ୍ନ ସ୍ଥାନରେ ବାଲି ସବୁ ଗଚ୍ଛିତ ରଖିଛନ୍ତି। ଏହା ସମ୍ପୂର୍ଣ୍ଣ ବେଆଇନ କାର୍ଯ୍ୟ ହୋଇଥିବା ବେଳେ ଏଥିପ୍ରତି କାହାର ଦୃଷ୍ଟି ପଡୁନାହିଁ। ଏଣୁ ଜିଲା ପ୍ରଶାସନ ଏଥିପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେଇ ଖିଲାପକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଧୋୟାଞ୍ଚଳବାସୀ ଦାବି କରିଛନ୍ତି। ଗୁଳି ଚାଳନା ସମ୍ପର୍କରେ ଆଇଆଇସି ବନ୍ଦନା ପାତ୍ରଙ୍କୁ ପଚାରିବାରେ ଉଭୟପକ୍ଷଙ୍କ ଏତଲାକୁ ରେଜେଷ୍ଟ୍ରି କରାଯାଇ ନଂ. ୭୨/୨୬, ୭୩/୨୬ରେ ୨ଟି ମାମଲା ରୁଜୁ ହୋଇ ତଦନ୍ତ ଜାରି ରହିଛି।

# ମହାନଦୀ ଗର୍ଭରେ ବାହାକୁଦ କାଜୁ ଜଙ୍ଗଲ ଲୀନ

■ସାମୁଦ୍ରିକ ଢେଉ ମାଡ଼ରେ ବହୁ ଶହ ଗଛ ଧରାଶାୟୀ

■ପାରାଦୀପ ଶିଳ୍ପ କାରଖାନା ଧୂଆଁ, ଗ୍ୟାସ୍ ନିର୍ଗତ ପ୍ରଭାବ

■କାଜୁ ଉତ୍ପାଦନ ହ୍ରାସ

■ବେଆଇନ ଦଖଲକରି କାଜୁ ଗଛକାଠ, ବାଲି ତାଡ଼ି ନେଉଛନ୍ତି



ମହାନଦୀ ପାର୍ଶ୍ୱ ବାହାକୁଦ କାଜୁ ଜଙ୍ଗଲ ବହୁ ଶହ ଗଛ ନଦୀ ଗର୍ଭରେ ଧରାଶାୟୀ।

ମହାକାଳପଡ଼ା, ୨୩।୨
(ପ୍ରତାପ ଚନ୍ଦ୍ର ସ୍ୱାଇଁ)

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ଉପକୂଳ ଅଞ୍ଚଳରେ ସାମୁଦ୍ରିକ ଢେଉ ଯୋଗୁ କାଜୁ ଜଙ୍ଗଲରୁ ୫ ଶହ ଗଛ ମହାନଦୀ ଗର୍ଭରେ ଲୀନ ହୋଇଗଲାଣି। ବ୍ଲକ୍‌ର ରାମନଗର ୩୫୪ ଏକରରେ ୧୦ ହଜାର ଗଛ, ପିତାପାଟ ୧୮୨ ଏକରରେ ୫ ହଜାର ଗଛ ଓ ବାହାକୁଦ ୨୮୨ ଏକର ଜମିରେ ୧୯୮୦ ଠାରୁ କାଜୁ ନିଗମ ପକ୍ଷରୁ ଚାରା ରୋପଣ କରାଯାଇଥିଲା। ପରେ ପ୍ରତିବର୍ଷ ନିଗମ ପକ୍ଷରୁ ନିଲାମ ପ୍ରକ୍ରିୟା କରାଯାଇ ବହୁ ଲକ୍ଷ ଟଙ୍କା ରାଜସ୍ୱ ମିଳୁଥିଲା। କିଛିବର୍ଷ ହେଲା ପାରାଦୀପ ଶିଳ୍ପ କାରଖାନା ଧୂଆଁ, ଗ୍ୟାସ୍ ନିର୍ଗତ ହୋଇ ବାୟୁ ମଣ୍ଡଳ ପ୍ରଭାବିତ ଯୋଗୁ କାଜୁ ଉତ୍ପାଦନ ହ୍ରାସ ପାଉଛି। ଫଳରେ ପୂର୍ବ ଅପେକ୍ଷା ନିଲାମଧାରୀମାନଙ୍କ କ୍ଷତିଗ୍ରସ୍ତ ଯୋଗୁ ନିଲାମରୁ ମୁହଁ ଫେରାଇ ନେଲେଣି ବୋଲି ସ୍ଥାନୀୟ ନିଲାମଧାରୀମାନେ କହିଛନ୍ତି। ଅପରପକ୍ଷରେ ଏହି ୩ ମୌଜାରେ କାଜୁ ଜଙ୍ଗଲ ସୁରକ୍ଷା ପାଇଁ ନିଗମ ପକ୍ଷରୁ ସେଭଳି ଆଖିଦୃଶିଆ ସୁରକ୍ଷା ବ୍ୟବସ୍ଥା କଡାକଡି କରାଯାଉନାହିଁ। ସ୍ଥାନୀୟ ଲୋକମାନେ ଦିନ ଦ୍ୱିପ୍ରହରରେ କାଠ ହାଣି ନେବା ସହ ବହୁ ଶହ ଟ୍ରିପ୍ ବାଲି ଖୋଳି ନେଉଥିବା ନଜରକୁ ଆସୁଛି। ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନ ଥିବା ଅଭିଯୋଗ ସ୍ଥାନୀୟ ଲୋକମାନେ କରିଛନ୍ତି। ସେହିପରି ମହାନଦୀ ପାର୍ଶ୍ୱରେ ବାହାକୁଦ କାଜୁ ଜଙ୍ଗଲରେ ୫ ହଜାର କାଜୁ ଗଛ ଥିଲା। ହେଲେ ସାମୁଦ୍ରିକ ଢେଉ ମାଡ଼ରେ ୫ ଶହରୁ ଅଧିକ ଗଛ ମହାନଦୀ ଗର୍ଭକୁ ଚାଲିଗଲାଣି ବୋଲି ପରିବେଶପ୍ରେମୀ ସୁବାସ ସ୍ୱାଇଁ କହିଛନ୍ତି। ୨ ବର୍ଷ ହେବ ନିଲାମ ହେଉ ନ ଥିବା ସ୍ଥାନୀୟ ନିଲାମଧାରୀମାନେ ଅଭିଯୋଗ କରିଛନ୍ତି। ଜଙ୍ଗଲରେ ଗଛ ନାହିଁ କି ବଉଳ ଦେଖିବାକୁ ମିଳୁନାହିଁ ବୋଲି ସ୍ଥାନୀୟ ଲୋକମାନେ ଅଭିଯୋଗ କରିଛନ୍ତି। ତେବେ କାଜୁ ନିଗମ ଆଞ୍ଚଳିକ କାର୍ଯ୍ୟାଳୟ ଚଣ୍ଡିଖୋଲ ଥିବାରୁ ଦାୟିତ୍ୱରେ ଥିବା ଅଧିକାରୀଙ୍କ ପ୍ରତିକ୍ରିୟା ମିଳିପାରିନାହିଁ। ଏ ସମ୍ପର୍କରେ ମହାକାଳପଡ଼ା ତହସିଲଦାର ରବିନାରାୟଣ ଆଚାର୍ଯ୍ୟଙ୍କୁ ପଚାରିବାରେ ମହାନଦୀ ପାର୍ଶ୍ୱ କାଜୁ ଜଙ୍ଗଲ କ୍ଷୟ ହେବା ନେଇ ନଜରକୁ ଆସିଛି। ସ୍ଥାନୀୟ ରାଜସ୍ୱ ନିରୀକ୍ଷକଙ୍କୁ ଏହାର ତଦନ୍ତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ସେ କହିଛନ୍ତି।

## ନାବାଳିକା ଅପହରଣ ମାମଲା, ୬ ଦିନ ପରେ ଉଦ୍ଧାର

ପଟ୍ଟାମୁଣ୍ଡାଇ, ୨୩।୨
(କଳ୍ପତରୁ ନାୟକ)

କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ଅଞ୍ଚଳର ଅପହୃତା ଜନୈକା ୧୭ ବର୍ଷିଆ ନାବାଳିକା ଛାତ୍ରୀଙ୍କୁ ପୋଲିସ ୬ ଦିନ ପରେ ଉଦ୍ଧାର କରିଛି। ତାଙ୍କୁ ପଟ୍ଟାମୁଣ୍ଡାଇ କୋର୍ଟ ଓ ସିଡବ୍ଲ୍ୟୁସିରେ ହାଜର କରିବା ପରେ ସୋମବାର ପରିବାର ଲୋକାଙ୍କ ଜିମା ଦେଇଛନ୍ତି। ଆଦର୍ଶ ଥାନା ଅଞ୍ଚଳର ଜଣେ ଯୁକ୍ତ ୨ ଛାତ୍ରୀ ଜାଗର ଉତ୍ସବ ଦିନ ମନ୍ଦିର ଯାଇ ଆଉ ଘରକୁ ଫେରି ନ ଥିଲେ। ଦୀର୍ଘ ସମୟ ଧରି ନ ଫେରିବାରୁ ପରିବାର ଲୋକେ ବହୁ ଖୋଜାଖୋଜି ଏବଂ ତାଙ୍କ ସାଙ୍ଗସାଥିଙ୍କଠାରୁ ଆରମ୍ଭ କରି ସମ୍ପର୍କୀୟମାନଙ୍କୁ ପଚରାଉଚରା କରିଥିଲେ। ମାତ୍ର ଝିଅର ପତ୍ତା ନ ମିଳିବାରୁ ବାପା ୧୫ ତାରିଖ ରାତି ୯ଟାରେ ଥାନାର ଦ୍ୱାରସ୍ଥ ହୋଇ ଲିଖିତ ଅଭିଯୋଗ କରିଥିଲେ।

## ସେଲ୍‌ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ଫିନା



@ ଜ୍ୟୋତିପ୍ରକାଶ



@ ଲିଜାଲିନ୍



@ ଶିଶିର



@ ଶିବପ୍ରସାଦ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ସ୍କୁଲରେ ପହଞ୍ଚି ଯାଞ୍ଚ କଲେ ଶିକ୍ଷାବିଭାଗର ୩ ଜଣିଆ ଟିମ୍

## ଛାତ୍ରୀଙ୍କୁ ଗଣବଳାତ୍କାର ଘଟଣା



ଶିକ୍ଷା ବିଭାଗର ୩ ଜଣିଆ ଟିମ ସ୍କୁଲର ଯାଞ୍ଚ ସାରି ଫେରୁଛନ୍ତି।

ରାଜକନିକା, ୨୩।୨ (ସଞ୍ଜୟ କୁମାର ଦାଶ/ରବୀନ୍ଦ୍ର କୁମାର ଦାସ)

କେନ୍ଦ୍ରାପଡ଼ା ରାଜକନିକା ଥାନା ଅଞ୍ଚଳର ଏକ ସ୍କୁଲର ଜଣେ ୧୩ ବର୍ଷିଆ ଛାତ୍ରୀଙ୍କୁ ଗଣବଳାତ୍କାର ଘଟଣା ଦିନକୁ ଦିନ ନୂଆ ମୋଡ଼ ନେଉଛି। ଏହିକ୍ରମରେ ସୋମବାର ଜିଲା ଉପଶିକ୍ଷା ଅଧିକାରୀ ଶୁଭସ୍ମିତା ତ୍ରିପାଠୀ, ଦୀପ୍ତି ନାୟକ ଓ ରାଜକନିକା ମଣ୍ଡଳ ଶିକ୍ଷା ଅଧିକାରୀ ରତିକାନ୍ତ ସେନାପତି ସମ୍ପୃକ୍ତ ସ୍କୁଲରେ ପହଞ୍ଚି ବିଭିନ୍ନ ଦିଗକୁ ନେଇ ଯାଞ୍ଚ କରିଛନ୍ତି। ପିଲାଙ୍କ ଆଟେଣ୍ଡାନ୍ସ, ଜରୁରୀ କାଗଜ ପତ୍ର ଯାଞ୍ଚ କରିଥିବା ଦେଖିବାକୁ ମିଳିଥିଲା। ଏ ସମ୍ପର୍କରେ ଅତିରିକ୍ତ ଜିଲା ଶିକ୍ଷା ଅଧିକାରିଣୀ ନାୟକଙ୍କୁ ପଚାରିବାରେ ଯାହା ତଦନ୍ତ କରାଗଲା ସେସବୁ ଜିଲା ଶିକ୍ଷା ଅଧିକାରୀଙ୍କୁ ଦିଆଯିବ ବୋଲି ସେ କହିଥିଲେ। ଯାଞ୍ଚ ପରେ ସେମାନେ ଫେରି ଯାଇଛନ୍ତି।

ସୂଚନାଯୋଗ୍ୟ, ସ୍କୁଲର ଜଣେ ଛାତ୍ରୀଙ୍କୁ ସେହି ସ୍କୁଲର ୩ ଶିକ୍ଷକ, ଜଣେ ପିଅନ ଓ ସେମାନଙ୍କୁ ଜଣେ ଶିକ୍ଷୟିତ୍ରୀଙ୍କ ସହଯୋଗରେ ଗଣବଳାତ୍କାର ଅଭିଯୋଗ ନେଇ ଶନିବାର ଜଣାପଡ଼ିଥିଲା। ପରେ ସମ୍ପୃକ୍ତ ସ୍କୁଲରେ ପୋଲିସ ପହଞ୍ଚି ସନ୍ଦେହରେ ଏହି ୫ ଜଣଙ୍କୁ ଥାନାକୁ ଉଠାଇ ଆଣିଥିଲା। ରବିବାର ସେମାନଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। ଅନ୍ୟପକ୍ଷରେ ସ୍କୁଲକୁ ବଦନାମ କରିବାକୁ ଏପରି ମସୁଧା ହୋଇଥିବା ନେଇ ରବିବାର ଅଭିଭାବକମାନେ ଥାନା ଘେରାଉ କରିଥିଲେ। ଅଭିଯୁକ୍ତମାନଙ୍କୁ ନିର୍ଦ୍ଦୋଷ ବୋଲି ଦାବିକରି ସେମାନଙ୍କୁ ଛାଡିଦିଆଯାଉ ବୋଲି ଦାବି କରିଥିଲେ। ଘଟଣାସ୍ଥଳରେ ପଟ୍ଟାମୁଣ୍ଡାଇ ଏସ୍‌ଡିପିଓ ସୁଶାନ୍ତ ପାତ୍ର ପହଞ୍ଚି ଆନ୍ଦୋଳନକାରୀମାନଙ୍କୁ ବୁଝାଶୁଝା ସହ ଆଇନକୁ ହାତକୁ ନ ନେବାକୁ ପରାମର୍ଶ ଦେବା ସହ ତଦନ୍ତରେ ସହଯୋଗ କରିବାକୁ କହିବାରୁ ଘେରାଉ ହଟିଥିଲା। ଅନ୍ୟପକ୍ଷରେ ରବିବାର ସାଇଣ୍ଟିଫିକ ଟିମ୍ ସମ୍ପୃକ୍ତ ସ୍କୁଲକୁ ଯାଇ ତଦନ୍ତ କରି ଫେରିଯାଇଥିଲା। ଏହି ମାମଲା ସମ୍ବେଦନଶୀଳ ହୋଇଥିବାରୁ ଏହାକୁ ରେଡଫ୍ଲାଗ୍ ଘୋଷଣା କରାଯାଇ କ୍ରାଇମବ୍ରାଞ୍ଚକୁ ହସ୍ତାନ୍ତର କରାଯାଇଛି। ଗତ ୩ ଦିନ ଧରି ସାରା ରାଜ୍ୟରେ ଏହି ସ୍ପର୍ଶକାତର ଘଟଣା ହଟଚମଟ ସୃଷ୍ଟି କରିଛି। ଏହି ଘଟଣା ଏବେ ଜାତୀୟ ଗଣମାଧ୍ୟମରେ ପ୍ରସାରିତ ହେବା ଏବଂ ରେଡଫ୍ଲାଗ ଘୋଷଣା ପରେ ୬୦ ଦିନ ପରେ ଘଟଣାର ଚାର୍ଜସିଟ ଦାଖଲ ହେବ ବୋଲି ଜଣାପଡିଛି। କଂଗ୍ରେସ ଓ ବିଜେଡିର ଘଟଣାକୁ ନିନ୍ଦା କରି ଦୋଷୀଙ୍କ କଠୋର ଦଣ୍ଡ ବିଧାନ ପାଇଁ କହିଥିବା ବେଳେ, ରାଜ୍ୟରେ ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ପାଇଁ ବଢ଼ି ଚାଲିଛି ବଳାତ୍କାର, ନାବାଳିକା ଯୌନ ନିର୍ଯାତନା ଭଳି ଘଟଣା। ଏହି ଘଟଣାର ପୁଙ୍ଖାନୁପୁଙ୍ଖ ତଦନ୍ତ କରାଯାଇ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ପାଇଁ ସାଧାରଣରେ ଦାବି ହୋଇଛି।

# ଜିଲାରେ ପାନୀୟ ଜଳ ସମସ୍ୟା ବଢୁଛି



ଅଚଳ ହୋଇପଡ଼ିଥିବା ନଳକୂପ।

କେନ୍ଦ୍ରାପଡ଼ା, ୨୩।୨ (ଜଗନ୍ନାଥ ଧଳ)

ଫେବୃଆରୀ ଆରମ୍ଭରୁ କେନ୍ଦ୍ରାପଡ଼ା ଜିଲାରେ ଖରା ପାଇଁ ନଦୀ, ନାଳ ଶୁଖିଲା ହେଉଛି। ଅଚଳ ନଳକୂପର ମରାମତି ହେଉନାହିଁ। ଗ୍ରାମକୁ ଏବେବି ପାଇପ ପାଣି ଯୋଗାଇ ଦିଆଯାଇନାହିଁ। ଏପରି ବହୁ ଅଭିଯୋଗ କେନ୍ଦ୍ରାପଡ଼ା ଜିଲା ପ୍ରଶାସନ ନିକଟରେ ପହଞ୍ଚୁଛି। ଭୂଗର୍ଭ ଜଳ ଲୁଣିଆ ହେଉଥିବାରୁ ଜିଲାବାସୀ ପାଣିର ଅଭାବକୁ ନେଇ ଚିନ୍ତାରେ ଅଛନ୍ତି। ଗରଦପୁର ବ୍ଲକ୍ କଳାବୁଦା ଗ୍ରାମର ଅଧିବାସୀ ସୋମବାର ଜିଲାସ୍ତରୀୟ ଜନଶୁଣାଣି ଶିବିରରେ ପ୍ରଶାସନିକ ଅଧିକାରୀଙ୍କୁ ଭେଟି ଗ୍ରାମର ପାନୀୟ ଜଳ ସମ୍ପର୍କରେ ଅଭିଯୋଗ କରିଛନ୍ତି।

କଳାବୁଦାର ଗାଁର ସରିତା ଦାସ କହିଛନ୍ତି, ଗ୍ରାମରେ ୩ଟି ନଳକୂପ ଅଛି। ତେବେ ଖରାଦିନ ଆରମ୍ଭରୁ ଏହା ଅଚଳ ହୋଇପଡିଛି। ଏ ନେଇ ବିଭାଗୀୟ ଅଧିକାରୀଙ୍କୁ ସୂଚନା ଦିଆଯାଇଥିଲେ ମଧ୍ୟ ନଳକୂପ ସଜଡ଼ା ହୋଇପାରୁନାହିଁ। ପିଇବା ପାଣି ଆଣିବାକୁ ପ୍ରାୟ ୧ କିଲୋମିଟର ଯିବାକୁ ପଡୁଛି। ଜିଲା ପ୍ରଶାସନ ପକ୍ଷରୁ ନଳକୂପ ମରାମତି ସହ ଟ୍ୟାଙ୍କରରେ ପାଣି ଯୋଗାଇବାକୁ ସେ ଦାବି କରିଛନ୍ତି। ସେହିପରି ରାଜନଗର ବ୍ଲକ୍‌ର ବିଭିନ୍ନ ସ୍ଥାନରେ ପାନୀୟ ଜଳ ସଙ୍କଟ ଦେଖାଦେଇଛି। ଏ ସମ୍ପର୍କରେ ବଗପାଟିଆର ସୁଦର୍ଶନ ଦାସ କହିଛନ୍ତି, ୭ ନଳକୂପରୁ ୪ଟି ଅଚଳ ହୋଇପଡ଼ିଛି। ଅବଶିଷ୍ଟ ୩ଟିରେ ପାଣି ପାଇଁ ବିବାଦ ସୃଷ୍ଟି ହେଉଛି। ପାଣି ପାଇଁ ମେଳି ହେଉଥିବାରୁ ଗ୍ରାମ କଳହକୁ ରୋକି ହେଉନାହିଁ। ପାଟକୁରା ଗ୍ରାମର ସଦାଶିବ ଭୋଇ କହିଛନ୍ତ, ସ୍ଥାନୀୟ ଅଞ୍ଚଳରେ ବିଦ୍ୟୁତ୍ କାଟ ଅସହ୍ୟ ହୋଇଛି। ଫଳରେ ଜଗନ୍ନାଥପୁର, ପୁନ୍ଦାଳୋ, ଆଖୁଆ, ନରସିଂହପୁର, ବେଡାରୀ, ଜଗଦଳପୁର ଆଦି ଗ୍ରାମରେ ପାଇପପାଣି ଆବଶ୍ୟକ ମୁତାବକ ପହଞ୍ଚିପାରୁନାହିଁ। ମହାକାଳପଡ଼ାର ପ୍ରତାପ କୁମାର ତ୍ରିପାଠୀ କହିଛନ୍ତି, ମହାକାଳପଡ଼ା ଓ ମାର୍ଶାଘାଇ ବ୍ଲକ ଅଞ୍ଚଳର ଲୁଣା ଜଳ ସମସ୍ୟାର ସମାଧାନ ପାଇଁ ମେଗା ପାନୀୟ ଜଳ ପ୍ରକଳ୍ପ ୨୦୧୮ରୁ ନିର୍ମାଣାଧୀନ ଅଛି। ଏହି ପ୍ରକଳ୍ପ ୨୦୨୦ ସୁଦ୍ଧା ସରିବା ପାଇଁ ଠିକା ସଂସ୍ଥା ସହ ଚୁକ୍ତି ହୋଇଥିଲେ ମଧ୍ୟ ଅଦ୍ୟାବଧି ନିର୍ମାଣ କାର୍ଯ୍ୟ ସରିନାହିଁ। ନଳକୂପଗୁଡିକ ମରାମତି ହେଉ ନ ଥିବାରୁ ପାନୀୟ ଜଳ ସ୍ଥାନୀୟ ଅଞ୍ଚଳ ପାଇଁ ସମସ୍ୟା ସୃଷ୍ଟି କରିଛି। ବୁଦ୍ଧିଜୀବୀ ରାଧାକାନ୍ତ ମହାନ୍ତି କହିଛନ୍ତି, ଜିଲାର ରାଜକନିକା, ଆଳି, ରାଜନଗର, ମାର୍ଶାଘାଇ, ଗରଦପୁର ଓ ମହାକାଳପଡ଼ା ବ୍ଲକ ଅଞ୍ଚଳସ୍ଥ ଭୂତଳ ଜଳ ଲୁଣା ହୋଇଥିବା ନେଇ ଜିଲା ପ୍ରଶାସନ ଏବଂ କେନ୍ଦ୍ର ଭୂତଳ ଜଳ ବୋର୍ଡର ବୈଠକ ଶନିବାର ଅନୁଷ୍ଠିତ ହୋଇଥିଲା। ଜିଲାର ୭ ବ୍ଲକ୍ ଅଞ୍ଚଳର ଭୂତଳ ଜଳ ଲୁଣାସ୍ତର ବଢୁଥିବା ନେଇ ଉଦ୍‌ବେଗ ପ୍ରକାଶ କରାଯାଇଛି। ତେବେ ଏହାର ନିରାକରଣ ପାଇଁ ଉଦ୍ୟମ ଆଦୌ ସନ୍ତୋଷଜନକ ନୁହେଁ। ୯ଟି ମେଗା ପାନୀୟ ଜଳ ପ୍ରକଳ୍ପ ନିର୍ମାଣ ଅବଧି ଗତ ୩ରୁ ୬ ବର୍ଷ ହେବ ସରିଥିଲେ ମଧ୍ୟ କାର୍ଯ୍ୟକାରୀ ହୋଇପାରିଲା ନାହିଁ। ଜିଲାର ପାନୀୟ ଜଳ ସମସ୍ୟା ସମାଧାନ ଆବଶ୍ୟକ। ୧୭,୦୩୮ ନଳକୂପ ମଧ୍ୟରୁ ୪୦୦ରୁ କମ ନଳକୂପ ଅଚଳ ହୋଇଥିବା ଜିଲା ପ୍ରଶାସନ ପକ୍ଷରୁ ସୂଚନା ମିଳୁଛି। ମାତ୍ର ଏଥିରେ ବାସ୍ତବତା ନାହିଁ। ପ୍ରାୟ ୮ ହଜାରରୁ ଊର୍ଦ୍ଧ୍ୱ ନଳକୂପ ଅଚଳ ହୋଇଥିବା ଏକ ବେସରକାରୀ ସଂସ୍ଥା ଆକଳନ କରିଥିବା ସେ ସୂଚନା ଦେଇଛନ୍ତି। ଏ ସମ୍ପର୍କରେ ଏଡିଏମ୍ ରବୀନ୍ଦ୍ର କୁମାର ମଲ୍ଲିକଙ୍କୁ ପଚାରିବାରେ ପାନୀୟ ଜଳ ସମସ୍ୟାର ସମାଧାନ ପାଇଁ ପ୍ରଶାସନିକସ୍ତରର ବୈଠକ ସରିଛି। ଗ୍ରାମ୍ୟ ଜଳ ଯୋଗାଣ ବିଭାଗକୁ ପ୍ରତ୍ୟେକ ଗ୍ରାମରେ ପାନୀୟ ଜଳ ଯୋଗାଣ ବ୍ୟବସ୍ଥା ପାଇଁ ନିର୍ଦ୍ଦେଶ ଦିଆଯାଇଛି। କୌଣସି ଗ୍ରାମରେ ପାନୀୟ ଜଳ ଯୋଗାଣରେ ଅସୁବିଧା ଥିଲେ ଟ୍ୟାଙ୍କର ଯୋଗେ ଜଳ ପରିବହନ ହେବ ବୋଲି ସେ କହିଛନ୍ତି।

# ଛାତ୍ର ମୃତ୍ୟୁ ଘଟଣାର ବିସ୍ଫୋରକ ରୂପ



ଜିଲାପାଳଙ୍କ କାର୍ଯ୍ୟାଳୟକୁ ଆନ୍ଦୋଳନକାରୀ ଧସେଇ ପଶିବାକୁ ଉଦ୍ୟମ କରୁଛନ୍ତି।



ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରତ ମହିଳାମାନେ।

ନୟାଗଡ଼,୨୩।୨(ଲୋକନାଥ ମିଶ୍ର)

ନୟାଗଡ଼ ଜିଲା ଗଣିଆ ବ୍ଲକ ବେଲପଡାପାଟଣା ସରକାରୀ ପ୍ରାଥମିକ ସ୍କୁଲର ୫ମ ଶ୍ରେଣୀର ଛାତ୍ର ଭୋଳାନାଥ ମଲ୍ଲିକଙ୍କ ମୃତଦେହ କୂଅରୁ ଉଦ୍ଧାର ହେବା ଘଟଣା ବିବାଦୀୟ ରୂପ ନେଉଛି। ପ୍ରଶାସନର ଅଣଦେଖା ପ୍ରତିବାଦରେ ଆନ୍ଦୋଳନକାରୀ ଜିଲାପାଳଙ୍କ କାର୍ଯ୍ୟାଳୟ ଭିତରକୁ ଧଶେଇ ପଶିବାକୁ ପ୍ରାୟ ଅଧ ଘଣ୍ଟାଏ ଧରି ଉଦ୍ୟମ କରି ବିଫଳ ହୋଇଥିଲେ ମଧ୍ୟ କାର୍ଯ୍ୟାଳୟକୁ ଘେରାଉ କରି ରଖିଥିଲେ। ଅପରାହ୍ନ ପ୍ରାୟ ସାଢ଼େ ୧ଟାରୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆନ୍ଦୋଳନକାରୀ ଜିଲାପାଳ, ଜିଲା ଶିକ୍ଷା ଅଧିକାରୀ, ଗଣିଆ ପୋଲିସ ଓ ପୋଲିସ ପ୍ରଶାସନଙ୍କୁ ସମାଲୋଚନା କରି ନିନ୍ଦା କରିବା ସହ ପ୍ରତିବାଦ ସଭାରେ ପ୍ରଶାସନ ବିରୋଧରେ ଭାଷଣ ଦେଇଥିଲେ। ଘଟଣାସ୍ଥଳରେ ଆନ୍ଦୋଳନକାରୀଙ୍କୁ ଅତିରିକ୍ତ ଏସ୍‌ପି ସୁବାସ ଚନ୍ଦ୍ର ପଣ୍ଡା ଓ ଜ୍ୟୋତି ରଞ୍ଜନ ସମାନ୍ତରାୟ, ନୟାଗଡ଼, ଇଟାମାଟି ଥାନାର ଆଇଆଇସି, ଡିଏସ୍‌ପିଙ୍କ ବୁଝାଶୁଝା ପରେ ବି ସୁଫଳ ମିଳି ନ ଥିଲା। ଆନ୍ଦୋଳନକାରୀ ଅଡି ବସିଥିଲେ ୨ ନିଲମ୍ବିତ ଶିକ୍ଷୟିତ୍ରୀଙ୍କୁ କାହିଁକି ଗିରଫ କରାଯାଉନି ଓ ଆନ୍ଦୋଳନ ସନ୍ଧ୍ୟା ପର୍ଯ୍ୟନ୍ତ ଚାଲିଥିଲେ ମଧ୍ୟ ଜିଲାପାଳ ଓ ଏସ୍‌ପି କାହିଁକି ଘଟଣାସ୍ଥଳକୁ ଆସିଲେନି ତା'ର ପ୍ରତିବାଦରେ ଉତ୍ତେଜନା ବଢ଼ି ଚାଲିଥିଲା। ପରେ ଜିଲା, ପୋଲିସ ପ୍ରଶାସନ ଉପରେ ଅସନ୍ତୋଷ ଓ ଉଦ୍‌ବେଗ ପ୍ରକାଶ କରି ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ ବଲାଙ୍ଗୀର-ଖୋର୍ଦ୍ଧା ୫୭ ନଂ. ଜାତୀୟ ରାଜପଥକୁ ସନ୍ଧ୍ୟା ପ୍ରାୟ ସାଢ଼େ ୬ଟାରୁ ଅବରୋଧ କରିଥିଲେ। ଏପରିକି ମୃତକ ଛାତ୍ରଙ୍କ ମା'ଙ୍କ ସମେତ ମହିଳା ଆନ୍ଦୋଳନକାରୀ ରାଜପଥରେ ଶୋଇ ରହିଥିଲେ। ମହିଳା ପୋଲିସ ଆନ୍ଦୋଳନକାରୀଙ୍କୁ ବୁଝାଶଝା କରି ଉଠାଇବା ଉଦ୍ୟମ ବ୍ୟର୍ଥ ହୋଇଥିଲା। ମଝିରେ ରାସ୍ତାରୋକୋ ସାମୟିକ ସମୟ ପାଇଁ ପୋଲିସ ହଟାଇ ଦେଇଥିଲେ ମଧ୍ୟ ପରେ ପୁଣି ରାସ୍ତାରୋକୋ ହୋଇଥିଲା। ନୟାଗଡ଼ ସହରରେ ସନ୍ଧ୍ୟା ସାଢ଼େ ୬ଟାରୁ ସାଢ଼େ ୮ଟା ପର୍ଯ୍ୟନ୍ତ ୨ ଚକିଆ ଯାନବାହାନ ଚଳାଚଳ ଠପ ହୋଇଯାଇଥିଲା। ଯଦିଓ ବସ୍, ଟ୍ରକ୍ ପାଇଁ ଭିଆଇପି ରାସ୍ତାରେ ଯାତାୟାତ ବ୍ୟବସ୍ଥା କରାଯାଇଥିଲା ତଥାପି ରାସ୍ତା ଯାମ ହଟି ପାରି ନ ଥିଲା। ଆନ୍ଦୋଳନକାରୀମାନେ ନୟାଗଡ଼ର ଜିଲା ପୋଷ୍ଟ ଅଫିସଠାରୁ ପୂର୍ବାହ୍ନ ୧୧ଟାରେ ଶୋଭାଯାତ୍ରାରେ ନୟାଗଡ଼ ସହର ପରିକ୍ରମା କରି ଜିଲାପାଳ, ଏସ୍‌ପି, ଦଶପଲ୍ଲା ବିଧାୟକ, ଗଣିଆ ଥାନା ପୋଲିସ ଛି ଛି କହି ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ଅପରାହ୍ନ ୧ ଟାରେ ପହଞ୍ଚି ଥିଲେ। ପରେ ଜିଲାପାଳ କାର୍ଯ୍ୟାଳୟ ଭିତରକୁ ପଶିବାକୁ ଫାଟକକୁ ଭାଙ୍ଗିବାକୁ ଉଦ୍ୟମ କରିଥିଲେ।

- ଆନ୍ଦୋଳନକାରୀ ଜିଲାପାଳ କାର୍ଯ୍ୟାଳୟ ଘେରିଲେ, ରାଜପଥ ଅବରୋଧ
- ନିଲମ୍ବିତ ୨ ଶିକ୍ଷୟିତ୍ରୀଙ୍କୁ ଗିରଫ ନ କରିବାରୁ ବଢ଼ିଥିଲା ଅସନ୍ତୋଷ
- ଜିଲାପାଳ, ଏସ୍‌ପି ଘଟଣାସ୍ଥଳକୁ ନ ଆସିବାରୁ ପ୍ରକାଶ ପାଇଥିଲା ଉତ୍ତେଜନା
- ମୃତକ ଛାତ୍ରଙ୍କ ମା'ଙ୍କ ସମେତ ରାଜପଥରେ ଶୋଇ ପଡିଲେ ମହିଳା
- ସ୍କୁଲରେ ୨୦ ଦିନ ହେଲା ତାଲା ଝୁଲୁଥିଲେ ମଧ ବାହାରି ପାରି ନ ଥିଲା ନର୍ଯାସ



ପ୍ରଶାସନିକ ଅଧିକାରୀ ଆନ୍ଦୋଳନକାରୀଙ୍କୁ ବୁଝାଶୁଝା କରୁଛନ୍ତି।

ହେଲେ ପୋଲିସ ଫାଟକରେ ତାଲା ପକାଇ ଆନ୍ଦୋଳନକାରୀଙ୍କୁ ଫାଟକ ଭାଙ୍ଗିବା ନିଷ୍ପତ୍ତିକୁ ବ୍ୟର୍ଥ କରିଥିଲେ ମଧ୍ୟ ସେମାନଙ୍କୁ ବୁଝାଶୁଝା କରି ବନ୍ଦ କରାଇ ପାରି ନ ଥିଲେ। ଏଭଳି ସମୟରେ ରାଜପଥର ୨ ପାର୍ଶ୍ୱରେ ଯାନବାହାନ ଅଟକି ରହିଥିଲା।

ସୂଚନାଯୋଗ୍ୟ, ନିଲମ୍ବିତ ୨ ଶିକ୍ଷୟିତ୍ରୀଙ୍କୁ ଗିରଫ ଦାବିରେ ସ୍କୁଲରେ ୨୦ ଦିନ ହେଲା ତାଲା ପଡିଛି। ଗତ ୧୭ ତାରିଖରେ ଜିଲା ଶିକ୍ଷା ଅଧିକାରୀ ଚିତ୍ତ ରଞ୍ଜନ ପାଣ୍ଡେ ଓ ଗତ ୨୦ ତାରିଖରେ ଜିଲାପାଳ ମଧୁମିତା ରଥ ସ୍କୁଲକୁ ଯାଇ ବୁଝାଶୁଝା ପରେ ସ୍କୁଲରୁ ତାଲା ଖୋଲି ପାରି ନ ଥିଲେ। ଉଲ୍ଲେଖ ଥାଉ କି ଗତ ୩ ତାରିଖରେ ୫ମ ଶ୍ରେଣୀ ଛାତ୍ର ଭୋଳାନାଥ ମଲ୍ଲିକ ଶୌଚ ହେବାକୁ ଯାଇ ସ୍କୁଲକୁ ଫେରି ନ ଥିଲେ। ଛାତ୍ରୀଛାତ୍ରମାନେ ମଧ୍ୟ ସ୍କୁଲକୁ ନ ଆସିବାର କାରଣ ଖୋଜି ନ ଥିଲେ। ଗତ ୪ ତାରିଖରେ ଛାତ୍ର ଭୋଳାନାଥଙ୍କ କୂଅରୁ ମୃତଦେହ ଉଦ୍ଧାର ପରେ ଉତ୍ତେଜନା ସୃଷ୍ଟି ହେବା ସହ ସ୍କୁଲରେ ତାଲା ପକାଯାଇଥିଲା। ସେଭଳି ଗଣିଆ ଦଶପଲ୍ଲା ଓ ଗଣିଆ କଣ୍ଟିଲୋ ରାସ୍ତାରୋକୋ ହୋଇଥିଲା। ପରିସ୍ଥିତିକୁ ନିୟନ୍ତ୍ରଣ କରିବା ପାଇଁ କର୍ତବ୍ୟରେ ଅବହେଳା ଅଭିଯୋଗରେ ଦୁଇ ଶିକ୍ଷୟିତ୍ରୀଙ୍କ ନିଲମ୍ବନ କରାଯାଇଥିଲା। ଗତ ୪ ତାରିଖରୁ ସ୍କୁଲରେ ତାଲା ପଡିରହିଛି ।

## କାର୍ଯ୍ୟାନୁଷ୍ଠାନ ପାଇଁ ୨ ଦିନ ସମୟ ନେଲା ଜିଲା ପ୍ରଶାସନ

ପୂର୍ବାହ୍ନ ୧୧ରୁ ଚାଲିଥିବା ଆନ୍ଦୋଳନ, ଧାରଣା, ରାଜପଥ ଅବରୋଧ ରାତ୍ର ସାଢ଼େ ୮ଟାରେ ପ୍ରତ୍ୟାହୃତ ହୋଇଛି। ଆନ୍ଦୋଳନକାରୀ ଓ ମୃତକଙ୍କ ମା'ଙ୍କୁ ଅତିରିକ୍ତ ଜିଲାପାଳ ବିଜୟାନନ୍ଦ ନାୟକ ଓ ଉପଜିଲାପାଳ କର୍ଣ୍ଣଦେବ ସମାଦ୍ଦାର ବୁଝାଶୁଝା କରି ୨ ଦିନ ସମୟ ନେଇଛନ୍ତି। ୨ଦିନ ଭିତରେ ଛାତ୍ର ମୃତ୍ୟୁ ଘଟଣାରେ କାର୍ଯ୍ୟାନୁଷ୍ଠାନ ନେବାର ପ୍ରତିଶ୍ରୁତି ପରେ ଆନ୍ଦୋଳନ ହଟି ଯାଇଛି ବୋଲି ମୃତକଙ୍କ ମା' କହିଛନ୍ତି। ନୟାଗଡ଼ର ଭୀମ ଆର୍ମି ସଙ୍ଗଠନ ଓ ଆମ୍ବେଡକର ଜନତା ପାର୍ଟି ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆନ୍ଦୋଳନ ହୋଇଥିଲା। ଭୀମ ଆର୍ମି ସଙ୍ଗଠନର କୁନାଲ ରାବଣ, ସୁନିଲ ନାୟକ, ଦୀପକ ଭୋଇ, ରବୀନ୍ଦ୍ର ନାୟକ, ଆମ୍ବେଡକର ଜନତା ପାର୍ଟି ରାଜ୍ୟ ସଭାପତି କାହ୍ନୁ ଚରଣ ନାୟକ ନେତୃତ୍ୱ ନେଇଥିଲେ।






ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ଫିନା



@ ଜ୍ୟୋତିପ୍ରକାଶ



@ ଲିଜାଲିନ୍



@ ଶିଶିର



@ ଶିବପ୍ରସାଦ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।


# କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ କାର୍ଯ୍ୟ କଳାପକୁ ନେଇ ଅସନ୍ତୋଷ

## ମର୍ଦ୍ଦରାଜପୁର ପଞ୍ଚାୟତ

ଖଣ୍ଡପଡ଼ା, ୨୩।୨ (ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ବ୍ଲକ ଅଧୀନ ମର୍ଦ୍ଦରାଜପୁର ପଞ୍ଚାୟତ ଦାୟିତ୍ୱରେ ଥିବା ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ବାବଦରେ ଖୋଲାଖୋଲି ଭାବେ ହିତାଧିକାରୀଙ୍କଠାରୁ ଲାଞ୍ଚ ମାଗୁଥିବା ନେଇ ଅଭିଯୋଗ ହେଉଛି। ଏ ସମ୍ପର୍କରେ ଖଣ୍ଡପଡ଼ା ବ୍ଲକ ଓ ଜିଲା ପ୍ରଶାସନର ଦୃଷ୍ଟି ଆକର୍ଷଣ କରାଯାଇଛି। ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ସୁରେନ୍ଦ୍ର ସେଠୀ କାର୍ଯ୍ୟରେ ଯୋଗ ଦେବା ପରଠାରୁ ଦୁର୍ନୀତିକୁ ପ୍ରଶୟ ଦେଇଥିବା ଅଭିଯୋଗ ହେଉଛି। ଏବେ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେଉଥିବା ଏକ ଅଡିଓରେ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଜଣେ ଠିକାଦାରଙ୍କଠାରୁ ୩ ହଜାର ଟଙ୍କା ଲାଞ୍ଚ ମାଗୁଥିବା ପ୍ରଘଟ ହେବା ପରେ ସାଧାରଣରେ ଚର୍ଚ୍ଚା ଜୋର ଧରିଛି। ଦୁର୍ନୀତିକୁ ପ୍ରଶୟ ଦେଇଥିବା ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ବିରୋଧରେ ପଦକ୍ଷେପ ଗ୍ରହଣ କରିବାକୁ ଦାବି ହେଉଛି। ଏ ସମ୍ପର୍କରେ ଖଣ୍ଡପଡ଼ା ବିଡିଓ ଅଙ୍କୁର ଅଭିଲାଷଙ୍କୁ ପଚାରିବାରେ ସେଥିପ୍ରତି ସେ ଦୃଷ୍ଟି ଦେବେ ବୋଲି କହିଛନ୍ତି। ଅଭିଯୋଗ ସଂକ୍ରାନ୍ତରେ କାର୍ଯ୍ୟନିର୍ବାହୀ ଅଧିକାରୀ ସେଠୀଙ୍କୁ ପଚାରିବାରେ ପଞ୍ଚାୟତରେ ୨ ମାସ ହେଲା ଦାୟିତ୍ୱ ଗ୍ରହଣ କରିଛି। ଅଭିଯୋଗର କୌଣସି ସତ୍ୟତା ନାହିଁ ବୋଲି ସେ କହିଛନ୍ତି।

# ହାଇୱା ଧକ୍କାରେ ଯୁବକ ଗୁରୁତର

ରଣପୁର, ୨୩।୨(ସୁକାନ୍ତ କିଶୋର ଡାକୁଆ)

ରଣପୁର ଥାନା ଅନ୍ତର୍ଗତ ରାଜସୁନାଖଳା ଫାଣ୍ଡି ଅଞ୍ଚଳରେ ସୋମବାର ହାଇୱା ଧକ୍କାରେ ସୋମବାର ଜଣେ ଯୁବକ ଗୁରୁତର ହୋଇଛନ୍ତି।

ରାଜସୁନାଖଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ନିକଟରେ ହାଇୱା ଧକ୍କାରେ ବଧିପାଟଣା ଗ୍ରାମର ଜ୍ଞାନ ରଞ୍ଜନ ସାହୁ (୩୨) ଗୁରୁତର ହୋଇଛନ୍ତି। ଯୁବକ ଜଣଙ୍କ ନିଜ ଗ୍ରାମକୁ ଯାଉଥିବାବେଳେ ବିପରୀତ ପାର୍ଶ୍ୱରୁ ଆସୁଥିବା ଏକ ହାଇୱା ନଂ. ଓଡି ୦୭ ବିଏ ୦୧୪୪ ଯୁବକଙ୍କୁ ଧକ୍କା ଦେଇଥିଲା। ଗୁରୁତର ଜ୍ଞାନଙ୍କୁ ସ୍ଥାନୀୟ ଲୋକମାନେ ଉଦ୍ଧାର କରି ପ୍ରଥମେ ରାଜସୁନାଖଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଅବସ୍ଥା ଗୁରୁତର ହେବାରୁ ଡାକ୍ତର ତାଙ୍କୁ ଭୁବନେଶ୍ୱରକୁ ସ୍ଥାନାନ୍ତର କରିଛନ୍ତି। ରାଜସୁନାଖଳା ଫାଣ୍ଡି ଅଧିକାରୀ ରମେଶ ଚନ୍ଦ୍ର ଜେନା ଓ ପୋଲିସ ହାଇୱାକୁ ଜବତ କରିଛନ୍ତି।

# ଭୋଲେବାବା ଏକାଦଶ ଚାମ୍ପିୟନ

## ମା' ରାମଚଣ୍ଡୀ କ୍ରିକେଟ ପ୍ରିମିୟର ଲିଗ

ଶରଣକୁଳ, ୨୩।୨(ଦୀପକ କର)

ଶରଣକୁଳ କଲେଜ ଖେଳ ପଡ଼ିଆରେ ମା' ରାମଚଣ୍ଡୀ କ୍ରିକେଟ ଆସୋସିଏଶନ ପକ୍ଷରୁ ଚାଲିଥିବା ଶରଣକୁଳ ପ୍ରିମିୟର ଲିଗର ସେମିଫାଇନାଲ ମ୍ୟାଚ ଭୋଲେବାବା ଏକାଦଶ ସହିତ ଇଲାଇଟ ଷ୍ଟ୍ରାଇକର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଭୋଲେବାବା ଏକାଦଶ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ ଓଭରରେ ୪ ଉଇକେଟ ବିନିମୟରେ ଇଲାଇଟ ଷ୍ଟ୍ରାଇକରକୁ ୧୪୬ ରନର ଟାର୍ଗେଟ ଦେଇଥିଲା। ଜବାବରେ ଇଲାଇଟ ଷ୍ଟ୍ରାଇକର ସମସ୍ତ ଉଇକେଟ ହରାଇ ମାତ୍ର ୯୨ ରନ କରି ପରାଜିତ ହୋଇଥିଲା। ଫଳରେ ଭୋଲେବାବା ଏକାଦଶ ଫାଇନାଲରେ ପ୍ରବେଶ କରିଥିଲା। ଏହି ମ୍ୟାଚରେ ଭୋଲେବାବା ଦଳର ସୁଶୀଲ ୪୪ ରନ ସହ ୯ ଉଇକେଟ ହାସଲ କରି ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ।

ପରେ ଫାଇନାଲ ମ୍ୟାଚ ଭୋଲେବାବା ଏକାଦଶ ସହିତ ଶରଣକୁଳ ନେଷ୍ଟ ଜେନେରଶନ ସହିତ ଅନୁଷ୍ଠିତ ହୋଇଥିଲା। ଏହି ମ୍ୟାଚରେ ଭୋଲେବାବା ଏକାଦଶ ଟସ ଜିତି ପ୍ରଥମେ ବ୍ୟାଟିଂ କରି ୧୫ ଓଭରରେ ୧୬୯ ରନ କରିଥିଲା। ଜବାବରେ ଶରଣକୁଳ ନେଷ୍ଟ ଜେନେରଶନ ନିର୍ଦ୍ଧାରିତ ୧୫ ଓଭରରେ ସମସ୍ତ ଉଇକେଟ ବିନିମୟରେ ୧୪୨ ରନ କରିଥିଲା। ଫଳରେ ଉକ୍ତ ମ୍ୟାଚରେ ଭୋଲେବାବା ଏକାଦଶ ୨୭ ରନରେ ବିଜୟୀ ହୋଇ ଶରଣକୁଳ ପ୍ରିମିୟମ ଲିଗର ଚାମ୍ପିୟନ ହୋଇଥିଲା। ଏହି ଖେଳରେ ଭୋଲେବାବା ଏକାଦଶର ସୁଶୀଲ ମ୍ୟାନ ଅଫ ଦି ମ୍ୟାଚ ଏବଂ କେ.ସି. ମ୍ୟାନ ଅଫ ଦି ଟୁର୍ନାମେଣ୍ଟ ବିବେଚିତ ହୋଇଥିଲେ। ଫାଇନାଲ ମ୍ୟାଚରେ ମୁଖ୍ୟ ଅତିଥି ଭାବେ ନୟାଗଡ଼ ଜିଲା ପରିଷଦ ଅଧ୍ୟକ୍ଷ ଇଂ. ଦେବାଶିଷ ପଟ୍ଟନାୟକ ଏବଂ ସମ୍ମାନିତ ଅତିଥି ଭାବରେ ସ୍ଥାନୀୟ ସରପଞ୍ଚଙ୍କ ମିନାକ୍ଷୀ ପ୍ରସାଦ ସାହୁ, ସାମାଜିକ କର୍ମୀ ବିକ୍ରମ କୁମାର ଦାଶ, ପ୍ରମୋଦ କୁମାର ପ୍ରଧାନ ଏବଂ ଶରଣକୁଳ କୋ-ଅପରେଟିଭ ସୋସାଇଟିର ସମ୍ପାଦକ ପଦ୍ମଲୋଚନ ସାହୁ ଯୋଗ ଦେଇଥିଲେ। ସମସ୍ତ ଖେଳକୁ ଦାଶରଥି ପରିଡ଼ା, ପଦ୍ମନାଭ ସାହୁ, ଅମ୍ରିତ ପ୍ରସାଦ ସାହୁ ଓ ଚନ୍ଦ୍ରଶେଖର ମହାପାତ୍ର ପରିଚାଳନା କରିଥିଲେ। ଖେଳ ଶେଷରେ ଅତିଥିଙ୍କ ଦ୍ୱାରା ଟ୍ରଫି ଓ ପୁରସ୍କାର ରାଶି ପ୍ରଦାନ କରାଯାଇଥିଲା। ଏଥିରେ ଶରଣକୁଳ ମା' ରାମଚଣ୍ଡୀ କ୍ରିକେଟ ଆସୋସିଏଙ୍ଶନର ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ।



ଅତିଥିଙ୍କ ଗହଣରେ ଟ୍ରଫି ସହ ଚାମ୍ପିୟନ ଦଳର ଖେଳାଳି।

# ପାନୀୟ ଜଳ ପାଇବାରୁ ୩ ହଜାର ଲୋକ ବଞ୍ଚିତ

## ପଞ୍ଚୁମୁ, ମଝିଆଖଣ୍ଡ, କେଶପାନିଆ ଗାଁରେ ପାନୀୟ ଜଳ ସଙ୍କଟ

ଶରଣକୁଳ,୨୩।୨ (ଦୀପକ କର)

ଶରଣକୁଳ ନିକଟ ପଞ୍ଚୁମୁ, ମଝିଆଖଣ୍ଡ ଓ କେଶପାନିଆ ଗ୍ରାମରେ ପାନୀୟଜଳ ସଙ୍କଟ ଦେଖାଦେଇଛି। ୩ ହଜାର ଲୋକ ପାଣି ପାଇବାରୁ ବଞ୍ଚିତ ହୋଇଛନ୍ତି। ଲୋକେ ନଦୀ, ନାଳ ଓ ଖୋଲାକୂପ ଉପରେ ଭରସା କରୁଛନ୍ତି।

ଅଭିଯୋଗ ଅନୁଯାୟୀ, ୨୦୦୭ରେ ପଞ୍ଚୁମୁ ଗ୍ରାମରେ ପାନୀୟଜଳ ପ୍ରକଳ୍ପ କାର୍ଯ୍ୟକାରୀ ହୋଇଥିଲା। ଏହା ପଞ୍ଚୁମୁ ସମେତ ମଝିଆଖଣ୍ଡ, କେଶପାନିଆ ଗାଁର ପାଖାପାଖି ୩ହଜାର ଲୋକଙ୍କୁ ଜଳ ଯୋଗାଣ କରୁଥିଲା। ଏବେ ଏହି ପ୍ରକଳ୍ପ ନିଜର ଅସ୍ତିତ୍ୱ ହରେଇ ବସିଛି। ରକ୍ଷଣାବେକ୍ଷଣ ଅଭାବରୁ ପ୍ରକଳ୍ପଟି ଲତାବୁଦା ମାଡ଼ି ଜଙ୍ଗଲରେ ପରିଣତ ହୋଇଛି। ପ୍ରକଳ୍ପଟି ପୋତି ହେବାକୁ ଯାଉଥିବାବେଳେ ସେଥିରୁ ଅନେକ ଯନ୍ତ୍ରାଂଶ ଚୋରି ହୋଇଗଲାଣି। ସେତିକି ନୁହଁ ପ୍ରତି ଘରକୁ ପାଇପ ଏବଂ ପାଣି ଟ୍ୟାପର ସୁବିଧା ମଧ୍ୟ କରାଯାଇଛି। କିନ୍ତୁ ସେସବୁ ଭାଙ୍ଗି ନଷ୍ଟ ହେବାକୁ ଲାଗିଲାଣି। କୂଅ, ପୋଖରୀ, ଗାଡ଼ିଆ ଶୁଖିଗଲେ ଲୋକଙ୍କୁ ପାଣି ପାଇବା ନିମିତ୍ତ କାଠିକର ହେବା ସହ ପାଣି ସଙ୍କଟ ବଢିବ ବୋଲି ଅନୁମାନ କରାଯାଉଛି। ଏପଟେ ପାନୀୟଜଳ ଓ ପରିମଳ ବିଭାଗକୁ ଲୋକେ ବାରମ୍ବାର ଅଭିଯୋଗ କରି ନିରାଶ ହୋଇପଡ଼ିଛନ୍ତି। ବିଭାଗୀୟ କର୍ମଚାରୀ ଲୋକଙ୍କୁ ଆଜିକାଲି କହି ଦିନ ପରେ ଦିନ ଗଡେଇ ଚାଲିଥିବାରୁ ଲୋକମାନଙ୍କ ଚିନ୍ତା ବଢିଯାଇଛି। ଗାଁରେ ନଳକୂପ ଥିଲେ ମଧ୍ୟ କେତେଗୋଟି ନଳକୂପରୁ ପାଣି ଠିକ ଭାବେ ବାହାରୁ ନ ଥିବା ବେଳେ ଆଉ କେତେକେ ପାଣି ଲୋହଯୁକ୍ତ ପାଣି ବାହାରୁଥିବାରୁ ତାହା ବ୍ୟବହାର ଉପଯୋଗୀ ନୁହଁ ବୋଲି ବିଭାଗ ପକ୍ଷରୁ ସତର୍କ କରାଇ ଦିଆଯାଇଛି। ଏବେ ଗୋଟିଏ ଖୋଲାକୂପ ଉପରେ ବହୁ ଶହ ପରିବାର ନିର୍ଭର କରୁଥିବା ଗ୍ରାମବାସୀ କହିଛନ୍ତି। ଏ ସମ୍ପର୍କରେ ପାନୀୟଜଳ ଯୋଗାଣ ଯନ୍ତ୍ରୀ ସୁବାସ ସ୍ୱାଇଁଙ୍କୁ ପଚାରିବାରେ କେଶପାନିଆ ଗ୍ରାମକୁ ପାଇପ ପଡ଼ି ନ ଥିବା ଏବଂ ପଞ୍ଚୁମୁ ଓ ମଝିଆଖଣ୍ଡ ଗ୍ରାମକୁ ପାଣି ଯୋଗାଣ ହେଉଛି ବୋଲି ସେ କହିଛନ୍ତି।



ପାନୀୟ ଜଳ ପ୍ରକଳ୍ପରେ ଗଛଲତା ମାଡି ଯାଇଛି।

# ଧାନ ପ୍ରାପ୍ୟ ପାଇଲେନି ୧୪,୧୫୪ ଚାଷୀ

- ବିନା ଧାନରେ କାଗଜ କଲମରେ ଚାଲିଛି ସଂଗ୍ରହ
- ମିଲ୍ ମାଲିକ, ପାକ୍ସ ସମ୍ପାଦକଙ୍କ ସୁଲାସୁତୁରାରେ ଚାଷୀ ନୟାନ୍ତ

**ଯାଜପୁର/ଜେନାପୁର(ହର୍ଷବର୍ଦ୍ଧନ ବେହେରା/ଅଶୋକ ଦାସ),୨୩।୨:**


ଧର୍ମଶାଳା ତାଳଦଣ୍ଡା ପାକ୍ସରେ ଧାନକିଣା ଚାଲିଛି ।

ସରକାରଙ୍କ ଖାଦ୍ୟ ନୀତି ଅନୁସାରେ ଚାଷୀଙ୍କଠାରୁ ପ୍ରାଥମିକ କୃଷି ସେବା ସମବାୟ ସମିତି(ପାକ୍ସ) ଜରିଆରେ ଧାନ ସଂଗ୍ରହ ହେଉଛି। ପାକ୍ସରୁ ଧାନ ମିଲରଙ୍କ ନିକଟକୁ ଯାଉଛି ଏବଂ ସେହି ଅନୁପାତରେ ମିଲରମାନେ ଚାଉଳ ଦାଖଲ କରିବେ ବୋଲି ଧାର୍ଯ୍ୟ ହୋଇଛି। ଚାଷୀମାନେ ଯେପରି କୌଣସି ଅସୁବିଧାର ସମ୍ମୁଖୀନ ନ ହେବେ ଏବଂ ଧାନ ବିକ୍ରି କରିବାର ୨୪ ଘଣ୍ଟା ମଧ୍ୟରେ ସେମାନଙ୍କ ଆକାଉଣ୍ଟରେ ପ୍ରାପ୍ୟ ପ୍ରଦାନ କରାଯିବ ସେ ନେଇ ଜିଲାସ୍ତରରେ ଅନୁଷ୍ଠିତ ବୈଠକରେ ଗୁରୁତ୍ୱ ଦିଆଯାଉଛି। କିନ୍ତୁ ଯାଜପୁର ଜିଲାରେ ଏହାର ଓଲଟା ହେଉଛି। ପାକ୍ସକୁ ଗାଡ଼ି ନ ଆସି ଶତାଧିକ କୁଇଣ୍ଟାଲ ଧାନ ପାକ୍ସ ସମ୍ପାଦକ ଏବଂ ମିଲ୍ ମାଲିକଙ୍କ ସଲାସୁତୁରାରେ କାଗଜ କଲମରେ ଧାନ କ୍ରୟ କରି ନେଉଥିବାର ଅଭିଯୋଗ ହୋଇଛି। ରବିବାର ସୁଦ୍ଧା ଯୋଗାଣ ବିଭାଗରୁ ମିଳିଥିବା ସୂଚନା ଅନୁସାରେ ଜିଲାରେ ୧୮୦ ପାକ୍ସ ଓ ସ୍ୱୟଂ ସହାୟକ ଗୋଷ୍ଠୀ(ଏସଏଚ୍‌ଜି) ଜରିଆରେ ୧୭,୩୦,୮୦୦ କୁଇଣ୍ଟାଲ ଧାନ ସଂଗ୍ରହ କରିବାକୁ ଧାର୍ଯ୍ୟ ହୋଇଥିବାବେଳେ ୧୨,୧୭,୪୧୪ କୁଇଣ୍ଟାଲ କ୍ରୟ ହୋଇ ସାରିଛି। ଏଥିରେ ୩୨,୭୭୫ ଜଣ ଚାଷୀ ଧାନ ବିକ୍ରି କରିଛନ୍ତି। ତେବେ ସେଥିରୁ ମାତ୍ର ୧୮,୬୨୧ ଜଣ ଚାଷୀ ଧାନର ମୂଲ୍ୟ ପାଇଥିବାବେଳେ ୧୪,୧୫୪ ଜଣ ଚାଷୀ ସେମାନଙ୍କ ପ୍ରାପ୍ୟ ପାଇବା ଅପେକ୍ଷାରେ ରହିଛନ୍ତି।

ଜିଲାରେ ଜାନୁୟାରୀ ୭ରୁ ଧାନ ସଂଗ୍ରହ ଆରମ୍ଭ ହୋଇଥିଲା। ଧାନ ସଂଗ୍ରହରେ ବିଳମ୍ବ ଯୋଗୁ ବହୁ ହଜାର ଚାଷୀ ସେମାନଙ୍କ କଷ୍ଟୋପାର୍ଜିତ ଧାନକୁ ମଧ୍ୟସ୍ଥଙ୍କ ହାତରେ ଟେକି ଦେବାକୁ ବାଧ ହୋଇଥିଲେ। ଏବେ ପାକ୍ସ ଓ ଏସ୍‌ଏଚ୍‌ଜିଗୁଡ଼ିକରେ ଚାଷୀଙ୍କ ଅପେକ୍ଷା ଅଧିକାଂଶ ମଧ୍ୟସ୍ଥମାନେ ଧାନ ବିକ୍ରି କରୁଥିବାର ଦେଖାଯାଉଛି। କେତେକାଂଶରେ ସମ୍ପାଦକମାନେ ଚଞ୍ଚକତା କରି ନିଜର ବନ୍ଧୁବାନ୍ଧବ ଓ ସମ୍ପର୍କୀୟମାନଙ୍କ ନାମରେ ଟୋକନ ପ୍ରସ୍ତୁତ କରି ଧାନ କ୍ରୟ କରୁଥିବା ଅଭିଯୋଗ ହେଉଛି। ଏଥିରେ ଚାଷୀ କିମ୍ବା ଧାନ ନାହିଁ, କେବଳ ଟୋକନ ଓ କାଗଜ କଲମରେ ଧାନ ସଂଗ୍ରହ ହେଉଛି। ଉକ୍ତ ଧାନର ଅର୍ଥକୁ ଉଭୟ ମିଲ ମାଲିକ ଓ ପାକ୍ସ ସମ୍ପାଦକ ଭାଗବଣ୍ଟା କରୁଥିବା ଚର୍ଚ୍ଚା ହେଉଛି। ଏଠାରେ ଧର୍ମଶାଳା ବ୍ଲକ ତାଳଜଙ୍ଗ ପାକ୍ସକୁ ଉଦାହରଣ ଭାବେ ନିଆଯାଇପାରେ। ଅଭିଯୋଗ ଅନୁସାରେ ୧୩ ଜଣ ଚାଷୀଙ୍କ ଧାନ ମଣ୍ଡିକୁ ନ ଆସି ଏଠାରେ କିପରି ଧାନ ବିକ୍ରି ହେଲା ବୋଲି ଏବେ ପ୍ରଶ୍ନ ଉଠିଛି। ଜାନୁଆରୀ ୩୦ରେ ପ୍ରଥମ ଦିନ ଏକ ଟ୍ରକ୍ ଆସି ୬ଜଣ ଚାଷୀଙ୍କ ଧାନ କ୍ରୟ କରିବା ସହିତ ଦ୍ୱିତୀୟ ପର୍ଯ୍ୟାୟ ଫେବୃଆରୀ ୨ରେ ଗୋଟିଏ ଗାଡ଼ିରେ ୧୧ଜଣ ଚାଷୀଙ୍କଠାରୁ ଧାନ କ୍ରୟ ହୋଇଛି। ଦ୍ୱିତୀୟ ଦିନରେ ପ୍ରାୟ ୫୦ଟନ୍ ଧାନ କ୍ରୟ ହୋଇଥିବାର ଜଣାପଡ଼ିଛି। କିଭଳି ଭାବେ ୧୩ଜଣ ପଞ୍ଜୀକୃତ ଚାଷୀ ମଣ୍ଡିକୁ ଧାନ ନ ଆଣି ସିଧାସଳଖ ମିଲ୍‌କୁ ପଠାଇଛନ୍ତି ତାହା ସମସ୍ତଙ୍କୁ ଚକିତ କରିଛି। ଅନ୍ୟପକ୍ଷେ ପାକ୍ସର ସମ୍ପାଦକ ଭଜନ କୁମାର ଦାସ କହିଛନ୍ତି ଫେବୃଆରୀ ୧ ସୁଦ୍ଧା ୧୯ଜଣ ପଞ୍ଜୀକୃତ ଚାଷୀଙ୍କଠାରୁ ୧୨୫୦.୧୬ କୁଇଣ୍ଟାଲ ଧାନ ଉଠାଣ ହୋଇଥିଲା। ଧାନ କିଣାରେ କୌଣସି ଅନିୟମିତତା ହେଉନାହିଁ।

ଅନ୍ୟପକ୍ଷରେ ବିକ୍ରି ହେଉଥିବାର ଧାନର ସହାୟକ ମୂଲ୍ୟ ପ୍ରଦାନ କରିବାରେ ଚାଷୀଙ୍କୁ ସରକାରଙ୍କ ଧାର୍ଯ୍ୟ ସମୟ ଠାରୁ ବହୁ ବିଳମ୍ବ ହେଉଥିବା ଅଭିଯୋଗ ହେଉଛି। ଏଥିରେ ସୁକିନ୍ଦା ବ୍ଲକର ୬୧୨ ଜଣ, ରସୁଲପୁରର ୧୩୩, କୋରେଇର ୨୮୬୦ ଜଣ, ଯାଜପୁର ବ୍ଲକର ୨୦୦୯, ଧର୍ମଶାଳାର ୭୧୫, ଦଶରଥପୁରର ୨୪୧୨, ଦାନଗଦିର ୬୮୬, ବିଞ୍ଝାରପୁରର ୧୪୨୬, ବରୀର ୩୪୧ ଏବଂ ବଡ଼ଚଣା ବ୍ଲକର ୨୯୬୦ ଜଣ ଚାଷୀ ଧାନ ବିକ୍ରି କରି ସେମାନଙ୍କ ପ୍ରାପ୍ୟ ପାଇନାହାନ୍ତି। ଏହାବାଦ୍ ରସୁଲପୁର ବ୍ଲକର ନଠୁଆବର ପାକ୍ସରେ ଏଯାଏ ଧାନସଂଗ୍ରହ ହୋଇ ନ ଥିବାରୁ ସମ୍ପୃକ୍ତ ଚାଷୀମାନେ ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏ ସଂକ୍ରାନ୍ତରେ ଯାଜପୁର ଯୋଗାଣ ଅଧିକାରୀ ଦିଲୀପ ପାଣିଗ୍ରାହୀଙ୍କ ମତାମତ ନେବାକୁ ସୋମବାର ତାଙ୍କ ମୋବାଇଲକୁ ଯୋଗାଯୋଗ କରିଥିଲେ ହେଁ ସେ ଫୋନ୍ କଲ୍ ଗ୍ରହଣ କରି ନ ଥିଲେ।

## ଡିଜେ ଶବ୍ଦରେ ବୃଦ୍ଧଙ୍କ ମୃତ୍ୟୁ ଅଭିଯୋଗ

**ବିଞ୍ଝାରପୁର,୨୩।୨(ରାମକୃଷ୍ଣ ଦାସ):**

ଡିଜେର ବିକଟାଳ ଶବ୍ଦ ପାଇଁ ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ଅରେଇ ପଞ୍ଚାୟତ ଅରେଇ ଗ୍ରାମର ଜଣେ ବୃଦ୍ଧଙ୍କ ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି। ମୃତକ ହେଲେ ସାଧୁଚରଣ ସାହୁ (୮୪)। ସାଧୁଚରଣଙ୍କ ଘର ସମ୍ମୁଖ ରାସ୍ତାରେ ରବିବାର ଅପରାହ୍ନରେ ଏକ ବରଯାତ୍ରା ଶୋଭାଯାତ୍ରା ଅରେଇ ଛକ ଅଭିମୁଖେ ଯାଉଥିଲା। ଏଥିରେ ଡିଜେ ବାଜୁଥିଲା। ଉଚ୍ଚ ସ୍ୱରର ଡିଜେ ସାଉଣ୍ଡ ଶୁଣି ସାଧୁଚରଣ ଅଚେତ ହୋଇପଡ଼ିଥିଲେ। ପରିବାର ଲୋକେ ତାଙ୍କୁ ବିଞ୍ଝାରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ମୃତକଙ୍କ ପୁଅ ଅକ୍ଷୟ ସାହୁ ଅଭିଯୋଗ କରିଛନ୍ତି ଯେ, ଅତ୍ୟଧିକ ଡିଜେ ସାଉଣ୍ଡ ଯୋଗୁ ତାଙ୍କ ବାପାଙ୍କ ଜୀବନଯାଇଛି। ଏଥିପାଇଁ ସେ ଆଇନର ଆଶ୍ରୟ ନେବେ। ଅନ୍ୟପକ୍ଷରେ ପ୍ରଶାସନର ଡିଜେ ଉପରେ କଟକଣା ନ ଥିବାରୁ ଏଭଳି ଘଟଣା ଘଟିଲା ବୋଲି ଚର୍ଚ୍ଚା ହେଉଛି। ବର୍ତ୍ତମାନ ପରୀକ୍ଷା ଋତୁ ଚାଲିଥିବାରୁ ଡିଜେ ଉପରେ ଅଙ୍କୁଶ ଲଗାଇବାକୁ ଜନସାଧାରଣ ଦାବି କରିଛନ୍ତି।

## ବାଲିସାହିରେ ଭାଗବତ ପାରାୟଣ



**ବିଞ୍ଝାରପୁର,୨୩।୨(ରାମକୃଷ୍ଣ ଦାସ):**

ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ମାଁସଡ଼ା ପଞ୍ଚାୟତ ବାଲିସାହିସ୍ଥିତ ଭାଗବତ ଟୁଙ୍ଗିରେ ଭାଗବତ ପାରାୟଣ ଆରମ୍ଭ ହୋଇଛି। ସୋମବାର ପ୍ରତ୍ୟୁଷରୁ ପଣ୍ଡିତ ସଞ୍ଜିବ ଦାଶ ଓ ଜୟନ୍ତ ଦାଶଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଭାଗବତ ଗୋସେଇଁଙ୍କ କଳସ ଯାତ୍ରା, ପ୍ରାଣ ପ୍ରତିଷ୍ଠା, ସୂର୍ଯ୍ୟ ପୂଜା, ଆବାହିତ ମଣ୍ଡଳ ଦେବତାପୂଜା, ଶୋଡ଼ଷ ଉପଚାର ପୂଜା କରାଯାଇଥିଲା। ଏଠାରେ ୭ଦିନ ବ୍ୟାପି ଭାଗବତ ପଠନ ହେବ। ପ୍ରତ୍ୟେକ ଦିନ ଭାଗବତ ପ୍ରେମୀଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଛି। ଭାଗବତ ପାରାୟଣ ଉତ୍ସବ ସମଗ୍ର ବାଲିସାହି ଗ୍ରାମରେ ଆଧାତ୍ମିକ, ଭକ୍ତିମୟ ପରିବେଶ ସୃଷ୍ଟି କରିବା ସହିତ ସାହିର ସମସ୍ତ ପରିବାରକୁ ଏକାଠି କରିବାରେ ସହାୟକ ହୋଇଛି। କୁଳମଣି ପତି ଓ ଅନ୍ନପୂର୍ଣ୍ଣା ପତି ସଙ୍କଳ୍ପ କରିଥିଲାବେଳେ ସାହି ମୁରବୀ ପୂର୍ଣ୍ଣଚନ୍ଦ୍ର ସାହୁ, ଦିନବନ୍ଧୁ ସାହୁ, ଗୋବର୍ଦ୍ଧନ ସାହୁ, ଲୋକନାଥ ଦାଶ, ସରୋଜ ସାହୁ, ଦେବେନ୍ଦ୍ର ସାହୁ, ନିରଞ୍ଜନ ସାହୁ, ଅର୍ଜୁନ ପଣ୍ଡା, ସଞ୍ଜୟ ଓଝା, ଅନନ୍ତ ସାହୁ ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରୁଛନ୍ତି।

## ଅନ୍ତର୍ଜାତୀୟ ମାତୃଭାଷା ଦିବସ ପାଳିତ



**କାଳିଆପାଣି,୨୩।୨(ଅସିତ ମହାନ୍ତ):**

କାଳିଆପାଣି ଖଣି ଅଞ୍ଚଳ ସଂଲଗ୍ନ ଚଢ଼େଇରଗଡା ପ୍ରାଥମିକ ବିଦ୍ୟାଳୟରେ ଅନ୍ତର୍ଜାତୀୟ ମାତୃଭାଷା ଦିବସ ପାଳିତ ହୋଇଯାଇଛି। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସାଲମୋହନ କାଣ୍ଡୁଲନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବରେ ଜନଜାତି ଭାଷାବିତ ମୋଚିରାମ ଜାମୁଦା, ସମ୍ମାନିତ ଅତିଥି ଭାବରେ ଟାଟାଷ୍ଟିଲ ଫାଉଣ୍ଡେଶନର ସିଏଫ ଶିବବ୍ରତ ବେହେରା, ପରିଚାଳନା କମିଟି ଉପସଭାପତି ପଙ୍କଜିନୀ ମହାନ୍ତ, ଶିକ୍ଷକ ଅଶୋକ ପଣ୍ଡା, ଅଙ୍ଗନୱାଡି କର୍ମୀ ନିରୂପମା ଦେହୁରୀ, ସଭ୍ୟ ମାୟାଧର ଦେହୁରୀ, ରତିକାନ୍ତ ଦେହୁରୀ, ଭାରତୀ ଦେହୁରୀ, କୁନ୍ତଳା ଦେହୁରୀ, ଚନ୍ଦ୍ରାବତୀ ପାତ୍ର, ଫୁଲ ସୁଣ୍ଡି ପ୍ରମୁଖ ଯୋଗଦେଇ ମାତୃଭାଷାର ବ୍ୟବହାର ଓ ସୁରକ୍ଷା ସମ୍ପର୍କରେ ଛାତ୍ରୀଛାତ୍ରଙ୍କୁ ପ୍ରୋତ୍ସାହିତ କରିଥିଲେ। ଏହି ଅବସରରେ ମାତୃଭାଷା ଦିବସ ଶପଥ ପାଠ, ସମ୍ବିଧାନ ପ୍ରସ୍ତାବନା ଶପଥ ପାଠ ସହ ଛାତ୍ରଙ୍କ ଜନ୍ମଦିନ ପାଳନ କରାଯାଇଥିଲା। ଛାତ୍ରୀଛାତ୍ରଙ୍କୁ ସ୍ୱତନ୍ତ୍ର ଖାଦ୍ୟ ପରିବେଷଣ କରାଯାଇଥିଲା। ସରୋଜିନୀ ଦେହୁରୀ, ରାକ୍ଷୀ ମହାନ୍ତ, ପାନି ବାନରା, ମିଲି ବାନରା, ଲକ୍ଷ୍ମୀ ମୁଣ୍ଡା, ବାଲମଣି ବାନରା ପ୍ରମୁଖ ସହଯୋଗ କରିଥିଲେ। ପ୍ରଧାନଶିକ୍ଷକ ପ୍ରେମାନନ୍ଦ ପାଣିଗ୍ରାହୀ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

## ଜାରକାରେ ଖୋଲିଲା ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ ଶାଖା

**ଧର୍ମଶାଳା,୨୩।୨(ବଟକୃଷ୍ଣ ପରିଡା):**

ଧର୍ମଶାଳା ବ୍ଲକ ଜାରକାସ୍ଥିତ ଗୋପବନ୍ଧୁ ଛକ ନିକଟରେ ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ(ପିଏନ୍‌ବି)ର ୩୫୭ତମ ଶାଖା ସୋମବାର ଖୋଲିଛି। ବ୍ୟାଙ୍କର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ବିଭୁପ୍ରସାଦ ମହାପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଭୁବନେଶ୍ୱର ଅଞ୍ଚଳ ପ୍ରବନ୍ଧକ ଭୂଷଣ ଶର୍ମା, ଭୁବନେଶ୍ୱର ଉପଅଞ୍ଚଳ ପ୍ରବନ୍ଧକ କ୍ଷେତ୍ରବାସୀ ମିଶ୍ର, ବାଲେଶ୍ୱର ମଣ୍ଡଳ ପ୍ରମୁଖ ବିଶ୍ୱଜିତ ବିଶ୍ୱାଳ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଗ୍ରାହକଙ୍କୁ ସବୁ ପ୍ରକାର ସୁବିଧା ସୁଯୋଗ ମିଳିବ ବୋଲି ମତପ୍ରକାଶ କରିଥିଲେ। ଅଲ ଓଡ଼ିଶା ପିଏନ୍‌ବି ବ୍ୟାଙ୍କ ସଂଘ ସାଧାରଣ ସମ୍ପାଦକ ରମେଶ ଚନ୍ଦ୍ର ମାନସିଂ, ଆକାଶ ଦାସ, ଦର୍ପଣ ପିଏନ୍‌ବି ଶାଖା ପ୍ରବନ୍ଧକ ତ୍ରୈଲୋକନାଥ ମିଶ୍ର, ବାଲେଶ୍ୱର ପିଏନ୍‌ବି ଶାଖା ପ୍ରବନ୍ଧକ ଜ୍ୟୋତି ପ୍ରକାଶ, ଚଣ୍ଡିଖୋଲ ପିଏନ୍‌ବି ଶାଖା ପ୍ରବନ୍ଧକ ସୁଜିତ ବେହେରା, ଗୌତମ ଲେଙ୍କା, ଗୋଲକ ବେହେରା ସମେତ ଜିଲାର ଅନ୍ୟ ବ୍ୟାଙ୍କ ଶାଖାର ଅଧିକାରୀମାନେ ଉପସ୍ଥିତ ରହି ସେବା ଓ ବ୍ୟବହାର ଆମର ପରିଚୟ ବୋଲି କହିଥିଲେ। ପ୍ରଥମ ଦିନରେ ଶତାଧିକ ବ୍ୟାଙ୍କ ଆକାଉଣ୍ଟ ଖୋଲାଯାଇଥିଲା। ଜାରକା ଶାଖା ପ୍ରବନ୍ଧକ ଦେବଯାନୀ ମିଶ୍ର ଧନ୍ୟବାଦ ଦେଇଥିଲେ।


ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ ଶାଖାକୁ ଅତିଥି ଉଦ୍‌ଘାଟନ କରୁଛନ୍ତି।

## ସାଇବର ଠକେଇ ଅଭିଯୋଗର ତଦନ୍ତ ଆରମ୍ଭ

**ପାଣିକୋଇଲି,୨୩।୨ (ବିକାଶ ଚନ୍ଦ୍ର ମଲ୍ଲିକ):**

ସାଇବର ଅପରାଧ ଉପରେ ଲଗାମ ଲଗାଇବାକୁ ଓଡ଼ିଶା ପୋଲିସ ପକ୍ଷରୁ ଆରମ୍ଭ ହୋଇଛି ଅପରେଶନ କବଚ। ଏଥିରେ ରାଜ୍ୟର ବିଭିନ୍ନ ଅଞ୍ଚଳରେ ଥିବା ବେନାମୀ ବ୍ୟାଙ୍କ ଆକାଉଣ୍ଟ୍ ଯାଞ୍ଚ କରାଯାଉଛି। କେତେକ ସ୍ଥାନରେ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିବାବେଳେ ଅନ୍ୟ କେତେକ ସ୍ଥାନରେ ମାମଲା ରୁଜୁ କରାଯାଇ ତଦନ୍ତ ଆରମ୍ଭ ହୋଇଛି। ଏହିକ୍ରମରେ ପାଣିକୋଇଲି ପୋଲିସ ବ୍ୟାଙ୍କରୁ ଅଭିଯୋଗ ପାଇବା ପରେ ସାଇବର ଠକେଇ ନେଇ ଏକ ମାମଲା ନଂ.୫୧/୨୬ ରୁଜୁ କରିବା ସହ ତଦନ୍ତ ଆରମ୍ଭ କରିଛି। ବିଭିନ୍ନ ସମୟରେ କେତେଜଣ ଜମାଖାତାଧାରୀ ସାଇବର ଠକେଇର ଶିକାର ହେଉଥିବାବେଳେ ଅନ୍ୟ କେତେଜଣ ଜମାଖାତାଧାରୀ ଏହି ଠକେଇ କରୁଛନ୍ତି। ଥାନାଧିକାରୀ ରଞ୍ଜିତ ମହାନ୍ତି ମାମଲାର ତଦନ୍ତ କରୁଛନ୍ତି। ପାଣିକୋଇଲିସ୍ଥିତ ଭାରତୀୟ ଷ୍ଟେଟ ବ୍ୟାଙ୍କର ୯ଟି ଆକାଉଣ୍ଟ୍ ଫ୍ରିଜ କରାଯିବା ସହ ଜମାଖାତାଧିକାରୀଙ୍କ ନାମରେ ମାମଲା ରୁଜୁ କରାଯାଇଛି। ପାଣିକୋଇଲି ଷ୍ଟେଟ ବ୍ୟାଙ୍କ ଶାଖାର ଜମାଖାତାଧାରୀ ମନୋଜ ଦାସ, ଗୌରାଙ୍ଗ ଚରଣ ସୁଣ୍ଡି, ସରୋଜ ସାହୁ, ଶୀତଲ ସ୍ୱାଇଁ, ପ୍ରକାଶ ଚନ୍ଦ୍ର କବି, ସଞ୍ଜୟ କୁମାର ଦାସ, ଆଶୁତୋଷ ପଣ୍ଡା, ରମାକାନ୍ତ ସାହୁ ଓ ଜୟବ୍ରତ ସାହୁଙ୍କ ନାମରେ ମାମଲା ରୁଜୁ କରାଯାଇଛି। ଏହିମାନଙ୍କ ଜମାଖାତାକୁ କେତେ ଟଙ୍କା ଆସିଛି, କେତେ ଟଙ୍କାର ନେଣଦେଣ ହୋଇଛି, କାହା ପାଖକୁ ଟଙ୍କା ପଠାଯାଇଛି, କେତେ ଟଙ୍କା ଗଚ୍ଛିତ ରହିଛି ତାହା ସମ୍ପୂର୍ଣ୍ଣ ବିବରଣୀ ଉପରେ ତଦନ୍ତ ଚାଲିଥିବା ଥାନା ଅଧିକାରୀ ପ୍ରକାଶ କରିଛନ୍ତି।

## ସଙ୍କଟ ମୋଚନଙ୍କ ବାର୍ଷିକ ଉତ୍ସବ

**ପାଣିକୋଇଲି,୨୩।୨ (ବିକାଶ ଚନ୍ଦ୍ର ମଲ୍ଲିକ):**

କୋରେଇ ବ୍ଲକ ଅନ୍ତର୍ଗତ ପଥରପଦା ପଞ୍ଚାୟତର ଓଟିନ୍ଦା(ଗିରିସାହି)ଠାରେ ସଙ୍କଟମୋଚନ ମହାରାଜଙ୍କ ବାର୍ଷିକ ଉତ୍ସବ ସୋମବାରଠାରୁ ଆରମ୍ଭ ହୋଇଛି। ୬ ଦିନ ବ୍ୟାପୀ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ପ୍ରଥମ ଦିନରେ ପୂର୍ଣ୍ଣତୋୟା ବୈତରଣୀ ନଦୀରୁ କଳସରେ ଜଳ ଅଣାଯିବା ପରେ ପୂଜାକାର୍ଯ୍ୟ ଆରମ୍ଭ ହୋଇଥିଲା। ଏଠାରେ ପ୍ରତି ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ୨ଦିନ ମୁକ୍ତାକଶ ନାଟକ ପରିବେଷଣ କରାଯିବ ବୋଲି ସୂଚନା ମିଳିଛି।

## ୮୮ ଅଭିଯୋଗରୁ ୬ ତତ୍କାଳ ସମାଧାନ

ଏରସମା, ୨୩ ।୨ ( ଦୀପ୍ତି ଖଣ୍ଡୁଆଳ )

ଏରସମା ବ୍ଲକସମ୍ମିଳନୀକକ୍ଷରେ ସୋମବାର ଜିଲାପାଳଙ୍କ ଯୁଗ୍ମ ଜନଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ଜେ.ସୋନାଲ ଯୋଗଦେଇ ଅଭିଯୋଗଗୁଡ଼ିକର ଶୁଣାଣି କରିଥିଲେ। ମୋଟ୍ ୮୮ଟି ଅଭିଯୋଗ ପଞ୍ଜୀକରଣ ହୋଇଥିଲା। ସେଥିରୁ ୬ଟି ଅଭିଯୋଗର ତତ୍କାଳ ସମାଧାନ କରାଯାଇଥିଲା। ବ୍ୟକ୍ତିଗତ ୭୯, ଗୋଷ୍ଠୀଗତ ୯ଟି ଅଭିଯୋଗ ହୋଇଥିଲା। ବ୍ୟକ୍ତିଗତ ଅଭିଯୋଗ ମଧ୍ୟରେ ଜମିଜମା ୨୮, ଆବାସ ଯୋଜନା ୧୧, ରାଶନ କାର୍ଡ ୮, ଭତ୍ତା ଉପରେ ୧୨, ପୋଲିସ ସହାୟତା ୧ ସହ ଅନ୍ୟାନ୍ୟ ୧୦ଟି ଅଭିଯୋଗ କରାଯାଇଥିଲା। ଏସ୍‌ପି ଅଙ୍କିତ ବର୍ମା, ଅତିରିକ୍ତ ଜିଲାପାଳ ଜ୍ୟୋତି ଶଙ୍କର ରାୟ, ବିଡିଓ ଦାଶରଥି ଜେନା, ତହସିଲଦାର ସ୍ନିଗ୍ଧା ଶ୍ରଦ୍ଧାଞ୍ଜଳି ବେହେରା ଯୋଗଦେଇ ଲୋକଙ୍କ ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ।

## କସ୍ତୁରବା ଗାନ୍ଧୀଙ୍କ ଶ୍ରାଦ୍ଧ ଦିବସ ପାଳିତ

**ବରୀ,୨୩।୨(ମହେନ୍ଦ୍ର ସ୍ୱାଇଁ):**

ବରୀ ବ୍ଲକ ଅନ୍ତର୍ଗତ ଅରଙ୍ଗାବାଦ ପଞ୍ଚାୟତର ମାତୃମଙ୍ଗଳ କେନ୍ଦ୍ର(ସେବା ଘର)ଠାରେ ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ଧର୍ମପତ୍ନୀ କସ୍ତୁରବା ଗାନ୍ଧୀଙ୍କ ଶ୍ରାଦ୍ଧ ଦିବସ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ସ୍ଥାନୀୟ ସରପଞ୍ଚ ନିରୂପମା ମଲ୍ଲିକ ଉଦ୍‌ଘାଟନ କରିଥିଲେ। କସ୍ତୁରବାଙ୍କ ଜୀବନ ଦର୍ଶନ ଉପରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏଥିରେ ସମ୍ମାନିତ ଅତିଥିଭାବେ ଯୁବ ସାମାଜିକ କର୍ମୀ ବିଶ୍ୱନାଥ ତ୍ରିପାଠୀ ଯୋଗଦେଇ କସ୍ତୁରବାଙ୍କ ଅସ୍ପୃଶ୍ୟତା ନିବାରଣ, ସ୍ୱାବଲମ୍ବୀ, ପତିବ୍ରତତା, ଜାତୀୟତାବୋଧ ଆଦି ଗୁଣ ବିଷୟରେ ଆଲୋକପାତ କରିଥିଲେ। ଅନ୍ୟତମ ଅତିଥିଭାବେ ବରୀ ରମାଦେବୀ ଆଶ୍ରମ ସମ୍ପାଦକ ରମାକାନ୍ତ ମଣ୍ଡଳ ଏବଂ ସଭାପତି ନିମାଇଁ ରାୟ ଯୋଗଦେଇ ସ୍ୱାଧୀନତା ଆନ୍ଦୋଳନରେ କସ୍ତୁରବାଙ୍କ ଭୂମିକା ଏବଂ କସ୍ତୁରବା ମାତୃମଙ୍ଗଳ ସ୍ଥାପନା ବିଷୟରେ ବର୍ଣ୍ଣନା କରିଥିଲେ। କାର୍ଯ୍ୟକ୍ରମକୁ କସ୍ତୁରବା ମାତୃମଙ୍ଗଳ କେନ୍ଦ୍ରର ସଞ୍ଚାଳିକା ଭାରତୀ ଘୋଷ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ବହୁ ମହିଳା ଓ ଛାତ୍ରୀଛାତ୍ର ଯୋଗ ଦେଇଥିଲେ। ଶେଷରେ ରାମଧୂନ ଗାନ କରାଯାଇଥିଲା।


ଆଲୋଚନାଚକ୍ରରେ ଯୋଗଦେଇଥିବା ସ୍ଥାନୀୟ ସରପଞ୍ଚ ଓ ଅନ୍ୟମାନେ ।

## ୨୪ ଅଭିଯୋଗର ତତ୍କାଳ ଫଇସଲା

### ଦଶରଥପୁରରେ ଯୁଗ୍ମ ଜନଅଭିଯୋଗ ଶୁଣାଣି ଶିବିର

**ଦଶରଥପୁର,୨୩।୨ (ସୁଶାନ୍ତ କୁମାର ବେହୁରିଆ):**


ଶିବିରରେ ଜିଲାପାଳ ଅମ୍ବର କୁମାର କର ଓ ଅନ୍ୟ ଅଧିକାରୀମାନେ ଜନସାଧାରଣଙ୍କ ଅଭିଯୋଗ ଶୁଣୁଛନ୍ତି ।

ଯାଜପୁର ଜିଲା ପ୍ରଶାସନ ପକ୍ଷରୁ ସୋମବାର ଏକ ଯୁଗ୍ମ ଜନଅଭିଯୋଗ ଶୁଣାଣି ଶିବିର ଦଶରଥପୁର ବ୍ଲକ୍ କାର୍ଯ୍ୟାଳୟ ପରିସର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଜିଲାପାଳ ଅମ୍ବର କୁମାର କର ଯୋଗଦେଇ ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ। ବିଭାଗୀୟ ଅଧିକାରୀ ଏହି ଅଭିଯୋଗ ଗୁଡିକ ଯାଞ୍ଚ କରିବେ ଓ ଯେଉଁମାନେ ଯୋଗ୍ୟ ଅଛନ୍ତି ସେମାନଙ୍କର ଯଥାସମ୍ଭବ ସମସ୍ୟାର ସମାଧାନ କରାଯିବ ବୋଲି ଜିଲାପାଳ ପ୍ରକାଶ କରିଥିଲେ। ଶିବିରରେ ମୋଟ ୧୩୮ ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ସେଥିମଧ୍ୟରୁ ବ୍ୟକ୍ତିଗତ ସମସ୍ୟା ସମ୍ପର୍କିତ ୧୧୩, ଗୋଷ୍ଠୀଗତ/ଗ୍ରାମ୍ୟ ସମସ୍ୟା ସମ୍ପର୍କିତ ୪, ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ସହାୟତା ନିମନ୍ତେ ୨୧ ଅଭିଯୋଗର ଶୁଣାଣି କରାଯାଇଥିଲା। ୨୪ ଅଭିଯୋଗର ତତ୍କାଳ ଫଇସଲା କରାଯାଇଥିଲା। ଶିବିରରେ ଆରକ୍ଷୀ ଅଧୀକ୍ଷକ ଯଶପ୍ରତାପ ଶ୍ରୀମାଲ, ଅତିରିକ୍ତ ଜିଲାପାଳ ଯୁଧିଷ୍ଠିର ନାୟକ, ଜିଲା ପରିଷଦର ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଦେବୀପ୍ରସାଦ ମହାନ୍ତି, ଦଶରଥପୁର ବିଡିଓ ଆକାଶ ପଟ୍ଟନାୟକ, ତହସିଲଦାର ଶୁଭ୍ରାଂଶୁ ସାହୁଙ୍କ ସମେତ ଜିଲାସ୍ତରୀୟ ଅଧିକାରୀ, କ୍ଷେତ୍ରୀୟ ଅଧିକାରୀ, ବ୍ଲକସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କ ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ।

# ଚିନ୍ତା ବଢ଼ାଇଛି ଅପମିଶ୍ରିତ ଖାଦ୍ୟ

## ବିଧାନସଭାରେ ସ୍ୱାସ୍ଥ୍ୟ ମନ୍ତ୍ରୀଙ୍କ ଉତ୍ତର ପରେ ଶଙ୍କା

■ବ୍ରାଣ୍ଡ ଠିକ ନ ଥିବା ନେଇ ମାମଲା କୋର୍ଟରେ ବିଚାରାଧୀନ

■ହୋଲିରେ ଚଢ଼ାଉ ପାଇଁ ଏଫ୍ଏସ୍ଏସ୍ଏଆଇ ପକ୍ଷରୁ ଜାରି ହେଲା ମାର୍ଗଦର୍ଶିକା

ଜଗତ୍‌ସିଂହପୁର, ୨୩।୨
(ପ୍ରମୋଦ କୁମାର ନାୟକ)

ରାଜ୍ୟରେ ଅପମିଶ୍ରିତ ଖାଦ୍ୟ ବଢୁଥିବା ସଂକ୍ରାନ୍ତରେ ବିଧାୟକ ତାରାପ୍ରସାଦ ବାହିନୀପତି ବିଧାନସଭାରେ କରିଥିବା ଅଣତାରକା ପ୍ରଶ୍ନର ଉତ୍ତର ଦେଇ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ଯାହା ଉଲ୍ଲେଖ କରିଛନ୍ତି ତାକୁ ନେଇ ଜଗତ୍‌ସିଂହପୁର ଜିଲାରେ ଚର୍ଚ୍ଚା ଜୋର ଧରିଛି। ମନ୍ତ୍ରୀ ରାଜ୍ୟରେ ଖାଦ୍ୟ ଅପମିଶ୍ରଣ ହେଉଥିବା ପରୋକ୍ଷରେ ସ୍ୱୀକାର କରିବା ସହ ଏନେଇ ସରକାର ସଜାଗ ଥିବା ସ୍ପଷ୍ଟ କରିଛନ୍ତି। ସେ ଦର୍ଶାଇଛନ୍ତି, ଖାଦ୍ୟ ନିରାପତ୍ତା ଆୟୁକ୍ତଙ୍କ ଦ୍ୱାରା ଖାଦ୍ୟ ନିରାପତ୍ତା ଆଇନ ୨୦୦୬ ଅନୁଯାୟୀ, ବିଭିନ୍ନ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି। ରାଜ୍ୟରେ ନିଯୁକ୍ତ ୬୩ ଜଣ ଖାଦ୍ୟ ନିରାପତ୍ତା ଅଧିକାରୀ ନିୟମିତ ଭାବେ ଅପମିଶ୍ରଣ ରୋକିବା ପାଇଁ ପଦକ୍ଷେପ ନେଉଛନ୍ତି। ଖାଦ୍ୟ ବିକ୍ରେତାଙ୍କ ଲାଇସେନ୍ସ, ପଞ୍ଜୀକରଣ ସାର୍ଟିଫିକେଟଠାରୁ ଆରମ୍ଭ କରି ଚଢ଼ାଉ ଓ ଖାଦ୍ୟ ନମୁନା ଯାଞ୍ଚ କରାଯାଉଛି। ଖାଦ୍ୟ ଅପମିଶ୍ରଣର ସନ୍ଦେହ ହେଲେ ଖାଦ୍ୟର ନମୁନା ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରତିଷ୍ଠା କରାଯାଇଥିବା ପରୀକ୍ଷାଗାରକୁ ପଠାଯାଇ ଯାଞ୍ଚ ହେଉଛି। ଭ୍ରାମ୍ୟମାଣ ପରୀକ୍ଷାଗାର ରାଜ୍ୟର ବ୍ୟବସାୟ ବହୁଳ ସ୍ଥାନ ଓ ବିଭିନ୍ନ ପର୍ବପର୍ବାଣିରେ ବିନିଯୋଗ କରାଯାଇ ଖାଦ୍ୟର ମାନ ଯାଞ୍ଚ କରାଯାଉଛି। ୨୦୨୪-୨୫ ଆର୍ଥିକ ବର୍ଷର ୨୦୨୫ ଜାନୁଆରୀ ସୁଦ୍ଧା ଜଗତ୍‌ସିଂହପୁର ଜିଲାରେ ଲଙ୍କା ପାଉଡର, ହଳଦୀ ପାଉଡର, ହର୍ଲିକ୍ସ ଓ ବେସନ୍ ଅପମିଶ୍ରଣ ହୋଇଥିବା ସୂଚନା ରହିଛି। ସେହିପରି ୨୦୨୫-୨୬ ଆର୍ଥିକ ବର୍ଷ ୨୦୨୫ ନଭେମ୍ବର ସୁଦ୍ଧା ମିଳିଥିବା ତଥ୍ୟ ଅନୁଯାୟୀ ଜିଲାରେ ଫ୍ୟାଟ ରହିତ ଦୁଗ୍ଧ ପାଉଡର ଅପମିଶ୍ରିତ ହୋଇଥିବା ସ୍ପଷ୍ଟ ହୋଇଛି। ମନ୍ତ୍ରୀଙ୍କ ଏହି ଉତ୍ତରରୁ ଲୋକେ ସମ୍ଭାବ୍ୟ ପରିସ୍ଥିତିକୁ ନେଇ ଚିନ୍ତାରେ ପଡ଼ିଛନ୍ତି। କାରଣ କିଛି ମାସ ପୂର୍ବରୁ ଜଗତ୍‌ସିଂହପୁର ଜିଲାରେ ଅପମିଶ୍ରିତ ମିଲ୍କ ପାଉଡର ଜବତ ହୋଇଥିଲା। ଏଥିସହ ଜିଲାର ଅଧିଷ୍ଠାତ୍ରୀ ଦେବୀ ମା'ଶାରଳାଙ୍କ ମନ୍ଦିରରେ ଘିଅର ମାନ ଓ ଗୋରେଖନାଥ ମନ୍ଦିରରେ ଭୋଗର ମାନକୁ ନେଇ ପ୍ରଶ୍ନ ଉଠିଥିଲା। ଖାଦ୍ୟ ସୁରକ୍ଷା ଅଧିକାରୀ ନମୁନା ସଂଗ୍ରହ କରି ପରୀକ୍ଷା ପାଇଁ ଭୁବନେଶ୍ୱରସ୍ଥିତ ପରୀକ୍ଷାଗାର ପଠାଇଥିଲେ। ଏହାବାଦ ହଳଦୀ ପାଉଡର, ହର୍ଲିକ୍ସ, ଲଙ୍କା ପାଉଡର ସମେତ ଅନେକ ପାଉଡର ଅପମିଶ୍ରିତ ହେଉଥିବା ଆଲୋଚନା ହେଉଥିଲେ ସୁଦ୍ଧା ସେଭଳି ପ୍ରଚାର ହୋଇ ନ ଥିଲା। କିନ୍ତୁ ମନ୍ତ୍ରୀଙ୍କ ଉତ୍ତର ପରେ ଲୋକେ ଏ ବିଷୟରେ ଅବଗତ ହୋଇଛନ୍ତି। ଆଗକୁ ହୋଲି ପର୍ବ ଆସୁଛି। ଏହି ସମୟରେ ମଧ୍ୟ ଅପମିଶ୍ରଣ ମାତ୍ରା ବଢ଼ିବା ସମ୍ଭାବନା ରହିଛି। ଏ ପରିସ୍ଥିତିରେ ଜିଲା ପ୍ରଶାସନ ଓ ଖାଦ୍ୟ ସୁରକ୍ଷା ଅଧିକାରୀ ଆବଶ୍ୟକ ପଦକ୍ଷେପ ଗ୍ରହଣ ନ କଲେ ପରିସ୍ଥିତି ଜଟିଳ ହେବା ଆଶଙ୍କା କରାଯାଉଛି।

ଏ ସମ୍ପର୍କରେ ଖାଦ୍ୟ ସୁରକ୍ଷା ଅଧିକାରୀ ସମିତା ଦାସଙ୍କୁ ପଚାରିବାରୁ ୨୦୨୪ ଅଗଷ୍ଟରେ ତତ୍କାଳୀନ ପାରାଦୀପ ଖାଦ୍ୟ ସୁରକ୍ଷା ଅଧିକାରୀ ରାହାମା ବଜାରର ଏକ ମଲ୍‌ରେ ଚଢ଼ାଉ କରି ହର୍ଲିକ୍ସ ଉପଯୁକ୍ତ ବ୍ରାଣ୍ଡ ନ ଥିବା ଅନୁଭବ କରି ଜବତ କରିଥିଲେ। ଏହା ଉପରେ ମାମଲା ବିଚାରାଧୀନ ରହିଛି। ଏଥିସହ ବିଭାଗ ନିୟମିତ ଯାଞ୍ଚ ଓ ଚଢ଼ାଉ ଜାରି ରଖିବା ସହ ସମ୍ଭାବ୍ୟ ପରିସ୍ଥିତିକୁ ଏଡ଼ାଇବା ପାଇଁ ପଦକ୍ଷେପ ନେଉଥିବା ସେ କହିଛନ୍ତି। ଅନ୍ୟପଟେ ଏଫ୍ଏସ୍ଏସ୍ଏଆଇ ରେଗୁଲେଟୋରି ପକ୍ଷରୁ କାର୍ଯ୍ୟକାରୀ ନିର୍ଦ୍ଦେଶକ(ସିଏସ୍) ତଥା ଉପଦେଷ୍ଟା (କ୍ୟୁଏ)ର ସତ୍ୟେନ କୁମାର ପଣ୍ଡା ସମସ୍ତ ରାଜ୍ୟ କମିଶନର ଓ ଏଫ୍ଏସ୍ଏସ୍ଏଆଇ ଆଞ୍ଚଳିକ ନିର୍ଦ୍ଦେଶକଙ୍କୁ ଆସନ୍ତା ହୋଲି ସମୟରେ ଖାଦ୍ୟ ସୁରକ୍ଷା, ଗୁଣାବତ୍ତା ଓ ଅପମିଶ୍ରଣ ରୋକିବା ପାଇଁ ସ୍ୱତନ୍ତ୍ର ଡ୍ରାଇଭ କରିବାକୁ ଆଡଭାଇଜରି ଜାରି କରିଛନ୍ତି। ଏଥିରେ ଉଲ୍ଲେଖ ଅଛି ହୋଲି ସମୟରେ ମିଠା, ତେଲ, ଦୁଗ୍ଧ, ଦୁଗ୍ଧ ପାଉଡର ଯଥା ଘିଅ, ଖୁଆ ଓ ପନିର ଆଦି ବହୁ ପ୍ରକାର ଖାଦ୍ୟ ଚାହିଦା ବଢ଼ିବ। ଏହାର ସୁଯୋଗରେ ଅନେକ ଅସାଧୁ ବ୍ୟକ୍ତି ଆର୍ଥିକ ଫାଇଦା ପାଇଁ ଅପମିଶ୍ରଣ କରିବାର ସମ୍ଭାବନା ରହିଛି। ତାହା ଖାଉଟିଙ୍କ ସ୍ୱାସ୍ଥ୍ୟ ପ୍ରତି ବିପଜ୍ଜନକ। ତେଣୁ ଖାଦ୍ୟ ସୁରକ୍ଷା ଓ ଅପମିଶ୍ରଣ ରୋକିବା ପାଇଁ ପଦକ୍ଷେପ ନିଆଯିବା ଜରୁରୀ। ଅଧିକାରୀ ଓ କର୍ମଚାରୀମାନେ ସେମାନଙ୍କ ଅଞ୍ଚଳରେ ଅପମିଶ୍ରଣ ରୋକିବା ପାଇଁ ଅଭିଯାନ ସ୍ୱରୂପ ବିଶେଷକରି ବଜାର ଅଞ୍ଚଳ ଆଦିରେ ସଚେତନତା ସୃଷ୍ଟି କରିବା ଆବଶ୍ୟକ। ଏହି ଅଭିଯାନର ତାରିଖ, ନମୁନା ସଂଗ୍ରହର ସମସ୍ତ ତଥ୍ୟ ୱେବସାଇଟ୍‌ରେ ଅପଲୋଡ୍ କରିବା ବାଧ୍ୟତାମୂଳକ ବୋଲି ଉଲ୍ଲେଖ ରହିଛି। ଆଗକୁ ଦେଖିବାର ଅଛି ଅପମିଶ୍ରଣ ରୋକିବା କ୍ଷେତ୍ରରେ ସରକାର କି ପଦକ୍ଷେପ ନେଉଛନ୍ତି ।

# ହୁଇଲ ଚେୟାରରେ ବିତୁଛି ମରୁଆଙ୍କ ଜୀବନ



■ସ୍ତ୍ରୀଙ୍କୁ ଭଲ କରିବା ପାଇଁ ଭିକ୍ଷା କରୁଛନ୍ତି ଆଦିକନ୍ଦ

■୮୬ ପ୍ରତିଶତ ଦିବ୍ୟାଙ୍ଗ ହୋଇଥିଲେ ମଧ୍ୟ ମିଳୁନି ବର୍ଦ୍ଧିତ ଭତ୍ତା

■ଛିଣ୍ଡା ପାଲ ତଳେ ବୃଦ୍ଧ ଦମ୍ପତି

ଆଳି, ୨୩।୨ (ବନମାଳୀ ସେନାପତି)

ହୁଇଲ ଚେୟାରରେ ରୋଗଣା ସ୍ତ୍ରୀ। ତାଙ୍କୁ ଭଲ କରିବା ପାଇଁ ପଣ କରି ଗାଁ ଗାଁ ବୁଲି ଭିକ୍ଷା ମାଗୁଛନ୍ତି ସ୍ୱାମୀ। ସ୍ୱାମୀ ଓ ସ୍ତ୍ରୀଙ୍କୁ ମିଳୁଥିବା ଭତ୍ତା ଟଙ୍କା ଏବଂ ରାଶନ ଚାଉଳରେ ଦୁହିଁଙ୍କ ପେଟ ଭରୁଛି। ହେଲେ ରୋଗଣା ସ୍ତ୍ରୀଙ୍କୁ ଭଲ କରିବାକୁ ସ୍ୱାମୀ ଅସମର୍ଥ। ୮୬ ପ୍ରତିଶତ ଭିନ୍ନକ୍ଷମ ସ୍ତ୍ରୀଙ୍କୁ ବର୍ଦ୍ଧିତ ଭତ୍ତା ମିଳୁ ନ ଥିବାବେଳେ ସରକାରୀ ସହାୟତାକୁ ଚାତକ ଭଳି ଚାହିଁ ବସିଛନ୍ତି ବୃଦ୍ଧ ଦମ୍ପତି। ଏଭଳି ଏକ ପରିବାର ଦେଖିବାକୁ ମିଳିଛି କେନ୍ଦ୍ରାପଡ଼ା ଜିଲା ଆଳି ବ୍ଲକ ଅଟାଳ ପଞ୍ଚାୟତ କୋଚିଲା ଗ୍ରାମରେ। ଗ୍ରାମର ଆଦିକନ୍ଦ ମଲିକ (୭୦)ଙ୍କ ପରିବାର କହିଲେ ସ୍ତ୍ରୀ ଓ ୩ ପୁଅ। ଆଦିକନ୍ଦ ଗାଁ ଗାଁ ବୁଲି ମାଛ ବେପାର କରି ପରିବାର ପ୍ରତିପୋଷଣ କରୁଥିଲେ। ପ୍ରାୟ ୨ ବର୍ଷ ହେବ ସ୍ତ୍ରୀ ମରୁଆଙ୍କର ଆଖି ଅପରେଶନ କରିଥିଲେ। ଆଖି ଅପରେଶନ କରିବାର କିଛିଦିନ ପରେ ହଠାତ ମରୁଆ ପକ୍ଷାଘାତ ରୋଗରେ ପଡ଼ିଗଲେ। ମରୁଆଙ୍କୁ ଭଲ କରିବାକୁ ଆଦିକନ୍ଦ ବିଭିନ୍ନ ହସ୍ପିଟାଲ ବୁଲି ଚିକିତ୍ସା କରାଇଥିଲେ କିନ୍ତୁ ଭଲ ହୋଇ ପାରିଲେ ନାହିଁ। ସବୁଦିନ ପାଇଁ ପକ୍ଷାଘାତ ରୋଗରେ ପଡିଗଲେ। ଫଳରେ ମାଛ ବ୍ୟବସାୟ କରି ପରିବାର ପ୍ରତିପୋଷଣ କରୁଥିବା ଆଦିକନ୍ଦ ବ୍ୟବସାୟ ବନ୍ଦ କରିଦେଲେ। ରାତି ପାହି ସକାଳ ହେଲେ ଆଦିକନ୍ଦ ଆରମ୍ଭ କରିଦିଅନ୍ତି ସ୍ତ୍ରୀଙ୍କ ସେବା। ଖୁଆଇବା, ଗାଧୋଇ ଦେବା, ଔଷଧ ଦେବା କାମ ସରିବା ବେଳକୁ ପୂର୍ବାହ୍ନ ୧୧ଟା ବାଜିଯାଉଛି। ଫଳରେ ଆଉ କିଛି କାମଧନ୍ଦା ମିଳୁନି, ଫଳରେ ନିଜର ବ୍ୟବସାୟ ଛାଡ଼ି ସେ ଏବେ ସ୍ତ୍ରୀଙ୍କୁ ଭଲ କରିବାକୁ ଭିକ୍ଷାବୃତ୍ତିକୁ ଆପଣାଇଛନ୍ତି।

ସରକାରଙ୍କ ପକ୍ଷରୁ ବର୍ଦ୍ଧିତ ୩୫୦୦ ଟଙ୍କା ଭତ୍ତା ମିଳିବା ପରିବର୍ତ୍ତେ ୧୨ଶହ ଟଙ୍କା ମିଳୁଛି। ଏ ନେଇ ସେ ପଞ୍ଚାୟତରୁ ବ୍ଲକକୁ ଦୌଡ଼ି ନୟାନ୍ତ ହୋଇଥିଲେ ମଧ୍ୟ ତାଙ୍କୁ ବର୍ଦ୍ଧିତ ଭତ୍ତା ମିଳୁନାହିଁ। ଅପରପକ୍ଷେ ଉଭୟ ଆଦିକନ୍ଦ ଓ ମରୁଆ ରହୁଥିବା ଘର ଅବସ୍ଥା ଆଖିରେ ନ ଦେଖିଲେ ବିଶ୍ୱାସ କରିହେବନି। ଅର୍ଥ ଅଭାବରୁ ଘର ଛପର ହୋଇ ପାରୁ ନ ଥିବାରୁ ଜରିପାଲ ତଳେ ଜୀବନ ବିତୁଛି। ଘର କାନ୍ଥ ଫାଟି ଆଁ କରିଛି। ସରକାରଙ୍କ ପକ୍ଷରୁ ତାଙ୍କୁ ଏକ ଆବାସ ଘର ନିମନ୍ତେ ଅର୍ଥ ମିଳିଥିବା ବେଳେ ଏହି ଅର୍ଥ ମରୁଆଙ୍କ ଚିକିତ୍ସାରେ ଖର୍ଚ୍ଚ ହୋଇଯାଇଥିବାରୁ ନିର୍ମାଣ କରିବାକୁ ସମ୍ପୂର୍ଣ୍ଣ ଭାବେ ଅସମର୍ଥ ଥିବା ନେଇ ଆଦିକନ୍ଦ କହିଛନ୍ତି। ଘର ନ କରିବାରୁ ବ୍ଲକ ପ୍ରଶାସନ ପକ୍ଷରୁ କିଛିଦିନ ଭତ୍ତା ବନ୍ଦ ହୋଇଥିବା ବେଳେ ଆଦିକନ୍ଦ ପୁନର୍ବାର ନିଜ ଅସୁବିଧା ସମ୍ପର୍କରେ ବିଡିଓଙ୍କୁ ଜଣାଇବା ପରେ ମିଳୁଛି। ଏବେ ବ୍ଲକ ପ୍ରଶାସନ ପକ୍ଷରୁ ଘର କରିବାକୁ ତାଗିଦ କରାଯାଉଥିବା ବେଳେ ଅସହାୟ ଆଦିକନ୍ଦଙ୍କ ସ୍ତ୍ରୀ ମରୁଆଙ୍କୁ ଭଲ କରିବେ ନା ଘର ତିଆରି କରିବେ ତାହାକୁ ନେଇ ଚିନ୍ତାରେ ପଡ଼ି ଯାଇଛନ୍ତି। ସ୍ତ୍ରୀଙ୍କ ଚିକିତ୍ସା ନିମନ୍ତେ ସରକାରୀ ଓ ବେସରକାରୀସ୍ତରରେ ସହଯୋଗର ହାତ ବଢ଼ାଇବା ସହ ବର୍ଦ୍ଧିତ ଭତ୍ତା ଯୋଗାଇ ଦେବା ନିମନ୍ତେ ଆଦିକନ୍ଦ ପ୍ରଶାସନ ନିକଟରେ ନିବେଦନ କରିଛନ୍ତି।

# ଅଭିଯୋଗ ଶୁଣାଣି: ୮୮ରୁ ୬ ତତ୍କାଳ ସମାଧାନ

ଏରସମା, ୨୩।୨ (ଦୀପ୍ତି ଖଣ୍ଡୁଆଳ)

ଏରସମା ବ୍ଲକ ସମ୍ମିଳନୀ କକ୍ଷରେ ସୋମବାର ଜିଲାପାଳଙ୍କ ଯୁଗ୍ମ ଜନଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ଜେ.ସୋନାଲ ଉପସ୍ଥିତ ହୋଇ ଅଭିଯୋଗଗୁଡ଼ିକର ଶୁଣାଣି କରିଥିଲେ। ଏହି ଅବସରରେ ମୋଟ୍ ୮୮ଟି ଅଭିଯୋଗ ପଞ୍ଜୀକରଣ ହୋଇଥିଲା। ସେଥିରୁ ୬ଟି ଅଭିଯୋଗର ତତ୍କାଳ ସମାଧାନ କରାଯାଇଥିଲା। ବ୍ୟକ୍ତିଗତ ୭୯, ଗୋଷ୍ଠୀଗତ ୯ଟି ଅଭିଯୋଗ ହୋଇଥିଲା। ବ୍ୟକ୍ତିଗତ ଅଭିଯୋଗ ମଧ୍ୟରେ ଜମିଜମା ୨୮, ଆବାସ ଯୋଜନା ୧୧, ରାଶନ କାର୍ଡ ୮, ଭତ୍ତା ଉପରେ ୧୨, ପୋଲିସ ସହାୟତା ୧ ସହ ଅନ୍ୟାନ୍ୟ ୧୦ଟି ଅଭିଯୋଗ କରାଯାଇଥିଲା। ଏସ୍‌ପି ଅଙ୍କିତ ବର୍ମା, ଅତିରିକ୍ତ ଜିଲାପାଳ ଜ୍ୟୋତି ଶଙ୍କର ରାୟ, ଉପଜିଲାପାଳ ପ୍ରଶାନ୍ତ କୁମାର ତରାଇ, ବିଡିଓ ଦାଶରଥି ଜେନା, ତହସିଲଦାର ସ୍ନିଗ୍ଧା ଶ୍ରଦ୍ଧାଞ୍ଜଳି ବେହେରାଙ୍କ ସହ ଜିଲା ଓ ବ୍ଲକସ୍ତରୀୟ ବିଭିନ୍ନ ବିଭାଗର ଅଧିକାରୀମାନେ ଯୋଗଦେଇ ଲୋକଙ୍କ ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ।



ପ୍ରଶାସନିକ ଅଧିକାରୀମାନେ ଅଭିଯୋଗ ଶୁଣୁଛନ୍ତି।



ପାରାଦୀପ ବତିଘର ଠାରୁ ହନୁମାନ ମନ୍ଦିର ପର୍ଯ୍ୟନ୍ତ ବେଳାଭୂମି ରାସ୍ତାରେ ଭାରି ଯାନଗୁଡିକ ୨ ପାର୍ଶ୍ୱରେ ଅଟକି ରହିଛି। ଏହାଦ୍ୱାରା ପର୍ଯ୍ୟଟକ ଓ ସାଧାରଣ ଲୋକଙ୍କ ପାଇଁ ଯାତାୟାତରେ ବାଧା ଉପୁଜୁଛି। (ଫଟୋ- ଶରତ ରାଉତ)

# ଶୈଳେନ୍ଦ୍ର ନାରାୟଣ ସଂସ୍କୃତ ମହାବିଦ୍ୟାଳୟର ବାର୍ଷିକ ଉତ୍ସବ

ରାଜନଗର, ୨୩।୨ (ଭାସ୍କର ରାଉତରାୟ)

ରାଜନଗରସ୍ଥିତ ଶୈଳେନ୍ଦ୍ର ନାରାୟଣ ସଂସ୍କୃତ ମହାବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ଘନଶ୍ୟାମ ମିଶ୍ରଙ୍କ ପୌରୋହିତ୍ୟ ଓ ଅଧ୍ୟାପିକା ତନୁଶ୍ରୀ ମିଶ୍ରଙ୍କ ସଂଯୋଜନାରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ତହସିଲଦାର ଶିଶିର କୁମାର ଜେନା, ମୁଖ୍ୟବକ୍ତା ଭାବେ ରାଜ୍ୟପାଳ ପୁରସ୍କାରପ୍ରାପ୍ତ ଶିକ୍ଷକ ପଣ୍ଡିତ ଶରତ ଚନ୍ଦ୍ର ମହାପାତ୍ର, ସମ୍ମାନିତ ଅତିଥି ଭାବେ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ଅକ୍ଷୟ କୁମାର ମିଶ୍ର ପ୍ରମୁଖ ଯୋଗଦେଇ ଆଉ ଦିନ କେଇଟା ପରେ ମହାବିଦ୍ୟାଳୟ ଶତବାର୍ଷିକୀ ପୂର୍ତ୍ତି ପାଳନ କରିବା ସହ ପଢୁଥିବା ଛାତ୍ରୀଛାତ୍ର ସଂସ୍କୃତ ଶିକ୍ଷା ପ୍ରତି ଆଗ୍ରହ ପ୍ରକାଶକରି ଥିବାରୁ ଧନ୍ୟବାଦ ଜଣାଇଥିଲେ। ପ୍ରତ୍ୟେକ ଭାଷାର ମୂଳ ଭାଷା ହେଉଛି ସଂସ୍କୃତ ବୋଲି ମତବ୍ୟକ୍ତ କରିଥିଲେ। ଏହି ଅବସରରେ ମହାବିଦ୍ୟାଳୟରେ ଅନୁଷ୍ଠିତ ହୋଇଥିବା ବାର୍ଷିକ ସାଂସ୍କୃତିକ ଓ କ୍ରୀଡ଼ ଉତ୍ସବରେ ସଫଳତା ହାସଲ କରିଥିବା ଛାତ୍ରୀଛାତ୍ରମାନଙ୍କୁ ଅତିଥିମାନେ ଟ୍ରଫି ଏବଂ ମାନପତ୍ର ଦେଇ ପୁରସ୍କୃତ କରିଥିଲେ। ଅଧ୍ୟାପକ ନିହାର ରଞ୍ଜନ ପରିଡ଼ା ଅତିଥି ପରିଚୟ ପ୍ରଦାନ, ଅଧ୍ୟକ୍ଷ ମିଶ୍ର ବାର୍ଷିକ ବିବରଣୀ ପ୍ରଦାନ କରିଥିଲେ। ମହାବିଦ୍ୟାଳୟରେ ଶିକ୍ଷାଦାନ ଦେଇଥିବା ଦିବଂଗତ ଶିକ୍ଷକଙ୍କ ଉଦ୍ଦେଶ୍ୟରେ ୨ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ଛାତ୍ରୀଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ପରିବେଷଣ କରାଯାଇଥିଲା। ଶିକ୍ଷକ ରତ୍ନାକର ଦାସ ଧନ୍ୟବାଦ ଦେଇଥିଲେ। ଦ୍ୱିତୀୟ ସଭାରେ ଅଧ୍ୟକ୍ଷ ଡ. ମିଶ୍ରଙ୍କ ପୌରୋହିତ୍ୟରେ ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟର କୁଳପତି କିଶୋର ଚନ୍ଦ୍ର ପାଢ଼ୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଭାରତୀୟ ଜ୍ଞାନ ପରମ୍ପରାର ସଂସ୍କୃତର ଭୂମିକା ବିଶ୍ୱସ୍ତରୀୟ ହେବାକୁ ଯାଇଛି ବୋଲି କହିଥିଲେ। ବିଶିଷ୍ଟ ଅତିଥି ଭାବେ ସଂସ୍କୃତ ବିଶ୍ୱବିଦ୍ୟାଳୟର ସାହିତ୍ୟ ବିଭାଗର ଅଧ୍ୟକ୍ଷ ବସନ୍ତ କୁମାର ମିଶ୍ର, ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ କିଶୋର ଚନ୍ଦ୍ର ମିଶ୍ର, ପଣ୍ଡିତ ଶରତ ଚନ୍ଦ୍ର ମିଶ୍ର, ଅକ୍ଷୟ କୁମାର ମିଶ୍ର, ଅତିରିକ୍ତ ତହସିଲଦାର ଆଶିଷ କୁମାର ଜେନା ପ୍ରମୁଖ ଯୋଗଦେଇ ଶ୍ରୀମଦ୍ ଭାଗବଦ୍ ଗୀତା ଓ ବେଦ ଆମ୍ଭମାନଙ୍କର ମୂଲ୍ୟବାନ ନିଧି ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମକୁ ଜଗବନ୍ଧୁ ବେହେରା, ଅରୁଣ କୁମାର ରାଉତ, ଦଧିବାବନ ସାହୁ, ରବି ନାରାୟଣ ଦାସ ପ୍ରମୁଖ ପରିଚାଳନା କରିଥିଲେ। ଅଧ୍ୟାପିକା ତନୁଶ୍ରୀ ମିଶ୍ର ଧନ୍ୟବାଦ ଦେଇଥିଲେ। ଏଥିରେ ମହାବିଦ୍ୟାଳୟର ପୂର୍ବତନ ଶିକ୍ଷକ, ପୂର୍ବତନ ଛାତ୍ରୀଛାତ୍ର ଏବଂ ଶତାଧିକ ଶାସ୍ତ୍ରୀ, ଉପଶାସ୍ତ୍ରୀ ପିଲାମାନେ ଉପସ୍ଥିତ ଥିଲେ। ଏହି ଅବସରରେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।



ବାର୍ଷିକ ଉତ୍ସବରେ ଯୋଗଦେଇଥିବା ଅତିଥି।

# ତାଳଦଣ୍ଡା କେନାଲ ବନ୍ଧ ରାସ୍ତା ଶୋଚନୀୟ

■ଘଞ୍ଚ ଜଙ୍ଗଲ ସହ ସରୀସୃପଙ୍କ ଆଶ୍ରୟସ୍ଥଳୀ ପାଲଟିଛି

■ପକ୍କା ରାସ୍ତା ନିର୍ମାଣ ଦାବି

ରଘୁନାଥପୁର, ୨୩।୨
(ରାଜେନ୍ଦ୍ର ନାରାୟଣ ସିଂହ)

ମହାନଦୀ ଦକ୍ଷିଣ ଜଳସମ୍ପଦ ବିଭାଗ କିଶନନଗର ଏସ୍‌ଡିଓ ତଥା ସୋମପୁର ଯନ୍ତ୍ରୀଙ୍କ ଅଧୀନରେ ଥିବା ରଘୁନାଥପୁରଠାରୁ କଣ୍ଟୁଆର ପର୍ଯ୍ୟନ୍ତ ତାଳଦଣ୍ଡା କେନାଲ ବନ୍ଧ ରାସ୍ତା ଅବସ୍ଥା ଶୋଚନୀୟ ହୋଇପଡ଼ିଛି। ବନ୍ଧ ଉପରେ ଅନାବନା ଗଛ ଉଠି ଜଙ୍ଗଲରେ ପରିପୂର୍ଣ୍ଣ ହୋଇ ଅତ୍ୟନ୍ତ ଦୁର୍ଗମ ଅଞ୍ଚଳ ପାଲଟିଛି। ଫଳରେ ବନ୍ଧ କଡ଼ରେ ଘର ତିଆରି କରି ଦୀର୍ଘ ଦିନ ଧରି ବସବାସ କରୁଥିବା ଲୋକେ ଯାତାୟାତ ପାଇଁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସ୍ୱାଧୀନତାର ୭୬ବର୍ଷ ପରେ ମଧ୍ୟ ଏହି ରାସ୍ତାରେ ମାଟି ମୁଠାଏ ପଡ଼ି ନ ଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଏହି ବନ୍ଧ ଦାୟିତ୍ୱରେ ଥିବା ଯନ୍ତ୍ରୀଙ୍କ ଅପାରଗତା ତଥା ଦୂରଦୃଷ୍ଟି ଅଭାବ ଯୋଗୁ କେନାଲ ବନ୍ଧର ଦ୍ରୁତ ଅବକ୍ଷୟ ହେବା ସହ ଜଙ୍ଗଲ ସୃଷ୍ଟି ହୋଇ ସରୀସୃପମାନଙ୍କର ଆଶ୍ରୟସ୍ଥଳୀ ପାଲଟିଛି ବୋଲି ସେମାନେ କହିଛନ୍ତି। ଏପରି କି ଜରୁରିକାଳୀନ ଅବସ୍ଥାରେ ଏହି ବନ୍ଧ ରାସ୍ତାରେ ଆମ୍ବୁଲାନ୍ସ ଯିବା ତ ଦୂରର କଥା ବାଇକ୍ ଖଣ୍ଡେ ଯିବା ଅସମ୍ଭବ ହୋଇପଡ଼ିଛି। ବର୍ଷାଦିନେ ଲୋକେ ଘରୁ ବାହାରିବା ମୁସ୍କିଲ ହୋଇପଡୁଛି। ତୁରନ୍ତ ଜଙ୍ଗଲିଆ ସ୍ଥାନକୁ ସଫା କରାଯାଇ ରାସ୍ତା ଉପଯୋଗୀ କରିବା ସହ ରଘୁନାଥପୁର କେନାଲ ବ୍ରିଜ ନିକଟରୁ କଣ୍ଟୁଆର ପର୍ଯ୍ୟନ୍ତ ୫୦୦ ମିଟର କେନାଲ ରାସ୍ତାକୁ ପକ୍କା କରିବା ପାଇଁ ଜନସାଧାରଣ ଦାବି କରିଛନ୍ତି।

ଏ ସମ୍ପର୍କରେ କିଶନନଗର ଏସ୍‌ଡିଓ ଗୋବର୍ଦ୍ଧନ ପାଣିଗ୍ରାହୀଙ୍କୁ ପଚାରିବାରୁ ଉକ୍ତ ସମସ୍ୟା ସମ୍ପର୍କରେ ସେ ଅବଗତ ନାହାନ୍ତି। ଏପରିକି ଏନେଇ ଅଭିଯୋଗ ଆସିନାହିଁ। ଅଭିଯୋଗ ମିଳିବା ପରେ ତ୍ୱରନ୍ତ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପାଣିଗ୍ରାହୀ କହିଛନ୍ତି।



ରଘୁନାଥପୁର ଠାରୁ କଣ୍ଟୁଆର ପର୍ଯ୍ୟନ୍ତ ତାଳଦଣ୍ଡା କେନାଲ ବନ୍ଧ ରାସ୍ତା ଅବକ୍ଷୟ ହେବାରେ ଲାଗିଛି।

## ଫଟୋ ରେ ଖବର




ଗୋପୀନାଥ ଜୀଉ ମନ୍ଦିର ପ୍ରତିଷ୍ଠା ଉତ୍ସବର ସୋମବାର ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିମାନେ।




ନାଉଗାଁ ବ୍ଲକ ଅଙ୍ଗେଶ୍ୱରପଡ଼ାର ମୁଣ୍ଡା ସାହିରେ ଜିଲା ଆଇନ ସେବା ପ୍ରାଧିକରଣ ତରଫରୁ ସୋମବାର ସଚେତନା କାର୍ଯ୍ୟକ୍ରମ କରାଯାଉଛି। (ଫଟୋ: ପ୍ରମୋଦ ନାୟକ)

# ଆଜି ନୟାଗଡ଼ ଜିଲା ସଦର ମହକୁମା ବନ୍ଦ

ନୟାଗଡ଼,୨୩।୨(ଲୋକନାଥ ମିଶ୍ର)

ଭେଷଜ ମେଡିକାଲ କଲେଜ ପାଇଁ ନୟାଗଡ଼ ଜିଲା ସଦର ମହକୁମା ମଙ୍ଗଳବାର ସକାଳ ୬ରୁ ସନ୍ଧ୍ୟା ୬ ପର୍ଯ୍ୟନ୍ତ ୧୨ ଘଣ୍ଟିଆ ବନ୍ଦ ଡାକରା ଦିଆଯାଇଛି। ପରୀକ୍ଷା ଚାଲିଥିବାରୁ ଯାନବାହନ ଚଳାଚଳ ବନ୍ଦକୁ ବାଦ୍ ଦିଆଯାଇ କେବଳ ଦୋକାନ ବଜାର ବନ୍ଦ କରାଯିବ ବୋଲି ନିଷ୍ପତ୍ତି ହୋଇଛି। ତେବେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପ୍ରତିବାଦ ସଭା କରାଯିବ ବୋଲି ଜୟ ନୟାଗଡ଼ ଫାଉଣ୍ଡେଶନ ପକ୍ଷରୁ ସୋମବାର ଆୟୋଜିତ ଖବରଦାତା ସମ୍ମିଳନୀରେ ନୟାଗଡ଼ ବନ୍ଦ ସମ୍ପର୍କରେ ଘୋଷଣା କରାଯାଇଛି। ଅନ୍ୟପକ୍ଷେ ବନ୍ଦ ଡାକରାକୁ ବ୍ୟବସାୟୀ ସଂଘ ପକ୍ଷରୁ ଖୋଲାଖୋଲି ସମର୍ଥନ ମିଳିଥିବାବେଳେ ଡାକବାଜି ଯନ୍ତ୍ର ଯୋଗେ ଗାଡି ଦ୍ୱାରା ବନ୍ଦ ସମ୍ପର୍କରେ ପ୍ରଚାର ଚାଲିଛି।

ଖବରଦାତା ସମ୍ମିଳନୀରେ ଜୟ ନୟାଗଡ଼ ଫାଉଣ୍ଡେଶନର ପ୍ରତିଷ୍ଠାତା ଶେଖ ଅବଦୁଲ ଆହାଦ୍ କହିଥିଲେ, ଓଡ଼ିଶା ବଜେଟ୍ ୨୦୨୬-୨୭ରେ ନୟାଗଡ଼ ଜିଲାରେ ହୋମିଓପାଥି ମେଡିକାଲ କଲେଜ ପ୍ରତିଷ୍ଠା ହେବା ନେଇ ଘୋଷଣା କରିଥିଲେ। ସରକାର ହୋମିଓପାଥି ମେଡିକାଲ କଲେଜ ଘୋଷଣା କରିବା ସ୍ୱାଗତ କଥା କିନ୍ତୁ ଭେଷଜ ମେଡିକାଲ କଲେଜ ପ୍ରତିଷ୍ଠା ନେଇ କିଛି କହିନାହାନ୍ତି। ଜିଲା ସଦର ମହକୁମାରେ ଭେଷଜ ମେଡିକାଲ କଲେଜ ଦାବି ୧୦ ବର୍ଷ ହେଲା ହୋଇ ଆସୁଛି। ମେଡିକାଲ କଲେଜ ଦାବିକୁ ତ୍ୱରାନ୍ୱିତ ପାଇଁ ସମୟ ଆସିଥିବାରୁ ଚଳିତ ମାସ ୨୪ ତାରିଖରେ ଜିଲା ସଦର ମହକୁମାରୁ ବନ୍ଦ ପାଳନ ଆରମ୍ଭ ହେବ। ନୟାଗଡ଼ ଜିଲା ସଦର ମହକୁମାର ବ୍ୟବସାୟୀମାନେ ବଜାର ବନ୍ଦ କରିବାକୁ ସହମତି ପ୍ରଦାନ କରିଛନ୍ତି। ବନ୍ଦ ଡାକରାକୁ ନେଇ ଜିଲାବାସୀଙ୍କର ସମର୍ଥନ ମଧ୍ୟ ଆଶାଠାରୁ ଅଧିକ ମିଳିଲାଣି। ୨୪ତାରିଖ ବନ୍ଦ ନେଇ ଅପରାହ୍ନ ୧ରେ ପ୍ରତିବାଦ ସଭା ପରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ସ୍ମାରକପତ୍ର ଦିଆଯିବ। ପରବର୍ତ୍ତୀ ପର୍ଯ୍ୟାୟରେ ଆନ୍ଦୋଳନକୁ ଜିଲାବ୍ୟାପୀ କରାଯିବ ବୋଲି ସେ କହିଛନ୍ତି। ନୟାଗଡ଼ର ବରିଷ୍ଠ ସାମାଜିକ କର୍ମୀ ପ୍ରମୋଦ ପଟ୍ଟନାୟକ କହିଛନ୍ତି, ଭେଷଜ ମେଡିକାଲ କଲେଜ ପାଇଁ ବହୁଦିନରୁ ଆନ୍ଦୋଳନ, ବିକ୍ଷୋଭ, ପ୍ରତିବାଦ ସଭା, ସ୍ମାରକପତ୍ର ଦେବା କାର୍ଯ୍ୟକ୍ରମ ହୋଇଆସୁଛି। ସରକାର ହୋମିଓପାଥି ମେଡିକାଲ କଲେଜ ନୟାଗଡ଼ରେ କରିବାର ଘୋଷଣା କରିବା ପରେ ଭେଷଜ ମେଡିକାଲ କଲେଜର ଦାବି ଅଣଦେଖା ହୋଇଗଲା ପରି ସାଧାରଣରେ ଅନୁଭବ ହେଲାଣି। ଏଣୁ ସ୍ମାରକପତ୍ର ଦେବା ଯୁଗ ଶେଷ ହେଲା। ଏବେ ଭେଷଜ ମେଡିକାଲ କଲେଜ ପାଇଁ କେବଳ ଆନ୍ଦୋଳନ କରାଯିବା ଦରକାର। ଏଣୁ ମେଡିକାଲ କଲେଜ ପାଇଁ ୨୪ ତାରିଖ ଆନ୍ଦୋଳନକୁ ସଫଳ କରିବାକୁ ଲାବାସୀଙ୍କର ସମର୍ଥନ ମାଗିଥିଲେ। ଯୁବନେତା ମନୋଜ କୁମାର ସାହୁ କହିଥିଲେ, ମାଟ୍ରିକ୍ ଓ ଯୁକ୍ତ ୨ ପରୀକ୍ଷା ଚାଲିଥିବାରୁ ୨୪ ତାରିଖ ନୟାଗଡ଼ ବନ୍ଦରେ ଯାନବାହନ ଚଳାଚଳକୁ ବନ୍ଦ କରାଗଲାନାହିଁ। ତେବେ ଦୋକାନ ବଜାର ବନ୍ଦ କରାଯାଇ ସରକାରଙ୍କ ଆମ ଦାବି ମାନି ନେବାକୁ ଚାପ ସୃଷ୍ଟି କରାଯିବ। ସରକାର ଏହାକୁ ଅଣଦେଖା କଲେ ଜିଲାବ୍ୟାପୀ ଆନ୍ଦୋଳନ କରାଯିବ ବୋଲି କହିଛନ୍ତି। ସାମାଜିକ କର୍ମୀ ଶ୍ରୀଧର ପ୍ରଧାନ କହିଛନ୍ତି, ରାଜ୍ୟର ଅନ୍ୟ ଜିଲା ସଦର ମହକୁମାରେ ଭେଷଜ ମେଡିକାଲ କଲେଜ କରାଯାଉଛି। ନୟାଗଡ଼ରେ ବି କରାଯାଉ। ହେଲେ ସରକାର ଭେଷଜ ସ୍ଥାନରେ ହୋମିଓପାଥି ମେଡିକାଲ କଲେଜ ଘୋଷଣା କରି ଭେଷଜ ମେଡିକାଲ କଲେଜ ଦାବିକୁ ଅଣଦେଖା କଲାପରି ଲାଗୁଛି। ଏଣୁ ନୟାଗଡ଼ିଆ ହିସାବରେ ଭେଷଜ ମେଡିକାଲ କଲେଜ ପାଇଁ ଦାବିକୁ ଆମେ ସମର୍ଥନ କରି ଆନ୍ଦୋଳନ ପାଇଁ ସଜବାଜ ହୋଇ ନୟାଗଡ଼ ବନ୍ଦ ଡାକରା ଦେଇଛୁ। ଖବରଦାତା ବୈଦ୍ୟ ଭୂଷଣ ମହାପାତ୍ର କହିଛନ୍ତି, ରାଜ୍ୟର ବିଭିନ୍ନ ଜିଲାରେ ଜିଲା ସଦର ମହକୁମାରେ ଭେଷଜ ମେଡିକାଲ କଲେଜ ସ୍ଥାପନ କରାଯାଇଛି। ତେବେ ନୟାଗଡ଼ ପାଇଁ କାହିଁକି କରାଯିବନାହିଁ। ସରକାର ନୟାଗଡ଼ ଜିଲାରେ ହୋମିଓପାଥି ମେଡିକାଲ କଲେଜ ସ୍ଥାପନ କରନ୍ତୁ ମନା ନାହିଁ। ଏହା ସ୍ୱାଗତଯୋଗ୍ୟ ପଦକ୍ଷେପ। ତେବେ ଜିଲାବାସୀଙ୍କ ଭେଷଜ ମେଡିକାଲ କଲେଜ ଦାବି ଅଣଦେଖା ହୋଇଗଲା ପରି ଲାଗୁଛି। ଏଣୁ ନୟାଗଡ଼ବାସୀ ଶାନ୍ତିପୂର୍ଣ୍ଣ ମାଧ୍ୟମରେ ଆନ୍ଦୋଳନ କରି ଜିଲା ସଦର ମହକୁମାରେ ଭେଷଜ ମେଡିକାଲ କଲେଜ ଦାବିକୁ ତ୍ୱରାନ୍ୱିତ କରିବାକୁ ଆଗେଇ ଆସିଛନ୍ତି ବୋଲି କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ସଙ୍ଗଠନର ସଂଯୋଜକ ଅମ୍ଳାନ ଅଂଶୁମାନ ସାହୁ, ଜୀବନ ଜ୍ୟୋତି ପ୍ରକାଶ ରାଉତ, ଅରବିନ୍ଦ ପାଢ଼ୀ, ରାକେଶ କୁମାର ସିଠ ପ୍ରମୁଖ ଉପସ୍ଥିତ ଥିଲେ।


ନୟାଗଡ଼ ଫାଉଣ୍ଡେଶନ ଖବରଦଦାତା ସମ୍ମିଳନୀରେ ସୂଚନା ଦିଆଯାଉଛି।

- ଭେଷଜ ମେଡିକାଲ କଲେଜ ପାଇଁ ୧୨ ଘଣ୍ଟିଆ ବନ୍ଦ ଡାକରା
- ବନ୍ଦ ହେବ ଦୋକାନ ବଜାର, ଚାଲିବ ଯାନବାହନ
- ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ପ୍ରତିବାଦ ସଭା

## ବେଆଇନ କଳାମୁଗୁନି ଖଣିରେ ଜିଲାପାଳଙ୍କ ଚଢ଼ାଉ


ଜବତ ମେଶିନ।

### ୨ ମେଶିନ ଜବତ କରି ପୋଲିସ ଜିମା ଦେଲେ

ନୟାଗଡା/ରଣପୁର,୨୩।୨
(ଲୋକନାଥ ମିଶ/ସୁକାନ୍ତ କିଶୋର ଡାକୁଆ)

ନୟାଗଡ଼ ଜିଲାପାଳ ମଧୁମିତା ରଥ ସୋମବାର ରଣପୁର ତହସିଲ ରାଇପଡା ପଞ୍ଚାୟତ ବଳରାମପୁର ମୌଜାର ପ୍ରାୟ ୫୦୦ ମିଟର ଦୂରରେ ଥିବା ବେଆଇନ କଳା ମୁଗୁନି ପଥର ଖଣିରେ ଚଢ଼ାଉ କରିଥିଲେ। ଖଣି ଖନନ ଓ ବ୍ଲାଷ୍ଟିଂ ଚାଲିଥିବାବେଳେ ଜିଲାପାଳ ପହଞ୍ଚି ୨ ମେଶିନ ଜବତ କରି ଚାନ୍ଦପୁର ଥାନା ପୋଲିସକୁ ହସ୍ତାନ୍ତର କରିଥିବା ଜଣାପଡିଛି। ଜିଲାପାଳ ରଥ ରଣପୁର ବ୍ଲକରେ ବ୍ଲକସ୍ତରୀୟ ଜନଶୁଣାଣି ଶିବିର ଶେଷ କରି ଚାନ୍ଦପୁର ଅଞ୍ଚଳର ଏକ ଛତୁ ଫାର୍ମକୁ ପରିଦର୍ଶନରେ ଯାଉଥିଲେ। ରାସ୍ତାରେ ଯାଉଥିବାବେଳେ ବିଶ୍ୱସ୍ତ ସୂତ୍ରରୁ ଖବରପାଇ ବେଆଇନ ଖଣି ଉପରେ ଚଢ଼ାଉ କରିଥିଲେ। ଜିଲାପାଳଙ୍କ ସହ ରଣପୁର ବିଡିଓ ମନୋଜ କୁମାର ନାୟକ, ତହସିଲଦାର ଆର୍ଯ୍ୟ ଦାନମ ଉପସ୍ଥିତ ଥିଲେ। ଜିଲାପାଳ ଖଣି ଉପରେ ଚଢ଼ାଉ କରୁଥିବାବେଳେ ଜିଲାରେ ଥିବା ଖଣି ଅଧିକାରୀ କ'ଣ କରୁଛନ୍ତି ସେନେଇ ସାଧାରଣରେ ପ୍ରଶ୍ନ ଉଠିଛି।

## ଡେପୁଟି ରେଞ୍ଜରଙ୍କ ଆତ୍ମସମର୍ପଣ

### ବେଲଘର ହାତୀ ମୃତ୍ୟୁ ଘଟଣା

ବାଲିଗୁଡା,୨୩।୨(ସଞ୍ଜୟ ପାଣିଗ୍ରାହୀ)

କନ୍ଧମାଳ ଜିଲା ବେଲଘର ହାତୀ ମୃତ୍ୟୁ ଘଟଣାର ଫେରାର ଥିବା ମୁଖ୍ୟ ଅଭିଯୁକ୍ତ ବେଲଘରର ଡେପୁଟି ରେଞ୍ଜର ବିନୟ ବିଶି ସୋମବାର ହାଇକୋର୍ଟ ବେଲ୍ ନେଇ ଆତ୍ମସର୍ମପଣ କରିଛନ୍ତି। ପ୍ରଥମେ ସେ ବାଲିଗୁଡ଼ା ବନଖଣ୍ଡ ଅଧିକାରୀ ଘନଶ୍ୟାମ ମହନ୍ତଙ୍କ ସହିତ ଦେଖା କରିବା ପରେ ତୁମୁଡ଼ିବନ୍ଧ ଜେଏମ୍‌ଏଫ୍‌ସି କୋର୍ଟରେ ହାଇକୋର୍ଟ ବେଲ୍ ନେଇ ଆତ୍ମସର୍ମପଣ କରିଥିଲେ। ପରେ ଜାମିନରେ ଯାଇଛନ୍ତି। ଏବେଠାରୁ ଡେପୁଟି ରେଞ୍ଜର ତଦନ୍ତ ପ୍ରକ୍ରିୟାରେ ସାହାଯ୍ୟ କରିବେ। ବାଲିଗୁଡ଼ା ବନଖଣ୍ଡ ଅଧିନରେ ଥିବା ବେଲଘର ବନାଞ୍ଚଳରେ ଜାନୁୟାରୀ ୫ରେ ଏକ ହାତୀର ମୃତ୍ୟୁ ହୋଇଥିଲା। ଏହାକୁ ଲୁଚାଇବାକୁ ଯାଇ ବେଲଘର ଡେପୁଟି ରେଞ୍ଜର ମୃତ ହାତୀକୁ ପ୍ରଥମେ ଏକ ନର୍ସରୀରେ ପୋତିଥିଲେ। ଘଟଣା ଜଣାପଡ଼ିବା ପରେ ହାତୀକୁ ଖଣ୍ଡଖଣ୍ଡ କରି ଶହେ କିମି ଦୂର କଳାହାଣ୍ଡି ଜିଲା କେସିଙ୍ଗାରେ ପୋତିଥିଲେ। ଏହି ଘଟଣାରେ ବର୍ତ୍ତମାନ ସୁଦ୍ଧା ୧୧ଜଣ ଗିରଫ ହୋଇଥିବା ବେଳେ ଏସିଏଫ ସୂର୍ଯ୍ୟକାନ୍ତ ବେହେରା ଭୁଲ୍ ତଦନ୍ତ କରିଥିବାରୁ ନିଲମ୍ବିତ ହୋଇଛନ୍ତି।

## ସଫେଇ ଆଳରେ ନେଇଗଲେ ଲକ୍ଷାଧିକ ଟଙ୍କାର ସୁନାଚୁଡ଼ି

ଦଶପଲ୍ଲା, ୨୩।୨ (ପ୍ରକାଶ କୁମାର ପାଣି)

ଦଶପଲ୍ଲା ଥାନା ଅନ୍ତର୍ଗତ ଦୁର୍ଗା ବଜାର କଲୋନୀ ପରିସରରେ ସୋମବାର ସଫେଇ ଆଳରେ ୨ ଜଣ ମହିଳାଙ୍କଠାରୁ ଲକ୍ଷାଧିକ ଟଙ୍କାର ସୁନା ଚୁଡି ଦୁର୍ବୃତ୍ତ ଲୁଟି ନେଇଛନ୍ତି। ଏହି ଘଟଣା ନେଇ କଲୋନୀ ପରିସରରେ ଭୟର ବାତାବରଣ ସୃଷ୍ଟି ହୋଇଛି।

ପୂର୍ବାହ୍ନ ୧୧ ରେ ଦୁଇଜଣ ମହିଳା ନିଜ ଘର ସମ୍ମୁଖରେ ବସିଥିଲେ। ୨ ଜଣ ବାଇକ୍‌ରେ ଆସି ଜଣେ କିଛି ଦୁରରେ ବାଇକ୍‌ରେ ବସି ରହିଥିଲାବେଳେ ଜଣେ ମହିଳାମାନଙ୍କ ପାଖକୁ ଯାଇଥିଲେ। ସୁନା ଗହଣା ସଫା କରିବାକୁ କହିଥିଲେ। ମହିଳାମାନେ ମନା କରିଥିଲେ ମଧ୍ୟ ବିଭିନ୍ନ ପ୍ରକାରର ଚତୁର କଥା କହି ହାତରେ ରଙ୍ଗ ବୋଲି ଦେଇଥିଲେ। ସଫା ହେଉଛି ଦେଖ କହିଥିଲେ, ମହିଳା ୨ ହାତରୁ ଚୁଡ଼ି ବାହାର କରିଥିଲେ। ଗରମ ପାଣି ଆଣିବାକୁ କହିଥିଲେ। ଏହି ସମୟରେ ଦୁର୍ବୃତ୍ତ ଜଣଙ୍କ ଚୁଡ଼ି ଧରି ଧାଇଁ ଥିଲେ। ନିକଟରେ ବାଇକ୍‌ରେ ବସିଥିବା ଦୁର୍ବୃତ୍ତ ଜଣଙ୍କ ତାଙ୍କୁ ଧରି ଫେରାର ହୋଇଯାଇଥିଲେ। ରଜନୀ ପୃଷ୍ଟି ୨ଟି ଚୁଡି ୩୦ ଗ୍ରାମ ଏବଂ ଜ୍ୟୋତ୍ସ୍ନା ସାହୁଙ୍କର ୨ଟି ୩୫ ଗ୍ରାମ ସୁନା ଚୁଡ଼ି ବୋଲି ଜଣାଯାଇଛି। ଖବର ପାଇଁ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଥିବା ଜଣାଯାଇଛି।

## କିସ୍ତି ପଇସା ନ ଦେବାରୁ କାଠଫାଳିଆରେ ଆକ୍ରମଣ

ବାଲିଗୁଡା,୨୩।୨(ସଞ୍ଜୟ କୁମାର ପାଣିଗ୍ରାହୀ)

ଫ୍ୟୁଜନ ଫାଇନାନ୍ସ କମ୍ପାନୀ ଶାଖା ପରିଚାଳକଙ୍କ ଦବଙ୍ଗଗିରି ଦେଖିବାକୁ ମିଳିଛି। କିସ୍ତି ନ ଦେବାରୁ କମ୍ପାନୀର ଶାଖା ପରିଚାଳକ ଦିୱାନା ପ୍ରଧାନ ଉତକ୍ଷିପ୍ତ ହୋଇ ଜଣେ ମହିଳାଙ୍କ ସ୍ୱାମୀଙ୍କୁ କାଠ ଫାଳିଆରେ ଆକ୍ରମଣ କରିଛନ୍ତି। ସୂଚନାନୁଯାୟୀ, ବାଲିଗୁଡ଼ା ଥାନା ଅନ୍ତର୍ଗତ ବୁଢୁରୁକିଆ ପଞ୍ଚାୟତ ମାଦିନାଟ ଗାଁର ନିରଜିନି ମଲ୍ଲିକ ଫ୍ୟୁଜନ କମ୍ପାନୀରୁ ଲୋନ ଆଣିଥିଲେ। ପଇସା ପତ୍ର ଅସୁବିଧାରୁ ସେ କିସ୍ତି ଦେଇପାରି ନ ଥିଲେ। ଶାଖା ପରିଚାଳକ ପ୍ରଧାନ ରବିବାର ନୀରଜିନୀଙ୍କ ଘରକୁ ଯାଇ ଜବରଦସ୍ତ କିସ୍ତି ମାଗିବା ସହିତ ଅଶ୍ଲୀଳ ଭାଷାରେ ଗାଳି କରିଥିଲେ। ନୀରଜିନୀଙ୍କ ସ୍ୱାମୀ କସିରା ଏହାକୁ ବିରୋଧ କରିବାରୁ ପ୍ରଧାନ ଉତକ୍ଷିପ୍ତ ହୋଇ ଗାଁ ଦାଣ୍ଡରେ ପଡ଼ିଥିବା ଏକ କାଠ ଫାଳିଆ ଉଠାଇଆଣି ତାଙ୍କୁ ଆକ୍ରମଣ କରିଥିଲେ। ଏଥରେ କସିରା ଗୁରୁତର ହୋଇଥିଲେ। ତାଙ୍କୁ ସ୍ଥାନୀୟ ଲୋକେ ବାଲିଗୁଡ଼ା ଡାକ୍ତରଖାନାରେ ଭର୍ତ୍ତି କରିବା ସହିତ ଶାଖା ପରିଚାଳକଙ୍କୁ ଅଟକ ରଖିଥିଲେ। ଖବର ପାଇ ବାଲିଗୁଡା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଶାଖା ପରିଚାଳକଙ୍କୁ ଥାନାକୁ ନେଇ ପଚରାଉଚରା କରିବା ସହ ଅଧିକ ତଦନ୍ତ ଜାରି ରଖିଛି। କସିରାଙ୍କ ସ୍ୱାସ୍ଥ୍ୟରେ ଉନ୍ନତି ନ ହେବାରୁ ଫୁଲବାଣୀ ମେଡିକାଲ୍ କଲେଜକୁ ସ୍ଥାନାନ୍ତର କରାଯାଇଛି। ଅଭିଯୁକ୍ତ ଶାଖା ପରିଚାଳକଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସମିତି ସଭ୍ୟ ଦୟା ମଲ୍ଲିକଙ୍କ ସମେତ ଗ୍ରାମବାସୀ ଦାବି କରିଛନ୍ତି।

## ନୂଆଗାଁ ମହୋତ୍ସବ, ସ୍ୱଦେଶୀ ମେଳା ପୋଷ୍ଟର ଉନ୍ମୋଚିତ



ନୂଆଗାଁ, ୨୩।୨ (ଧନେଶ୍ୱର ସାହୁ)

ନୟାଗଡ଼ ଜିଲା ନୂଆଗାଁ ବ୍ଲକ୍ ସଭାଗୃହ ମଧ୍ୟରେ ସୋମବାର ନୂଆଗାଁ ମହୋତ୍ସବ ଓ ସ୍ୱଦେଶୀ ମେଳା ୨୦୨୬ର ପୋଷ୍ଟର ଉନ୍ମୋଚିତ ହୋଇଯାଇଛି। ମାର୍ଚ୍ଚ ୫, ୬ ଏବଂ ୭ ତାରିଖରେ ନୂଆଗାଁ ମହୋତ୍ସବ ଓ ସ୍ୱଦେଶୀ ମେଳା ହେବା ପାଇଁ ନିଷ୍ପତ୍ତି ନିଆଯାଇଛି। ସେଥିପାଇଁ ନୂଆଗାଁ ମହୋତ୍ସବ ଓ ସ୍ୱଦେଶୀ ମେଳାର କାର୍ଯ୍ୟକାରୀ ସଭାପତି ତଥା ବ୍ଲକ ଉପାଧ୍ୟକ୍ଷ ପର୍ଶୁରାମ ସ୍ୱାଇଁଙ୍କ ନେତୃତ୍ୱରେ ସୋମବାର ଏକ ବୈଠକର ଆୟୋଜନ କରାଯାଇଥିଲା। ଏଥିରେ ନୂଆଗାଁ ବିଡିଓ ଅମୃତ କୁମାର ରାଉଳ, ଆତ୍ମା ଚେୟାରମ୍ୟାନ ପ୍ରକାଶ କୁମାର ସାହୁ, ପିଏ ସାଧୁଚରଣ ସାହୁ, ଜିପିଡିଓ ମନୋରଞ୍ଜନ ମହାପାତ୍ର, ସାମାଜିକ ସୁରକ୍ଷା ବିଭାଗ କନିଷ୍ଠ ସହାୟକ ରଘୁନାଥ ସାହୁ, ଆକାଉଣ୍ଟ ଅଫିସର ମନୋଜ କୁମାର ବେଉରା, ଏସିପି ସୁମନ୍ତ କୁମାର ପରିଡା, ଗ୍ରାମ୍ୟ ପରିମଳ ବ୍ଲକ ସଂଯୋଜକ କାହ୍ନୁ ଚରଣ ବେହେରାଙ୍କ ସମେତ ବ୍ଲକ୍‌ର କର୍ମଚାରୀ, ନୂଆଗାଁ ମହୋତ୍ସବ କମିଟି ସଦସ୍ୟ ଓ ସ୍ଥାନୀୟ ନେତୃବୃନ୍ଦ ଯୋଗଦେଇଥିଲେ। ବୈଠକରେ ମହୋତ୍ସବ କମିଟିର ସମସ୍ତ ବିଭାଗ ଓ ଉପ ବିଭାଗ ପାଇଁ ସଦସ୍ୟଙ୍କୁ ସାମିଲ କରାଯାଇଥିଲା। ଏହି ଅବସରରେ ନୂଆଗାଁ ମହୋତ୍ସବ ଓ ସ୍ୱଦେଶୀ ମେଳା ୨୦୨୬ ପାଇଁ ଅତିଥିମାନଙ୍କ ଦ୍ୱାରା ପୋଷ୍ଟର ଉନ୍ମୋଚନ କରାଯାଇଥିଲା। ମହୋତ୍ସବ ଏକ ଖୁସିର ପର୍ବ। ତେଣୁ ସମସ୍ତଙ୍କ ସହଯୋଗରେ ଶାନ୍ତିଶୃଙ୍ଖଳାର ସହ ପାଳନ କରିବା ପାଇଁ ବିଡିଓ ରାଉଳ କହିଥିଲେ। ରାଜ୍ୟ ତଥା ରାଜ୍ୟ ବାହାରୁ ଆସୁଥିବା କଳାକାରମାନଙ୍କ ସାଂସ୍କୃତିକ କାର୍ଯ୍ୟକ୍ରମକୁ ଉପଭୋଗ କରିବା ସହ ସ୍ଥାନୀୟ କଳାକାରମାନଙ୍କୁ ଉତ୍ସାହିତ କରିବା ସମସ୍ତଙ୍କ ଦାୟିତ୍ୱ ବୋଲି ଆତ୍ମା ଚେୟାରମ୍ୟାନ ସାହୁ କହିଥିଲେ। ଏହି ମହୋତ୍ସବରେ ସମସ୍ତ ଅଞ୍ଚଳବାସୀଙ୍କୁ ସାମିଲ କରିବା ପାଇଁ କମିଟିର ସଦସ୍ୟମାନଙ୍କୁ ବ୍ଲକ୍ ଉପାଧ୍ୟକ୍ଷ ତଥା ମହୋତ୍ସବର କାର୍ଯ୍ୟକାରୀ ସଭାପତି ସ୍ୱାଇଁ ନିବେଦନ କରିଥିଲେ।

## ଶୁଣିଲାନି ପ୍ରଶାସନ, ରାସ୍ତା ମରାମତି କଲେ ଗ୍ରାମବାସୀ

ବୁଗୁଡ଼ା,୨୩।୨(କାଳିଚରଣ ଦାଶ)

ସରକାର ଗ୍ରାମାଞ୍ଚଳର ବିକାଶ ପାଇଁ ଅନେକ ଯୋଜନା କାର୍ଯ୍ୟକାରୀ କରୁଥିବା ଡିଣ୍ଡିମ ପିଟୁଥିବା ବେଳେ ପ୍ରକୃତରେ ଗ୍ରାମାଞ୍ଚଳରେ ବାଟ ଭୁଲିଛି ବିକାଶ। ଏଠି ଫେଲ୍ ମାରିଛି ବିକଶିତ ଗାଁ ଓଡ଼ିଶା ସ୍ଲୋଗାନ। ଶେଷରେ ଗ୍ରାମବାସୀ ଏକାଠି ଗ୍ରାମ୍ୟ ରାସ୍ତା ମରାମତି କରିଛନ୍ତି । ବୁଗୁଡ଼ା ବ୍ଲକ ଅନ୍ତର୍ଗତ ରାମଣ୍ଡା ଗ୍ରାମର ମୁଖ୍ୟ ରାସ୍ତାଟି ଦୀର୍ଘ ଦିନ ଧରି ଶୋଚନୀୟ ହୋଇ ପଡ଼ିରହିଥିଲେ ମଧ୍ୟ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଇନଥିଲା। ରାସ୍ତା ଖରାପ ଯୋଗୁ ଗ୍ରାମବାସୀ, ରୋଗୀ ଓ ଛାତ୍ରୀଛାତ୍ରମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଥିଲେ। ଶେଷରେ ଗ୍ରାମବାସୀ ଏକଜୁଟ ହୋଇ ଶ୍ରମଦାନ କରି ରାସ୍ତା ମରାମତି କରିବାକୁ ଆଗେଇ ଆସିଛନ୍ତି। ଗ୍ରାମର ଯୁବଗୋଷ୍ଠୀ ଓ ବୟସ୍କ ବ୍ୟକ୍ତିମାନେ ଏକତ୍ରିତ ହୋଇ କୋଦାଳ ଓ ଶାବଳ ଧରି ଖାଲଖମା ପୂରଣ କରିବା ସହ ରାସ୍ତାକୁ ଚଳପ୍ରଚଳ ଉପଯୋଗୀ କରିଛନ୍ତି।


ରାସ୍ତା ନିର୍ମାଣ କରୁଛନ୍ତି ଗ୍ରାମବାସୀ।

## ଶ୍ରୀଚୈତନ୍ୟ ଗୌଡ଼ୀୟ ମଠର ବାର୍ଷିକ ମହୋତ୍ସବ, ଧର୍ମ ସମ୍ମିଳନୀ

ବୁଗୁଡ଼ା,୨୩।୨(କାଳିଚରଣ ଦାଶ)

ବୁଗୁଡ଼ା ବ୍ଲକ ବି.କରଡ଼ାବାଡ଼ି ଗ୍ରାମସ୍ଥିତ ଶ୍ରୀଚୈତନ୍ୟ ଗୌଡୀୟ ମଠର ବାର୍ଷିକ ମହୋତ୍ସବ ଓ ଧର୍ମ ସମ୍ମିଳନୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ମଠ ରକ୍ଷକ ଶ୍ରୀଭକ୍ତିଶରଣ ଶାନ୍ତଙ୍କ ତତ୍ତ୍ୱାବଧାନରେ ମଠ ପରିସରସ୍ଥ ସଂକୀର୍ତ୍ତନ ମଣ୍ଡପରେ ଆୟୋଜିତ ତ୍ରିଦିବସୀୟ ଧର୍ମ ସମ୍ମିଳନୀରେ ଭକ୍ତିସୌଧ ଜିତେନ୍ଦ୍ରିୟ ମହାରାଜ, ଭକ୍ତିବିବେକ ପରମାର୍ଥ ମହାରାଜ, ଭକ୍ତିହୃଦୟ ନିରୀହ ମହାରାଜ, ଭକ୍ତିସମ୍ବନ୍ଧ ଶୁଦ୍ଧାଦ୍ୱୈତୀ ମହାରାଜ ପ୍ରମୁଖ ପ୍ରବକ୍ତା ଭାବେ ଯୋଗ ଦେଇଥିଲେ।

## ସେମିରେ ପପୁଲାର ଫୁଟବଲ କ୍ଲବ ଢେଙ୍କାନାଳ


ଅତିଥିଙ୍କ ଗହଣରେ ଖେଳାଳି।

### ମହେନ୍ଦ୍ର ସ୍ୱାଇଁ ସ୍ମାରକୀ ରାଜ୍ୟ ସ୍ତରୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ

ଖଣ୍ଡପଡ଼ା,୨୩।୨(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ସ୍ପୋର୍ଟସ ଆସୋସିଏଶନ ଆନୁକୂଲ୍ୟରେ ସ୍ଥାନୀୟ ମଧୁବନ ମିନି ଷ୍ଟାଡିୟମ ପରିସରରେ ୭ମ ରାଜ୍ୟସ୍ତରୀୟ ମହେନ୍ଦ୍ର ସ୍ୱାଇଁ ମେମୋରିଆଲ କପ୍ ଫୁଟବଲ ଟୁର୍ଣ୍ଣାମେଣ୍ଟର ସୋମବାର ପପୁଲାର ଫୁଟବଲ କ୍ଲବ ଢେଙ୍କାନାଳ ୩-୧ଗୋଲରେ ବଜରଙ୍ଗୀ ଫୁଟବଲ କ୍ଲବ ଘାଟିକିଆକୁ ପରାସ୍ତ କରି ସେମି ଫାଇନାଲରେ ପ୍ରବେଶ କରିଛି। ମ୍ୟାଚରେ ବଜରଙ୍ଗୀ ଫୁଟ୍‌ବଲ କ୍ଲବ ଘାଟିକିଆ ପ୍ରଥମାର୍ଦ୍ଧରେ ଗୋଟିଏ ଗୋଲ ସ୍କୋର କରିଥିଲା। ଖେଳର ଦ୍ୱିତୀୟାର୍ଦ୍ଧରେ ଢେଙ୍କାନାଳ ଦଳ ଗୋଟିଏ ଗୋଲକୁ ଶୁଝାଇ ଦେଇଥିବା ବେଳେ ପରବର୍ତ୍ତୀ ସମୟରେ ଆଉ ୨ଟି ଗୋଲ ସ୍କୋର କରି ସେମି ଫାଇନାଲକୁ ଉନ୍ନୀତ ହୋଇଛି। ଖେଳର ପ୍ରଥମାର୍ଦ୍ଧ ଓ ଦ୍ୱିତୀୟାର୍ଦ୍ଧ ବେଶ ସଂଘର୍ଷ ପୂର୍ଣ୍ଣ ଥିଲା। ମୁଖ୍ୟ ରେଫରି ଭାବେ ପ୍ରସନ୍ନ କୁମାର ନାୟକ ମ୍ୟାଚ ପରିଚାଳନା କରିଥିବା ବେଳେ ଲାଇନ୍ସରେ ସୁବାସ ବେହେରା ଓ ବିଦ୍ୟାଧର ନାୟକ ସହାୟତା କରିଥିଲେ। ୪ର୍ଥ ରେଫରୀ ଭାବେ ସମୀର ଖୁଂଟିଆ ଦାୟୀତ୍ୱ ତୁଲାଇଥିଲେ। ମୁଖ୍ୟ ଅତିଥି ଭାବେ ଖଣ୍ଡପଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ମୁଖ୍ୟ ଚିକିତ୍ସାଧିକାରୀ ଡ. ଅଭିଷାର ପଣ୍ଡା, ତହସିଲଦାର ବିଶ୍ୱ ବିଶୃତ ତ୍ରିପାଠୀ, ସାମାଜିକ କର୍ମୀ ଅଖିଳ କୁମାର ମହାରଣା, ଏମ୍‌ପିଙ୍କ ବ୍ଲକ ପ୍ରତିନିଧି ଚନ୍ଦ୍ରକାନ୍ତ ବଳିୟାର ସିଂ, ପୂର୍ବତନ ଜିଲାପରିଷଦ ସଭ୍ୟ ରମାକାନ୍ତ ସେଠୀ ଓ ପୂର୍ବତନ ଭାପୁର ବ୍ଲକ ଅଧକ୍ଷ ଗୟାଧର ପରିଡା ପ୍ରମୁଖ ଯୋଗଦେଇଥିଲେ। ମଙ୍ଗଳବାର ତୃତୀୟ ଦିବସରେ ବାପୁଜୀ ଫୁଟବଲ କ୍ଲବ କଟକ ସହିତ ସ୍ପୋର୍ଟ୍ସ ଆସୋସିଏଶନ ଖଣ୍ଡପଡା ମଧ୍ୟରେ ମୁକାବିଲା ହେବ ବୋଲି ଟୁର୍ଣ୍ଣାମେଣ୍ଟର ମୁଖ୍ୟ ଉଦ୍ୟୋକ୍ତା ତଥା ବିଶିଷ୍ଟ କ୍ରୀଡାବିତ ଭିକାରୀ ଖଣ୍ଡାୟତଙ୍କଠାରୁ ପ୍ରକାଶ।

## ପୋଲ ନିର୍ମାଣ କାମ ଅଧାପନ୍ତରିଆ

ଖଜୁରିପଡ଼ା,୨୩।୨ (ବିଦୁର ବେହେରା)

ଖଜୁରିପଡ଼ା ବ୍ଲକ୍ ଗାଡ଼ିଆପଡା ଆଶ୍ରମ ସ୍କୁଲ ନିକଟରେ ଫୁଲବାଣୀଠାରୁ ଭୁବନେଶରକୁ ସଂଯୋଗ କରୁଥିବା ୧୫୭ ନଂ. ଜାତୀୟ ରାଜପଥରେ ପୋଲ ନିର୍ମାଣ କାର୍ଯ୍ୟ ଦୀର୍ଘବର୍ଷ ହେବ ସମ୍ପୂର୍ଣ୍ଣ ହୋଇ ପାରୁନାହିଁ। ଯେଉଁ ସ୍ଥାନରେ ପୋଲ ନିର୍ମାଣ ହେଉଛି ସେହି ସ୍ଥାନର ଜମି ଫୁଲବାଣୀ ପୂର୍ତ୍ତ ବିଭାଗ ଅଧିଗ୍ରହଣ ନ କରି ତରବରିଆ ଭାବେ ଟେଣ୍ଡର କରି ଦେବାରୁ ଠିକାଦାର ପୋଲ ନିର୍ମାଣ କାମରେ ବାଧା ସୃଷ୍ଟି ହେଉଛି। ଯେଉଁମାନଙ୍କର ଜମି ଯାଉଛି ସେମାନେ କ୍ଷତିପୂରଣ ଦାବି କରି ଜିଲା ପ୍ରଶାସନକୁ ଅଭିଯୋଗ କରିଥିଲେ। କିନ୍ତୁ ତାହା ନ ମିଳିବାରୁ ଦୀର୍ଘ ୪ ବର୍ଷ ହେବ ପୋଲ ନିର୍ମାଣ କାର୍ଯ୍ୟ ଅଧପନ୍ତରିଆ ହୋଇ ପଡ଼ିରହିଛି। କାମ ନ ହେବାରୁ କେନାଲ ମାଧ୍ୟମରେ ଚାଷ ଜମିକୁ ପାଣି ଯାଉନାହିଁ। ଫଳରେ ଚାଷୀ ହତାଶ ହେଉଛନ୍ତି। ସେହିପରି କ୍ଷତିଗ୍ରସ୍ତ ଚାଷୀ କ୍ଷତିପୂରଣ ନ ପାଇଁ ଚିନ୍ତାରେ ରହିଛନ୍ତି। ଏନେଇ ଧରିତ୍ରୀରେ ୪।୯।୨୫ରେ 'ପୋଲ ନିର୍ମାଣ ପାଇଁ କେନାଲ ନଷ୍ଟ' ବୋଲି ଖବର ପ୍ରକାଶ ପାଇବା ପରେ ୧୫।୯।୨୫ରେ ଫୁଲବାଣୀ ବିଧାୟକ ଉମା ଚରଣ ମଲ୍ଲିକଙ୍କ ସମେତ ଖଜୁରିପଡା ବ୍ଲକ୍ ବିଧାୟକ ପ୍ରତିନିଧି ଅନନ୍ତ ଦିଗାଲ, ମଣ୍ଡଳ ସଭାପତି ରଞ୍ଜନ କହଁର, ଯୁବନେତା ରାଇକିଶ୍ୱର ପ୍ରଧାନ, ଜଗନ୍ନାଥ ସାହୁ, ବିଶ୍ୱନାଥ ବେହେରା, ବିକ୍ରମ ସେନ ଦେହୁରୀ ପ୍ରମୁଖ ପୋଲ ନିର୍ମାଣ ସ୍ଥାନରେ ପହଞ୍ଚି ସ୍ଥିତି ଅନୁଧାନ କରି ଗ୍ରାମବାସୀଙ୍କ ସହ ଆଲୋଚନା କରିଥିଲେ। ଖୁବ ଶୀଘ୍ର କ୍ଷତି ପୂରଣ ପ୍ରଦାନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ବିଧାୟକଙ୍କ ପ୍ରତିଶ୍ରୁତିକୁ ୫ ମାସ ବିତି ଥିଲେ ସୁଦ୍ଧା କୌଣସି କ୍ଷତିପୂରଣ ମିଳିନାହିଁ। ଦୀର୍ଘ ଦିନ ଧରି ପୋଲ ନିର୍ମାଣ ସମ୍ପୂର୍ଣ୍ଣ ହୋଇପାରୁ ନ ଥିବାରୁ ଗାଡ଼ି ମୋଟର ଯାତାୟତରେ ଅନେକ ଅସୁବିଧା ହେଉଛି। ପୋଲ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ନ ହେଲେ ସରକାରୀ ଅର୍ଥ ପାଣିରେ ପଡ଼ିବା ଆଶଙ୍କା ସୃଷ୍ଟି ହୋଇଛି। ତେଣୁ ସରକାର ଏଥିପ୍ରତି ଦୃଷ୍ଟି ଦେଇ କ୍ଷତିପୂରଣ ପ୍ରଦାନ ସହ ପୋଲ ନିର୍ମାଣ କାର୍ଯ୍ୟ ଆରମ୍ଭ କରି ଶୀଘ୍ର ଶେଷ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। ଏନେଇ ଫୁଲବାଣୀ ପୂର୍ତ୍ତ ବିଭାଗ ଏସ୍‌ଡିଓ ସିଦ୍ଧାର୍ଥ ଦାସ କହିଛନ୍ତି, ପୋଲ ନିର୍ମାଣରେ ଜମି ଯାଉଥିବା ବ୍ୟକ୍ତିମାନଙ୍କର ଜମି ଅଧିଗ୍ରହଣ ପ୍ରକ୍ରିୟା ଚାଲିଛି। ଖୁବଶୀଘ୍ର କ୍ଷତିପୂରଣ ପ୍ରଦାନ କରାଯିବ ଏବଂ ପୋଲ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହେବ। ଏନେଇ କେତେ ଜଣ ବୁଦ୍ଧିଜୀବୀ କହିଛନ୍ତି, ପ୍ରଥମେ ପୂର୍ତ୍ତ ବିଭାଗ ଜମି ଅଧିଗ୍ରହଣ କରି ପରେ ପୋଲ ନିର୍ମାଣ କରିବା କଥା, ହେଲେ କାହିଁକି ନିୟମ ଉଲ୍ଲଂଘନ କରି ହଟହଟା ହେଉଛି ବୁଝା ପଡୁନାହିଁ।



### ଜମି ଅଧିଗ୍ରହଣ ନ କରି ହଟହଟା ଫୁଲବାଣୀ ପୂର୍ତ୍ତ ବିଭାଗ

# କରାଣ୍ଡିପୁରକୁ ହରାଇ ଇଚ୍ଛାପୁର ଚାମ୍ପିୟନ

## ଅବିନାଶ ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ

**ଦଶରଥପୁର, ୨୩।୨ (ସୁଶାନ୍ତ କୁମାର ବେହୁରିଆ):**



ଚାମ୍ପିୟନ ଟିମ୍‌କୁ ଟ୍ରଫି ଓ ଅର୍ଥ ରାଶିର ଚେକ୍ ପ୍ରଦାନ କରାଯାଉଛି ।

ଦଶରଥପୁର ବ୍ଲକ କୟାଁ ପଞ୍ଚାୟତ ଦୁବକଣ ଜୟଚଣ୍ଡୀ ହାଇସ୍କୁଲ ସମ୍ମୁଖ ପଡ଼ିଆରେ ନେତାଜୀ କ୍ଲବ ଆନୁକୂଲ୍ୟରେ ଶନିବାରଠାରୁ ଆରମ୍ଭ ହୋଇଥିବା ୧୭ତମ ଜିଲାସ୍ତରୀୟ ଅବିନାଶ ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ ସୋମବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ କରାଣ୍ଡିପୁରକୁ ହରାଇ ଇଚ୍ଛାପୁର ଚାମ୍ପିୟନ ହୋଇଛି। ଫାଇନାଲ ମ୍ୟାଚ୍ ଇଚ୍ଛାପୁର କ୍ରିକେଟ ଟିମ ଓ କରାଣ୍ଡିପୁର କ୍ରିକେଟ ଟିମ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ପ୍ରଥମେ ଟସ ଜିଣି ଇଚ୍ଛାପୁର କ୍ରିକେଟ ଟିମ ନିର୍ଦ୍ଧାରିତ ୭ ଓଭରରେ ୨ ଉଇକେଟ ହରାଇ ୮୮ ରନ ସଂଗ୍ରହ କରିଥିଲା। ଜବାବରେ କରାଣ୍ଡିପୁର କ୍ରିକେଟ ଟିମ ୭ ଓଭର ଖେଳି ୭ ଉଇକେଟ ହରାଇ ୬୫ରନ ସଂଗ୍ରହ କରି ପରାଜିତ ହୋଇଥିଲା।

ଆରତ ରଞ୍ଜନ ନାୟକ, ଅଜିତ ମଲ୍ଲିକ, ସୁନୀଲ ନାୟକ ଓ ବିଶ୍ୱଜିତ ପଣ୍ଡା ଅମ୍ପାୟାର ଦାୟିତ୍ୱ ତୁଲାଇଥିଲେ। ନିର୍ମଳ ଯେନା, ସନ୍ତୋଷ ପଣ୍ଡା ଭାଷ୍ୟକାର ଏବଂ ରଞ୍ଜନ କୁମାର ଯେନା(ରନି) ଓ ଶିବଶଙ୍କର ବିଶ୍ୱାଳ ସ୍କୋରବୋର୍ଡ ଦାୟିତ୍ୱ ତୁଲାଇଥିଲେ। ଟୁର୍ଣ୍ଣାମେଣ୍ଟରେ ଇଚ୍ଛାପୁର କ୍ରିକେଟ ଟିମର ଚନ୍ଦନ ନାୟକ ମ୍ୟାନ ଅଫ୍ ଦି ସିରିଜ, ରଜତ ରାଉତ ବେଷ୍ଟ ବୋଲର, ରାକେଶ ଦାସ ବେଷ୍ଟ ବ୍ୟାଟ୍ସ ମ୍ୟାନ, ବଣ୍ଟି ଖାନ ବେଷ୍ଟ କ୍ୟାଚେସ ଓ କରାଣ୍ଡିପୁର କ୍ରିକେଟ ଟିମର କମଲ ଖାନ ମ୍ୟାନ ଅଫଦ ମ୍ୟାଚ ଭାବେ ଯୋଗ୍ୟ ବିବେଚିତ ହୋଇଥିଲେ।

ପୁରସ୍କାର ବିତରଣ ସଭା ନେତାଜୀ କ୍ଲବ ସଭାପତି ଜୟପ୍ରକାଶ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥିଭାବେ ବିଞ୍ଝାରପୁର ବିଧାୟିକା ପ୍ରମିଳା ମଲ୍ଲିକ ଯୋଗଦେଇ ଏଭଳି ଖେଳ ଆୟୋଜନ ଦ୍ୱାରା ଯୁବକଙ୍କ ମଧ୍ୟରେ ଭାଇଚାରା ସୃଷ୍ଟି ହେବା ସହ ସମ୍ପର୍କ ଦୃଢ଼ୀଭୂତ ହେଉଛି ବୋଲି କହିଥିଲେ। ମୁଖ୍ୟବକ୍ତାଭାବେ ଯାଜପୁର ବିଧାୟିକା ସୁଜାତା ସାହୁ, ସମ୍ମାନିତ ଅତିଥିଭାବେ କମାରଡ଼ିହି ପାକ୍ସ ସଭାପତି ଭାଗିରଥି ସାହୁ, କ୍ଲବ ସମ୍ପାଦକ ଆରତ ରଞ୍ଜନ ନାୟକ ପ୍ରମୁଖ ଯୋଗଦେଇଥିଲେ। ଅତିଥିଙ୍କ ଦ୍ୱାରା ବିଜୟୀ ଇଚ୍ଛାପୁର କ୍ରିକେଟ ଟିମକୁ ଟ୍ରଫି ସହ ନଗଦ ୧୦ ହଜାର ଟଙ୍କାର ଚେକ ପ୍ରଦାନ କରାଯାଇଥିଲା। ରନର୍ସ ଅପ ଟିମକୁ ଟ୍ରଫି ସହ ୨୯୯୯ ଟଙ୍କାର ଚେକ ପ୍ରଦାନ କରାଯାଇଥିଲା। ଟୁର୍ଣ୍ଣାମେଣ୍ଟ ପରିଚାଳନାରେ କ୍ଲବ ସଭ୍ୟ ସୁବ୍ରତ ଯେନା, ଲକ୍ଷ୍ମଣ ସେଠୀ, ସୁବାସ ମଲ୍ଲିକ, ବିଜୟ ରାଉତ, ନିରଞ୍ଜନ ବାରିକ, ରାକେଶ ସାହୁ, ଲିପୁ ଯେନା, ହାପି ପଣ୍ଡା, ସୁଶାନ୍ତ ଯେନା ପ୍ରମୁଖ ସହଯୋଗ କରିଥିଲେ।

# ଆଦିବାସୀ ନାବାଳିକାଙ୍କୁ ଗର୍ଭବତୀ କରି ଯୁବକ ଫେରାର

**ଯାଜପୁରରୋଡ୍, ୨୩।୨ (ପବିତ୍ର ରଞ୍ଜନ ମହାନ୍ତି)**

ବ୍ୟାସନଗର ସହରରେ ଜଣେ ବୃଦ୍ଧଙ୍କ ଦ୍ୱାରା ନାବାଳିକା ଗର୍ଭବତୀ ହେବା ଘଟଣା ମନରୁ ନ ଲିଭୁଣୁ ଆଉ ଏକ ଘଟଣା ସାମ୍ନାକୁ ଆସିଛି। ସୋମବାର ଅପରାହ୍ନରେ ବ୍ୟାସନଗର ୨୫ ନଂ. ୱାର୍ଡ ସାପଗାଡ଼ିଆ ଅଞ୍ଚଳରେ ଜଣେ ଆଦିବାସୀ ନାବାଳିକାଙ୍କୁ ବିବାହ ପ୍ରଲୋଭନ ଦେଖାଇ ଜଣେ ଯୁବକ ବାରମ୍ବାର ଶାରୀରିକ ସମ୍ପର୍କ ରଖି ଗର୍ଭବତୀ କରି ଫେରାର ହୋଇଯାଇଛନ୍ତି।

ସୂଚନାନୁଯାୟୀ, ନାବାଳିକା ଅସୁସ୍ଥ ଥିବାରୁ ତାଙ୍କ ମା' ଚିକିତ୍ସା ପାଇଁ ଯାଜପୁରରୋଡ୍ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ସେଠାରେ ଡାକ୍ତର ପରୀକ୍ଷା କରିବା ପରେ ନାବାଳିକା ୭ ମାସର ଗର୍ଭବତୀ ଥିବା ଜାଣିବାକୁ ପାଇଥିଲେ। ନାବାଳିକାଙ୍କ ଆଧାର କାର୍ଡରେ ବୟସ ୧୭ ବର୍ଷ କିଛି ଦିନ ହୋଇଥିବା ଜାଣିବାକୁ ପାଇ ଡାକ୍ତର ତୁରନ୍ତ ଜିଲା ଶିଶୁ ସୁରକ୍ଷା ବିଭାଗକୁ ଖବର ଦେଇଥିଲେ। ଶିଶୁ ସୁରକ୍ଷା ବିଭାଗର ଅଧିକାରୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ନାବାଳିକା ଓ ତାଙ୍କ ମା'ଙ୍କୁ ଉଦ୍ଧାର କରି ଯାଜପୁରରୋଡ୍ ଥାନାକୁ ନେଇଥିଲେ। ସେଠାରେ ଲିଖିତ ଅଭିଯୋଗ ହେବାପରେ ପୋଲିସ ୧୩୬/୨୬ରେ ଏକ ମାମଲା ରୁଜୁକରି ତଦନ୍ତ ଚଳାଇଛି। ଖବର ନେବାରୁ ଜଣାଯାଏ, କେନ୍ଦୁଝର ଅଞ୍ଚଳର ଜଣେ ଯୁବକ ବିବାହ ପ୍ରଲୋଭନ ଦେଖାଇ ନାବାଳିକାଙ୍କ ସହ ଶାରୀରିକ ସମ୍ପର୍କ ରଖିଥିଲେ। ହେଲେ ଯୁବକ ଜଣକ ଶ୍ରମିକ ହୋଇଥିବାବେଳେ ପୂର୍ବରୁ ବିବାହିତ ଓ ତାଙ୍କର ୨ ସନ୍ତାନ ଥିବା ଜଣାପଡ଼ିଛି। ଏହି ଘଟଣା ଘଟାଇ ଯୁବକ ଜଣକ କିଛି ଦିନହେବ ଫେରାର ହୋଇଯାଇଥିବା ପୋଲିସ କହିଛି। ଅଭିଯୁକ୍ତଙ୍କୁ ଗିରଫ କରିବା ପାଇଁ ପୋଲିସ ଉଦ୍ୟମ ଚଳାଇଛି। ନାବାଳିକାଙ୍କୁ ଶିଶୁ ସୁରକ୍ଷା ବିଭାଗ ନିଜ ହେପାଜତକୁ ନେଇଥିବା ଥାନାଧିକାରୀ ଆଶିଷ ସାହୁ ସୂଚନା ଦେଇଛନ୍ତି।

# କର୍ମଜୀବୀ ଶ୍ରମିକ ସଂଘର ରାଜ୍ୟସ୍ତରୀୟ ସମ୍ମିଳନୀ

**ବଡ଼ଚଣା, ୨୩।୨ (ଦିଲୀପ କୁମାର ମହାନ୍ତି):**

ଯାଜପୁର ସମାଜ ବିକାଶ କର୍ମଜୀବୀ ଶ୍ରମିକ ସଂଘ ଆନୁକୂଲ୍ୟରେ ବଡ଼ଚଣା ବ୍ଲକ ଅନ୍ତର୍ଗତ ବନ୍ଦାଳସ୍ଥିତଯୁବ ତାଲିମ କେନ୍ଦ୍ରଠାରେ ଦୁଇଦିନ ଧରି ରାଜ୍ୟସ୍ତରୀୟ ସମ୍ମିଳନୀ ଓ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ସଭାପତି ରମେଶ ଚନ୍ଦ୍ର ଯେନାଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ସ୍ତମ୍ଭକାର ମାନସ ଜେନା ଯୋଗଦେଇ ସାମାଜିକ ସୁରକ୍ଷା ଯୋଜନା ଅନୁସାରେ ଅଣସଂଘଠିତ ଶ୍ରମିକଙ୍କ ପାଇଁ ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରିବା, କୋଠାବାଡ଼ି ଓ ନିର୍ମାଣ ଶ୍ରମିକ ଏବଂ ଅନ୍ୟ ଅଣସଂଘଟିତ ଶ୍ରମିକଙ୍କ ସମସ୍ୟା ବିଷୟରେ ଆଲୋଚନା କରିଥିଲେ। କାହ୍ନୁଚରଣ ନାୟକ, ସୀମାଞ୍ଚଳ ନାୟକ, ଗୋକୁଳ ନାଗ, ରାମଚନ୍ଦ୍ର ସାହୁ, ଅଶୋକ ଦାସ, ଧନଞ୍ଜୟ ନାୟକ, ସେବିକା ନାୟକ, କଲ୍ୟାଣୀ ସୁନା, କାର୍ତ୍ତିକ ମଲ୍ଲିକ, ସ୍ଥିତିପ୍ରଜ୍ଞା ବାରିକଙ୍କ ସମେତ ୧୮ ଜିଲାର କର୍ମଜୀବୀ ଶ୍ରମିକ ସଂଘ କର୍ମକର୍ତ୍ତା ଏହି ସମ୍ମିଳନୀରେ ଯୋଗଦେଇ ନିଜ ନିଜ ଅଞ୍ଚଳର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। କାର୍ତ୍ତିକ ବେହେରା, ରାଜଶ୍ରୀ ମହାରଣା, ଶୁଭଶ୍ରୀ ପ୍ରଧାନ, ବିଜୟଲକ୍ଷ୍ମୀ ପଣ୍ଡା ଓ ରାଜେଶ ବେହେରା ପ୍ରମୁଖ ଶିବିରକୁ ପରିଚାଳନା କରିଥିଲେ।

# ଚାଉଳ କଳ ନିର୍ମାଣକୁ ବିରୋଧ

**ବଡ଼ଚଣା, ୨୩।୨ (ଦିଲୀପ କୁମାର ମହାନ୍ତି):**

ବଡ଼ଚଣା ବ୍ଲକ୍ ଅଞ୍ଚଳରେ ବେଆଇନଭାବେ ଚାଉଳ କଳ ନିର୍ମାଣ ହେଉଥିବା ଅଭିଯୋଗ ହୋଇଛି। ଏନେଇ ବନ୍ତଳା ଗ୍ରାମବାସୀ ସୋମବାର ଦର୍ପଣ ତହସିଦାରଙ୍କୁ ଏକ ଲିଖିତ ଅଭିଯୋଗ ପତ୍ର ପ୍ରଦାନ କରିଛନ୍ତି। ସେମାନଙ୍କ ଅଭିଯୋଗ ଅନୁସାରେ, ବନ୍ତଳା ମୌଜାର ଯେଉଁ ସ୍ଥାନରେ ଏହି ଚାଉଳ କଳ ନିର୍ମାଣ କରାଯାଉଛି ସେଠାରେ ବନ୍ତଳା ଗାଁର ଚାଷୀଙ୍କ ଶହଶହ ଏକର ଚାଷ ଜମିଅଛି। ଯଦି ସେଠାରେ ଭାଉଳ କଳ ନିର୍ମାଣ କରାଯିବ ତେବେ ଚାଉଳ କଳରୁ ବାହାରିବାକୁ ଥିବା ପଚାପାଣି ଚାଷ ଜମିରେ ମାଡି ଚାଷ କ୍ଷତିଗ୍ରସ୍ତ ହେବ। ଅନ୍ୟପକ୍ଷରେ ସମ୍ପୃକ୍ତ କମ୍ପାନୀ ଚାଉଳ କଳ ନିର୍ମାଣ ପାଇଁ ବନ୍ତଳା ପଞ୍ଚାୟତ କିମ୍ବା କୌଣସି ସରକାରୀସ୍ତରରେ ଅନୁମତି ନେଇନାହାନ୍ତି। କମ୍ପାନୀ କାର୍ଯ୍ୟାଳୟ ସମ୍ମୁଖ ଜଳସେଚନ ବିଭାଗ ଶାଖା ନାଳରେ କମ୍ପାନୀ ପୋଲ ନିର୍ମାଣ କରୁଛି। ତେଣୁ ବେଆଇନ ଭାବେ ନିର୍ମାଣକୁ ୧୫ ଦିନ ମଧ୍ୟରେ ବନ୍ଦ କରା ନ ଗଲେ ବାଧ୍ୟହୋଇ ଗ୍ରାମବାସୀ ତହସିଲ ଅଫିସ ସମ୍ମୁଖରେ ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି।



ପାନୀୟଜଳ ପାଇପ୍ ଲାଇନ ମରାମତି କରାଯାଉଛି ।

# ପାନୀୟ ଜଳ ପାଇପ୍ ଲାଇନ ମରାମତି ଆରମ୍ଭ

**ଜେନାପୁର, ୨୩।୨ (ଅଶୋକ ଦାସ):**

ଧର୍ମଶାଳା ବ୍ଲକ ଅନ୍ତର୍ଗତ କବଟାବନ୍ଧ ଓ ବାଲିସାହି ଅଞ୍ଚଳରେ ମେଗା ପାନୀୟ ଜଳଯୋଗାଣ ପାଇପ ଲାଇନ କ୍ଷତିଗ୍ରସ୍ତ ହେବା ନେଇ ଅଭିଯୋଗ ହେବାପରେ ଏହାର ମରାମତି ଆରମ୍ଭ ହୋଇଛି। ଯାଜପୁର ଜିଲା ଜଳ ଓ ସ୍ୱଚ୍ଛତା ମିଶନ ବୈଠକରେ ଏହି ଅଭିଯୋଗ ହୋଇଥିଲା। ଯାଜପୁର ଜିଲାପାଳ ଅମ୍ବର କୁମାର କର ଏନେଇ ଅସନ୍ତୋଷ ପ୍ରକାଶ କରିବା ସହିତ କାର୍ଯ୍ୟ ଶୀଘ୍ର ସାରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ସେ କହିଥିଲେ, ଗ୍ରାମୀଣ ଲୋକଙ୍କ ଜଳିଯୋଗାଣ ସେବାରେ କୌଣସି ପ୍ରକାର ଅବହେଳା ଗ୍ରହଣ କରାଯିବନାହିଁ। ଯଦି ଭବିଷ୍ୟତରେ ଏପରି ଘଟଣାର ପୁନରାବୃତ୍ତି ହୁଏ, ତେବେ ଦାୟୀ ସଂସ୍ଥା ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଜିଲାପାଳଙ୍କ ଏହି ନିର୍ଦ୍ଦେଶପରେ ଠିକାସଂସ୍ଥା ଜେଏସ୍‌ଡବ୍ଲ୍ୟୁ ପକ୍ଷରୁ କ୍ଷତିଗ୍ରସ୍ତ ପାଇପ ଲାଇନ ପୁନରୁଦ୍ଧାର କାର୍ଯ୍ୟ ଜୋରଦାର ହୋଇଛି। ଧର୍ମଶାଳା ବ୍ଲକ ପ୍ରଶାସନ ଓ ଠିକାସଂସ୍ଥାର ସୁଦୀପ୍ତ ନନ୍ଦୀ, ରାଜେଶ ଶ୍ରୀବାସ୍ତବ, ଚଣ୍ଡିଖୋଲ ଏସଡିଓ ଦୀପକ ଜେନା, ଆର୍‌ଇ ଭାଗବତ ଜେନା ଓ ହେମନ୍ତ ଦ୍ୱିବେଦୀଙ୍କ ସମେତ ବିଭାଗୀୟ ଅଧିକାରୀ ସୋମବାର କାର୍ଯ୍ୟ ସ୍ଥଳ ପରିଦର୍ଶନ କରି ଶୀଘ୍ର ସମାପ୍ତି ସୁନିଶ୍ଚିତ କରିଛନ୍ତି।


## ରାଞ୍ଚି ମଣ୍ଡଳରେ ପାର୍ସଲ ଭ୍ୟାନ୍ ନିମନ୍ତେ ଇ-ନିଲାମ ବିଜ୍ଞପ୍ତି

**ନଂ. ସି/ଆର୍‌ଏନ୍‌ସି/ଇ-ନିଲାମ/୨୦୨୬** **ତାରିଖ: ୨୧।୦୨।୨୦୨୬**

ରାଞ୍ଚି ମଣ୍ଡଳ ନିମନ୍ତେ ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ବରିଷ୍ଠ ମଣ୍ଡଳ ବାଣିଜ୍ୟିକ ପ୍ରବନ୍ଧକ, ଦ.ପୂ. ରେଳପଥ, ରାଞ୍ଚି ପାଇଁ ଇ-ନିଲାମ ଆହ୍ୱାନ କରୁଛନ୍ତି । କାଟାଲଗ୍ ଆଇଆର୍‌ଇପିଏସ୍ ୱେବ୍‌ସାଇଟ୍‌ରେ ପ୍ରକାଶିତ ହୋଇସାରିଛି । ବିବରଣୀ ନିମ୍ନ ଅନୁଯାୟୀ ଅଟେ: ● **ବର୍ଗ: ପାର୍ସଲ, କାଟାଲଗ୍ ନଂ.: ଆର୍‌ଏନ୍‌ସିପିଏଆର୍‌ସିଇଏଲ୍-୮ଏ, ପରିସମ୍ପତ୍ତିର ବର୍ଣ୍ଣନା:** ରାଞ୍ଚି ମଣ୍ଡଳରୁ ଯାତ୍ରାରମ୍ଭ କରୁଥିବା ୩୨ ଗୋଟି ପାସେଞ୍ଜର/ମେଲ୍ ଏକ୍ସପ୍ରେସ୍ ଟ୍ରେନ୍‌ର ଏସ୍‌ଏଲ୍‌ଆର୍ କମ୍ପାର୍ଟମେଣ୍ଟର ଲିଜିଂ ପାଇଁ ୩୯ ଗୋଟି ପରିସମ୍ପତ୍ତି ନିମନ୍ତେ ଇ-ନିଲାମ । **ନିଲାମ ଆରମ୍ଭ:** ୨୮।୦୨।୨୦୨୬ ପୂର୍ବାହ୍ନ ୧୦ ଘଟିକା । **ନିଲାମ ବନ୍ଦ ହେବା ତାରିଖ:** ୨୮।୦୨।୨୦୨୬, ୧୬.୫୦ ଘଟିକା । **ଦ୍ରଷ୍ଟବ୍ୟ:** ସମ୍ଭାବ୍ୟ ବିଡରମାନଙ୍କୁ ଆଇଆର୍‌ଇପିଏସ୍ ୱେବ୍‌ସାଇଟ୍ (**www.ireps.gov.in**) ରେ ଇ-ନିଲାମ ମଡ୍ୟୁଲ୍ ପରିଦର୍ଶନ କରିବା ପାଇଁ ଅନୁରୋଧ । ସେଠାରେ ଉପରଦର୍ଶିତ କାଟାଲଗ୍ ଅଧୀନରେ ଲଟ୍ ୱାରୀ ବିବରଣୀ ଉପଲବ୍ଧ ।

(PR-1222) **ବରିଷ୍ଠ ମଣ୍ଡଳ ବାଣିଜ୍ୟିକ ପ୍ରବନ୍ଧକ, ରାଞ୍ଚି**

**ଦକ୍ଷିଣ ପୂର୍ବ ରେଳପଥ**
ହର୍ଷର ସହିତ ଆମେ ସେବାରତ


# ବୃଦ୍ଧାଙ୍କ ମୃତ୍ୟୁ ଘଟଣାରେ ୬ ଗିରଫ

**ଯାଜପୁରରୋଡ, ୨୩।୨ (ପବିତ୍ର ରଞ୍ଜନ ମହାନ୍ତି):**

ଯାଜପୁରରୋଡ୍ ଥାନା ଅନ୍ତର୍ଗତ ଦାନଗଦି ବ୍ଲକ ସୋଲେଇ ଗ୍ରାମରେ ରବିବାର ରାତିରେ ଗୋଷ୍ଠୀ ସଂଘର୍ଷରେ ଜଣେ ବୃଦ୍ଧାଙ୍କ ମୃତ୍ୟୁ ଘଟଣାରେ ପୋଲିସ ସୋମବାର ୬ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ସମ୍ପୃକ୍ତ ଗ୍ରାମର ରବି ବାନରା(୨୦), ଟୁରୁ ବାନରା(୧୮), ଦାସିଆ ବାନରା(୨୬), ମୋଟୁ ବାନରା(୨୨), ସରୋଜ ବାନରା (୨୮) ଓ ଜଗନ୍ନାଥ ବାନରା(୩୨)। ସୋଲେଇ ଗ୍ରାମର ଲାଲ ସିଂ ଆଲଦାଙ୍କ ଅଭିଯୋଗ ଅନୁଯାୟୀ, ରବିବାର ସନ୍ଧ୍ୟାରେ କେତେଜଣ ଉତ୍ତ୍ୟକ୍ତ ଲୋକେ ତାଙ୍କ ଘର ସମ୍ମୁଖରେ ପାଟିତୁଣ୍ଡ କରି ଗାଳିଗୁଲଜ କରୁଥିଲେ। ଏହି ସମୟରେ ତାଙ୍କ ମା' ଜେମା ଆଲଦା ପ୍ରତିବାଦ କରିବାରୁ ସେମାନେ ତାଙ୍କୁ ଟଣାଓଟରା କରିଥିଲେ। ଫଳରେ ସେ ତଳେ ପଡିଯାଇଥିଲେ। ତାଙ୍କ ମୁଣ୍ଡରେ ଆଘାତ ଲାଗିଥିଲା। ତାଙ୍କୁ ଦାନଗଦି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ଏହି ଘଟଣାରେ ଏକ ମାମଲା ନଂ.୧୩୪/୨୬ ରୁଜୁ କରି ତଦନ୍ତ ଆରମ୍ଭ କରିଛି।


## ଆବଶ୍ୟକ

15,000 ଟଙ୍କା ପର୍ଯ୍ୟନ୍ତ ରୋଜଗାର କରନ୍ତୁ, ରାପିଡୋରେ ଆଜି ଯୋଗ ଦିଅନ୍ତୁ। ଆବଶ୍ୟକତା : ଡିଏଲ୍, ବାଇକ୍, ଆଧାର କିମ୍ବା ପାନ୍ ତୁରନ୍ତ। ଯୋଗଦେବା ଉପଲବ୍ଧ, ଏବେ ଯୋଗଦେବାକୁ କଲ୍ କରନ୍ତୁ – 08071934927।

GOVERNMENT OF ODISHA
**OFFICE OF THE CHIEF CONSTRUCTION ENGINEER, CENTRAL (R&B) CIRCLE, BHUBANESWAR**
Mail i.d : seccbbsr@gmail.com
**E-procurement Tender Call Notice No.27 of 2025-26**
**No.955 (Estg.) Bhubaneswar the 21st February-2026**

**No.34001/116/2526** : The Chief Construction Engineer, Central (R&B) Circle, Bhubaneswar on behalf of the Governor of Odisha invites percentage rate bids for one number building work to be received in online bidding, double cover system for improvement works as detailed in:**https://tendersodisha.gov.in**. The details of bid documents will be available in the above website from **5.00 P.M. of 25.02.2026 to 5.00 P.M of 06.03.2026**. The bidders must possess compatible Digital Signature Certificate of Class II or III. Bids received online shall be opened at **5.30 P.M of 06.03.2026** in the Office of the Chief Construction Engineer, Central (R&B) Circle, Bhubaneswar.
Further details can be seen from the e-procurement portal **www.tendersodisha.gov.in**. Addendum / Corrigendum, if required, will be available only in the website.

Sd./- Er.M.K.Mahananda
Chief Construction Engineer
Central (R&B) Circle, Bhubaneswar
OIPR-34001/34156/1/25-26/0008

GOVERNMENT OF ODISHA — No.25001/227/2526
**OFFICE OF THE SUPERINTENDING ENGINEER**
**RURAL WORKS DIVISION, RAIRANGPUR (MAYURBHANJ)**
E-mail ID : eerwrairangpur@yahoo.com
Letter No. // Date.
**"e" Procurement Notice for Road Works**
**Bid Identification No. - RWDRRP- 30/2025-26**

1. Name of the work : **Periodical maintenance of road for the year 2025-26**, 2. Estimated Cost : **From Rs.7.62 to 13.70 lakhs (Approximately)**, 3. Class of Contractor : **As per annexure**, 4. Period of Completion : As per annexure, 5. Tender Paper Cost : **As per annexure/-**. The details are as follows :

| Procurement Officer | Bid Identification No. | Availability of Tender on-line for bidding | | Last Date & Time of Seeking Tender Clarification | Date & Time of Opening of Tender in O/O S.E.R.W. Division, Rairangpur Technical Bid & Financial Bid |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| S.E.R.W Division, Rairangpur | RWDRRP-30/2025-26 | 24.02.2026 at 11.00 A.M. | 02.03.2026 up to 5.00 P.M. | 28.02.2026 up to 5.00 P.M. | 03.03.2026 at 11.30 A.M. |

Further details can be seen from the website : www.tendersodisha.gov.in
Sd./- Er. S. Naik
Executive Engineer, R.W. Division, Rairangpur
OIPR-25001/25107/1/25-26/0003

**DISTRICT WELFARE OFFICE, RAYAGADA**
Notice No-753 Date : 10.02.2026
**QUOTATION CALL NOTICE**
**No.26001/2/2526** : Sealed Quotations are invited with following term & conditions from interested reputed Suppliers/Dealer and Original Equipment Manufacturers (OEMs) to supply of Utensils and kitchen equipment to the **SSD Schools of Rayagada District**.
For details visit www.rayagada.odisha.nic.in
Sd./- District Welfare Officer, Rayagada
OIPR-26001/26045/1/25-26/0001

**PANCHAYAT SAMITI, GUMMA, DIST.-GAJAPATI (ODISHA) PIN-761207**
Adv. No.-07/2025-26 Dt:21.02.2026
**Tender Call Notice**
**No.19001/46/2526** : Sealed tenders (Percentage rate) are invited for 02 Nos. of works from the interested "C" / "D" Class Contractors registered with the Govt. for execution of civil works under Panchayat Samiti, Gumma, Dist.- Gajapati. The details notification is available at official website www.Gajapati.odisha.gov.in. Interested bidders fulfilling the eligibility criteria may submit their proposal (s) to the Panchayat Samiti, Gumma, Gajapati, Proposal (s) complete in all respect should reach the undersigned on or before **3.00PM of 09.03.2026** through Regd./Speed post and the same will be opened on **03.00 PM of 10.03.2026**. The undersigned reserves the right to reject any or all the tender(s) without assigning any reason thereof.
Sd./- Block Development Officer, Gumma, Gajapati
OIPR-19001/19347/1/25-26/0001

**GOVERNMENT OF ODISHA**
**OFFICE OF THE EXECUTIVE ENGINEER**
**MURAN DAM DIVISION, AT/PO-KHATIGUDA, DIST.-NABARANGPUR, PIN-764085**
Email I.D. - eemurandamdivision@gmail.com
**e-Procurement Notice**
**Bid Identification No.EEMDD-06(01)/2025-26, Dated : 19.02.2026**
**No.32001/121/2526** : Bid Documents consisting of work, Estimated Cost of bid document, time of completion, Class of Contractors and the set of terms and conditions of contract and other necessary documents can be seen in Govt. website i.e. www.tendersodisha.gov.in

| | | | |
|---|---|---|---|
| 1. | Name of the Work | : | Civil Works |
| 2. | No. of Works | : | **One Number** |
| 3. | Estimated cost | : | Rs.78.75 Lakhs |
| 4. | Eligibility of the bidders | : | Ranging from 'B' class (Odisha P.W.D. or equivalent class of other licensing authority) as per Detail Tender Call Notice |
| 5. | Period of completion | : | Three Calendar Months |
| 6. | Date of Clarification | : | 25.02.2026 to 27.02.2026 only during Office Hour |
| 7. | Time for receipt of bid in the portal | : | From 25.02.2026 11.00 A.M to 11.03.2026 (Up to 5:00 P.M.) |
| 8. | Date & place of opening of the bids on-line | : | 12.03.2026 (11:30 A.M.) O/o The E.E., Muran Dam Division, UIDC, Khatiguda |
| 9. | Name and address of the Tender Inviting Authority (TIA) | : | Executive Engineer Muran Dam Division, At/Po : Khatiguda, District : Nabarangpur |

Further details can be seen from the e-procurement portal http://tendersodisha.gov.in
Sd./-Executive Engineer
Muran Dam Division, Khatiguda
OIPR-32001/32230/1/25-26/0002

**ODISHA POLICE**
**STATE HEADQUARTERS**
**Cuttack**
Odisha Police
**Office of the D.G. & I.G. of Police, Odisha, Cuttack**
Tel. : 0671-2304001, Website : www.odishapolice.gov.in,
Email : dirsfsl.orpol@nic.in
**RFP No. 38-RFP-Video Borescope-2025-2026 Date : 21.02.2026**
**No.12001/26/2526** : Online Bids through e-Tender Portal https://tendersodisha.gov.in are invited from the eligible bidders for Supply of **Video Borescope** for Odisha Police, Odisha Cuttack, during the current financial year 2025-26 as per the schedule mentioned below.

| Sl. No. | Name of Item | Approximate quantity |
|---|---|---|
| 1. | 38-RFP-Video Borescope-2025-2026 | 01 No |

| Events | Date |
|---|---|
| RFP Issue Date | 21.02.2026 |
| RFP Submission Due Date and time | 02.03.2026 at 10.00 A.M. |
| Date & Time of Opening of Technical Bids | 02.03.2026 at 4.00 P.M. |
| Bid to RA enabled | Yes |
| Tender Document fee **{(Non-refundable Rs. 590/- {Rs.500/- + 18% GST (Rs.90/-)}** | In favour of A.I.G. of Police (Prov.), Odisha, Cuttack payable at Cuttack. (Demand Draft) |
| EMD (Earnest Money Deposit) **Rs.40,000/- (Fourty thousand only)** | In favour of A.I.G. of Police (Prov.), Odisha, Cuttack payable at Cuttack. (Demand Draft) |

**The bid document with all information relating to the bidding process including cost of bid document, Prequalification criteria and terms & conditions are available in the websites : https://tendersodisha.gov.in. The Authority reserves the right to accept / reject any part thereof or all the bids without assigning any reason thereof.**
Sd./- A.I.G. of Police (Provisioning)
Odisha, Cuttack
(Tender Calling Authority)
OIPR-12001/12018/1/25-26/0003

इंडियन बैंक Indian Bank — इलाहाबाद ALLAHABAD
**ଆଞ୍ଚଳିକ କାର୍ଯ୍ୟାଳୟ, କଟକ**
ସା: ପ୍ଲଟ୍ ନଂ.: ସି/୯, ସେକ୍ଟର - ୬, ସିଡ଼ିଏ, ପୋ.: ମର୍କତ ନଗର, କଟକ - ୭୫୩୦୧୪, zocuttack@indianbank.co.in
**ଦଖଲ ନୋଟିସ୍**
ପରିଶିଷ୍ଟ-୪ [ରୁଲ୍-୮(୧)]
ସ୍ଥାବର ସମ୍ପତ୍ତି ନିମନ୍ତେ

ନିମ୍ନ ସ୍ୱାକ୍ଷରକାରୀ **ଇଣ୍ଡିଆନ୍ ବ୍ୟାଙ୍କର** କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍ସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ର ଧାରା ୧୩ (୧୨) ସହିତ ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ ର ରୁଲ୍ ୮ ଏବଂ ୯ ରେ ଦିଆଯାଇଥିବା କ୍ଷମତା ଅନୁଯାୟୀ ନିମ୍ନଲିଖିତ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାମାନଙ୍କୁ ଡିମାଣ୍ଡ ନୋଟିସ୍ ଜାରିକରି ନୋଟିସ୍ ମାଧ୍ୟମରେ ଦର୍ଶାଯାଇଥିବା ଅର୍ଥ ନୋଟିସ୍ ପ୍ରାପ୍ତି ତାରିଖର **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା । ଯେହେତୁ ଋଣଗ୍ରହୀତା ତାଙ୍କର ଦେୟ ପଇଠ କରିପାରିଲେ ନାହିଁ, ତେଣୁ ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ ଉପରକଥିତ ଆକ୍ଟର ଧାରା ୧୩(୪) ଏବଂ କଥିତ ରୁଲ୍ସର ରୁଲ୍ ୮ ଏବଂ ୯ ଅନୁସାରେ ନିମ୍ନ ସ୍ୱାକ୍ଷରକାରୀ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତିକୁ **ଦଖଲ** ନେଇଛନ୍ତି । ଏତଦ୍ଦ୍ୱାରା ବିଶେଷକରି ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ସତର୍କ କରି ଦିଆଯାଉଅଛି ଯେ, ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଏହି ସମ୍ପତ୍ତି ଉପରେ କୌଣସି ପ୍ରକାର କାରବାର କଲେ ନିମ୍ନରେ ଦର୍ଶାଯାଇଥିବା ରାଶି ସହିତ ସେବାବଦ ସୁଧ ଏବଂ ଅନ୍ୟାନ୍ୟ ଦେୟ ପାଇଁ **ଇଣ୍ଡିଆନ୍ ବ୍ୟାଙ୍କ** ନିକଟରେ ଉତ୍ତରଦାୟୀ ରହିବେ । ଆମ୍ଭେ ସରଫେଶୀ ଆକ୍ଟର ଧାରା ୧୩(୮) ପ୍ରାବଧାନ ଏବଂ ଏହା ଅନ୍ତର୍ଗତ ନିୟମାନୁସାରେ ଆପଣଙ୍କ ଦୃଷ୍ଟି ଆକର୍ଷଣ କରୁଅଛୁ ଯାହାକି ବନ୍ଧକପ୍ରାପ୍ତ ସମ୍ପତ୍ତିକୁ ବନ୍ଧକମୁକ୍ତ କରିବାରେ ଆପଣଙ୍କ ଅଧିକାର ଅଟେ ।

| ତୁଳସୀପୁର କଟକ ଶାଖା / ଋଣଗ୍ରହୀତା/ ଗ୍ୟାରେଣ୍ଟିଦାତାମାନଙ୍କ ନାମ ଏବଂ ଠିକଣା | ନିର୍ଦ୍ଦିଷ୍ଟ ତାରିଖ ସୁଦ୍ଧା ଦେୟ ପରିମାଣ | ଡିମାଣ୍ଡ ନୋଟିସ୍ / ଦଖଲ ନୋଟିସ୍ ତାରିଖ | ସ୍ଥାବର ସମ୍ପତ୍ତିର ବିବରଣୀ |
|---|---|---|---|
| **ଋଣଗ୍ରହୀତା: ଶ୍ରୀମତୀ ସନ୍ଧ୍ୟାରାଣୀ ମଲ୍ଲିକ,** ସ୍ୱାମୀ: ଭିକାରୀ ଚରଣ ମଲ୍ଲିକ / **ଗ୍ୟାରେଣ୍ଟିଦାତାମାନେ: ୧) ଶ୍ରୀ ଭବାନୀ ଶଙ୍କର ମଲ୍ଲିକ,** ପିତା: ଭିକାରୀ ଚରଣ ମଲ୍ଲିକ, **୨) ଶିବ ଶଙ୍କର ମଲ୍ଲିକ,** ପିତା: ଭିକାରୀ ଚରଣ ମଲ୍ଲିକ, ସମସ୍ତଙ୍କ ଠିକଣା- ସା: ବନ୍ତୁଣିଆ, ଥାନା: କଟକ ସଦର ନଂ.: ୧୧୮, ତହସିଲ: କଟକ ନଂ.: ୩୨୧, ଜିଲ୍ଲା: କଟକ, ଓଡ଼ିଶା-୭୫୪୧୧୨ | ଟ.୮୦,୮୯,୮୧୨/- + ସେବାବଦ ସୁଧ ଏବଂ ଅନ୍ୟାନ୍ୟ ଦେୟ | ୧୭.୧୨.୨୦୨୫ / ୨୩.୦୨.୨୦୨୬ | **ଶ୍ରୀମତୀ ସନ୍ଧ୍ୟାରାଣୀ ମଲ୍ଲିକ,** ସ୍ୱାମୀ: ଭିକାରୀ ଚରଣ ମଲ୍ଲିକଙ୍କ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ବନ୍ତୁଣିଆ, ତହସିଲ: କଟକ, ତହସିଲ ନଂ.: ୩୨୧, ଥାନା: କଟକ ସଦର (ଥାନା ନଂ.: ୧୧୮), ପରିମିତ କ୍ଷେତ୍ର: ଏକର ୦.୯୧୫ଡିସିମିଲି, ୧) ଖାତା ନଂ.: ୧୧୩, ପ୍ଲଟ୍ ନଂ.: ୮୨, କିସମ : ଘରବାରୀ, କ୍ଷେତ୍ର: ଏକର୦.୦୨୦ଡିସିମିଲି, ଏହାର ଚାରିପାର୍ଶ୍ୱରେ ଉତ୍ତର: ରାସ୍ତା, ଦକ୍ଷିଣ: ପ୍ଲଟ୍ ନଂ.: ୮୧, ପୂର୍ବ: ବିପ୍ର ଚରଣ ଦାସ, ପଶ୍ଚିମ: ବାଳକୃଷ୍ଣ ମଲ୍ଲିକଙ୍କ ଜମି, ୨) ଖାତା ନଂ.: ୨୫୨/୮୭, ପ୍ଲଟ୍ ନଂ.: ୮୮/୧୯୭୪, କ୍ଷେତ୍ର: ଏକର୦.୪୦୫ଡିସିମିଲି, କିସମ: ଘରବାରୀ, ଏହାର ଚାରିପାର୍ଶ୍ୱରେ ଉତ୍ତର: ପ୍ଲଟ୍ ନଂ.: ୮୬, ଦକ୍ଷିଣ: କାଙ୍ଗାଳି ଚରଣ ମହାନ୍ତି ଏବଂ ଅନ୍ୟମାନେ, ପୂର୍ବ: ବିପ୍ର ଚରଣ ଦାସ, ପଶ୍ଚିମ: ବାଳକୃଷ୍ଣ ମଲ୍ଲିକଙ୍କ ଜମି, ୩) ଖାତା ନଂ.: ୨୫୨/୮୭, ପ୍ଲଟ୍ ନଂ.: ୧୦୩/୧୯୭୫, କ୍ଷେତ୍ର: ଏକର୦.୪୨୦ଡିସିମିଲି, କିସମ: ଘରବାରୀ, ଏହାର ଚାରିପାର୍ଶ୍ୱରେ ଉତ୍ତର: କୈଳାସ ଚନ୍ଦ୍ର ମଲ୍ଲିକ, ଦକ୍ଷିଣ: ଉଦୟ ନାଥ ମହାନ୍ତି, କୁଶ ମଲ୍ଲୀକ ଏବଂ ଅନ୍ୟମାନେ, ପୂର୍ବ: ବାଳକୃଷ୍ଣ ମଲ୍ଲୀକ, ପଶ୍ଚିମ: ବଂଶୀଧର ବେହେରା, ୪) ଖାତା ନଂ.: ୨୫୨/୮୭, ପ୍ଲଟ୍ ନଂ.: ୧୦୫/୧୯୭୬, କ୍ଷେତ୍ର: ଏକର୦.୦୪୦ଡିସିମିଲି, କିସମ: ଘରବାରୀ, ଏହାର ଚାରିପାର୍ଶ୍ୱରେ ପୂର୍ବ ଏବଂ ଉତ୍ତର: ଭିକାରୀ ଚରଣ ସେଠୀ, ପଶ୍ଚିମ ଏବଂ ଦକ୍ଷିଣ: ନନ୍ଦ ସେନାପତି ଏବଂ ବଂଶୀଧର ବେହେରା, ୫) ଖାତା ନଂ.: ୨୫୨/୮୭, ପ୍ଲଟ୍ ନଂ.: ୧୦୬/୧୯୭୭, କ୍ଷେତ୍ର: ଏକର୦.୦୩ଡିସିମିଲି, କିସମ: ଘରବାରୀ, ପୁରୁଣା ଖାତା ନଂ.: ୨୫୨/୧୯, ପୁରୁଣା ପ୍ଲଟ୍ ନଂ.: ୧୦୩, ୧୦୫, ୧୦୬ ଏବଂ ୮୮, ଏହାର ଚାରିପାର୍ଶ୍ୱରେ ପୂର୍ବ ଏବଂ ଉତ୍ତର: ଭିକାରୀ ଚରଣ ସେଠୀ, ପଶ୍ଚିମ ଏବଂ ଦକ୍ଷିଣ: ନନ୍ଦ ସେନାପତି ଏବଂ ବଂଶୀଧର ବେହେରା |

ସ୍ଥାନ: କଟକ — କ୍ଷମତାପ୍ରାପ୍ତ ଅଧିକାରୀ
ତାରିଖ : ୨୩.୦୨.୨୦୨୬ — ଇଣ୍ଡିଆନ୍ ବ୍ୟାଙ୍କ

**OFFICE OF THE COLLECTOR & DISTRICT MAGISTRATE, SAMBALPUR**
**(CENSUS SECTION)**
E-mail:gmcollsambalpur28@gmail.com
**No. 3947 / Date : 20.02.2026**
**SHORT NOTICE INVITING TENDER (SNIT)**
**No.29001/2/2526** : Sealed Tenders in the enclosed format are invited from the Registered Proprietors/ Agencies for the **supply of manpower for the services of Technical Assistants & Multi-Tasking Staff for the ensuing Census Operation-2027** as per the schedule mentioned below.

**Schedule of Events**

| | |
|---|---|
| Publication of tender | 20.02.2026 |
| Last Date for receipt of bids | 07.03.2026 (3:00 P.M.) |
| Opening of General bids | 10.03.2026 (4:00 P.M.) |
| Notification of qualified bidders based on General bid evaluation | 10.03.2026 (4.30 P.M.) |
| Opening of Financial bid | 10.03.2026 (5.00 P.M.) |

Interested bidders can download the tender documents from the district **website https://sambalpur.odisha.gov.in/** and submit the bids duly filled in along with the Tender paper cost of Rs.1,000/- (Rupees One Thousand) only (non-refundable) and Earnest Money Deposit (EMD) Rs.10,000/- (Rupees Ten Thousand) only in shape of a demand draft in favour of the Collector-cum-Principal Census Officer, Sambalpur.
The tender documents are available at Census Section, Collectorate, Sambalpur. Bidders are advised to contact the Census Section, Collectorate, Sambalpur to track any modification/ corrigendum etc. or to know any type of information in this connection. They are also advised to go through the terms and conditions carefully before submission of tender paper.
Canvassing in any form shall be liable for disqualification/ rejection. The last date of submission of tender is **07.03.2026 by 3:00 P.M.** No tender will be received after due date and time. The tender paper, if any, received after the above said date will not be taken into account.
The bidders have to submit sealed tender papers **(General Bid & Financial Bid both in separate cover)** by the stipulated period by Speed Post/ Registered post or may be dropped in the assigned drop box kept at Census Section, Collectorate, Sambalpur in the address of Collector-cum-Principal Census Officer, Sambalpur. The Collector-cum-Principal Census Officer, Sambalpur reserve the right to accept or reject any or all the tenders without assigning any reason thereof.
Sd./- Collector-cum-Principal Census Officer, Sambalpur
OIPR-29001/29005/1/25-26/0001

**GOVERNMENT OF ODISHA**
**DEPARTMENT OF WATER RESOURCES**
**OFFICE OF THE SUPERINTENDING ENGINEER**
**ADDITIONAL SPILLWAY DIVISION, BURLA**
No.32001/116/2526
**PHONE NO. : 0663-2430080**
E-mails : eeasdhirakud@gmail.com or seadditionalspillway@gmail.com
**Lt. No. 204** **Dt.21.02.2026**
**'e' Procurement Notice No. - ASD-07/2025-26 (Online)**

| | | | |
|---|---|---|---|
| 1 | Name of Work | : | Supply, Installation and commissioning of 25 KVA transformer and overhead 11 KV lines near the Lunch Station site for the office building of the Additional Spillway Project of Hirakud Dam for the year 2024-25 |
| 2 | Nos. of work | : | 1 (One) No. |
| 3 | Amount Put to Tender | : | Rs.16.75 Lakhs approximately |
| 4 | Period of Completion | : | As per D.T.C.N 60 Days |
| 5 | E.M.D. | : | Rs.17,000/- |
| 6 | Date and time of availability of Bid document in the portal | : | Date : 25.02.2026 at 11.00 A.M. to Date : 09.03.2026, up to 05:00 P.M. |
| 7 | Last date/time for receipt of Bids in the portal | : | Dt : 09.03.2026, up to 05:00 P.M. |
| 8 | Last date & time of seeking tender clarification | : | Dt : 09.03.2026 up to 05.00 P.M. |
| 9 | Date of opening of Bid | : | Dt.10.03.2026 at 11.00 A.M. |
| 10 | Name and Address of the Officer inviting Bid | : | Superintending Engineer, Additional Spillway Division, Burla At/Po-Burla-768017, Dist.-Sambalpur Email : eeasdhirakud@gmail.com/ seadditionalspillway@gmail.com |

Further detail can be seen from the e-procurement portal www.tendersodisha.gov.in.
Sd./- Superintending Engineer,
Additional Spillway Division, Burla
OIPR-32001/32414/1/25-26/0001

# ସଂଘବଦ୍ଧ ଆକ୍ରମଣରେ ଯୁବକଙ୍କ ମୃତ୍ୟୁ

■ଥାନାକୁ ଯାଇ ନ୍ୟାୟ ଦାବିକଲେ ପରିବାର
■ଏତଲା ଆଧାରରେ ୫ଜଣଙ୍କୁ ଅଟକ ରଖି ପଚରାଉଚରା କରୁଛି ପୋଲିସ

ପାପଡ଼ାହାଣ୍ଡି, ୨୩।୨ (ସ୍ୱପ୍ନଜିତ ପଟ୍ଟନାୟକ)


ମୈଦଲପୁର ଥାନାକୁ ନ୍ୟାୟ ଦାବି କରିବାକୁ ଆସିଥିବା ମୃତକଙ୍କ ପରିବାର ଲୋକେ।

ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ସଂଘବଦ୍ଧ ଆକ୍ରମଣରେ ଗୁରୁତର ଯୁବକଙ୍କ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହୋଇଥିବା ନେଇ ନବରଙ୍ଗପୁର ଜିଲା ମୈଦଲପୁର ଥାନାରେ ରବିବାର ବିଳମ୍ବିତ ରାତିରେ ଅଭିଯୋଗ ହୋଇଛି। ସୋମବାର ପରିବାର ଲୋକେ ଥାନାକୁ ଆସି ନ୍ୟାୟ ଦେବାକୁ ଦାବି କରିଛନ୍ତି। ମୃତକ ହେଲେ ମୈଦଲପୁର ଥାନା ଅଧୀନ ଆଉଁଳି ଗ୍ରାମର ତ୍ରିନାଥ ନାୟକ। ଏହି ଘଟଣାରେ ପୋଲିସ ୫ ଜଣଙ୍କୁ ଅଟକ ରଖି ପଚରାଉଚରା କରୁଛି।

ଅଭିଯୋଗ ପ୍ରକାରେ ରବିବାର ଅପରାହ୍ଣ ୩ଟା୩୦ରେ ଗାଁରେ ପୂର୍ବ ଶତ୍ରୁତାକୁ ନେଇ ତ୍ରିନାଥଙ୍କ ସହ କେତେଜଣ ଲୋକଙ୍କ ବଚସା ହୋଇଥିଲା। ବଚସା ପରେ ତ୍ରିନାଥଙ୍କୁ ୧୦ ଜଣ ମିଶି ଆକ୍ରମଣ କରିଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ଆମ୍ବୁଲାନ୍ସ ଯୋଗେ ମୈଦଲପୁର ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ପାପଡ଼ାହାଣ୍ଡି ସ୍ୱାସ୍ଥ୍ୟକେନ୍ଦ୍ରକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଡାକ୍ତର ତ୍ରିନାଥଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ ରବିବାର ବିଳମ୍ବିତ ରାତିରେ ମୈଦଲପୁର ଥାନାରେ ଏତଲା ପରେ ପୋଲିସ ୫ ଜଣଙ୍କୁ ଥାନାରେ ଆଣି ଅଟକ ରଖି ପଚରାଉଚରା କରୁଛି। ଅନ୍ୟମାନେ ଫେରାର ଥିବା ପୋଲିସ ସୂଚନା ଦେଇଛି। କେସ୍ ନଂ. ୨୦/୨୬ ରେ ମାମଲା ରୁଜୁ ସହ ଅଧିକ ତଦନ୍ତ ଜାରିଥିବା ଥାନା ଅଧିକାରୀ ଯୁଗଳ ଶବର କହିଛନ୍ତି। ବ୍ୟବଚ୍ଛେଦ ପରେ ପରିବାରକୁ ମୃତଦେହ ହସ୍ତାନ୍ତର କରାଯାଇଛି।

# ଟାଙ୍ଗିଆରେ ହାଣି ସାନଭାଇଙ୍କୁ ହତ୍ୟା

ମୋହନା, ୨୩।୨ (ମନ୍ମଥ ମିଶ୍ର)

ଦୁଇ ଭାଇଙ୍କ ମଧ୍ୟରେ ଗଣ୍ଡଗୋଳରୁ ବଡ଼ଭାଇ ସାନ ଭାଇଙ୍କୁ ଟାଙ୍ଗିଆରେ ହାଣି ହତ୍ୟା କରିଛି। ଏଭଳି ଅଭାବନୀୟ ଘଟଣା ଗଜପତି ଜିଲା ମୋହନା ଥାନା ଅନ୍ତର୍ଗତ ବଡଖଣି ପଞ୍ଚାୟତ କରଞ୍ଜିକୁଆ ଗାଁରେ ଦେଖିବାକୁ ମିଳିଛି। ମୃତକ ହେଲେ ଲୁବି ମଲିକ (୩୪)। ଖବରପାଇ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ କରି ବଡ଼ଭାଇଙ୍କୁ ଗିରଫ କରିଛି।

ଖବରରୁ ଜଣାପଡିଛି, ରବିବାର ବିଳମ୍ବିତ ରାତିରେ ସାନଭାଇ ଲୁବି ନିଶାସକ୍ତ ଅବସ୍ଥାରେ ଘରକୁ ଆସିଥିଲେ। କିଛି କଥାକୁ ନେଇ ତାଙ୍କର ସ୍ତ୍ରୀଙ୍କ ସହ ବଚସା ହୋଇଥିଲା। ପାଖରେ ରହୁଥିବା ବଡ଼ଭାଇ ଗୋବିନ୍ଦ ମଲିକ ଉଭୟଙ୍କ ମଧ୍ୟରେ ଲାଗିଥିବା ଝଗଡା ଛଡ଼ାଇବାକୁ ଯାଇଥିଲେ। ମାତ୍ର ଲୁବି ସ୍ତ୍ରୀଙ୍କ ସହ ଝଗଡା ବନ୍ଦକରି ଗୋବିନ୍ଦଙ୍କ ସହ ଝଗଡା ଆରମ୍ଭ କରିଥିଲେ। ଦି' ଭାଇଙ୍କ ମଧ୍ୟରେ ବଚସା ହୋଇ ଗଣ୍ଡଗୋଳ ହୋଇଥିଲା। ଉଭୟଙ୍କ ସ୍ତ୍ରୀ ସେମାନଙ୍କୁ ବୁଝାଶୁଝା କରିଥିଲେ ମଧ୍ୟ କେହି ଶୁଣି ନ ଥିଲେ। ଗଣ୍ଡଗୋଳ ବେଳେ ଲୁବି ଏକ ପଥର ଗଦାରେ ପଡିଯାଇଥିଲେ। ଗୋବିନ୍ଦ ଉତ୍ତ୍ୟକ୍ତ ହୋଇ ଏକ ଟାଙ୍ଗିଆ ଆଣି ସେଥିରେ ଲୁବିଙ୍କୁ ହାଣି ହତ୍ୟା କରିଥିଲେ। ଏନେଇ ଲୁବିଙ୍କ ସ୍ତ୍ରୀ ଥାନାରେ ଅଭିଯୋଗ କରିବା ପରେ ଏହାକୁ ଭିତ୍ତିକରି ପୋଲିସ ନଂ. ୪୧/୨୬ରେ ଏକ ମାମଲା ରୁଜୁ କରି ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲା। ବଡ଼ଭାଇ ଗୋବିନ୍ଦଙ୍କୁ ଥାନାକୁ ନେଇଆସି ପଚରାଉଚରା କରିଥିଲା। ଏହି ସମୟରେ ଗୋବିନ୍ଦ ସାନଭାଇକୁ ଟାଙ୍ଗିଆରେ ହାଣି ହତ୍ୟା କରିଥିବା ସ୍ୱୀକାର କରିଥିଲେ। ତଦନ୍ତରୁ ଏହା ସ୍ପଷ୍ଟ ହେବା ପରେ ପୋଲିସ ଗୋବିନ୍ଦଙ୍କୁ ଗିରଫ କରିଛି। ଘଟଣା ସ୍ଥଳରୁ ଟାଙ୍ଗିଆ ଜବତ ହୋଇଛି। ଘଟଣାର ଅଧିକ ତଦନ୍ତ ଚାଲିଥିବା ପୋଲିସ କହିଛି।

## ଅଭିଯୁକ୍ତ ଗିରଫ


ଗୋବିନ୍ଦ ମଲିକ।

# ଯୁବତୀଙ୍କୁ ଗଣବଳାତ୍କାର ଅଭିଯୋଗ

■ଭୁବନ ଥାନାରେ ଏତଲା ପରେ ୪ ଗିରଫ
■ଭୟଭୀତ କରି ଶାରୀରିକ ସମ୍ପର୍କ ରଖିଥିଲେ
■ସଖୀ ସେଣ୍ଟରରେ ୫ ମାସର ଗର୍ଭବତୀ ଯୁବତୀ

ଭୁବନ, ୨୩।୨ (ବିପିନ ବିହାରୀ ସେଠୀ)

ଦିନ ମଜୁରିଆ ଭାବେ କାମ କରି ପରିବାର ଚଳାଉଥିବା ଜଣେ ଯୁବତୀ (୨୧)ଙ୍କୁ ଗଣବଳାତ୍କାର କରାଯାଇଥିବା ଢେଙ୍କାନାଳ ଜିଲା ଭୁବନ ଥାନାରେ ରବିବାର ଅଭିଯୋଗ ହୋଇଛି। ୪ ଜଣ ତାଙ୍କୁ ଭୟଭୀତ କରାଇ ବାରମ୍ବାର ଶାରୀରିକ ସମ୍ପର୍କ ରଖିଥିବା ଯୁବତୀ ଜଣକ ଅଭିଯୋଗରେ ଉଲ୍ଲେଖ କରିଛନ୍ତି। ଶାରୀରିକ ଅସୁସ୍ଥତା ପାଇଁ ସେ ଆଶାଦିଦିଙ୍କ ସହ ମେଡିକାଲ ଆସିଥିବାବେଳେ ୫ ମାସର ଗର୍ଭବତୀ ଥିବା ଜଣାପଡ଼ିବାରୁ ତାଙ୍କୁ ସଖୀ ୱାନଷ୍ଟପ୍ ସେଣ୍ଟରରେ ରଖାଯାଇଛି।

ପୋଲିସର ସୂଚନା ଅନୁଯାୟୀ, ଭୁବନ ଥାନା ଅଞ୍ଚଳର ସମ୍ପୃକ୍ତା ଯୁବତୀଙ୍କ ମା'ଙ୍କ ମୃତ୍ୟୁ ହୋଇଯାଇଛି। ବାପା ଥିଲେ ବି ଆର୍ଥିକ ଅନଟନ ଯୋଗୁ ଯୁବତୀ ଜଣକ ଦିନ ମଜୁରିଆ ଭାବେ କାମ କରି ଛୋଟ ୪ ଭଉଣୀଙ୍କ ପେଟକୁ ଦାନା ଦେଉଥିଲେ। ତାଙ୍କ ଅସହାୟତାର ସୁଯୋଗ ନେଇ ସେହି ଗ୍ରାମର ଅଭିଯୁକ୍ତ ଟିମା ଦେହୁରୀ (୩୮), ଯଦୁମଣି ଦେହୁରୀ (୨୩), ପାଖ ଗ୍ରାମର ଶିବରାମ ଦେହୁରୀ (୩୫) ଓ ଯାଜପୁର ଜିଲା କେନ୍ଦୁଡିପି ଗ୍ରାମର ରଞ୍ଜନ ଦିଆଣି (୨୬) ଭୟଭୀତ କରାଇ କିଛିଦିନ ହେଲା ବାରମ୍ବାର ଶାରୀରିକ ସମ୍ପର୍କ ରଖିଥିଲେ। ଦେହ ଅସୁସ୍ଥ ହେବାରୁ ଗ୍ରାମର ଆଶା ଦିଦିଙ୍କ ସହାୟତାରେ ଯୁବତୀ ଭୁବନ ଡାକ୍ତରଖାନାକୁ ଚିକିତ୍ସା ପାଇଁ ଆସିଥିଲେ। ଢେଙ୍କାନାଳ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଯିବା ପରେ ସମ୍ପୃକ୍ତା ଯୁବତୀ ୫ ମାସର ଗର୍ଭବତୀ ଥିବା ଜଣାପଡ଼ିଥିଲା। ଏହାପରେ ଯୁବତୀଙ୍କୁ ସଖୀ ୱାନଷ୍ଟପ୍ ସେଣ୍ଟରରେ ରଖାଯାଇଥିଲା। ଏ ସଂକ୍ରାନ୍ତରେ ପୋଲିସ ଜାଣିବା ପରେ ଯୁବତୀ ଜଣଙ୍କ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ନମ୍ବର ୧୦୯/୨୬ରେ ମାମଲା ରୁଜୁ ସହ ସୋମବାର ବିଭିନ୍ନ ସ୍ଥାନରେ ଚଢାଉ କରି ୪ ଅଭିଯୁକ୍ତଙ୍କୁ ଗିରଫ କରିଛି। ଡାକ୍ତରୀମାଇନା ପରେ କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ ରେଣୁବାଳା ସାହୁ କହିଛନ୍ତି।

# ବରପଦା ଜଙ୍ଗଲରୁ ୩ୟ ଅଭିଯୁକ୍ତ ଗିରଫ

## କିନ୍ନର ଅଞ୍ଜଳି ହତ୍ୟା ମାମଲା

ପିପିଲି, ୨୩।୨ (ଦୁର୍ଗାମାଧବ ମିଶ୍ର/ ପ୍ରଭାତ କୁମାର ମହାପାତ୍ର)

ଭୁବନେଶ୍ୱର-ପୁରୀ ଜାତୀୟ ରାଜପଥର ପିପିଲି ଥାନା ଅଧୀନ ସିଙ୍ଘା ନିକଟରେ ଗତ ୧ ତାରିଖରେ ଘଟିଥିବା କିନ୍ନର ଅଞ୍ଜଳି ଓରଫ ଦିନେଶ ରାଉତ ହତ୍ୟା ମାମଲାରେ ପୋଲିସ ରବିବାର ରାତିରେ ତୃତୀୟ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେ ହେଲେ ରାମଚଣ୍ଡୀ ଥାନା ଅଧୀନ ବାଙ୍ଗର ଗ୍ରାମର ଛବିନା କାଣ୍ଡି ଓରଫ ମୁନା(୩୫)। ସ୍ଥାନୀୟ ବରପଦା ଗ୍ରାମ ନିକଟ ଜଙ୍ଗଲର ଏକ କୁଡ଼ିଆ ଘରେ ସେ ଲୁଚିଥିବା ପୋଲିସ ବିଶ୍ୱସ୍ତ ସୂତ୍ରରୁ ସୂଚନା ପାଇ ତାଙ୍କୁ ଗିରଫ କରିଥିଲା। ତାଙ୍କୁ ସୋମବାର କୋର୍ଟଚାଲାଣ କରାଯାଇଛି ବୋଲି ପିପିଲି ଥାନା ପରିସରରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଥାନା ଅଧିକାରୀ ସୌମେନ୍ଦୁ ଶେଖର ତ୍ରିପାଠୀ କହିଛନ୍ତି।

ସୂଚନାଯୋଗ୍ୟ, ଏହି ଘଟଣାକୁ ନେଇ ପୋଲିସ ପ୍ରାୟ ୩୦୦ରୁ ଉର୍ଦ୍ଧ୍ୱ ସିସିଟିଭି ଫୁଟେଜ ଏବଂ ଅନ୍ୟ ତଥ୍ୟ ଆଧାରରେ ତଦନ୍ତ ଚଳାଇଥିଲା। ହତ୍ୟାକାଣ୍ଡର ୧୧ଦିନ ପରେ ମୁଖ୍ୟ ଅଭିଯୁକ୍ତ କ୍ରିଷ୍ଣା କାଣ୍ଡି (୨୫)ଙ୍କୁ ପୋଲିସ ପିପିଲି-ଭୁବନେଶ୍ୱର ବାଇପାସ୍‌ରେ ଥିବା ନାୟାର ପେଟ୍ରୋଲ ପମ୍ପ ନିକଟରେ ଏନ୍‌କାଉଣ୍ଟର କରି ଗିରଫ କରିଥିଲା। ଏହାର ୨୪ ଘଣ୍ଟା ନ ପୂରୁଣୁ ଅନ୍ୟତମ ଅଭିଯୁକ୍ତ ସୁନୀଲ କାଣ୍ଡି ଓରଫ ଗେଜା(୨୨)ଙ୍କୁ କୋଣାର୍କ ଥାନା ଅଧୀନ କୁରୁଜଙ୍ଗ ପଞ୍ଚାୟତର ବିଅଁଳ ଗ୍ରାମ ମଠସାହିରୁ ଗିରଫ କରାଯାଇଥିଲା। ଘଟଣାର ୨୨ଦିନ ପରେ ତୃତୀୟ ଅଭିଯୁକ୍ତ ଧରାପଡ଼ିଛନ୍ତି। ଗତ ୧ତାରିଖ ରାତିରେ ଅଭିଯୁକ୍ତମାନେ ଛିନ୍‌ତାଇ ଉଦ୍ଦେଶ୍ୟରେ ପ୍ରଥମେ କିନ୍ନର ଅଞ୍ଜଳିଙ୍କ ଭ୍ୟାନିଟି ବ୍ୟାଗ୍ ଛଡ଼ାଇଥିଲେ। ଏହାକୁ ଅଞ୍ଜଳି ବିରୋଧ କରିଥିଲେ। ଏନେଇ ସେମାନଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ପରେ ୩ ଅଭିଯୁକ୍ତ ମିଶି ଅଞ୍ଜଳିଙ୍କୁ ବୀଭତ୍ସ ଭାବେ ହତ୍ୟା କରିଥିଲେ। ତେବେ ଅଞ୍ଜଳିଙ୍କ ଭ୍ୟାନିଟିରୁ ମାତ୍ର ୩୦ ଟଙ୍କା ମିଳିଥିବା ଅଭିଯୁକ୍ତମାନେ ପଚରାଉଚରାବେଳେ ପ୍ରକାଶ କରିଛନ୍ତି ବୋଲି ଥାନା ଅଧିକାରୀ ତ୍ରିପାଠୀ ସୂଚନା ଦେଇଛନ୍ତି।


ଗିରଫ ଛବିନା କାଣ୍ଡିଙ୍କ ସମ୍ପର୍କରେ ପିପିଲି ଥାନା ଅଧିକାରୀ ସୌମେନ୍ଦୁ ଶେଖର ତ୍ରିପାଠୀ ସୂଚନା ଦେଉଛନ୍ତି।

# ୪ ମହଲା ଛାତରୁ ଖସି ମହିଳା ମୃତ

■ମୃତାଙ୍କ ପରିଚୟ ମିଳୁନାହିଁ
■ସନ୍ଦେହରେ ୭ ଅଟକ

ପାରାଦୀପ, ୨୩।୨ (ଶରତ ରାଉତ)

ଜଗତ୍‌ସିଂହପୁର ଜିଲା ପାରାଦୀପ ଆଦର୍ଶଥାନା ଅନ୍ତର୍ଗତ ତାରିଣୀଗଡା ଅଞ୍ଚଳରେ ସୋମବାର ସକାଳୁ ଏକ ଅଭାବନୀୟ ଘଟଣା ଘଟିଛି। ୪ ମହଲା ବିଶିଷ୍ଟ କୋଠା ଛାତରୁ ଖସି ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ତାଙ୍କ ପରିଚୟ ମିଳିପାରି ନାହିଁ। ଖବରପାଇ ଆଦର୍ଶଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ସାଇଣ୍ଟିଫିକ ଟିମ୍ ଜରିଆରେ ତଦନ୍ତ ଚଳାଇଛି। ଉକ୍ତ ଘରେ ଲାଗିଥିବା ସିସିଟିଭିର ଫୁଟେଜ୍ ଥିବା କମ୍ପ୍ୟୁଟର ହାର୍ଡଡିସ୍କକୁ ଜବତ କରି ଯାଞ୍ଚ କରାଯାଉଛି। ଘରର ଚତୁର୍ଥ ମହଲାରେ ଥିବା ୯ ଜଣ ଭଡ଼ାଟିଆ ଯୁବକଙ୍କ ମଧ୍ୟରୁ ୭ ଜଣଙ୍କୁ ଅଟକ ରଖାଯାଇ ପଚରାଉଚରା କରାଯାଉଛି।

ଛାତ ଉପରୁ ଅଧାଜଳା ସିଗାରେଟ, ଗୁଟ୍‌ଖା ଖୋଳ, ମହିଳାଙ୍କ ଚପଲ ମିଳିଛି। ଛାତରୁ ଖସିବାବେଳେ ମହିଳାଙ୍କ ପୋଷାକ ଚିରି କାନ୍ଥ ପାଇପରେ ଲାଗିଥିବା ବେଳେ ତାଙ୍କର ଅର୍ଦ୍ଧନଗ୍ନ ମୃତଦେହ ରାସ୍ତାରେ ପଡ଼ିଥିବା ଦେଖିବାକୁ ମିଳିଛି। ଏଥିସହ ତାଙ୍କ ମୁଣ୍ଡ ମାଡ଼ହୋଇ ଥିବାରୁ ରକ୍ତସ୍ରାବ ହୋଇଛି।


୪ ମହଲା କୋଠା କାନ୍ଥର ପାଇପରେ ଲାଗିଥିବା ଚିରା ପୋଷାକ।

ଉକ୍ତ ଘର ମାଲିକ ହେଲେ ବଡ଼ପଡ଼ିଆ ବଜାର ବ୍ୟବସାୟୀ ଶମ୍ଭୁ ଖୁଣ୍ଟିଆ। ଉକ୍ତ ଘର ମରାମତି କାର୍ଯ୍ୟ ଚାଲିଥିବାରୁ ସବୁ ଘର ଖାଲି ରହିଛି। ଗତ ୮ ଦିନ ତଳେ ଆସି ୯ ଜଣ ଅବାବାହିତ ଯୁବକ ଉପର ଘରେ ଭଡା ସୂତ୍ରରେ ରହିଥିଲେ। ଘଟଣାକୁ ନେଇ ବିଭିନ୍ନ ପ୍ରକାର ଆଲୋଚନା ହେଉଛି।

ଏ ସମ୍ପର୍କରେ ଅତିରିକ୍ତ ଏସ୍‌ପି ସ୍ମୃତିରଞ୍ଜନ କର କୁହନ୍ତି, ମହିଳାଙ୍କ ମୃତ୍ୟୁକୁ ନେଇ ସବୁ ଦିଗରୁ ତଦନ୍ତ କରାଯାଉଛି।

## Business

# ଟିୟର-୨ ଓ ଟିୟର-୩ ସହରରେ ୭୦% ରୋଜଗାର

ଭୁବନେଶ୍ୱର, ୨୩।୨ (ଅନୁରାଧା ମହାରଣା)




ଭାରତରେ ସଂଗଠିତ ଓ ଫର୍ମାଲ ନିଯୁକ୍ତିର ଚିତ୍ର ବଦଳୁଛି। କ୍ୱେସ କର୍ପୋରେଶନ ରିପୋର୍ଟ ଅନୁଯାୟୀ, ଦେଶର ପ୍ରାୟ ୬୯-୭୦% ପେରୋଲ-ଆଧାରିତ ଚାକିରି ଏବେ ଟିୟର-୨ ଓ ଟିୟର-୩ ସହରଗୁଡ଼ିକରେ କେନ୍ଦ୍ରୀଭୂତ ହୋଇଛି। ଟିୟର-୩ ସହରଗୁଡ଼ିକ ୪୦% ରୋଜଗାର ଯୋଗାଇ ଦେଉଛନ୍ତି, ଯାହା ଟିୟର-୧ (ମେଟ୍ରୋ) ସହରଗୁଡ଼ିକର ୩୧% ଓ ଟିୟର-୨ର ୨୯%ଠାରୁ ଅଧିକ। ଏହି ରିପୋର୍ଟ ୬୪୦ରୁ ଅଧିକ ସ୍ଥାନ ଓ ୪.୮୩ ଲକ୍ଷରୁ ଅଧିକ କର୍ମଚାରୀଙ୍କ ଡାଟା ଉପରେ ଆଧାରିତ, ଯାହା ଦେଶର ବିଭିନ୍ନ ରାଜ୍ୟକୁ ସାମିଲ କରିଛି। ଏହା କେବଳ ଅନୁମାନ ନୁହେଁ, ବରଂ ତୃଣମୂଳସ୍ତରର ବାସ୍ତବ ଆକଳନ ଉପରେ ଆଧାରିତ ଏକ ବଡ଼ ପରିବର୍ତ୍ତନକୁ ପ୍ରତିଫଳିତ କରୁଛି। କୋଏମ୍ବାଟୁର, ଇନ୍ଦୋର, ସୁରଟ, ଭଦୋଦରା, ନଏଡା ଓ ଲକ୍ଷ୍ନୌ ଭଳି ସହରଗୁଡ଼ିକ ନୂଆ ରୋଜଗାର ହବ୍ ଭାବେ ଉଭା ହେଉଛନ୍ତି । ଏହି ସହରଗୁଡ଼ିକରେ ଶିଳ୍ପ ବୃଦ୍ଧି, ରିଟେଲ ବିସ୍ତାର ଓ ଲଜିଷ୍ଟିକ୍ସ ନେଟୱର୍କର ବିକାଶ ଯୋଗୁ ନୂଆ ନିଯୁକ୍ତି ସୃଷ୍ଟି ହେଉଛି। ଟିୟର-୩ ସହରଗୁଡ଼ିକରେ ବ୍ୟାଙ୍କିଂ ଓ ମାନ୍ୟୁଫ୍ୟାକ୍ଚରିଂ ମିଶି ୪୫%ରୁ ଅଧିକ କର୍ମଶକ୍ତି ଯୋଗାଉଛନ୍ତି, ଅବଶିଷ୍ଟ ୩୩% ରିଟେଲ କ୍ଷେତ୍ରରୁ ଆସୁଛି। ଏହା ଦର୍ଶାଉଛି ଯେ ନିଯୁକ୍ତି କେବଳ ଆଇଟି କିମ୍ବା କର୍ପୋରେଟ ଅଫିସରେ ସୀମିତ ନାହିଁ ବରଂ ତୃଣମୂଳସ୍ତରରେ ମଧ୍ୟ ଫର୍ମାଲ ରୋଜଗାର ବଢୁଛି। ଏହି ପରିବର୍ତ୍ତନର ଦୁଇଟି ମୁଖ୍ୟ କାରଣ ହେଉଛି କମ୍ପାନୀଗୁଡ଼ିକର ଅପରେଶନ କଷ୍ଟ କମାଇବା ଓ ସ୍ଥାନୀୟ ପ୍ରତିଭାର ଉପଲବ୍ଧତା ବୃଦ୍ଧି। ଯୁବପିଢ଼ିଙ୍କ ଭୂମିକା ମଧ୍ୟ ଉଲ୍ଲେଖନୀୟ ରହିଛି। ରିପୋର୍ଟ ଅନୁଯାୟୀ ୬୪% କର୍ମଚାରୀ ୩୦ ବର୍ଷରୁ କମ ବୟସର, ଯାହା ଭାରତର ଡେମୋଗ୍ରାଫିକ ଡିଭିଡେଣ୍ଡକୁ ପ୍ରତିଫଳିତ କରୁଛି। ଅଧିକାଂଶ କର୍ମଚାରୀ ନିଜ ବର୍ତ୍ତମାନ ପଦବୀରେ ଏକ ବର୍ଷରୁ କମ ସମୟ ଧରି ରହିଛନ୍ତି, ଯାହା ଚାକିରିରେ ମୋବିଲିଟି ବୃଦ୍ଧି ଓ ପ୍ରୋଜେକ୍ଟ-ବେସଡ୍ ସିଜନାଲ କାମର ଚଳନକୁ ଦର୍ଶାଉଛି। ଆର୍ଥିକ ବର୍ଷ ୨୦୨୬ର ପ୍ରଥମ ୬ ମାସରେ ୨୬,୦୦୦ରୁ ଅଧିକ ନୂଆ ୟୁନିଭର୍ସାଲ ଆକାଉଣ୍ଟ ନମ୍ବର ସୃଷ୍ଟି ହୋଇଛି, ଯାହାମଧ୍ୟରୁ ୨୩% ମହିଳା ଅଛନ୍ତି। ତାମିଲନାଡୁ ଓ କର୍ଣ୍ଣାଟକରୁ ସର୍ବାଧିକ ନୂଆ ରେଜିଷ୍ଟ୍ରେଶନ ହୋଇଛି। ଏହାପଛକୁ ଆନ୍ଧ୍ରପ୍ରଦେଶ ଓ କେରଳର ରହିଛି। ଏହା ଦକ୍ଷିଣ ଭାରତରେ ଫର୍ମାଲ ରୋଜଗାରର ଦ୍ରୁତ ଅଗ୍ରଗତିକୁ ସୂଚାଉଛି। ଏହି ପରିବର୍ତ୍ତନର ପଛରେ ଡିଜିଟାଲ ଭିତ୍ତିଭୂମି ବିସ୍ତାର, ଉନ୍ନତ କନେକ୍ଟିଭିଟି, ଇଣ୍ଡଷ୍ଟ୍ରିଆଲ କରିଡର୍ ଓ ସ୍ଥାନୀୟ ବଜାରର ବଢୁଥିବା ଚାହିଦା ରହିଛି। ସାଧାରଣ ଲୋକ ଘର ପାଖରେ ଭଲ ଚାକିରି ସୁଯୋଗ, କମ ଭଡ଼ା ଓ ଜୀବନଯାପନ ଖର୍ଚ୍ଚ, ସାମାଜିକ ସୁରକ୍ଷାର ଲାଭ ଓ ମହିଳାଙ୍କ ଅଂଶଗ୍ରହଣରେ ବୃଦ୍ଧି ରହିଛି।

# ଓଡ଼ିଶାର ସ୍ୱାସ୍ଥ୍ୟଭିତ୍ତିକ ଷ୍ଟାର୍ଟଅପକୁ ପେଟେଣ୍ଟ

ଭୁବନେଶ୍ୱର, ୨୩।୨ (ଅନୁରାଧା ମହାରଣା)

ଏବେ ଛୁଞ୍ଚି ଯନ୍ତ୍ରଣାର ଭୟ ବିନା ଚିକିତ୍ସା ଏବଂ ଇଞ୍ଜେକ୍ସନ ନେବା ସମ୍ଭବ ହେବ । ଓଡ଼ିଶା ଭିତ୍ତିକ ଏକ ଷ୍ଟାର୍ଟଅପ ଜେଡଟପ ଆଇଓଟି ସଲ୍ୟୁସନ୍ସ ପ୍ରାଇଭେଟ ଲିମିଟେଡ, ଏହାର ଅଗ୍ରଣୀ ଟପିକାଲ ଆନାସ୍ଥେଟିକ ଇନ୍ଫ୍ୟୁସର (ଟିଏଆଇ) ଉପକରଣ ପାଇଁ ଏକ ପେଟେଣ୍ଟ ହାସଲ କରିଛି । ଏହା ଏକ ପ୍ରଥମ ଧରଣର ଉପକରଣ ଯାହା ଚିକିତ୍ସା ପ୍ରକ୍ରିୟା ସମୟରେ ଛୁଞ୍ଚି ଫୋଡ଼ିବା ସହିତ ଜଡିତ ଯନ୍ତ୍ରଣାକୁ ବହୁଳ ଭାବରେ ହ୍ରାସ କରିବା ପାଇଁ ଡିଜାଇନ୍ କରାଯାଇଛି। ଏହି ଅଭିନବ ଉପକରଣ ବିଶ୍ୱ ସ୍ୱାସ୍ଥ୍ୟସେବା ବଜାର ପାଇଁ ଲକ୍ଷ୍ୟ ରଖି ଏକ ସ୍କିଲଡ ଇନ ଇଣ୍ଡିଆ ଉତ୍ପାଦର ଦୃଷ୍ଟିକୋଣକୁ ସୁଦୃଢ଼ କରିଛି। ସ୍ୱାସ୍ଥ୍ୟସେବା ଅଧ୍ୟୟନ ଦର୍ଶାଉଛି ଯେ ପ୍ରାୟ ୧୬% ବୟସ୍କ ଛୁଞ୍ଚି ଭୟରେ ଟିକାକରଣରୁ ବଞ୍ଚିତ ହୁଅନ୍ତି। ଷ୍ଟାର୍ଟଅପର ଉପଦେଷ୍ଟା ଡା. ଶୋଭନ ରଥ, ନିର୍ଦ୍ଦେଶକ ବିକ୍ରମାଦିତ୍ୟ ନାୟକ ଓ ନିର୍ଦ୍ଦେଶକ ଅବନୀଶ ନାୟକ ଆଶା ରଖିଛନ୍ତି।

# ଏସ୍‌ବିଆଇ ପକ୍ଷରୁ ବନ୍ଧୁତାପୂର୍ଣ୍ଣ କ୍ରିକେଟ ମ୍ୟାଚ୍



ଭୁବନେଶ୍ୱର, ୨୩।୨ (ଅନୁରାଧା ମହାରଣା)

ଭାରତୀୟ ଷ୍ଟେଟ୍ ବ୍ୟାଙ୍କ କଟକ ଆଞ୍ଚଳିକ କାର୍ଯ୍ୟାଳୟ ପକ୍ଷରୁ ଏକ ବନ୍ଧୁତାପୂର୍ଣ୍ଣ କ୍ରିକେଟ ମ୍ୟାଚ୍ କଟକ ଉପକଣ୍ଠ ତ୍ରିଶୂଳିଆସ୍ଥିତ ଅତ୍ୟାଧୁନିକ ଓପନ୍ ଟର୍ଫ ଗ୍ରାଉଣ୍ଡରେ ଅନୁଷ୍ଠିତ ହୋଇଯାଇଛି। ଷ୍ଟେଟବ୍ୟାଙ୍କର କଟକ, ଭୁବନେଶ୍ୱର, ଖୋର୍ଦ୍ଧା ଏବଂ ପୁରୀ ଜିଲାର ଖେଳାଳିମାନେ ଏଥିରେ ଭାଗ ନେଇଥିଲେ। ଭୁବନେଶ୍ୱର ଜୋନ୍-୧୧ ଟିମ୍ ଚାମ୍ପିୟନ୍ ହୋଇଥିଲେ। ଏହି ଟୁର୍ନାମେଣ୍ଟରେ ଏସ୍‌ବିଆଇ, ଭୁବନେଶ୍ୱର ପ୍ରଶାସନିକ କାର୍ଯ୍ୟାଳୟର ଡିଜିଏମ ପ୍ରଶାନ୍ତ କୁମାର ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ। ବ୍ୟାଙ୍କର ଆଞ୍ଚଳିକ ପ୍ରବନ୍ଧକ ଚୌଧୁରୀ ଅଶ୍ୱିନ ଅନୁପମ ପ୍ରହରାଜ ସ୍ୱାଗତ ଅଭିଭାଷଣ ଦେଇଥିଲେ। ସୁସ୍ଥ ଓ ନୀରୋଗ ରହିବା ପାଇଁ କିଛି ଉପାଦେୟ ତଥ୍ୟ ପ୍ରଦାନ କରିଥିଲେ। ଏଥି ସହିତ ଲୋକମାନଙ୍କୁ ଡିଜିଟାଲ ଠକେଇରୁ ନିଜକୁ ରକ୍ଷା କରିବା ପାଇଁ ସଚେତନ କରାଇଥିଲେ। ବ୍ୟାଙ୍କରେ ମିଳୁଥିବା ବିଭିନ୍ନ ସେବା ଏବଂ ଏହାର ସରଳ ଉପଲବ୍ଧତା ବିଷୟରେ ଲୋକମାନଙ୍କୁ ବୁଝାଇଥିଲେ। ବ୍ୟାଙ୍କର କର୍ମଚାରୀମାନଙ୍କ ଦ୍ୱାରା ସ୍ୱେଚ୍ଛାକୃତ ଭାବରେ ସଂଗୃହୀତ ପାଣ୍ଠି ନିକଟରେ ଅବସ୍ଥିତ ଜରାନିବାସରେ ରହୁଥିବା ଅସହାୟ ଲୋକଙ୍କୁ ସାହାଯ୍ୟ କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା।

# ବେଦାନ୍ତ ଆଲୁମିନିୟମର ଜ୍ଞାନ ଜ୍ୟୋତି କାର୍ଯ୍ୟକ୍ରମ

JB CONSULTING & STRATEGIES

ଭୁବନେଶ୍ୱର, ୨୩।୨ (ଅନୁରାଧା ମହାରଣା)

ବେଦାନ୍ତ ଆଲୁମିନିୟମ ନିଜର ଜ୍ଞାନ ଜ୍ୟୋତି ଡିଜିଟାଲ ଶିକ୍ଷା କାର୍ଯ୍ୟକ୍ରମ ଜରିଆରେ ଓଡ଼ିଶାର ରାୟଗଡ଼ା ଏବଂ କଳାହାଣ୍ଡି ଜିଲାର ୬ଟି ସରକାରୀ ପ୍ରାଥମିକ ବିଦ୍ୟାଳୟର ୬୦୦ ପିଲାଙ୍କୁ ଆଧୁନିକ ଶିକ୍ଷାଦାନ ପାଇଁ ଶିକ୍ଷଣ ପରିବେଶକୁ ସୁଦୃଢ଼ କରୁଛି। ଏହି ପଦକ୍ଷେପ ଶିକ୍ଷାନୁଷ୍ଠାନଗୁଡ଼ିକୁ ଡିଜିଟାଲ ଶିକ୍ଷା ବ୍ୟବସ୍ଥା ସହିତ ସଜ୍ଜିତ କରିଛି, ଯେଉଁଥିରେ ଆଣ୍ଡ୍ରଏଡ-ଆଧାରିତ ସ୍ମାର୍ଟ ଶ୍ରେଣୀଗୃହ, ପ୍ରୋଜେକ୍ଟର୍, 'ଷ୍ଟେମ' ଶିକ୍ଷା କିଟ୍, ମଡେଲ, ଲାଇବ୍ରେରି ଆଦି ରହିଛି । ଏଗୁଡ଼ିକ ସୌରଶକ୍ତି ଦ୍ୱାରା ପରିଚାଳିତ, ଯାହା ଗ୍ରାମାଞ୍ଚଳରେ ବିଦ୍ୟୁତ ନ ରହିଲେ ମଧ୍ୟ ନିରବଚ୍ଛିନ୍ନ ଭାବେ ଡିଜିଟାଲ ଶିକ୍ଷା ସୁନିଶ୍ଚିତ କରିପାରିବ। 'ଷ୍ଟେମ' ଶିକ୍ଷଣ ସୁଯୋଗ ମାଧ୍ୟମରେ ବିଦ୍ୟାର୍ଥୀଙ୍କ ବହୁଳ ଯୋଗଦାନ ସହିତ ଶ୍ରେଣୀଗୃହ ପରିବେଶରେ ଉନ୍ନତି ଘଟିଛି। ଡିଜିଟାଲ ଶିକ୍ଷା ବୃଦ୍ଧି ବ୍ୟତୀତ, ବେଦାନ୍ତ ଆଲୁମିନିୟମ ଏହି ଅଞ୍ଚଳର ୧୨ଟି ସରକାରୀ ବିଦ୍ୟାଳୟରେ ଭିତ୍ତିଭୂମି ସହାୟତା ପାଇଁ ସହଯୋଗର ହାତ ବଢ଼ାଇଛି। ଏହାଦ୍ୱାରା ୧୩୦୦ରୁ ଅଧିକ ଛାତ୍ରୀଛାତ୍ର ଉପକୃତ ହୋଇଛନ୍ତି। ବେଦାନ୍ତ ଆଲୁମିନିୟମର ସିଇଓ ରାଜୀବ କୁମାର କହିଛନ୍ତି, ଡିଜିଟାଲ ଶିକ୍ଷା ହେଉଛି ଆମ ସମୟର ସବୁଠାରୁ ଶକ୍ତିଶାଳୀ ଶିକ୍ଷାଦାନ ବ୍ୟବସ୍ଥା ଏବଂ ଗ୍ରାମାଞ୍ଚଳର ଛାତ୍ରୀଛାତ୍ର ଯେପରି ଏ କ୍ଷେତ୍ରରେ ପଛରେ ନ ରୁହନ୍ତି, ତାହା ସୁନିଶ୍ଚିତ କରିବା ପାଇଁ ଆମେ ପ୍ରତିଶ୍ରୁତିବଦ୍ଧ। କନ୍ଧମାଳ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଗୌରମଣି ହରିଜନ କହିଛନ୍ତି, ଡିଜିଟାଲ ଶ୍ରେଣୀଗୃହ ଉପକରଣ ଏବଂ ଷ୍ଟେମ ସମ୍ବଳର ପ୍ରବର୍ତ୍ତନ ଆମ ଛାତ୍ରମାନଙ୍କ ପାଇଁ ଏକ ଅଧିକ ଆକର୍ଷଣୀୟ ଏବଂ ଶୈକ୍ଷିକ ପରିବେଶ ସୃଷ୍ଟି କରିଛି।

# ୧୬.୭୨ ଲକ୍ଷ କୋଟିର ମୁଦ୍ରୀକରଣ ସମ୍ଭାବନାର ଆକଳନ

## ଏନଏମ୍‌ପି ୨.୦ର ଶୁଭାରମ୍ଭ କଲେ କେନ୍ଦ୍ର ଅର୍ଥମନ୍ତ୍ରୀ

ଭୁବନେଶ୍ୱର, ୨୩।୨ (ଅନୁରାଧା ମହାରଣା)


ନିର୍ମଳା ସୀତାରାମନ

କେନ୍ଦ୍ର ଅର୍ଥ ଏବଂ କର୍ପୋରେଟ ବ୍ୟାପାର ମନ୍ତ୍ରୀ ନିର୍ମଳା ସୀତାରାମନ୍ ସୋମବାର ନୂଆଦିଲ୍ଲୀରେ ଜାତୀୟ ମୁଦ୍ରୀକରଣ ପାଇପଲାଇନର ଦ୍ୱିତୀୟ ସଂସ୍କରଣକୁ ଶୁଭାରମ୍ଭ କରିଛନ୍ତି। ଏହା ହେଉଛି କେନ୍ଦ୍ରୀୟ ମନ୍ତ୍ରଣାଳୟ ଏବଂ ରାଷ୍ଟ୍ରାୟତ୍ତ ଉଦ୍ୟୋଗରୁ ଦ୍ୱିତୀୟ ପର୍ଯ୍ୟାୟ ସମ୍ପତ୍ତି ମୁଦ୍ରୀକରଣ କାର୍ଯ୍ୟକ୍ରମ। ନୀତି ଆୟୋଗ ଦ୍ୱାରା ଏହି ଦ୍ୱିତୀୟ ପର୍ଯ୍ୟାୟ ମୁଦ୍ରୀକରଣ ଯୋଜନା ପ୍ରସ୍ତୁତ କରାଯାଇଛି। ଭିତ୍ତିଭୂମି ସହ ଜଡ଼ିତ ବିଭିନ୍ନ ମନ୍ତ୍ରଣାଳୟ ସହ ବିଚାରବିମର୍ଶ କରିବା ପରେ କେନ୍ଦ୍ର ବଜେଟ ୨୦୨୫-୨୬ରେ କରାଯାଇଥିବା ଘୋଷଣା ମୁତାବକ 'ସମ୍ପତ୍ତି ମୁଦ୍ରୀକରଣ ଯୋଜନା ୨୦୨୫-୩୦' ଆଧାରରେ ଏହାକୁ ପ୍ରସ୍ତୁତ କରାଯାଇଛି। ୨୦୨୬ ଆର୍ଥିକ ବର୍ଷ ଠାରୁ ୨୦୩୦ ଆର୍ଥିକ ବର୍ଷ ମଧ୍ୟରେ ପାଞ୍ଚ ବର୍ଷର ଅବଧି ମଧ୍ୟରେ ମୋଟ ୧୬.୭୨ ଲକ୍ଷ କୋଟି ଟଙ୍କାର ମୁଦ୍ରୀକରଣ ସମ୍ଭାବନାକୁ ଆକଳନ କରିଛି ଏନଏମପି ୨.୦। ଏଥିରେ କେନ୍ଦ୍ରୀୟ ମନ୍ତ୍ରଣାଳୟ ଏବଂ ରାଷ୍ଟ୍ରାୟତ୍ତ ସଂସ୍ଥାର ସମ୍ପତ୍ତି ମୁଦ୍ରୀକରଣ ପାଇପଲାଇନ ଅଧୀନରେ ଘରୋଇ କ୍ଷେତ୍ର ଦ୍ୱାରା ୫.୮ ଲକ୍ଷ କୋଟି ଟଙ୍କାର ନିବେଶ ପ୍ରସ୍ତାବ ସାମିଲ ରହିଛି। ଏନଏମପି ୨.୦ର ଶୁଭାରମ୍ଭ ଅବସରରେ ନୀତି ଆୟୋଗ ସିଇଓଙ୍କ ସମେତ ବିଭିନ୍ନ ଭିତ୍ତିଭୂମି ମନ୍ତ୍ରଣାଳୟର ସଚିବ, ମୁଖ୍ୟ ଆର୍ଥିକ ପରାମର୍ଶଦାତା ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଥମ ପର୍ଯ୍ୟାୟରେ ୬ ଲକ୍ଷ କୋଟି ଟଙ୍କାର ସମ୍ପତ୍ତି ମୁଦ୍ରୀକରଣ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିବା ବେଳେ ଏହାର ୯୦% ହ୍ରାସ କରାଯାଇପାରିଛି। ଅର୍ଥମନ୍ତ୍ରୀ ସୀତାରାମନ୍ କହିଛନ୍ତି,୫ ବର୍ଷ ଲାଗି ୧୬.୭ ଲକ୍ଷ କୋଟି ଟଙ୍କାର ମହତ୍ୱାକାଂକ୍ଷୀ ସମ୍ପତ୍ତି ମୁଦ୍ରୀକରଣ ଲକ୍ଷ୍ୟ ରଖାଯାଇଛି। ଏହା ଏନଏମପି ୧.୦ ଠାରୁ ୨.୬ ଗୁଣ ଅଧିକ। କ୍ୟାବିନେଟ ସଚିବଙ୍କ ଅଧ୍ୟକ୍ଷତାରେ ସମ୍ପତ୍ତି ମୁଦ୍ରୀକରଣ ଉପରେ ସଚିବମାନଙ୍କର ଏକ କ୍ଷମତାପ୍ରାପ୍ତ କୋର ଗ୍ରୁପ ସମ୍ପତ୍ତି ମୁଦ୍ରୀକରଣ କାର୍ଯ୍ୟକ୍ରମର ପ୍ରଗତି ଉପରେ ନଜର ରଖିବ। ପ୍ରଥମ ସମ୍ପତ୍ତି ମୁଦ୍ରୀକରଣ ପାଇପଲାଇନର ସଫଳତାକୁ ଆଧାର କରି କେନ୍ଦ୍ର ବଜେଟ ୨୦୨୫-୨୬ରେ ସାର୍ବଜନୀନ ଭିତ୍ତିଭୂମି ସମ୍ପତ୍ତିର ମୁଦ୍ରୀକରଣ ଲାଗି ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ଏହାକୁ ପାଞ୍ଚଟି ପର୍ଯ୍ୟାୟରେ ବିଭକ୍ତ କରାଯାଇଛି । ସମ୍ପତ୍ତିଗୁଡ଼ିକୁ ଚିହ୍ନଟ କରିବା, ଉପଯୁକ୍ତ ମୁଦ୍ରୀକରଣ ମାଧ୍ୟମକୁ ବାଛିବା, ମୋଟ ମୁଦ୍ରୀକରଣ ମୂଲ୍ୟର ଆକଳନ, ସର୍ବମୋଟ ମୁଦ୍ରୀକରଣ ମୂଲ୍ୟ ନିର୍ଦ୍ଧାରଣ, ମୁଦ୍ରୀକରଣ ଲାଗି ଆବଣ୍ଟନ ପ୍ରକ୍ରିୟାର ଆରମ୍ଭ କରିବା।

# ଯାତ୍ରା ସମୟରେ ପାଟିର ସ୍ୱଚ୍ଛତାକୁ ଡାବରର ଗୁରୁତ୍ୱ

ଭୁବନେଶ୍ୱର, ୨୩।୨ (ଅନୁରାଧା ମହାରଣା)




ଗବେଷଣାରୁ ଜଣାପଡ଼ିଛି ଯେ ୪୦%ରୁ ଅଧିକ ପର୍ଯ୍ୟଟକ ଯାତ୍ରା ସମୟରେ ଦିନକୁ ଅତି କମ୍‌ରେ ଥରେ ବ୍ରଶ୍ କରିବାକୁ ଭୁଲିଯାଆନ୍ତି। ବିମାନ ଯାତ୍ରା ସମୟରେ ଶରୀରରେ ଜଳୀୟ ଅଂଶ କମିଯିବା ଫଳରେ ମାତ୍ର କିଛି ଘଣ୍ଟା ମଧ୍ୟରେ ଲାଳ ତିଆରି ପ୍ରକ୍ରିୟା ଯଥେଷ୍ଟ ହ୍ରାସ ପାଇଥାଏ। ଏହି ଛୋଟ ଛୋଟ ବ୍ୟତିକ୍ରମଗୁଡ଼ିକ ପାଟିର ସ୍ୱାସ୍ଥ୍ୟକୁ ଅପେକ୍ଷାକୃତ ଶୀଘ୍ର ବିଗାଡ଼ି ଦେବା ପାଇଁ ଯଥେଷ୍ଟ। ପବ୍ଲିକ ହେଲ୍‌ଥ ଡେଣ୍ଟିଷ୍ଟ୍ରିର ପ୍ରଫେସର ଡା. ସୋନିଆ ଦତ୍ତା ଏପରି ମତ ଦେଇଛନ୍ତି। ସେ କହିଛନ୍ତି, ଡାବର ରେଡ୍ ଭଳି ଟୁଥ୍‌ପେଷ୍ଟ, ଯାହାକୁ ଆଇଡିଏର ସ୍ୱୀକୃତି ମିଳିଛି, ତାହା ଯାତ୍ରା ପାଇଁ ଏକ ଭରସାଯୋଗ୍ୟ ବିକଳ୍ପ। ଯାତ୍ରା କରିବା ଆନନ୍ଦଦାୟକ ହୋଇଥିଲେ ମଧ୍ୟ ଏହା ଆପଣଙ୍କ ଦୈନନ୍ଦିନ ଅଭ୍ୟାସକୁ ବ୍ୟାହତ କରିଥାଏ। ଅନେକ ସମୟରେ ଆମେ ଭାବୁ ଯେ 'ଘରକୁ ଫେରିଲେ ସବୁ ଠିକ୍ କରିଦେବା'। ମାତ୍ର ଏହା ସମସ୍ୟା ବଢ଼ାଇଥାଏ। ତେଣୁ ଯାତ୍ରା ସମୟରେ ନିଜ ସହିତ ଏକ ଛୋଟ ଓରାଲ୍ କେୟାର୍ କିଟ୍ ରଖିବାକୁ ସେ ପରାମର୍ଶ ଦେଇଛନ୍ତି। ବ୍ରଶ୍ କରିବା ସମ୍ଭବ ନ ହେଲେ, ଖାଇବା ପରେ ପାଟି କୁଳି କରନ୍ତୁ। କୋଲ୍ଡ ଡ୍ରିଙ୍କ୍ସ ବଦଳରେ ପାଣି ପିଇବା ଏବଂ ରାତିରେ ବ୍ରଶ୍ କରି ଶୋଇବାକୁ ପରାମର୍ଶ ଦେଇଛନ୍ତି।




# ଟ୍ରକ୍ ଧକ୍କାରେ ଜଣେ ମୃତ, ରାସ୍ତାରୋକୋ

**ଖମାର, ୨୩।୨ (ରଜନୀକାନ୍ତ ମହାରଣା)**

ଅନୁଗୋଳ ଜିଲା ପାଲଲହଡ଼ା ଉପଖଣ୍ଡ ଦେଇ ଯାଇଥିବା ୧୪୯ନଂ. ଜାତୀୟ ରାଜପଥର ବାରକୋଟିଆ ନିକଟରେ ସୋମବାର ଏକ ଟ୍ରକ୍ ଧକାରେ ଜଣଙ୍କର ମୃତ୍ୟୁ ହୋଇଛି। ମୃତକ ହେଲେ ଖମାର ଅଞ୍ଚଳର ରାଜା ଗୋଚ୍ଛାୟତ। ଏଥିସହ ଜାଲୁ ନାଏକ ଗୁରୁତର ହୋଇଛନ୍ତି। ଦୁର୍ଘଟଣା ପରେ ଲୋକେ ରାସ୍ତାରୋକୋ କରିଥିଲେ। ପାଲଲହଡ଼ା ପଟୁ ଏକ ବାଇକ୍‌ରେ ରାଜା ଓ ଜାଲୁ ଆସୁଥିବା ବେଳେ ଅପରାହ୍ନ ୫ଟାରେ ଟ୍ରକ୍ ସେମାନଙ୍କୁ ଧକ୍କା ଦେଇ ପଳାଇ ଯାଇଥିଲା। ଘଟଣାସ୍ଥଳରେ ରାଜାଙ୍କ ମୃତ୍ୟୁ ହୋଇଯାଇଥିଲା। ଖମାର ପୋଲିସ ପହଞ୍ଚି ତରବରିଆ ଭାବେ ମୃତଦେହ ଓ ଗୁରୁତରଙ୍କୁ ମେଡିକାଲ ନେଇଯାଇଥିଲା। ପରିବାର ଲୋକଙ୍କୁ ଖବର ନ ଦେଇ ମୃତଦେହ ଉଠାଇ ନେଇଥିବାରୁ ମୃତକଙ୍କ ପରିବାର ଲୋକେ ଓ ଗ୍ରାମବାସୀ ରାଜପଥ ଅବରୋଧ କରିଥିଲେ। ଖମାର ଥାନା ଅଧିକାରୀ ଅରୁଣ କୁମାର ପଣ୍ଡା ବୁଝାସୁଝା କରିବା ପରେ ସ୍ଥିତି ସ୍ୱାଭାବିକ ହୋଇଥିଲା।

# ଭାଜପା ନ ଯାଉ: ଅରୁଣ

**ଭୁବନେଶ୍ୱର, ୨୩।୨ (ସୁନିତ୍ ମିଶ୍ର)**

ଭାଜପାର ଅଧିକ ଏମ୍‌ପି ରାଜ୍ୟ ସଭାକୁ ନ ଯାଆନ୍ତୁ। ଭାଜପାରୁ ଯେଉଁମାନେ ରାଜ୍ୟ ସଭା କିମ୍ବା ଲୋକ ସଭାକୁ ଯାଇଛନ୍ତି ସେମାନଙ୍କ ଭିତରୁ ଜଣଙ୍କର ହେଲେ ବି ପାଟି ଫିଟୁନାହିଁ। ତେଣୁ ଅଧିକ ମୂକ, ବଧିରଙ୍କୁ ପଠାଇବା ଅପେକ୍ଷା ରାଜ୍ୟ ସଭାର ୪ର୍ଥ ଆସନ ଯେପରି ଭାଜପା ହାତକୁ ନ ଯିବ ସେଥିପାଇଁ ଚେଷ୍ଟା କରିବା ଦରକାର ବୋଲି ବିଜେଡିର ବରିଷ୍ଠ ବିଧାୟକ ଅରୁଣ କୁମାର ସାହୁ କହିଛନ୍ତି।

ବିଧାନସଭା ବାହାରେ ସୋମବାର ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ଅରୁଣ କହିଛନ୍ତି, ଏହା ତାଙ୍କର ବ୍ୟକ୍ତିଗତ ମତ। ବିଜେଡି ହେଉଛି ଏକ ଶୃଙ୍ଖଳିତ ଦଳ। ଦଳରେ ରାଜନୈତିକ ବ୍ୟାପାର କମିଟି ରହିଛି। ଦଳରେ ସର୍ବୋଚ୍ଚ ନେତାମାନେ ଅଛନ୍ତି। ସବୁଠାରୁ ବଡ଼ କଥା ହେଉଛି ଦଳର ସଭାପତି ନବୀନ ପଟ୍ଟନାୟକଙ୍କ ସ୍ୱୀକୃତି ଯାହାକୁ ରହିବ ସେ ରାଜ୍ୟ ସଭା ଯିବେ। ଏହା ବିଜେଡିର ଆଭ୍ୟନ୍ତରୀଣ କଥା। ସଂଖ୍ୟା ଦୃଷ୍ଟିରୁ ଭାଜପାକୁ


ଅରୁଣ କୁମାର ସାହୁ

୨ଟି ଏବଂ ବିଜେଡି ଗୋଟିଏ ଆସନ ସହଜରେ ନେଇପାରିବ। ୪ର୍ଥ ଆସନ ପାଇଁ ବିଜେଡି ନିଷ୍ପତ୍ତି ଯାହା କରିବ ସେକଥା କହିପାରିବେ ନାହିଁ। ହେଲେ ଭାଜପା ୨ଟି ଆସନରୁ ଗୋଟିଏ ବି ଅଧିକ ନ ନେବା ଦରକାର। ସେମାନଙ୍କୁ ଯଦି ଆଉ ଗୋଟିଏ ଆସନ ମିଳିବ ଯିଏ ରାଜ୍ୟ ସଭା ଯିବ ସେଠାରେ ମୂକ, ବଧିର ହୋଇ ବସିବ। ତେଣୁ କେମିତି କ'ଣ ହୋଇ ଭାଜପାକୁ ନ ଯିବା ଦରକାର। ଦଳ କ'ଣ ନିଷ୍ପତ୍ତି ନେବ ତାକୁ ଅପେକ୍ଷା। କଂଗ୍ରେସକୁ ସହଯୋଗ କରିବା କଥା କୁଆଡ଼ୁ ଆସୁଛି ବୋଲି ଅରୁଣ କହିଛନ୍ତି।

ସୂଚନାଯୋଗ୍ୟ, ବିଗତ ଦିନରେ ଅନେକ ସମୟରେ କେନ୍ଦ୍ରର ଭାଜପା ସରକାରକୁ ପରୋକ୍ଷ ବା ପ୍ରତ୍ୟକ୍ଷ ସବୁ ପ୍ରକାରେ ବିଜେଡି ସହଯୋଗ କରିଆସିଛି। ୨୦୨୪ ସାଧାରଣ ନିର୍ବାଚନରେ ବିଜେଡି ରାଜ୍ୟରେ କ୍ଷମତାରୁ ଯିବା ପରେ ଅନେକ ଘଟଣାରେ ଭାଜପାକୁ ସହଯୋଗ ନେଇ ଦଳର ବହୁ ନେତା ପ୍ରଶ୍ନ କରୁଛନ୍ତି। ଆଗକୁ ରାଜ୍ୟ ସଭା ନିର୍ବାଚନ ଥିବାରୁ ବିଜେଡି ଆଭିମୁଖ୍ୟ ଭାଜପାକୁ ଯାଉ ଏକଥା ବିରୋଧୀ ଦଳର ବହୁ ନେତା ଚାହୁଁନାହାନ୍ତି। ଏଭଳି ରାଜନୈତିକ ନିଷ୍ପତ୍ତି ପାଇଁ ବିଜେଡିର କ୍ଷମତା ହରାଇଥିବା ଦଳ ଭିତରୁ ବହୁଜଣ ବାରମ୍ବାର ଅଭିଯୋଗ କରୁଛନ୍ତି। ତେଣୁ ଏବେ ଯେଉଁ ରାଜ୍ୟ ସଭା ପାଇଁ ନିର୍ବାଚନ ହେବାକୁ ଯାଉଛି ସେଥିରେ କୌଣସିମତେ ବିଜେଡି ଶାସକ ଦଳକୁ ସୁହାଇବା ଭଳି କାମ ନ କରୁ ସେକଥା ବୁଝାଇବାକୁ ଯାଇ ଅରୁଣଙ୍କ ବ୍ୟକ୍ତିଗତ ମତ ଆସିଥାଇପାରେ ବୋଲି ଚର୍ଚ୍ଚା ହେଉଛି।

# ବଡ଼ ବିପଦ ଏଡ଼ାଇ ୪ ରେଳ କର୍ମଚାରୀ ସମ୍ମାନିତ

**ଭୁବନେଶ୍ୱର, ୨୩।୨ (ଅନୁରାଧା ମହାରଣା)**

ସମ୍ଭାବ୍ୟ ବିପଦକୁ ପୂର୍ବରୁ ଚିହ୍ନଟ କରି ତାହାକୁ ରୋକିବା ସହିତ ସୁରକ୍ଷିତ ଓ ନିର୍ବିଘ୍ନରେ ଟ୍ରେନ ପରିଚାଳନା ସୁନିଶ୍ଚିତ କରିବା, ଅସାଧାରଣ ସତର୍କତା, କର୍ତ୍ତବ୍ୟନିଷ୍ଠା ଏବଂ ସମୟୋପଯୋଗୀ ପଦକ୍ଷେପ ପାଇଁ ପୂର୍ବତଟ ରେଳପଥର ୪ଜଣ ରେଳ କର୍ମଚାରୀଙ୍କୁ ସମ୍ମାନିତ କରାଯାଇଛି। ସମ୍ବଲପୁର ମଣ୍ଡଳ ଆରଙ୍ଗ ମହାନଦୀର ଷ୍ଟେଶନ ମାଷ୍ଟର ଶଶି ପ୍ରକାଶ, ଖୋର୍ଦ୍ଧାରୋଡ୍ ଡିଭିଜନ ଗୁରୁଡିଝାଟିଆ ଷ୍ଟେଶନର ସୁପରିଣ୍ଟେଣ୍ଡେଣ୍ଟ ମହେଶ୍ୱର ନାୟକ, ରେଟଙ୍ଗ ଟ୍ରାକ୍ ମେଣ୍ଟେନର୍-୩ ରାଜେଶ କୁମାର ସାହୁ, ୱାଲ୍‌ଟିୟର୍ ଡିଭିଜନ ମାଲିଗୁଡ଼ା ଟ୍ରାକ୍ ମେଣ୍ଟେନର ଭଗବାନଙ୍କୁ ପୂର୍ବତଟ ରେଳପଥର


୪ ରେଳ କର୍ମଚାରୀଙ୍କୁ ସମ୍ମାନିତ କରାଯାଉଛି।

ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍କୱାଲ ସମ୍ମାନିତ କରିଛନ୍ତି। ଜାନୁଆରୀ ୨୫ରେ ଶଶି ପ୍ରକାଶ ଏକ ମାଲବାହୀ ଟ୍ରେନ୍‌ର ୱାଗନ ଚକରୁ ଧୂଆଁ ଚିହ୍ନଟ କରିବା ସହ ତୁରନ୍ତ ଟ୍ରେନକୁ ଅଟକାଇଥିଲେ। ଯାଞ୍ଚ ପରେ ଏକ ଗରମ ଆକ୍ସଲ ଚିହ୍ନଟ କରାଯାଇ ତ୍ରୁଟିପୂର୍ଣ୍ଣ ୱାଗନକୁ ଅଲଗା କରାଯାଇଥିଲା। ଜାନୁଆରୀ ୧୯ରେ ମହେଶ୍ୱର ନାୟକ ଚଳନ୍ତା ମାଲବାହୀ ଟ୍ରେନ୍‌ର ହଟ୍ ଏକ୍ସେଲ ଦେଖି ସମୟୋଚିତ ସମନ୍ୱୟ କରି ଟ୍ରେନକୁ ସୁରକ୍ଷିତ ଭାବେ ଅଟକାଇବାକୁ ସହଯୋଗ କରିଥିଲେ, ଯାହା ଦ୍ୱାରା ସମ୍ଭାବ୍ୟ ବିପଦକୁ ରୋକାଯାଇପାରିଥିଲା। ସେହି ରାତିରେ ରାଜେଶ କୁମାର ସାହୁ ପାଟ୍ରୋଲିଂ ଡ୍ୟୁଟିରେ ଥିବା ସମୟରେ ଏସ୍‌ଇଜେ ଟଙ୍ଗ୍ ରେଲ୍‌ରେ ଏକ ଫାଟ ଚିହ୍ନଟ କରିଥିଲେ ଏବଂ ଟ୍ରାକକୁ ସୁରକ୍ଷା ଦେବା ପରେ ସୀମିତ ବେଗରେ ଟ୍ରେନଗୁଡ଼ିକର ନିରାପଦ ପଥ ନିଶ୍ଚିତ କରିଥିଲେ। ଜାନୁଆରୀ ୧୮ରେ ଭଗବାନ୍ ମାଲିଗୁଡା ୟାର୍ଡରେ ଟ୍ରାକ୍‌ରେ ଏକ ୱେଲ୍ଡ ବିଫଳତା ଚିହ୍ନଟ କରିଥିଲେ ଏବଂ ତୁରନ୍ତ ଟ୍ରେନ ପରିଚାଳନାକୁ ସୁରକ୍ଷିତ ରଖିବା ପାଇଁ ଜରୁରୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲେ, ଯାହା ଫଳରେ ଏକ ବହୁତ ବଡ ସମ୍ଭାବ୍ୟ ବିପଦକୁ ଏଡାଯାଇପାରିଥିଲା। କର୍ମଚାରୀମାନଙ୍କୁ ସମ୍ବର୍ଦ୍ଧିତ କରି ଫୁଙ୍କୱାଲ ସେମାନଙ୍କ ପ୍ରତିବଦ୍ଧତା ଏବଂ କଠିନ ପରିଶ୍ରମକୁ ପ୍ରଶଂସା କରିଥିଲେ।

# ତାରାତାରିଣୀରୁ ଉଡ଼ିଲା ପବନହଂସ, ସରିଲା ପରୀକ୍ଷଣ

**ପୁରୁଷୋତ୍ତମପୁର, ୨୩।୨ (ସବିତା ମିଶ୍ର)**

ରାଜ୍ୟ ସରକାର ଗଞ୍ଜାମ ଜିଲାରେ ପର୍ଯ୍ୟଟନର ବିକାଶ କ୍ଷେତ୍ରରେ ବିଭିନ୍ନ ପଦକ୍ଷେପ ନେଉଛନ୍ତି। ଏବେ ପର୍ଯ୍ୟଟକଙ୍କ ସୁବିଧା ଲାଗି ହେଲିକପ୍ଟର ସେବା ଯୋଜନା ହାତକୁ ନେଇଛନ୍ତି। ଏନ୍‌ଜୟ ରାଇଡ ନାମରେ ଆରମ୍ଭ ହୋଇଥିବା ଏହି ହେଲିକପ୍ଟର ସେବା ରଙ୍ଗେଇଲୁଣ୍ଡା ବିମାନଘାଟିରୁ ଉଡାଣ ଭରି ଧବଳେଶ୍ୱର ଦେଇ ତାରାତାରିଣୀ ଯାଏ ପର୍ଯ୍ୟଟକଙ୍କୁ ଧରି ଆସିବ। ସୋମବାର ହେଲିକପ୍ଟର ପବନହଂସ ଭୁବନେଶ୍ୱରରୁ ସିଧା ତାରାତାରିଣୀ ଆସି ସେଠାରୁ ରଙ୍ଗେଇଲୁଣ୍ଡା ହେଲିଷ୍ଟ୍ରିପ୍‌କୁ ଯାଇଛି। ସଫଳତାର ସହ ଏହାର ପରୀକ୍ଷଣ ସରିଛି। ଏହି ସମୟରେ ପୁରୁଷୋତ୍ତମପୁର ଆଇଆଇସି ରାଜେଶ ନାୟକଙ୍କ ତତ୍ତ୍ୱାବଧାନରେ ପୋଲିସ କର୍ମଚାରୀ ଜଗିରହି ପବନହଂସକୁ ଚତୁଃପାର୍ଶ୍ୱରୁ ସୁରକ୍ଷା ଦେଇଥିଲେ। ଏଥିରେ ଯାତାୟାତ ବେଳେ ଲୋକେ ଆକାଶ ମାର୍ଗରେ ମଜା ନେଇପାରିବେ। ରାଜ୍ୟ ପରିବହନ ବିଭାଗ ପକ୍ଷରୁ ପ୍ରଥମ ଥର ପାଇଁ ଏଭଳି ସେବା ଆରମ୍ଭ ହେବ।

# ପୂର୍ବତନ ମୁଖ୍ୟମନ୍ତ୍ରୀ ରାଜେନ୍ଦ୍ର ନାରାୟଣଙ୍କୁ ଶ୍ରଦ୍ଧାଞ୍ଜଳି



ରାଜେନ୍ଦ୍ର ନାରାୟଣ ସିଂଦେଓଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଅବସରରେ ବାଚସ୍ପତି ସୁରମା ପାଢ଼ୀ, ଉପବାଚସ୍ପତି ଭବାନୀ ଶଙ୍କର ଭୋଇ, ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓଙ୍କ ସହ ଅନ୍ୟମାନେ।

**ଭୁବନେଶ୍ୱର, ୨୩।୨ (ସୌମ୍ୟରଞ୍ଜନ ରାଉତ)**

ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ରାଜେନ୍ଦ୍ର ନାରାୟଣ ସିଂଦେଓଙ୍କ ଶ୍ରାଦ୍ଧବାର୍ଷିକୀରେ ସୋମବାର ୧୨୦ ବାଟାଲିୟନ ଛକସ୍ଥିତ ପ୍ରତିମୂର୍ତ୍ତିଠାରେ ବାଚସ୍ପତି ସୁରମା ପାଢ଼ୀ, ଉପବାଚସ୍ପତି ଭବାନୀ ଶଙ୍କର ଭୋଇ, ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ପ୍ରମୁଖ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି। ସ୍ୱର୍ଗତ ସିଂଦେଓ ୧୯୬୭ ରୁ ୧୯୭୧ମସିହା ପର୍ଯ୍ୟନ୍ତ ଓଡ଼ିଶାର ୭ମ ମୁଖ୍ୟମନ୍ତ୍ରୀ ଭାବେ କାର୍ଯ୍ୟକରି ଓଡ଼ିଶାର ବିକାଶ ଓ ଶାସନରେ ବହୁ ଗୁରୁତ୍ୱପୂର୍ଣ୍ଣ ଅବଦାନ ରଖିଥିଲେ ବୋଲି ବାଚସ୍ପତି କହିଥିଲେ। କାର୍ଯ୍ୟକ୍ରମରେ ସ୍ୱର୍ଗତ ସିଂଦେଓଙ୍କ କନ୍ୟା କ୍ରିଷ୍ଟାପ୍ରିୟା ଦେବୀ, ବିଧାନସଭା ସଚିବ ସତ୍ୟବ୍ରତ ରାଉତ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, କୃଷି ଓ କୃଷକ ସଶକ୍ତୀକରଣ ବିଭାଗ, ସୂଚନା ଓ ଲୋକସମ୍ପର୍କ ବିଭାଗର ଅଧିକାରୀ ଓ ବହୁ ବ୍ୟକ୍ତି ବିଶେଷ ଉପସ୍ଥିତ ରହି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିବା ସହ ସ୍ମୃତିଚାରଣ କରିଛନ୍ତି।

# ଜଗନ୍ନାଥଙ୍କୁ ପୁଅ କରି ବାସଗୃହ ଦାନକଲେ କନକପ୍ରଭା


ମନ୍ଦିରରେ ପୂଜା କରି ମହାପ୍ରଭୁଙ୍କ ଦର୍ଶନ କରୁଛନ୍ତି କନକପ୍ରଭା।

**ପାରଳାଖେମୁଣ୍ଡି, ୨୩।୨ (ଗିରିଧାରୀ ପରିଚ୍ଛା)**

ଗଜପତି ଜିଲା ସଦର ପାରଳାଖେମୁଣ୍ଡିରେ ରହିଥିବା ଜଗନ୍ନାଥ ମନ୍ଦିରକୁ ଭବ୍ୟ ମନ୍ଦିର ରୂପ ଦେଇ ନିର୍ମାଣ କାର୍ଯ୍ୟ ଚାଲୁ ରହିଛି। ଏହି ମନ୍ଦିର ନିର୍ମାଣ ପାଇଁ ଜଗନ୍ନାଥପ୍ରେମୀଙ୍କ ଦାନ ଜାରି ରହିଛି। ମନ୍ଦିର ନିର୍ମାଣ ପାଇଁ ଯେଉଁ ଅର୍ଥ ବିନିଯୋଗ ହେଉଛି ସେସବୁ ପାରଳାଖେମୁଣ୍ଡି ସହର, ଜିଲା ଏବଂ ପଡୋଶୀ ଆନ୍ଧ୍ର ପ୍ରଦେଶର ଶ୍ରଦ୍ଧାଳୁମାନେ ସାମର୍ଥ୍ୟ ଅନୁଯାୟୀ ସ୍ୱଇଚ୍ଛାରେ ଦାନ କରି ଚାଲିଛନ୍ତି। ବର୍ତ୍ତମାନ ମନ୍ଦିର ନିର୍ମାଣ କାର୍ଯ୍ୟ ଆଗେଇ ଚାଲିଛି। ପାରଳାଖେମୁଣ୍ଡି ସହରର ଜଣେ ମହିଳା ସୋମବାର ନିଜ ବାସଭବନକୁ ଜଗନ୍ନାଥ ମନ୍ଦିରକୁ ଦାନ କରିଥିବା ଜଣାପଡିଛି। ସହରର ସୁନାରିସାହି ବାସିନ୍ଦା କନକ ପ୍ରଭା ପାତ୍ର ପ୍ରଭୁ ଜଗନ୍ନାଥଙ୍କୁ ନିଜପୁଅ ଭାବି ନିଜ ବାସଗୃହଟିକୁ ନୂତନ ଜଗନ୍ନାଥ ମନ୍ଦିର ନିର୍ମାଣରେ ସହାୟତା ପାଇଁ ଏପରି ଦାନ କରିଛନ୍ତି।

ସୂଚନାଯୋଗ୍ୟ, କନକପ୍ରଭାଙ୍କ ସ୍ୱାମୀ ସତ୍ୟନାରାୟଣ ପାତ୍ର ଜଣେ ଜଗନ୍ନାଥପ୍ରେମୀ। ନୂତନ ଜଗନ୍ନାଥ ମନ୍ଦିର ନିର୍ମାଣ ସକାଶେ ଗଠନ ହୋଇଥିବା ୧୪ ଜଣିଆ ଜଗନ୍ନାଥ ସେବା ଦଳରେ ରହି ସେ ମନ୍ଦିର ନିର୍ମାଣ କାର୍ଯ୍ୟରେ ସହାୟତା କରିଆସୁଥିଲେ। ୨୦୨୪ରେ ତାଙ୍କର ପରଲୋକ ହୋଇଥିଲା। ଏହି ଦମ୍ପତି ନିଃସନ୍ତାନ ହୋଇଥିବାରୁ ସତ୍ୟନାରାୟଣଙ୍କ ମୃତ୍ୟୁ ପରେ କନକପ୍ରଭା ଏକୁଟିଆ ହୋଇଯାଇଥିଲେ। ଶେଷରେ ସେ ପ୍ରଭୁ ଜଗନ୍ନାଥଙ୍କୁ ନିଜ ପୁଅ ଭାବି ବାସଗୃହକୁ ଦାନ କରିଥିବା ସେବା ଦଳର ଦୁର୍ଗାମାଧବ ପାଣିଗ୍ରାହୀ କହିଛନ୍ତି।

**MAA MANIKESHWARI UNIVERSITY**
**ମା ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ**
**माँ माणिकेश्वरी विश्वविद्यालय**
**(Erstwhile : Kalahandi University)**
Manikya Vihar, Bhawanipatna, Kalahandi, Odisha
No.11001/30/2526: Website-kalahandiuniversity.ac.in

No.526/MMU Dt.21.02.2026

**RECRUITMENT NOTICE**

Maa Manikeshwari University, Bhawanipatna invites applications in both physical and online mode through HIMS portal from Indian citizens having eligibility as per the UGC Notification, New Delhi, dated 4th July 2018, for appointment to the posts of Professor/ Associate Professor/ Assistant Professor against regular sanctioned posts in the departments of Anthropology, Botany, Chemistry, Commerce, Education, Economics, English, Geography, History, Mathematics, Odia, Physics, Political Science, Sanskrit, Sociology, Zoology of this University as directed vide **Letter No. 5322/HE, Dated 31.01.2026** of Department of the Higher Education, Government of Odisha, Bhubaneswar. The online application form and department wise reservation details will be made available on the University website **www.kalahandiuniversity.ac.in and HIMS Portal** from 06.03.2026 onwards. Please visit the University website for details of the terms and conditions, guidelines for applying etc.
Application open date: 06.03.2026
Application closing date: 05.04.2026
Closing Date for receipt of Printed copy of the application: 15.04.2026

Sd./- Registrar
Maa Manikeshwari University,
Bhawanipatna

OIPR-11001/11182/1/25-26/0001

**ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟାଳୟ, ପଦ୍ମପୁର**
**OFFICE OF THE NOTIFIED AREA COUNCIL, PADMAPUR**
AT/PO/PS:-Padampur, Dist:-Bargarh (Odisha), PIN:-768036
Email ID:- nac.padampur@gmail.com
ପତ୍ରସଂଖ୍ୟା ୪୩୩, ତା.୧୯.୦୨.୨୦୨୬ରିଖ

**ଲୌହ ସାମଗ୍ରୀର ବିକ୍ରୟ ପାଇଁ ଇସ୍ତାହାର**

**No.13001/359/2526:** ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ପଦ୍ମପୁର ବିଜ୍ଞାପିତ ଅଞ୍ଚଳ ପରିଷଦରେ ଥିବା ବିଭିନ୍ନ ଅଦରକାରୀ ଲୌହସାମଗ୍ରୀର ବିକ୍ରୟ ପାଇଁ କୋଟେସନ ମାଧ୍ୟମରେ ବିଡରଙ୍କୁ ଆହ୍ୱାନ କରାଯାଉଛି । ଲୌହ ସାମଗ୍ରୀର ବିକ୍ରୟ ପାଇଁ ପଦ୍ମପୁର ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟାଳୟରୁ ବିଡିଂ ଫର୍ମ ତା.୨୩.୦୨.୨୦୨୬ରିଖ ରୁ ତା.୦୫.୦୩.୨୦୨୬ରିଖ ୪.୩୦ ଘଟିକା ପର୍ଯ୍ୟନ୍ତ ମଧ୍ୟରେ ଉପଲବ୍ଧ ରହିବ । ବିଡିଂ ଫର୍ମ ମୂଲ୍ୟ ଟ.୫୦୦/- (ପାଞ୍ଚ ଶହ ଟଙ୍କା) ମାତ୍ର ଯାହା ଫେରସ୍ତ ହେବ ନାହିଁ । କୋଟେସନ ମାଧ୍ୟମରେ ଆବେଦନଗୁଡ଼ିକୁ ତା.୦୬.୦୩.୨୦୨୬ ରିଖ (ଶୁକ୍ରବାର) ଦିବା ୧୧.୩୦ ଘଟିକା ସମୟରେ ପଦ୍ମପୁର ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟାଳୟରେ ଖୋଲାଯିବ । ବିକ୍ରୟ ପାଇଁ ଥିବା ଅଦରକାରୀ ଲୌହ ସାମଗ୍ରୀଗୁଡ଼ିକ ହେଲା ୧) ଲୌହ ଚେନାଲ ପାଇପ୍, ୨) ଲୌହ ଚଦର ଏବଂ ୩) ଭେଣ୍ଡିଂ ଜୋନରେ ଥିବା ଅଦରକାରୀ ଲୌହ ବାକ୍ସ ଇତ୍ୟାଦି । ଆପଣ ବିଭିନ୍ନ ଲୌହ ସାମଗ୍ରୀ କିଲୋଗ୍ରାମ ପ୍ରତି ମୂଲ୍ୟ ଅନୁସାରେ ପ୍ରଦାନ କରିବେ । କୋଟେସନ ଖୋଲା ସମୟରେ ଯଦି କୌଣସି ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହେବ, ତେବେ ଉକ୍ତ କୋଟେସନକୁ କୌଣସି କାରଣ ନ ଦର୍ଶାଇ ରଦ୍ଦ କରାଯାଇପାରେ ।

ସ୍ୱା./-କାର୍ଯ୍ୟନିର୍ବାହୀ ଅଧିକାରୀ
ବିଜ୍ଞାପିତ ଅଞ୍ଚଳ ପରିଷଦ, ପଦ୍ମପୁର

OIPR-13001/13118/1/25-26/0029

# କନ୍ଧମାଳରେ ଆଉ ୩୦ ମାଓବାଦୀ

## ରାଇକିଆ, ଦାରିଙ୍ଗବାଡ଼ି, କୋଟଗଡ଼ରେ ସକ୍ରିୟ

**ଫୁଲବାଣୀ, ୨୩।୨ (ରାକେଶ କୁମାର ରାଉତ)**

କନ୍ଧମାଳ ଜିଲାରେ ଆଉ ୩୦ ମାଓବାଦୀ ସକ୍ରିୟ ଅଛନ୍ତି। ସେମାନେ ପ୍ରତିଦିନ ସ୍ଥାନ ବଦଳାଉଛନ୍ତି। ଜିଲାର ରାଇକିଆ, ଦାରିଙ୍ଗବାଡ଼ି ଏବଂ କୋଟଗଡ଼ରେ ମାଓବାଦୀଙ୍କ ଗତିବିଧି ରହିଛି। ରବିବାର ମିଳିତ କୋମ୍ବିଂ ଅପରେଶନରେ ୨ଜଣ ମାଓବାଦୀ ନିହତ ହୋଇଛନ୍ତି। ଆସନ୍ତା ମାର୍ଚ୍ଚ ୩୧ ସୁଦ୍ଧା ଜିଲାକୁ ମାଓବାଦୀମୁକ୍ତ କରାଯିବ। ଏବେବି ମାଓବାଦୀମାନଙ୍କୁ ହିଂସା ପଥ ଛାଡ଼ି ଆତ୍ମସମର୍ପଣ କରିବାକୁ ଆହ୍ୱାନ ଦେଉଛୁ ବୋଲି ସୋମବାର ଜିଲା ରିଜର୍ଭ ପୋଲିସ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ରାଜ୍ୟ ପୋଲିସ ଏଡିଜି ସଞ୍ଜୀବ ପଣ୍ଡା କହିଛନ୍ତି।

ରବିବାର ପୂର୍ବାହ୍ନ ପ୍ରାୟ ୧୧ଟାରେ ସର୍ଚ୍ଚ ଅପରେଶନ ଚାଲିଥିବା ବେଳେ ରାଇକିଆ ଥାନା ନନ୍ଦାବାଲି ସଂରକ୍ଷିତ ଜଙ୍ଗଲରେ ମାଓବାଦୀ ଓ ସୁରକ୍ଷାକର୍ମୀଙ୍କ ମଧ୍ୟରେ ଗୁଳି ବିନିମୟ ହୋଇଥିଲା। ଏଥିରେ ୨ ଜଣ ମାଓବାଦୀ ପ୍ରାଣ ହରାଇଛନ୍ତି। ସେମାନେ ହେଲେ ଛତିଶଗଡ଼ର


ଜବତ ହୋଇଥିବା ମାଓବାଦୀ ସାମଗ୍ରୀ।

ଜାଗେଶ ଓ ରତ୍ନା। ଉଭୟ କେକେବିଏନ୍ ଡିଭିଜନର ସୁକ୍ରୁଙ୍କ ନେତୃତ୍ୱରେ କାମ କରୁଥିଲେ। ଅନେକ ହିଂସାକାଣ୍ଡରେ ସାମିଲ ଥିଲେ। ଘଟଣାସ୍ଥଳରୁ ଗୋଟିଏ ଏକେ-୪୭, ଏସ୍‌ଏଲଆର ରାଇଫଲ, ବିପୁଳ ପରିମାଣର ଗୁଳିଗୋଳା, ଡେଟୋନେଟର, ୱାକିଟକି, ସୋଲାର ପ୍ୟାନେଲ ଏବଂ ଅନ୍ୟାନ୍ୟ ସାମଗ୍ରୀ ଜବତ କରାଯାଇଛି।

ଗୋଇନ୍ଦା ସୂତ୍ରରୁ ଖବର ମିଳିବା ପରେ ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ଗତ ୨୦ ତାରିଖରୁ ମିଳିତ ଅଭିଯାନ ଆରମ୍ଭ ହୋଇଥିଲା। ଏଥିରେ ଏସ୍‌ଓଜିର ୧୧ଟି ଟିମ୍ ଏବଂ ସିଆରପିଏଫର ୨ଟି ଟିମ୍ ସାମିଲ ହୋଇଥିଲେ। ୨୨ ତାରିଖ ପୂର୍ବାହ୍ନ ୧୧ଟା ବେଳେ ସୁରକ୍ଷାକର୍ମୀ ଏବଂ ମାଓବାଦୀ ମୁହାଁମୁହିଁ ହୋଇଥିଲେ ବୋଲି ଏଡିଜି ପଣ୍ଡା କହିଛନ୍ତି। ଖବରଦାତା ସମ୍ମିଳନୀରେ ଦକ୍ଷିଣାଞ୍ଚଳ ଆଇଜି ନୀତିଶେଖର, ଏସ୍‌ଆଇଡବ୍ଲ୍ୟୁ ଡିଆଇଜି ଅଖିଳେଶ୍ୱର ସିଂ, ଡିଆଇଜି(ଅପରେଶନ) ଡ.ଦୀପକ କୁମାର, ଏସ୍‌ପି ହରିଶ୍ ବିସି, ସିଆରପିଏଫ୍ ଡେପୁଟି କମାଣ୍ଡାଣ୍ଟ ବିପିନ ଏବଂ ଏକେ ସରକାର, ଅତିରିକ୍ତ ଏସ୍‌ପି ରମେନ୍ଦ୍ର ପ୍ରସାଦ ପ୍ରମୁଖ ଉପସ୍ଥିତ ଥିଲେ।

# ଗୃହ ବାହାରେ କହିଲେ, ରେକର୍ଡରୁ କାଟିଦେଲେ

**ଭୁବନେଶ୍ୱର, ୨୩।୨ (ସୁନିତ୍ ମିଶ୍ର)**

ବିଧାନସଭା ବଜେଟ ଅଧିବେଶନର ଷଷ୍ଠ ଦିନ ଗୃହ କାର୍ଯ୍ୟ ବନ୍ଦ ହେବା ପରେ କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ ବାହାରକୁ ବାହାରି ସରକାରଙ୍କ ଉପରେ ବର୍ଷିଛନ୍ତି। ସେ ଅଭିଯୋଗ କରି କହିଛନ୍ତି, ସରକାରୀ ଦଳ ଜାଣିଶୁଣି ଗୃହ ଚଳାଇ ନ ଦେବାକୁ ଷଡ଼ଯନ୍ତ୍ର କରିଛି। ପ୍ରାଥମାର୍ଦ୍ଧରେ ଗୃହ କାର୍ଯ୍ୟ ଆରମ୍ଭ ହେବା ପରେ ଏପଷ୍ଟିଇନ ଫାଇଲ ଭଳି କଳଙ୍କିତ ଅଧ୍ୟାୟ ସହିତ ଦେଶର କେତେଜଣ ଗୁରୁତ୍ୱପୂର୍ଣ୍ଣ ଲୋକ ଜଡ଼ିତ ଅଛନ୍ତି। ଦେଶର ଯିଏ ପେଟ୍ରୋଲିୟମ ମନ୍ତ୍ରୀ ଅଛନ୍ତି ହରଦୀପ୍ ସିଂ ପୁରୀ ଏପଷ୍ଟିନଙ୍କ ସହିତ ଏକାଧିକ ଥର ଭେଟିବାର ଅଭିଯୋଗ ହୋଇଥିଲା। ପରବର୍ତ୍ତୀ ସମୟରେ ପୁରୀ ମଧ୍ୟ ଏହି କଥାକୁ ସ୍ୱୀକାର କଲେ। ଅନ୍ୟ ଦେଶରେ ଯେଉଁମାନେ ସେମାନଙ୍କ ସରକାରର ପ୍ରମୁଖ ବ୍ୟକ୍ତି ଅଛନ୍ତି ଏବଂ ଏପଷ୍ଟିଇନ ଫାଇଲ ସେମାନଙ୍କ ସହ ଯୋଡି ହେବା କାରଣରୁ ସେମାନେ ନିଜ ପଦରୁ ଇସ୍ତଫା ଦେଇସାରିଲେଣି। ସେହି ଲୋକମାନଙ୍କ ମଧ୍ୟରେ କେତେଜଣ ପ୍ରମୁଖ ଚେହେରା ଏବେ ଗିରଫ ମଧ୍ୟ ହେଲେଣି ବୋଲି ଶୁଣିବାକୁ ମିଳୁଛି। ହେଲେ କେନ୍ଦ୍ରମନ୍ତ୍ରୀ ପୁରୀ ଏ ପର୍ଯ୍ୟନ୍ତ


ରାମଚନ୍ଦ୍ର କାଡାମ

କାହିଁକି ମନ୍ତ୍ରୀ ପଦରୁ ଇସ୍ତଫା ଦେଇନାହାନ୍ତି। ତାଙ୍କ ବିରୋଧରେ କିଛି କାର୍ଯ୍ୟାନୁଷ୍ଠାନ ହେଉନାହିଁ। ଦେଶର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନାଁ ମଧ୍ୟ ଏପଷ୍ଟିଇନ ଫାଇଲରେ ଥିବା ଶୁଣାଯାଉଛି। ସିଏ ମଧ୍ୟ ତାଙ୍କ ପଦରୁ ଇସ୍ତଫା ଦେବା ଦରକାର। ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କ ପ୍ରତି ଦେଶର ସଂସଦୀୟ ବ୍ୟାପାର ମନ୍ତ୍ରୀ ଅପଶବ୍ଦ ବ୍ୟବହାର କରୁଛନ୍ତି। ସଂସଦୀୟ ବ୍ୟାପାର ମନ୍ତ୍ରୀଙ୍କ ଇସ୍ତଫା ଦାବି ମଧ୍ୟ ଗୃହରେ କହିଥିଲେ। ହେଲେ ଦ୍ୱିତୀୟାର୍ଦ୍ଧରେ ଅପରାହ୍ନ ବେଳକୁ ଗୃହ କାର୍ଯ୍ୟ ଆରମ୍ଭ ହେବା ମାତ୍ରେ ବାଚସ୍ପତି ରେକର୍ଡରୁ ସେହି କଥା କାଟିଦେଲେ। ଗୃହରେ ଏଥିଲାଗି ବିରୋଧ କରିବା ସତ୍ତ୍ୱେ ବାଚସ୍ପତି ସେହି ଭାଷଣକୁ ଗଣମାଧ୍ୟମରେ ପ୍ରକାଶ ନ କରିବା ସହିତ ରେକର୍ଡରୁ କାଟିଲେ ବୋଲି କାଡାମ କହିଛନ୍ତି।

**GOVERNMENT OF ODISHA**
**DEPARTMENT OF WATER RESOURCES,**
**OFFICE OF THE SUPERINTENDING ENGINEER,**
**LOWER INDRA CANAL DIVISION, KHARIAR**
No.32001/113/25-26
Dist : Nuapada, Odisha, PIN - 766107
e-Procurement Notice No. SELICD-11/2025-26, Dt. 18.02.2026 (Online)
No. 493 E-mail ID : eelicd.kha@gmail.com Date : 18.02.2026

1. Type/Nature of work : **Civil Works**, 2. Total No. of works : **01 (One) No.**, 3. Approx. value of works : **Rs.21.94 Lakh (Excluding GST)**, 4. Period of completion : **02 Months**, 5. Classification of bidders : **'C & B' Class Contractors only**.

**Other details as follows :**

| Procurement Officer | Bid Identification No. | Name of the work | Bid Amount | Availability & Submission of bids in online |
|---|---|---|---|---|
| Superintending Engineer, Lower Indra Canal Division, Khariar, Dist.-Nuapada, Odisha | SELICD-11/2025-26, Dt.18.02.2026 | 1. Remedial measures to leakage and damaged structures or treatment and durability enhancement of Drainage Gallery of Lower Indra Irrigation Project | Rs.21.94 Lakh | From 24.02.2026 At 10.00 A.M. to 05.03.2026 Upto 5.00 P.M. |

N.B. : **Date & time of opening of tender on 06.03.2026 at 11.00 A.M.**
Bidders to be participated in online bidding only. Further details can be seen from the e-procurement portal https://www.tendersodisha.gov.in. Any addendum/Corrigendum/Cancellation to the tender can be seen in above website only.

Sd./- (Er. Soumya Kishore Jaipuria)
Superintending Engineer, Lower Indra Canal Division, Khariar

OIPR-32001/32335/1/25-26/0007

**ସୁବର୍ଣ୍ଣ ସୁଯୋଗ**
**ବିଶେଷ ରିହାତି**
ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ, ଓଡ଼ିଶା ସରକାରଙ୍କ ଦ୍ୱାରା ପ୍ରାୟୋଜିତ
ବୟନଶିଳ୍ପ ନିର୍ଦ୍ଦେଶାଳୟ, ଓଡ଼ିଶା, ଭୁବନେଶ୍ୱର ଏବଂ
ସହକାରୀ ନିର୍ଦ୍ଦେଶକ ବୟନଶିଳ୍ପ, ବାଲେଶ୍ୱରଙ୍କ ଦ୍ୱାରା ଆୟୋଜିତ
No.31001/20/2526

**ଜିଲ୍ଲାସ୍ତରୀୟ ହସ୍ତତନ୍ତ ବସ୍ତ୍ର ପ୍ରଦର୍ଶନୀ ଓ ବିକ୍ରୟ**

ସ୍ଥାନ- ଆଇ.ଟି.ଆଇ. ପଡ଼ିଆ, ବାଲେଶ୍ୱର
ସୁଭଦ୍ରା ଶକ୍ତି ମେଳା, ବାଲେଶ୍ୱର-୨୦୨୬
ତା.୨୨.୦୨.୨୦୨୬ରିଖ ଠାରୁ ୨୮.୦୨.୨୦୨୬ରିଖ ପର୍ଯ୍ୟନ୍ତ

ଓଡ଼ିଶାର ସୁପ୍ରସିଦ୍ଧ କୁଶଳୀ ବୁଣାକାରଙ୍କ ଦ୍ୱାରା ପ୍ରସ୍ତୁତ ଖଣ୍ଡୁଆ ପାଟ, ବମକାଇ ପାଟ, ମାକିଡିଆ ଓ ଗୋପାଳପୁରର ଟସର ବସ୍ତ୍ର, ବାଲେଶ୍ୱର ଓ ଭଦ୍ରକର ତନ୍ତବୁଣା ଶାଢ଼ି, ଲୁଙ୍ଗି, ଗାମୁଛା ତଥା ସମ୍ବଲପୁରୀ ଶାଢ଼ି ଓ ଅନ୍ୟାନ୍ୟ ହସ୍ତତନ୍ତ ବସ୍ତ୍ରର ଅପୂର୍ବ ସମାହାର

"ଆପଣଙ୍କ ପ୍ରିୟ ବାଲେଶ୍ୱର ସହରରେ ସୀମିତ ସମୟ ପାଇଁ"
ଆଜିହିଁ ପଦାର୍ପଣ କରନ୍ତୁ ଏବଂ ସୁଲଭ ମୂଲ୍ୟରେ ବସ୍ତ୍ର କ୍ରୟ କରିବା ସହିତ
ଓଡ଼ିଶାର ବୁଣାକାରଙ୍କୁ ସହଯୋଗ ଓ ତନ୍ତ କଳାକୁ ଉତ୍ସାହିତ କରନ୍ତୁ ।

OIPR-31001/31001/1/25-26/0001
ସ୍ୱା./-ସହକାରୀ ନିର୍ଦ୍ଦେଶକ ବୟନଶିଳ୍ପ, ବାଲେଶ୍ୱର

# ବଧିର କ୍ରିକେଟ ଏସିଆ କପ୍: ଭାରତ-ଶ୍ରୀଲଙ୍କା ଫାଇନାଲ

କଟକ,୨୩।୨(କୁମାରଶ୍ରୀ)

ବାରବାଟୀ ଷ୍ଟାଡିୟମରେ ଚାଲିଥିବା ବଧିର କ୍ରିକେଟ ଏସିଆ କପ୍‌ରେ ହ୍ୟାଟ୍ରିକ ବିଜୟ ସହ ଆୟୋଜକ ଭାରତ ଫାଇନାଲରେ ପ୍ରବେଶ କରିଛି। ଏ ପର୍ଯ୍ୟନ୍ତ ବିଜୟର ସ୍ୱାଦ ଚାଖି ନ ଥିବା ନେପାଳ ଦଳ ବିପକ୍ଷରେ ମଙ୍ଗଳବାର ଅନ୍ତିମ ଲିଗ୍ ଭାରତ ଖେଳିବ। ଅନ୍ୟପଟେ ନେପାଳକୁ ଦୁଇଟି ମ୍ୟାଚ୍‌ରେ ହରାଇଥିବା ଶ୍ରୀଲଙ୍କା ଫାଇନାଲ ଖେଳିବା ନିଶ୍ଚିତ କରିଛି। ୨୫ ତାରିଖରେ ଭାରତ-ଶ୍ରୀଲଙ୍କା ମଧ୍ୟରେ ଫାଇନାଲ ମୁକାବିଲା ହେବ। ସୋମବାର ଅନୁଷ୍ଠିତ ମ୍ୟାଚ୍‌ରେ ଭାରତ ୧ରନରେ ବିଜୟୀ ହୋଇଥିଲା। ଓଡ଼ିଆ ଖେଳାଳି ସନ୍ତୋଷ କୁମାର ମହାପାତ୍ରଙ୍କ ୪୨ରନ ବଳରେ ପ୍ରଥମେ ବ୍ୟାଟିଂ କରିଥିବା ଭାରତ ୮ ଉଇକେଟ ହରାଇ ୧୬୪ରନ କରିଥିଲା। ଶ୍ରୀଲଙ୍କାର ଏସ୍ ମଦୁରଙ୍ଗା ୩୦ରନ ବିନିମୟରେ ୪ଟି ଉଇକେଟ ହାସଲ କରିଥିଲେ। ତେବେ ୧୬୫ରନର ବିଜୟ ଲକ୍ଷ୍ୟକୁ ପିଛା କରୁଥିବା ଭ୍ରମଣକାରୀ ଶ୍ରୀଲଙ୍କା ଦଳ ୮ ଉଇକେଟ ହରାଇ ୧୬୩ରନ କରିବାକୁ ସମର୍ଥ ହୋଇଥିଲା। ଆଲାନରୋଜ କଲେପ ଏବଂ ଦିନୁକା ସଚିନ ଯଥାକ୍ରମେ ୪୯ରନ ଏବଂ ୪୦ରନ୍‌ର ଦ୍ରୁତ ପାଳି ଖେଳିଥିଲେ ସୁଦ୍ଧା ଦଳକୁ ଜିତାଇ ପାରି ନ ଥିଲେ। ୧୨ରନରେ ୩ଟି ଉଇକେଟ ହାସଲ କରିଥିବା ବିଜୟୀ ଦଳର ଯଶ୍ୱନାଥ ନାଇଡୁଙ୍କୁ ପ୍ଲେୟାର ଅଫ ଦି ମ୍ୟାଚ୍ ବିବେଚିତ କରାଯାଇଥିଲା। ରାଜ୍ୟ ସୂଚନା କମିଶନର ସୁଶାନ୍ତ କୁମାର ମହାନ୍ତି, ଏଡିସିଏ ସଭାପତି ସୁମିତ ଜୈନ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ।

# ଅଲପାଇନ୍ ସ୍କିରେ ଭାଗନେଲେ ରଞ୍ଜିତା

ଗୁଲ୍‌ମାର୍ଗ, ୨୩।୨


ରଞ୍ଜିତା ବେହେରା

ଖେଲୋ ଇଣ୍ଡିଆ ୱିଣ୍ଟର ଗେମ୍ସର ୬ଷ୍ଠ ସଂସ୍କରଣ ସ୍ଥାନୀୟ ପ୍ରସିଦ୍ଧ ସ୍କି ରିସୋର୍ଟରେ ସୋମବାରଠାରୁ ଆରମ୍ଭ ହୋଇଛି। ଜମ୍ମୁ କଶ୍ମୀର ଲ୍ୟୁଟନାଣ୍ଟ ଗଭର୍ନର ମନୋଜ ସିହ୍ନାଙ୍କ ଦ୍ୱାରା ଏହା ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଓମାର ଅବ୍‌ଦୁଲ୍ଲା ଉପସ୍ଥିତ ଥିଲେ। ଏହି ୪ ଦିନିଆ ଇଭେଣ୍ଟରେ ବିଭିନ୍ନ ରାଜ୍ୟରୁ ପ୍ରାୟ ୧,୦୦୦ ଆଥ୍‌ଲେଟ ଓ ଅଫିସିଆଲ ଅଂଶଗ୍ରହଣ କରିଛନ୍ତି। ଏଥିରେ ଅଲପାଇନ୍

## ଖେଲୋ ଇଣ୍ଡିଆ ୱିଣ୍ଟର ଗେମ୍ସ ଆରମ୍ଭ

ସ୍କି, କ୍ରସ୍ କଣ୍ଟ୍ରି, ନର୍ଡିକ ଏବଂ ସ୍ନୋ ମାଉଣ୍ଟେନିୟରିଂ ଆଦି ବିଭାଗରେ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏଥିରେ ଓଡ଼ିଶାର 'ସ୍ନୋ ଗର୍ଲ' ଭାବେ ପରିଚିତ ରଞ୍ଜିତା ବେହେରା ୫ମ ଥର ପାଇଁ ଭାଗ ନେଇଛନ୍ତି। ପ୍ରଥମ ଦିବସରେ ସେ ସାଲାଲମ ଇଭେଣ୍ଟରେ ଭାଗ ନେଇଥିଲେ। ସେ ଯଦିଓ ପଦକ ଜିତିପାରି ନାହାନ୍ତି, ନିଜର ସନ୍ତୁଳନ ବଜାୟ ରଖି ସମସ୍ତ ପ୍ରତିବନ୍ଧକକୁ ଅନାୟାସରେ ଅତିକ୍ରମ କରି ଫିନିଶ ପଏଣ୍ଟରେ ପହଞ୍ଚିପାରିଛନ୍ତି। ଏକ ବରଫ ବିହୀନ ରାଜ୍ୟରୁ ପ୍ରତିନିଧିତ୍ୱ କରି ବରଫ ପ୍ରବଣ ରାଜ୍ୟର ପ୍ରତିଯୋଗୀମାନଙ୍କ ସହିତ ଟକ୍କର ଦେବା ସହଜ କଥା ନୁହେଁ। ସେ ପଦକ ପାଇ ନ ଥିଲେ ମଧ୍ୟ ତାଙ୍କ ପ୍ରଦର୍ଶନକୁ ଉପସ୍ଥିତ ଦର୍ଶକ ଉଚ୍ଚ ପ୍ରଶଂସା କରିଛନ୍ତି।


## ଦଶମ ବିବାହ ବାର୍ଷିକୀ ଶୁଭେଚ୍ଛା



ଦିନବନ୍ଧୁ ସାହୁ ଓ ଲକ୍ଷ୍ମୀପ୍ରିୟା ସାହୁ
(ଶଙ୍କରପୁର, ଡିହସାହି, କଟକ)
ପ୍ରଭୁ ଶ୍ରୀଜଗନ୍ନାଥ ତୁମମାନଙ୍କର ଚଲାପଥରେ ସର୍ବଦା ପୁଷ୍ପବୃଷ୍ଟି କରାନ୍ତୁ।
—:ଶୁଭେଚ୍ଛାସହ:—
ବାପା, ବଡ ଭାଇ, ଭାଉଜ, ଭଉଣୀ, ଭିଣୋଇ, ବନ୍ଧୁ ଓ ପରିବାରବର୍ଗ।
ଧ-୩୪୬୪

## ହସ୍ପିଟାଲ ପ୍ରୋଜେକ୍ଟ ପାଇଁ କଟକଠାରେ ଜମି/ବିଲ୍‌ଡିଂ ଆବଶ୍ୟକ

ଏକ ଖ୍ୟାତନାମା କର୍ପୋରେଟ୍ ଗ୍ରୁପ୍ କଟକରେ ପ୍ରାଇମ୍ ମେନ୍ ରୋଡ୍ ସ୍ଥାନରେ ହସ୍ପିଟାଲ ଭାବେ ବ୍ୟବହୃତ ହେବା ପାଇଁ 1,00,000 ବର୍ଗଫୁଟର ବହୁମହଲା ବିଲ୍‌ଡିଂ ଲିଜ୍ ଆକାରରେ ନେବା ପାଇଁ ଇଚ୍ଛୁକ। 1 ଏକର କିମ୍ବା ଅଧିକ ପରିମାଣର ଜମିର ସ୍ପଷ୍ଟ ମାଲିକାନାଧାରୀ ମାଲିକ, ଯେଉଁମାନେ ସମ୍ପତ୍ତି ଉପରେ ନିର୍ମାଣ କାର୍ଯ୍ୟ କରିବା ଓ ସମ୍ପତ୍ତିକୁ ଦୀର୍ଘ ମିଆଦ ପାଇଁ ଲିଜ୍ ଆକାରରେ ଦେବା ପାଇଁ ଇଚ୍ଛୁକ, ସେମାନେ ତୁରନ୍ତ ଯୋଗାଯୋଗ କରନ୍ତୁ।
6261810767, 9039020183

## ହସ୍ପିଟାଲ ପ୍ରୋଜେକ୍ଟ ପାଇଁ ରସୁଲଗଡ଼ଠାରେ ଜମି/ବିଲ୍‌ଡିଂ ଆବଶ୍ୟକ

ଏକ ଖ୍ୟାତନାମା କର୍ପୋରେଟ୍ ଗ୍ରୁପ୍ ରସୁଲଗଡ଼ଠାରେ ପ୍ରାଇମ୍ ମେନ୍ ରୋଡ୍ ସ୍ଥାନରେ ହସ୍ପିଟାଲ ଭାବେ ବ୍ୟବହୃତ ହେବା ପାଇଁ 50,000 ବର୍ଗଫୁଟର ବହୁମହଲା ବିଲ୍‌ଡିଂ ଲିଜ୍ ଆକାରରେ ନେବା ପାଇଁ ଇଚ୍ଛୁକ। 20,000 ବର୍ଗଫୁଟ କିମ୍ବା ଅଧିକ ପରିମାଣର ଜମିର ସ୍ପଷ୍ଟ ମାଲିକାନାଧାରୀ ମାଲିକ, ଯେଉଁମାନେ ସମ୍ପତ୍ତି ଉପରେ ନିର୍ମାଣ କାର୍ଯ୍ୟ କରିବା ଓ ସମ୍ପତ୍ତିକୁ ଦୀର୍ଘ ମିଆଦ ପାଇଁ ଲିଜ୍ ଆକାରରେ ଦେବା ପାଇଁ ଇଚ୍ଛୁକ, ସେମାନେ ତୁରନ୍ତ ଯୋଗାଯୋଗ କରନ୍ତୁ।
6261810767, 9039020183


## ଚୋକର୍ସ ବିଜ୍ଞାପନ ହଟାଇଲା ଷ୍ଟାର ସ୍ପୋର୍ଟ୍ସ

**ନୂଆଦିଲ୍ଲୀ,୨୩।୨:** ଚଳିତ ଟି୨୦ ବିଶ୍ୱକପ୍‌ର ସୁପର-୮ ମ୍ୟାଚ୍‌ରେ ଦକ୍ଷିଣ ଆଫ୍ରିକାଠାରୁ ଭାରତୀୟ ଦଳର ଶୋଚନୀୟ ପରାଜୟ ପରେ ଟୁର୍ନାମେଣ୍ଟର ପ୍ରସାରଣକାରୀ ଚ୍ୟାନେଲ ଷ୍ଟାର ସ୍ପୋର୍ଟ୍ସ ବାଧ୍ୟ ହୋଇ ଚୋକର୍ସ ବିଜ୍ଞାପନ ହଟାଇ ଦେଇଛି। ଗତ ସପ୍ତାହରେ ଭାରତ-ଦକ୍ଷିଣ ଆଫ୍ରିକା ଲାଗି ଏକ ପ୍ରମୋଶନାଲ ବିଜ୍ଞାପନ ଉନ୍ମୋଚିତ କରାଯାଇଥିଲା, ଯେଉଁଥିରେ ଦକ୍ଷିଣ ଆଫ୍ରିକୀୟ ଦଳକୁ ଚୋକର୍ସ କୁହାଯାଇଥିଲା। ହେଲେ ଭାରତୀୟ ଦଳର ପରାଜୟ ପରେ ସୋସିଆଲ ମିଡିଆରେ ଷ୍ଟାର ସ୍ପୋର୍ଟ୍ସକୁ ଖୁବ ସମାଲୋଚନାର ସମ୍ମୁଖୀନ ହେବାକୁ ପଡ଼ିଥିଲା।


# Classified Everyday

0674-2580101, 9692975378

## REAL ESTATE SALE



ଭୁବନେଶ୍ୱର GITA Engineering College ନିକଟ Infocity- 2 ପାଖରେ ଘରବାରି, Boundary ଥାଇ ପ୍ଲଟ୍ ବିକ୍ରିହେବ। 6372753860, 7008095537.
D-3215

Ready to sale 2BHK flats, 1200 & 1000sqft. at Tankapani Sai Mandira, near Krupajala Engineering College, opposite Hyundai Showroom, BBSR. Contact: 7978908980.
D-3441




All types of physiotherapy and massage contact 9556924059 / 7656969134.
D-3416

## LOST

ଶ୍ରୀମତୀ ମାନସୀ ଖାଡ଼ଙ୍ଗା, ପିତା- ଗୁପ୍ତ ପ୍ରସାଦ ଖାଡ଼ଙ୍ଗା, ଗ୍ରାମ- ପାଞ୍ଜିଆଗୁଡା, ଗ୍ରାପ- ବାଲିଆ, ବ୍ଲକ- ଜୟପୁର ନିବାସୀଙ୍କର ସ୍ନାତକୋତ୍ତର ଫାର୍ମାସୀ ପ୍ରମାଣପତ୍ର ହଜିଯାଇଛି। ବର୍ତ୍ତମାନ ଉକ୍ତ ପ୍ରମାଣପତ୍ର ଆବଶ୍ୟକ ରହିଥିବା ବେଳେ ସେ ଡୁପ୍ଲିକେଟ ପ୍ରମାଣପତ୍ର ନିମନ୍ତେ ବିପିୟୁଟି ଭୁବନେଶ୍ୱରଠାରେ ଆବେଦନ କରିଛନ୍ତି।
ଧ-୩୪୬୦

## AFFIDAVIT

ମୁଁ, କୃଷଣ କୁମାର ଟିକମାନି, ପିତା- ସ୍ୱର୍ଗତ ଶ୍ରୀ ଜଗଦୀଶ ପ୍ରସାଦ, ବାସିନ୍ଦା- SCR-3, VSS ନଗର, ଭୁବନେଶ୍ୱର- 751007, ମୋର ନାମକୁ କୃଷଣ ଟିକମାନି ଭାବେ ପରିବର୍ତ୍ତନ କରିଛି। ଏହି ପରେ ସମସ୍ତ କାର୍ଯ୍ୟ ଓ ଆଇନଗତ ଉଦ୍ଦେଶ୍ୟରେ ମୋତେ କୃଷଣ ଟିକମାନି ଭାବେ ଜଣାଯିବ ଏବଂ ସମସ୍ତ ରେକର୍ଡ ଓ ଦଲିଲରେ ଏହି ନାମ ରହିବ।
ଧ-୩୪୫୬

**Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:-**
classifieddharitri@gmail.com

By virtue of an affidavit sworn before Executive Magistrate, Bhadrak, I, Basantilata Misra, aged 71 years, W/o.- Muralidhar Misra, At/P.O.- Kheranga, P.S.- Chandabali, Dist.- Bhadrak, Odisha-756131 hereby declare that my husband retired from the CISF Department. In the family pension papers, my name is recorded as Basanti Lata Mishra, DOB- 05.09.1957; however, in my Aadhaar card and other documents, my correct name is Basantilata Misra, DOB- 15.07.1954. Both names refer to one and the same person, i.e., myself. The discrepancy in the recording of my name in the family pension papers occurred due to an inadvertent typographical error, and neither the CISF Department nor I am responsible for the said mismatch. Henceforth, I shall be known as Basantilata Misra & DOB- 15.07.1954 for all future purposes.
D-3459

By virtue of an affidavit sworn before Notary Public, dated 23rd February 2026 I, Biswambar Ulaka, Village: Manikajhola, PO: Pitamahal, Dist.: Rayagada, Odisha, 765002, declare that I have changed my son's name from Nikhil Ulaka to Nikilu Ulaka. Henceforth, he shall be known as Nikilu Ulaka for all purposes.
Biswambar Ulaka
D-3457

## ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


## LEGAL NOTICE

PR No.- 26, Dtd.- 18.02.2026

ମାନ୍ୟବର ଚକବନ୍ଦୀ ତଥା ବନ୍ଦୋବସ୍ତ ଆୟୁକ୍ତ, ୪ର୍ଥ ମହଲା, ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ, ଓଡ଼ିଶା, ଭୁବନେଶ୍ୱର, ଏସ୍.ଆର୍.ପି ନଂ. ୬/୨୦୨୪

ମନୋରମା ପରିଡ଼ା ଓଗେର ...........ବାଦୀମାନେ

ବନାମ

ଓଡ଼ିଶା ସରକାର ଓଗେର ..........ପ୍ରତିବାଦୀମାନେ

ନୋଟିସ ଅର୍ଡର-୫ ରୁଲ୍-୨୦ ମୁତାବକ

ପ୍ରାପ୍ତେଷୁ-

ପ୍ରତିବାଦୀ ନଂ. ୫- ସୁରେଶ ପ୍ରଧାନ, ପିତା- ଁ ଶଙ୍କର ପ୍ରଧାନ, ଠିକଣା- ସା- ଖୋର୍ଦ୍ଧା ଟାଉନ (ସ୍ୱପ୍ନେଶ୍ୱର ମନ୍ଦିର ନିକଟ), ସା/ପୋ/ଥାନା/ଜିଲ୍ଲା- ଖୋର୍ଦ୍ଧା। ପ୍ରତିବାଦୀ ନଂ.- ୮- ଗୁଣ୍ଡୁରି ପ୍ରଧାନ, ପ୍ରତିବାଦୀ ନଂ.- ୯- ରାଧା ପ୍ରଧାନ, ପ୍ରତିବାଦୀ ନଂ.-୧୦- ମେନକା ପ୍ରଧାନ, ପ୍ରତିବାଦୀ ନଂ.-୧୧- ପଞ୍ଚେଇ ପ୍ରଧାନ, ପ୍ରତିବାଦୀ ନଂ.- ୧୨- ବ୍ରାହ୍ମଣୀ ପ୍ରଧାନ, ପ୍ରତିବାଦୀ ନଂ.- ୧୩- ସାନୁଜା ପ୍ରଧାନ, କ୍ର. ନଂ. ୮ ରୁ ୧୩ ମାତା ଁ କୁନି ଜେନା ଓ ପିତା- ଁ ବଟୁ ଜେନା, ଠିକଣା- ସା - ବୋତଲମା, ପୋ/ଥାନା- ବେଗୁନିଆ, ଜିଲ୍ଲା- ଖୋର୍ଦ୍ଧା, ପିନ୍- ୭୫୨୦୩୮। ପ୍ରତିବାଦୀ ନଂ.- ୨୧- ନୀଳମଣି ସାହୁ, ପିତା- ଁ ଶଙ୍କର ସାହୁ, ଠିକଣା- ସା- ଜଜାରସିଂହ, ପୋ/ଥାନା/ଜିଲ୍ଲା- ଖୋର୍ଦ୍ଧା । ..........ପ୍ରତିବାଦୀମାନେ

ଏତଦ୍ୱାରା ଉପରୋକ୍ତ ପ୍ରତିବାଦୀମାନଙ୍କ ଅବଗତି ନିମନ୍ତେ ସମ୍ବାଦପତ୍ର ବିଜ୍ଞାପନ ଦ୍ୱାରା ଜଣାଇଦିଆଯାଉଅଛି ଯେ, ଉପରଲିଖିତ ଏସ୍.ଆର୍.ପି କେସ୍‌ର ଶୁଣାଣି ମାନ୍ୟବର ଚକବନ୍ଦୀ ତଥା ବନ୍ଦୋବସ୍ତ ଆୟୁକ୍ତ, ୪ର୍ଥ ମହଲା, ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ, ଭୁବନେଶ୍ୱରଙ୍କ ଅଦାଲତରେ ଆସନ୍ତା ତା.୨୩.୦୩.୨୦୨୬ରିଖ ଦିବା ୧୧.୩୦ ଘଟିକା ସମୟରେ ଶୁଣାଣି କରାଯିବା ନିମନ୍ତେ ସ୍ଥିର କରାଯାଇଛି ।

ଜମିଜମାର ବିବରଣୀ

ମୌଜା- ଜଜାରସିଂହ, ତହସିଲ- ଖୋର୍ଦ୍ଧା, ଜିଲ୍ଲା- ଖୋର୍ଦ୍ଧା, ହାଲ୍ ଖାତା ନଂ. ୧୧୯୭, ଏଲ୍.ଆର୍ ଖାତା ନଂ. ୧୧୪୬, ପ୍ଲଟ୍ ନଂ. ୫୯୩, ଏରିଆ ଏ୦.୪୯୦ଡ଼ି., ଏହାର ସାବକ ଖାତା ନଂ. ୮୬୭, ସାବକ ପ୍ଲଟ୍ ନଂ. ୬୭୯ ଓ ୬୮୦, କ୍ରୟ ଏରିଆ ଏ୦.୫୧୪ ଡେସିମିଲ ସ୍ୱଧରୁ ଏ୦.୪୯୦ ଡେସିମିଲ।

ଏଣୁ ଉପରୋକ୍ତ ମାମଲାର ପ୍ରତିବାଦୀମାନେ କିମ୍ୱା ମୃତ ହୋଇଥିଲେ ସେମାନଙ୍କ ୱାରସମାନେ ନିଜେ ବା ସେମାନଙ୍କର କ୍ଷମତାପ୍ରାପ୍ତ ଓକିଲଙ୍କ ଜରିଆରେ ଏହି ନିର୍ଦ୍ଧାରିତ ତାରିଖ ଏବଂ ସମୟରେ ଉପରୋକ୍ତ ଅଦାଲତରେ ଉପସ୍ଥିତ ରହି ମୋକଦ୍ଦମାର ତଦବିଲ କରିବେ, ଅନ୍ୟଥା ଆଇନ ଅନୁଯାୟୀ ଉକ୍ତ ମୋକଦ୍ଦମାକୁ ଆପଣଙ୍କ ଅନୁପସ୍ଥିତିରେ ଏକତରଫା ଫଇସଲା କରାଯିବ।

ତା. ୧୮।୦୨।୨୦୨୬ — ମାନ୍ୟବର ଚକବନ୍ଦୀ ତଥା ବନ୍ଦୋବସ୍ତ ଆୟୁକ୍ତ
ସ୍ଥାନ- ଭୁବନେଶ୍ୱର — ସ୍ୱା./- କୋର୍ଟ ଅଫିସର
ଧ-୩୪୬୧

PR No.- 25, Dtd.- 18.02.2026

ମାନ୍ୟବର ଚକବନ୍ଦୀ ତଥା ବନ୍ଦୋବସ୍ତ ଆୟୁକ୍ତ, ୪ର୍ଥ ମହଲା, ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ, ଓଡ଼ିଶା, ଭୁବନେଶ୍ୱର, ଏସ୍.ଆର୍.ପି ନଂ. ୭୧/୨୦୨୩

ଦିଲ୍ଲୀପ କୁମାର ମହାପାତ୍ର ଓଗେର ...........ବାଦୀମାନେ

ବନାମ

ଓଡ଼ିଶା ସରକାର ଓଗେର ..........ପ୍ରତିବାଦୀମାନେ

ନୋଟିସ ଅର୍ଡର-୫ ରୁଲ୍-୨୦ ମୁତାବକ

ପ୍ରାପ୍ତେଷୁ-

ପ୍ରତିବାଦୀ ନଂ.- ୩(କ)- ନିରଞ୍ଜନ ପାଟସାଣୀ, ୩(ଖ)- ଗୋଲାପ ସ୍ୱାଇଁ, ୩(ଗ)- ଶାନ୍ତି ସୁନ୍ଦରାୟ, ଏମାନଙ୍କ ପିତା- ଁ ରଘୁନାଥ ପାଟସାଣୀ, ୪(କ)- ପ୍ରଦୀପ ପାଟସାଣୀ, ୪(ଖ)- ଦିଲ୍ଲୀପ ପାଟସାଣୀ, ୪(ଗ)- ମମତା ମହାପାତ୍ର, ଏମାନଙ୍କ ପିତା- ଁ ଦୋଳଗୋବିନ୍ଦ ପାଟସାଣୀ, ସମସ୍ତଙ୍କ ଠିକଣା: ସା/ପୋ- ଦିଘିରି, ଥାନା- ବୋଲଗଡ଼, ଜିଲ୍ଲା- ଖୋର୍ଦ୍ଧା। ୫(କ)- ବିଶ୍ୱନାଥ ସ୍ୱାଇଁ, ପିତା- ଧାନ ପାଟସାଣୀ, ସା/ପୋ- ବିଜିପୁର, ଥାନା- ଇଟାମାଟି, ଜିଲ୍ଲା- ନୟାଗଡ଼ । ୭(ଖ)- ଉର୍ମିଳା ପରିଡ଼ା, ପିତା- ଁ ଡଲି ପାଟସାଣୀ, ସା/ପୋ- ଦିଘିରି, ଥାନା- ବୋଲଗଡ଼, ଜିଲ୍ଲା-ଖୋର୍ଦ୍ଧା । ..........ପ୍ରତିବାଦୀମାନେ

ଏତଦ୍ୱାରା ଉପରୋକ୍ତ ପ୍ରତିବାଦୀମାନଙ୍କ ଅବଗତି ନିମନ୍ତେ ସମ୍ବାଦପତ୍ର ବିଜ୍ଞାପନ ଦ୍ୱାରା ଜଣାଇଦିଆଯାଉଅଛି ଯେ, ଉପରଲିଖିତ ଏସ୍.ଆର୍.ପି କେସ୍‌ର ଶୁଣାଣି ମାନ୍ୟବର ଚକବନ୍ଦୀ ତଥା ବନ୍ଦୋବସ୍ତ ଆୟୁକ୍ତ, ୪ର୍ଥ ମହଲା, ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ, ଭୁବନେଶ୍ୱରଙ୍କ ଅଦାଲତରେ ଆସନ୍ତା ତା.୨୩.୦୩.୨୦୨୬ରିଖ ଦିବା ୧୧.୩୦ ଘଟିକା ସମୟରେ ଶୁଣାଣି କରାଯିବା ନିମନ୍ତେ ସ୍ଥିର କରାଯାଇଛି ।

ଜମିଜମାର ବିବରଣୀ

ମୌଜା- ବନ୍ଧସାହି, ତହସିଲ- ବୋଲଗଡ଼, ଜିଲ୍ଲା- ଖୋର୍ଦ୍ଧା, ହାଲ୍ ଖାତା ନଂ. ୧୧୭, ପ୍ଲଟ୍ ନଂ. ୩୮, ଏରିଆ ଏ୦.୨୬୫ ଡି. ସ୍ୱଧରୁ ଏ୦.୨୩୭ଡି., ଏହାର ସାବକ ଖାତା ନଂ. ୬୪, ପ୍ଲଟ୍ ନଂ. ୨୯, କ୍ରୟ ଏରିଆ ଏ୦.୭୫୦ ଡେସିମିଲ ସ୍ୱଧରୁ ଏ୦.୨୩୭ ଡେସିମିଲ।

ଏଣୁ ଉପରୋକ୍ତ ମାମଲାର ପ୍ରତିବାଦୀମାନେ କିମ୍ୱା ମୃତ ହୋଇଥିଲେ ସେମାନଙ୍କ ୱାରସମାନେ ନିଜେ ବା ସେମାନଙ୍କର କ୍ଷମତାପ୍ରାପ୍ତ ଓକିଲଙ୍କ ଜରିଆରେ ଏହି ନିର୍ଦ୍ଧାରିତ ତାରିଖ ଏବଂ ସମୟରେ ଉପରୋକ୍ତ ଅଦାଲତରେ ଉପସ୍ଥିତ ରହି ମୋକଦ୍ଦମାର ତଦବିଲ କରିବେ, ଅନ୍ୟଥା ଆଇନ ଅନୁଯାୟୀ ଉକ୍ତ ମୋକଦ୍ଦମାକୁ ଆପଣଙ୍କ ଅନୁପସ୍ଥିତିରେ ଏକତରଫା ଫଇସଲା କରାଯିବ।

ତା. ୧୮।୦୨।୨୦୨୬ — ମାନ୍ୟବର ଚକବନ୍ଦୀ ତଥା ବନ୍ଦୋବସ୍ତ ଆୟୁକ୍ତ
ସ୍ଥାନ- ଭୁବନେଶ୍ୱର — ସ୍ୱା./- କୋର୍ଟ ଅଫିସର
ଧ-୩୪୬୨

I No.- 128, Dtd.- 21.02.2026

ମାନ୍ୟବର ଅତିରିକ୍ତ ଆୟୁକ୍ତ ଡ. ଆଶୁତୋଷ ସାମଲ (ଓ.ଏ.ଏସ୍., ଏସ୍.ଏ.ଜି), ଆଡିସନାଲ ରିଭିଜନ କୋର୍ଟ ନଂ. ୨ଙ୍କ ଅଦାଲତ ୪ର୍ଥ ମହଲା, ହେଡ୍ସ ଅଫ୍ ଡିପାର୍ଟମେଣ୍ଟ ବିଲ୍ଡିଙ୍ଗ୍, ଭୁବନେଶ୍ୱର-୨, ଓଡ଼ିଶା ସର୍ଭେ ଓ ସେଟଲମେଣ୍ଟ ୧୯୫୮ ଆଇନର ଧାରା ୧୫(ଖ) ଅନୁଯାୟୀ, O.S.S. Case No. 1187/2022

ବିଜୟ କୁମାର ଜେନା ଓ ଓଗେର ...........ବାଦୀ

ବନାମ

ତହସିଲଦାର ଭୁବନେଶ୍ୱର ଓ ଓଗେର .........ପ୍ରତିବାଦୀ

ପ୍ରତିବାଦୀ ନଂ. ୨- ନିଧି ନାୟକ, ପିତା- ଁ ଦାମ ନାୟକ, ସା- ଶିମିଳିପାଟଣା, ପୋ/ଥାନା- ଚନ୍ଦକା, ଜିଲ୍ଲା- ଖୋର୍ଦ୍ଧା।

ନୋଟିସ ସି.ପି.ସି. ଅର୍ଡର ୫ ରୁଲ୍ ୨୦ ମତେ ମୁତାବକ

ଉପରୋକ୍ତ ଓ.ଏସ୍.ଏସ୍. କେସ୍ ବାଦୀ ବିଜୟ କୁମାର ଜେନା ଓ ଅନ୍ୟମାନେ ଓଡ଼ିଶା ସର୍ଭେ ଓ ସେଟେଲମେଣ୍ଟ ଆଇନର ଧାରା ୧୫(ଖ) ଅନୁଯାୟୀ ମାନ୍ୟବର ଅତିରିକ୍ତ କମିଶନର ରିଭିଜନ କୋର୍ଟଙ୍କ ଇଜିଲାସରେ ଦାଖଲ କରିଅଛନ୍ତି, ଯେହେତୁ ଉପରୋକ୍ତ ମାମଲାର ପ୍ରତିବାଦୀ ୨ମୃତ ବୋଲି ପୋଷ୍ଟାଲ ଏଣ୍ଡୋର୍ସମେଣ୍ଟରେ ଦର୍ଶାଯାଇ ଶ୍ରୀ ହଜୁରଙ୍କ ଅଦାଲତରୁ ଯାଇଥିବା ନୋଟିସ ଅଦାଲତକୁ ଫେରସ୍ତ ଆସିଅଛି।

ଏଣୁ ତାଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ ଉପରୋକ୍ତ ମାମଲାର ଶୁଣାଣି ମାନ୍ୟବର ଅତିରିକ୍ତ କମିଶନର, କୋର୍ଟ ନଂ. ୨ ଇଜିଲାସ କାର୍ଯ୍ୟାଳୟଠାରେ ଆସନ୍ତା ତା.୨୫।୦୩।୨୦୨୬ରିଖ ଦିବା ଘ.୧୧.୩୦ ମିନିଟ୍ ସମୟରେ ଶୁଣାଣି କରାଯିବା ନିମନ୍ତେ ସ୍ଥିର କରାଯାଇଅଛି। ବାଦୀଙ୍କ ଦ୍ୱାରା ଦାଖଲ ହୋଇଥିବା ତଫସିଲ ଜମିର ବିବରଣୀ ନିମ୍ନରେ ପ୍ରଦାନ କରାଗଲା ।

ତଫସିଲ ସମ୍ପତ୍ତିର ବିବରଣୀ

ଥାନା- ଚନ୍ଦକା, ତହସିଲ- ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା, ଥାନା ନଂ. ୨୯, ମୌଜା- ଅଁଳାପାଟଣା, ସାବକ ଖାତା ନଂ. ୧୯, ପ୍ଲଟ୍ ନଂ. ୯୬/୧୫୮, ଏରିଆ- ୦.୦୪୪ଡି., ହାଲ୍ ଖାତା ନଂ.- ୮୦, ପ୍ଲଟ୍ ନଂ. ୧୦୫., ଏରିଆ- ଏ୦.୦୪୪ଡି., କିସମ- ପୁରାତନ ପତିତ।

ଏଣୁ ଉପରୋକ୍ତ ମାମଲାର ପ୍ରତିବାଦୀ ନଂ. ୨ଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ ତାଙ୍କର କ୍ଷମତାପ୍ରାପ୍ତ ଓକିଲଙ୍କ ଜରିଆରେ ଉପର ନିର୍ଦ୍ଧାରିତ ତାରିଖରେ ଉକ୍ତ ଇଜିଲାସରେ ଉପସ୍ଥିତ ହୋଇ ଉପରୋକ୍ତ ମାମଲାରେ ପକ୍ଷଭୁକ୍ତ ହେବା ନିମନ୍ତେ ଆପତ୍ତି କରିପାରିବେ ଓ ଉପରୋକ୍ତ ମାମଲାରେ ଅଂଶଗ୍ରହଣ କରିପାରିବେ । ଅନ୍ୟଥା ନିୟମ ଅନୁଯାୟୀ ଉକ୍ତ ମୋକଦ୍ଦମାର ଫଇସଲା କରାଯିବ।

ଅତିରିକ୍ତ କମିଶନର, ରିଭିଜନ କୋର୍ଟ ନଂ. ୨ଙ୍କ ଆଦେଶକ୍ରମେ
ତା. ୨୧।୦୨।୨୦୨୬
ସ୍ୱା./- କୋର୍ଟ ଅଫିସର
ସ୍ଥାନ- ଭୁବନେଶ୍ୱର
କୋର୍ଟ ନଂ. ୨, ଭୁବନେଶ୍ୱର
ଧ-୩୪୬୩


## ମନେ ପଡ଼ନ୍ତି

### ତ୍ରୟୋଦଶ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ଁ ବିନୋଦିନୀ ଶତପଥୀ
ବରିଷ୍ଠ ଶିକ୍ଷୟିତ୍ରୀ କେ.ପି. ହାଇ ସ୍କୁଲ
(ଗୋବିନ୍ଦପୁର, ଢେଙ୍କାନାଳ)
ତିରୋଧାନ: ୨୦।୦୩।୨୦୧୩
ସାତ ଜନମକୁ ସାତସପନ, ତୁମକୁ କରୁଛି ଅଭିନନ୍ଦନ
ଯଦି ତୁମେ କେବେ ଫେରିବ ମୋ ପାଖେ
ତୁମକୁ କରିବି ମୁଁ ଆଲିଙ୍ଗନ।
ତେରବର୍ଷ ପୁରି ଚଉଦ ଚାଲିଲା, ଚାଲିଗଲ ବହୁଦୂର
ତଥାପି କାହିଁକି ଶୁଖୁନି ଆଖିରୁ ଅମାନିଆ ଲୁହଧାର।
(ଇତି) ତୁମର ହତଭାଗ୍ୟ ସ୍ୱାମୀ:-
ସୁଭାଷ ଚନ୍ଦ୍ର ଶତପଥୀ
ଫୋନ୍- ୯୪୩୭୧୪୭୩୫୦
ଧ-୩୪୬୫

### ଚତୁର୍ଥ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ଁ ଅନାଦି ଚରଣ ମଲିକ
ଗୁଆଗଡ଼ିଆ, ବାସୁଦେବପୁର, ଭଦ୍ରକ
ଆବିର୍ଭାବ : ୨୭।୧୧।୧୯୩୪
ତିରୋଧାନ : ୨୪।୦୨।୨୦୨୨
ଆପଣଙ୍କ ଅନୁପସ୍ଥିତି ଆମ୍ଭମାନଙ୍କ ପାଇଁ ଏକ ଶୂନ୍ୟସ୍ଥାନ ସୃଷ୍ଟି କରିଛି। ଆମ ପରିବାରକୁ ଶୁଭଦୃଷ୍ଟି, ଆଶୀର୍ବାଦ ଦେଇଥାନ୍ତୁ । ଆପଣଙ୍କ ଅମର ଆତ୍ମାର ସଦ୍‌ଗତି କାମନା ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଶ୍ରୀଚରଣାରବିନ୍ଦରେ ପ୍ରାର୍ଥନା ଜଣାଉଛୁ ।
ଶୋକସନ୍ତପ୍ତ:- ପୁତ୍ର: ଅକ୍ଷୟ, ଗଙ୍ଗାଧର, ରମାକାନ୍ତ, ବରୁଣ, ପୁତ୍ରବଧୂ: ଶାନ୍ତି, କୌଶଲ୍ୟା, କୁନି, ସେବତୀ, ଜ୍ୱାଇଁ: ନାରାୟଣ, ଉମାକାନ୍ତ, ଝିଅ: ଝୁମ, ଗୁମ, ନାତି, ନାତୁଣୀ, ବନ୍ଧୁ ଏବଂ ଆତ୍ମୀୟସ୍ୱଜନ।
ଧ-୩୪୬୪

ଧରିତ୍ରୀ DHARITRI
Scan & Pay
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ ।
BHIM | UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ ।


## କଳାହାଣ୍ଡି କପ୍

# ଶ୍ରୀରାଜଙ୍କୁ ୮ ଉଇକେଟ ସଫଳତା

**କଟକ,୨୩।୨(କୁମାରଶ୍ରୀ):** କଳାହାଣ୍ଡି କପ୍ ପ୍ରଥମ ପର୍ଯ୍ୟାୟ ଲିଗ୍‌ରେ ସୋମବାର ଅନୁଷ୍ଠିତ ଦୁଇଟି ମ୍ୟାଚ୍‌ରେ ବଲାଙ୍ଗୀର ଏବଂ ଭୁବନେଶ୍ୱର-ଏ ବିଜୟୀ ହୋଇଛନ୍ତି। ଏମ୍‌ଜିଏମ୍ ଗ୍ରାଉଣ୍ଡରେ ଖେଳାଯାଇଥିବା ମ୍ୟାଚ୍‌ରେ ଭୁବନେଶ୍ୱର-ଏ'କୁ ବୃହତ୍ ବିଜୟ ମିଳିଛି। ସାରାଂଶ କୁମାରଙ୍କ ୬୨ରନ, କାର୍ତ୍ତିକ ବିଶ୍ୱାଳଙ୍କ ୬୧ରନ ଏବଂ ସୌରଭ କୁମାର ଗୌଡଙ୍କ ୫୩ରନ ସହାୟତାରେ ଭୁବନେଶ୍ୱର-ଏ ୮ ଉଇକେଟ ହରାଇ ୨୭୨ରନ କରିଥିଲା। ଜବାବରେ ବୌଦ୍ଧ ମାତ୍ର ୪୭ରନରେ ଅଲଆଉଟ ହୋଇଥିଲା। ଶ୍ରୀରାଜ ପଟ୍ଟନାୟକ ୧୮ରନ ବ୍ୟୟ କରି ୮ ଉଇକେଟ ଦଖଲ କରିଥିଲେ। ଚଳିତ କଳାହାଣ୍ଡି କପ୍‌ରେ ଏହା ବ୍ୟକ୍ତିଗତ ଶ୍ରେଷ୍ଠ ପ୍ରଦର୍ଶନ। ବାମହାତୀ ମିଡିୟମ ପେସ୍ ବୋଲର ଶ୍ରୀରାଜ ପ୍ଲେୟର ଅଫ ଦି ମ୍ୟାଚ୍ ସାବ୍ୟସ୍ତ ହୋଇଥିଲେ। ସେହିପରି ନିମପୁର କ୍ରିକେଟ ଗ୍ରାଉଣ୍ଡରେ ବଲାଙ୍ଗୀର ଏବଂ ସମ୍ବଲପୁର-ଏ ମଧ୍ୟରେ ମ୍ୟାଚ୍ ଖେଳାଯାଇଥିଲା। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ସମ୍ବଲପୁର-ଏ ମାତ୍ର ୬୨ରନରେ ଅଲଆଉଟ ହୋଇଥିଲା। ଦେବାଶିଷ ବାଘ ସର୍ବାଧିକ ୨୨ରନ କରିଥିବା ବେଳେ ବଲାଙ୍ଗୀରର ଅଂଶୁମାନ ମିଶ୍ର ୨୨ରନ ବ୍ୟୟ କରି ପାଞ୍ଚ ଉଇକେଟ ସଫଳତା ପାଇଥିଲେ। କୌଣସି ଉଇକେଟ ନ ହରାଇ ୭ ଓଭରରେ ବଲାଙ୍ଗୀର ବିଜୟ ହାସଲ କରିଥିଲା। ଅଂଶୁମାନ ପ୍ଲେୟାର ଅଫ ଦି ମ୍ୟାଚ୍ ବିବେଚିତ ହୋଇଥିଲେ।

# ମେକ୍ସିକାନ ଡ୍ରଗ ଲର୍ଡ୍ ନିହତ ; ୪ ଫୁଟ୍‌ବଲ ମ୍ୟାଚ୍ ବାତିଲ

**ମେକ୍ସିକାନ ସିଟି, ୨୩।୨(ଏପି):** ମେକ୍ସିକାନ ସେନା ସହରର ସବୁଠୁ ଶକ୍ତିଶାଳୀ ଡ୍ରଗ କାର୍ଟେଲ ମୁଖ୍ୟଙ୍କୁ ନିପାତ କରିବା ପରେ ଦେଶରେ ଦେଖାଦେଇଥିବା ହିଂସା କାରଣରୁ ୪ଟି ଶୀର୍ଷ ସ୍ତରୀୟ ଫୁଟବଲ ମ୍ୟାଚ୍ ବାତିଲ ହୋଇଯାଇଛି। ଚଳିତବର୍ଷ ବିଶ୍ୱକପ୍ ଆୟୋଜନ କରିବାକୁ ଯାଉଥିବା ଗୁଆଡାଲାଜାରା ନିକଟବର୍ତ୍ତୀ ସହରରେ ଏହି ଘଟଣା ଘଟିଛି। ପୁରୁଷ ଫୁଟବଲ ଟୁର୍ନାମେଣ୍ଟରେ କ୍ୱେରେଟାରୋ-ଜୁଆରେଜ ଏଫ୍‌ସି ଓ ମହିଳା ଲିଗ୍‌ରେ ଚିଭାସ-ଆମେରିକା ମ୍ୟାଚ୍ ସହିତ ଦୁଇଟି ଦ୍ୱିତୀୟ ଡିଭିଜନ ମ୍ୟାଚ୍ ବାତିଲ କରାଯାଇଛି। ମେକ୍ସିକୋ ଜାତୀୟ ଦଳକୁ ବୁଧବାର କ୍ୱେରେଟାରୋସ୍ଥିତ କରେଗିଡୋରା ଷ୍ଟାଡିୟମରେ ଆଇସ୍‌ଲାଣ୍ଡ ବିପକ୍ଷରେ ଏକ ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ୍ ଖେଳିବାର ଅଛି। ହେଲେ ଏସଂକ୍ରାନ୍ତରେ ମେକ୍ସିକାନ ସକର ଫେଡେରେଶନ ପକ୍ଷରୁ କୌଣସି ଘୋଷଣା କରାଯାଇ ନାହିଁ।

ଜାଲିସ୍କୋ ନୁଏଭା ଜେନେରାସିଅନ କାର୍ଟେଲ ଚଳାଉଥିବା 'ଏଲ ମେଞ୍ଚୋ' ଭାବେ ପରିଚିତ ନେମେସିଓ ରୁବେନ ଓସେଗୁଏରା ସରଭାଣ୍ଟେସ ଗୁଆଡାଲାଜାରା ନିକଟସ୍ଥ ତାପାଲପାରେ ସେନା ଗୁଳିରେ ଆହତ ହୋଇଥିଲେ। ତାଙ୍କୁ ଗୁରୁତର ଅବସ୍ଥାରେ ମେକ୍ସିକୋ ସିଟି ନିଆଯାଇଥିବା ବେଳେ ତାଙ୍କର ମୃତ୍ୟୁ ଘଟିଥିଲା। ତାଙ୍କ ମୃତ୍ୟୁ ପରେ କାର୍ଟେଲ ସଦସ୍ୟ ପ୍ରାୟ ୧୨ଟି ମେକ୍ସିକାଲ ରାଜ୍ୟରେ ହିଂସା ଘଟାଇବା ସହ ରାସ୍ତା ବନ୍ଦ କରି ଦେଇଥିଲେ। ଉଲ୍ଲେଖଯୋଗ୍ୟ ଯେ, ଜାଲିସ୍କୋ ରାଜଧାନୀ ଗୁଆଡାଲାଜାରାରେ ଆସନ୍ତା ଜୁନରେ ଫିଫା ବିଶ୍ୱକପ୍‌ର ୪ ମ୍ୟାଚ୍ ଖେଳାଯିବ।

# ଅସମୟର ସାଥୀ

**ଗୃହିଣୀ ହୁଅନ୍ତୁ ଅବା କର୍ମଜୀବୀ ଅନେକ ମହିଳା ଘରର ବିଭିନ୍ନ ଖର୍ଚ୍ଚ ବାଦ୍ କିଛି ଟଙ୍କା ଲୁଚାଇ ରଖିଥାଆନ୍ତି। ସ୍ୱାମୀ ତଥା ପରିବାର ସଦସ୍ୟଙ୍କ ଅଗୋଚରରେ ସଞ୍ଚିତ ରଖିଥିବା ଏହି ଏମର୍ଜେନ୍ସି ଫଣ୍ଡ ବି କେବେ କେବେ ସାଜିଥାଏ ଜରୁରିକାଳୀନ ପରିସ୍ଥିତିରେ ପରିବାରର ବଳ...**




ପ୍ରତ୍ୟେକ ମଣିଷର ଟଙ୍କା ଏମିତି ଏକ ସାଥୀ ଯାହା ସୁଖରେ ହେଉ ଅବା ଦୁଃଖ ସବୁବେଳେ କାମରେ ଆସିଥାଏ। ତେଣୁ ପାଖରେ ଟଙ୍କା ଥିଲେ ଏହାକୁ ମନଇଚ୍ଛା ଖର୍ଚ୍ଚକରିବା ବଦଳରେ ସେଥିରୁ କିଛି ସଞ୍ଚୟକରି ରଖିବା ବୁଦ୍ଧିମତ୍ତାର କାମ। ଯଦି ଆପଣ ଏପର୍ଯ୍ୟନ୍ତ ଏଭଳି ଏମର୍ଜେନ୍ସି ଫଣ୍ଡ ରଖିବା ଆରମ୍ଭ କରିନାହାନ୍ତି, ତେବେ ବିଳମ୍ବ ନ କରି ଆଜି ହିଁ ଆରମ୍ଭ କରନ୍ତୁ। କାରଣ ଏହି ସଞ୍ଚିତ ଅର୍ଥ ଅସୁବିଧା ସମୟରେ ବା କୌଣସି ଜରୁରିକାଳୀନ ପରିସ୍ଥିତିରେ ଆପଣଙ୍କ ବେଶ୍ କାମରେ ଆସିବ।

**ଜାଣିରଖନ୍ତୁ...**

ଏମର୍ଜେନ୍ସି ଫଣ୍ଡ ସାଧାରଣ ସଞ୍ଚୟଠାରୁ ଅଲଗା, ଅର୍ଥାତ୍ ଏହାକୁ ଆପଣ ଯେକୌଣସି କାର୍ଯ୍ୟ ପାଇଁ ଖର୍ଚ୍ଚ କରିପାରିବେ ନାହିଁ ବୋଲି ପ୍ରଥମେ ନିଜକୁ ମାନସିକ ସ୍ତରରେ ସ୍ଥିର କରିବା ଆବଶ୍ୟକ। କାରଣ ଅନେକ ମହିଳା ଏମିତିବି ଅଛନ୍ତି ଯେଉଁମାନେ ଟଙ୍କା ସଞ୍ଚୟ ତ କରନ୍ତି ହେଲେ କିଛି ନୂଆ ଜିନିଷ ଦେଖିଲେ ଲୋଭ ସମ୍ଭାଳି ନ ପାରି ଏହାକୁ ଖର୍ଚ୍ଚ କରିଦିଅନ୍ତି ଏବଂ ଆବଶ୍ୟକ ସମୟରେ ଅସୁବିଧାର ସମ୍ମୁଖୀନ ହୁଅନ୍ତି। ତେଣୁ ଏମର୍ଜେନ୍ସି ଫଣ୍ଡ କେଉଁଠି ଖର୍ଚ୍ଚ କରିବା ଠିକ୍ ନୁହେଁ ତାହା ପ୍ରଥମେ ଜାଣିବା ଆବଶ୍ୟକ।

– ଏହି ଟଙ୍କାକୁ ନିହାତି ଆବଶ୍ୟକ ସମୟରେ ବ୍ୟବହାର କରାଯାଏ। ତେଣୁ ପାଖରେ ଟଙ୍କା ଅଛି ବୋଲି ଅବା ପୁଣି ସଞ୍ଚୟକରି ରଖିଦେଲେ ହେବ ଭାବି ଏହାକୁ କୌଣସି ସାମଗ୍ରୀ କିଣିବା ହେଉ କିମ୍ବା କେଉଁଆଡ଼େ ବୁଲିଯିବା ପାଇଁ ସାରିଦେବା ଠିକ୍ ନୁହେଁ।

– ସେହିପରି ପୂର୍ବରୁ ନିର୍ଦ୍ଧାରିତ କୌଣସି ଖର୍ଚ୍ଚ ପାଇଁ ମଧ୍ୟ ଏହାକୁ ବ୍ୟବହାର କରନ୍ତୁ ନାହିଁ। ଇଲେକ୍ଟ୍ରିକ୍ ବିଲ୍, ଇଣ୍ଟରନେଟ୍, ପାଣି, ଘରଭଡ଼ା, ଖାଇବା ଆଦି ଭଳି ରେଗୁଲାର ଘରଖର୍ଚ୍ଚ ପାଇଁ ମଧ୍ୟ ଏହାକୁ ବ୍ୟବହାର କରନ୍ତୁ ନାହିଁ।

– ଅଧିକ ଟଙ୍କା ପାଇବା ଲୋଭରେ ଅନେକ ମହିଳା ଏମର୍ଜେନ୍ସି ଫଣ୍ଡକୁ ଅନ୍ୟକୁ ସୁଧ ଆକାରରେ ଦେବା କିମ୍ବା ଶେୟାର ମାର୍କେଟ୍‌ରେ ନିବେଶ କରିବାକୁ ପଛାନ୍ତିନାହିଁ। ହେଲେ ଏପରି କରିବା ଦ୍ୱାରା ଆବଶ୍ୟକ ବେଳେ ହଠାତ୍ ଏହାକୁ ଆଣି ଖର୍ଚ୍ଚ କରିବାରେ ଅସୁବିଧା ହୋଇପଡ଼େ। ତେଣୁ ଏହି ଟଙ୍କାକୁ ନିଜ ପାଖରେ କିମ୍ବା ବ୍ୟାଙ୍କରେ ଏପରି ରଖନ୍ତୁ ଯେପରି ଆବଶ୍ୟକ ବେଳେ ସଙ୍ଗେ ସଙ୍ଗେ ଉଠାଇପାରିବେ।







**କିପରି ରଖିବେ ଟଙ୍କା:**

➔ଥରେ ଏମର୍ଜେନ୍ସି ଫଣ୍ଡ ରଖିବା ଆରମ୍ଭକଲେ ସେଥିରେ କେତେ ଟଙ୍କା ପ୍ରତି ମାସରେ ଅବା ସାପ୍ତାହିକ ରଖିବେ, ସେ ନେଇ ଭଲ ଭାବେ ପ୍ଲାନିଂ କରନ୍ତୁ। ହଠାତ୍ ଅଧିକ ଟଙ୍କା ରଖିଦେବି ଭାବିବା ପରିବର୍ତ୍ତେ ଅଳ୍ପ ଅଳ୍ପ ହେଲେ ବି ପ୍ରତିମାସରେ ରଖିବାକୁ ଚେଷ୍ଟା କରନ୍ତୁ।

➔କର୍ମଜୀବୀ ହୋଇଥିଲେ ନିଜର ଆୟ ଏବଂ ସମସ୍ତ ବ୍ୟୟର ଏକ ଲିଷ୍ଟ ପ୍ରସ୍ତୁତ କରନ୍ତୁ। ପୂର୍ବରୁ କୌଣସି ସେଭିଂସ୍ ଥିଲେ ଏହା ବାଦ୍ କେତେଟଙ୍କା ଏମର୍ଜେନ୍ସି ଫଣ୍ଡରେ ରଖିପାରିବେ ସେ ନେଇ ଯୋଜନା କରନ୍ତୁ।

➔ସେହିପରି ଗୃହିଣୀ ହୋଇଥିଲେ ଘର ଖର୍ଚ୍ଚରୁ ବିଭିନ୍ନ କ୍ଷେତ୍ରରେ ଅଳ୍ପ ଅଳ୍ପ କାଟକରି ସଞ୍ଚୟ କରିପାରିବେ। ଗ୍ରୋସରି, ପନିପରିବା କିମ୍ବା ଅନ୍ୟ ଜିନିଷ କିଣିବା ବେଳେ ଅଳ୍ପ ଅଳ୍ପ ନ କିଣି ୧୫ ଦିନ କିମ୍ବା ମାସେ ପାଇଁ ଏକାଥରେ କିଣନ୍ତୁ, ସେଥିରୁ କିଛି ଟଙ୍କା ସେଭ୍ ହୋଇପାରିବ। ବର୍ତ୍ତମାନ ବିଭିନ୍ନ ଶପିଂମଲ୍, ଅନ୍‌ଲାଇନ ସାଇଟ୍‌ରେ ବିଭିନ୍ନ ସାମଗ୍ରୀ ଉପରେ ଅଫର ମିଳୁଛି। ସେଥିରେ କିଣି ମଧ୍ୟ କିଛି ଟଙ୍କା ସଞ୍ଚୟ କରିପାରିବେ।

➔ବାହାର ଖାଦ୍ୟ ନ ଖାଇ ଘରେ ପ୍ରସ୍ତୁତ ଖାଦ୍ୟ ଖାଆନ୍ତୁ ଏବଂ ପରିବାର ଲୋକଙ୍କୁ ଖୁଆନ୍ତୁ। ଏହାଦ୍ୱାରା ନା କେବଳ ଖର୍ଚ୍ଚ କମିବ ଏବଂ କିଛି ଅର୍ଥ ସେଭ୍ ହୋଇପାରିବ ବରଂ ଏହି ଅଭ୍ୟାସ ସ୍ୱାସ୍ଥ୍ୟ ପାଇଁ ମଧ୍ୟ ହିତକର।

➔ଯଦି ଏମର୍ଜେନ୍ସି ଫଣ୍ଡ ପାଇଁ ବ୍ୟାଙ୍କରେ ଟଙ୍କା ଡିପୋଜିଟ୍ କରୁଛନ୍ତି ତେବେ ଅଟୋମେଟିକ୍ ପେମେଣ୍ଟ ମେଥଡ୍ ବ୍ୟବହାର କରନ୍ତୁ, ଏହାଦ୍ୱାରା ଆପଣଙ୍କୁ ଭୁଲିଯିବାର ଟେନ୍‌ସନ ରହିବ ନାହିଁ ଏବଂ ଯଥା ସମୟରେ ଟଙ୍କା ଡିପୋଜିଟ୍ ହୋଇଚାଲିବ।

ମନେରଖନ୍ତୁ, ଏମର୍ଜେନ୍ସି ଫଣ୍ଡରେ ଯେତେ ସମ୍ଭବ ଅଧିକ ରଖିପାରିଲେ ଭଲ। ଏହାକୁ ଆପଣ ଘରେ ରଖିପାରିବେ। ଯଦି ସୁବିଧା ଥାଏ ତେବେ ବ୍ୟାଙ୍କରେ ରଖିପାରିବେ। ଏହାଦ୍ୱାରା କିଛି ସୁଧ ମଧ୍ୟ ପାଇପାରିବେ। ଏହି ଟଙ୍କା ହଠାତ୍ ଚିକିତ୍ସା, କୌଣସି କାରଣରୁ ସ୍ୱାମୀଙ୍କର ଜବ୍ ଚାଲିଗଲେ ଘର ଚଳାଇବା, ପିଲାଙ୍କ ପାଠ ପଢ଼ା ଆଦି କାର୍ଯ୍ୟରେ ବ୍ୟବହାର କରିପାରିବେ। ଏମିତିକି ଅନ୍ୟ କାହାକୁ ମଧ୍ୟ ବିପଦ ସମୟରେ ଆର୍ଥିକ ସାହାଯ୍ୟ କରିପାରିବେ।

**ସୌନ୍ଦର୍ଯ୍ୟ**

## ଟ୍ୟାନିଂ ଦୂରକରିବ କାକୁଡ଼ି

**ଧୀରେ ଧୀରେ ଖରା ବଢ଼ିବା ଆରମ୍ଭ ହେଲାଣି। ତେଣୁ ତ୍ୱଚାରେ ଟ୍ୟାନିଂ ହେବାକୁ ନେଇ ଅଧିକାଂଶ ମହିଳା ଟେନ୍‌ସନରେ। ଏମିତିରେ ତ୍ୱଚାରୁ ଟ୍ୟାନିଂ ସମସ୍ୟା ଦୂର କରିବା ଲାଗି କାକୁଡ଼ି ବହୁ କାମରେ ଆସିପାରିବ। ଏହାକୁ କିପରି ବ୍ୟବହାର କରିପାରିବେ ଜାଣିରଖନ୍ତୁ ଟିପ୍ସ...**



➤ଟ୍ୟାନ୍ ସମସ୍ୟା ଦୂରକରିବା ଲାଗି କାକୁଡ଼ି ଟୋନର ସବୁଠୁ ବେଷ୍ଟ। ଏହାକୁ ପ୍ରସ୍ତୁତ କରିବା ଲାଗି କାକୁଡ଼ିର ଚୋପା ଛଡ଼ାଇ ଗ୍ରାଇଣ୍ଡ କରିଦିଅନ୍ତୁ। ଏହାକୁ ଭଲ ଭାବେ ଛାଣି ରସ ବାହାର କରିଦିଅନ୍ତୁ। ସ୍ପ୍ରେ ବୋତଲରେ ରଖି ମୁହଁରେ ସ୍ପ୍ରେ କରିପାରିବେ କିମ୍ବା ତୁଳାରେ ନେଇ ମୁହଁରେ ଲଗାଇବା ଦ୍ୱାରା ଏହି ନାଚୁରାଲ ଟୋନର ତ୍ୱଚାକୁ ହାଇଡ୍ରେଟ୍ ଏବଂ ଫ୍ରେଶ୍ ରଖିବା ସହ ଟ୍ୟାନ୍ ଫ୍ରି ରଖିବାରେ ସାହାଯ୍ୟ କରିଥାଏ।

➤କାକୁଡ଼ିକୁ ପତଳା କାଟି ମୁହଁ ଏବଂ ଆଖି ଉପରେ ରଖିବା ଦ୍ୱାରା ମଧ୍ୟ କଳାଦାଗ ସହଜରେ ଦୂର ହୋଇଥାଏ।

➤ସନ୍‌ବର୍ନ ଏବଂ ଟ୍ୟାନ୍ ଦୂରକରିବା ଲାଗି କାକୁଡ଼ି ମାସ୍କ ସବୁଠୁ ଭଲ। ଏହି ପ୍ୟାକ୍ ପ୍ରସ୍ତୁତ କରିବା ଲାଗି କାକୁଡ଼ିକୁ ଭଲ ଭାବେ ଧୋଇ



ଗ୍ରାଇଣ୍ଡ କରିଦିଅନ୍ତୁ। ସେଥିରେ ଅଳ୍ପ ଓଟ୍‌ମିଲ୍ ଏବଂ ମହୁ ମିଶାନ୍ତୁ। ଏହି ମାସ୍କକୁ ମୁହଁରେ ଲଗାଇ ୧୫ ମିନିଟ୍ ରଖିବା ପରେ ଧୋଇ ଦିଅନ୍ତୁ। ସପ୍ତାହରେ ୨–୩ ଦିନ ଏହାକୁ ଲଗାଇଲେ ବେଷ୍ଟ ରେଜଲ୍ଟ ପାଇପାରିବେ।

➤ଏହାର ଅନ୍ୟ ଏକ ପ୍ରକାର ପ୍ୟାକ୍ ବି ଖରାରେ ହୋଇଥିବା ଟ୍ୟାନ୍ ଦୂରକରି ତ୍ୱଚାର ଉଜ୍ଜ୍ୱଳତା ବଢ଼ାଇବାରେ ସାହାଯ୍ୟ କରିଥାଏ। ଏଥିପାଇଁ କାକୁଡ଼ିର ଚୋପା ଏବଂ ମଞ୍ଜି ବାହାରକରି ଅବଶିଷ୍ଟ ଅଂଶରେ ଗୋଟିଏ ଅଣ୍ଡାର ଧଳା ଭାଗ ମିଶାଇ ଭଲ ଭାବେ ଗ୍ରାଇଣ୍ଡ କରିଦିଅନ୍ତୁ। ଏହି ପ୍ୟାକ୍‌କୁ ମୁହଁରେ ଲଗାଇ ୧୫ମିନିଟ୍ ରଖିବା ପରେ ଧୋଇଦିଅନ୍ତୁ। ଏଥିରେ ଆପଣ ଚାହିଁଲେ କିଛି ପୋଦିନା ପତ୍ର ମଧ୍ୟ ମିଶାଇ ଗ୍ରାଇଣ୍ଡ କରିପାରିବେ।

## ଅନ୍‌ଲାଇନ ଜୋତା କିଣୁଥିଲେ...

**ସହଜ ହେଉଥିବାରୁ ବର୍ତ୍ତମାନ ଅଧିକାଂଶ ମହିଳା ଅନ୍‌ଲାଇନରେ ଜୋତା କିଣୁଛନ୍ତି। ହେଲେ ଏପରି କରୁଥିଲେ କେତୋଟି ଦିଗ ପ୍ରତି ଧ୍ୟାନ ଦିଅନ୍ତୁ...**

➔ଅନ୍‌ଲାଇନରେ ଜୋତା ମଗାଇବା ଲାଗି ସର୍ବଦା ବିଶ୍ୱସ୍ତ ଶପିଂ ସାଇଟ୍ ହିଁ ବ୍ୟବହାର କରନ୍ତୁ। ସେହିପରି ଜୋତା ବ୍ରାଣ୍ଡ ମଧ୍ୟ ଦେଖିବାକୁ ଭୁଲନ୍ତୁ ନାହିଁ।

➔ଅନ୍‌ଲାଇନରେ ଅଧିକାଂଶ ବ୍ରାଣ୍ଡ ୟୁରୋପିଆନ୍ ସାଇଜ୍ ବ୍ୟବହାର କରିଥାନ୍ତି। ତେଣୁ ଜୋତା ଅର୍ଡର କରିବା ପୂର୍ବରୁ ପ୍ରଥମେ ନିଜ ପାଦକୁ ମାପି ଏହାର ଠିକ୍ ସାଇଜ୍ ଜାଣନ୍ତୁ। ସେହି ଅନୁସାରେ କେତେ ନମ୍ବର ଚପଲ ଆପଣଙ୍କୁ ଫିଟ୍ ଅର୍ଡର କରନ୍ତୁ।

➔ବାଛୁଥିବା ଜୋତାରେ ରିଟର୍ନ କିମ୍ବା ଏକ୍ସଚେଞ୍ଜ ଆଦି ଅପ୍ସନ ଅଛି ନା ନାହିଁ ଚେକ୍ କରିବାକୁ ଆଦୌ ଭୁଲନ୍ତୁ ନାହିଁ। କାରଣ ସାଇଜ୍ ଦେଖି କିଣିବା ପରେ ବି ଛୋଟ କିମ୍ବା ବଡ ମଧ୍ୟ ହୋଇପାରେ। ତେଣୁ ପାଦକୁ ଠିକ୍ ଫିଟ୍ ନ ହେଲେ ଯେପରି ଫେରାଇ ହେବ ସେଥିପ୍ରତି ଧ୍ୟାନ ଦିଅନ୍ତୁ।

➔ପ୍ରଡକ୍ଟ ଡିଟେଲ୍ସକୁ ଭଲ ଭାବେ ପଢନ୍ତୁ। କାରଣ ଫୁଲ୍ କିମ୍ବା ହାଫ୍ ସୁଜ୍ କିଣୁଥିଲେ ଏହାର ସୋଲ୍ ଅଠା ପେଷ୍ଟ ନ ହୋଇ ସିଲେଇ ହୋଇଥିଲେ ଭଲ ପଡିବ।



**ଖାଦ୍ୟରୁଚି**

## ପପେୟା କରୀ

**ଆବଶ୍ୟକ ସାମଗ୍ରୀ:** ଛୋଟ ଛୋଟ କଟାହୋଇଥିବା ୨ କପ୍ ଅମୃତଭଣ୍ଡା, କଟା ହୋଇଥିବା ଗୋଟିଏ ମଧ୍ୟମ ଆକାରର ଟମାଟୋ, ୧ ଚାମଚ ଅଦାଛେଚା, ୨ଟି କଟା କଞ୍ଚାଲଙ୍କା, ୨ଟି ଶୁଖିଲା ଲଙ୍କା, ଅଧାଚାମଚ ପଞ୍ଚଫୁଟଣ, ଚିମୁଟାଏ ହେଙ୍ଗୁ, ୭–୮ଟି ଭୃସୁଙ୍ଗ ପତ୍ର, ୧/୪ ଚାମଚ ହଳଦୀଗୁଣ୍ଡ, ଅଧାଚାମଚ ଲଙ୍କାଗୁଣ୍ଡ, ୧ ଚାମଚ ଧନିଆଗୁଣ୍ଡ, ୧/୪ ଚାମଚ ଗରମ ମସଲା, ୧/୪ ଚାମଚ ଆମଚୁର ପାଉଡର, ୧ଚାମଚ ଖଣ୍ଡ କାଜୁ, ସୋରିଷ ତେଲ, ପାଣି, ସ୍ୱାଦାନୁସାରେ ଲୁଣ।

**ପ୍ରସ୍ତୁତି ପ୍ରଣାଳୀ:** ଚୁଲାରେ କଡ଼େଇ ବସାଇ ୩ ଚାମଚ ତେଲ ଗରମ କରନ୍ତୁ। ସେଥିରେ ପଞ୍ଚଫୁଟଣ ଫୁଟାନ୍ତୁ। ସେଥିରେ ହେଙ୍ଗୁ, ଶୁଖିଲା ଲଙ୍କା, ଭୃସୁଙ୍ଗ ପତ୍ର, ଅଦା ପକାଇ ଅଳ୍ପ ଘାଣ୍ଟି ଦିଅନ୍ତୁ। ସେଥିରେ କଟା ଅମୃତଭଣ୍ଡା ପକାଇ ଭଲ ଭାବେ ମିଶାଇ ଦିଅନ୍ତୁ। ଏହା ଧୀରେ ଧୀରେ ସିଝିଗଲେ ସେଥିରେ କଟା ଟମାଟୋ ପକାଇ ଗୋଳାନ୍ତୁ। ସେଥିରେ ଲଙ୍କାଗୁଣ୍ଡ, ହଳଦୀଗୁଣ୍ଡ, ଧନିଆଗୁଣ୍ଡ, କାଜୁ, ସ୍ୱାଦାନୁସାରେ ଲୁଣ ଏବଂ ଅଳ୍ପ ପାଣି ପକାଇ ଭଲ ଭାବେ ଗୋଳାନ୍ତୁ। ସେଥିରେ ଗରମ ମସଲା ପକାଇ ଅଳ୍ପ ଗୋଳାଇ ଚୁଲା ବନ୍ଦ କରିଦିଅନ୍ତୁ। ଏହାକୁ ରୁଟି, ପୁରି ସହ ଖାଇବାର ମଜା ନିଅନ୍ତୁ।



# ନିଃସନ୍ତାନଙ୍କ ପାଇଁ ବରଦାନ ଆଇଭିଏଫ୍

**ମା’ ହେବା ଏକ ନାରୀ ଜୀବନର ସବୁଠୁ ଖୁସିର ମୁହୂର୍ତ୍ତ। ହେଲେ ଅଧିକ ବୟସରେ ବିବାହ କରିବା କିମ୍ବା ଅନ୍ୟ କୌଣସି ଅସୁବିଧା ଯୋଗୁ କେତେଜଣ ମହିଳା ବିଭିନ୍ନ ଚିକିତ୍ସା ପରେ ମଧ୍ୟ ପ୍ରାକୃତିକ ଉପାୟରେ ଗର୍ଭଧାରଣ କରିପାରନ୍ତି ନାହିଁ। ଏମିତିରେ ସେମାନଙ୍କ ସ୍ୱପ୍ନ ପୂରଣ କରିବା ପାଇଁ ଭେଷଜ ବିଜ୍ଞାନର ଏକ ଅପୂର୍ବ ବରଦାନ ହେଉଛି ଆଇଭିଏଫ୍ ବା ଇନ୍‌ଭିଟ୍ରୋ ଫର୍ଟିଲାଇଜେଶନ ...**



ବିବାହ ପରେ ସବୁ ଦମ୍ପତି ଗୋଟିଏ ସୁସ୍ଥ ସନ୍ତାନ ପାଇଁ ଉତ୍କଣ୍ଠାରେ ଚାହିଁ ରହିଥାନ୍ତି। ହେଲେ ବିଭିନ୍ନ କାରଣରୁ କେତେଜଣ ମହିଳା ପ୍ରାକୃତିକ ଉପାୟରେ ଗର୍ଭଧାରଣ କରିପାରନ୍ତି ନାହିଁ। ଅନେକ ଚିକିତ୍ସା ପଦ୍ଧତି ଆପଣେଇବା ସତ୍ତ୍ୱେ ଗର୍ଭଧାରଣକରି ନ ପାରିବା ଅବା ବାରମ୍ବାର ଗର୍ଭପାତ ହୋଇଯିବା କାରଣରୁ ସେମାନଙ୍କର ମାଆବାପା ହେବାର ସ୍ୱପ୍ନ ଭାଙ୍ଗିଯାଏ। ହେଲେ ବର୍ତ୍ତମାନ ଏଭଳି ନିଃସନ୍ତାନ ଦମ୍ପତିଙ୍କ ସ୍ୱପ୍ନ ପୂରଣକରିବା ପାଇଁ ବେଶ୍ ସହାୟକ ହେଉଛି ଆଇଭିଏଫ୍ ବା ଇନ୍‌ଭିଟ୍ରୋ ଫର୍ଟିଲାଇଜେଶନ।

**ଆଇଭିଏଫ୍ କ’ଣ:** ସାଧାରଣତଃ ମହିଳାମାନଙ୍କର ପ୍ରାକୃତିକ ଉପାୟରେ ଡିମ୍ବବାହୀ ନଳୀରେ ଫର୍ଟିଲାଇଜେଶନ ହୋଇ ଜରାୟୁରେ ପ୍ରସ୍ଫୁଟିତ ଡିମ୍ବାଣୁ ରହିଥାଏ। ହେଲେ ଅଧିକ ବୟସ୍କା କିମ୍ବା ଅନ୍ୟ କୌଣସି ଅସୁବିଧା ଯୋଗୁ ଗର୍ଭଧାରଣକରି ପାରୁ ନ ଥିବା ମହିଳାଙ୍କଠାରେ ଆଇଭିଏଫ୍ କରି ପ୍ରଜନନ କରାଯାଇଥାଏ। ଏହା ଏକ ଉନ୍ନତ ପ୍ରଜନନ ପ୍ରଯୁକ୍ତିବିଦ୍ୟା, ଯେଉଁଥିରେ ମହିଳାଙ୍କ ଶରୀର ବାହାରେ (ଲାବ୍‌ରେ) ଶୁକ୍ରାଣୁ ଓ ଡିମ୍ବାଣୁକୁ ମିଶ୍ରଣକରି ଭ୍ରୂଣ ପ୍ରସ୍ତୁତ କରାଯାଏ। ପରେ ଉକ୍ତ ଭ୍ରୂଣକୁ ମହିଳାଙ୍କ ଗର୍ଭାଶୟରେ ସ୍ଥାପନ କରାଯାଏ। ଏହାକୁ ଟେଷ୍ଟ ଟ୍ୟୁବ୍ ବେବି ମଧ୍ୟ କୁହାଯାଏ।

**କିପରି କରାଯାଏ:** ଏହା ଏକ ପ୍ରକାର ଆସିଷ୍ଟେଡ୍ ରିପ୍ରଡକ୍ଟିଭ୍ ଟେକ୍‌ନିକ୍। ଯେଉଁଥିରେ ପ୍ରଶିକ୍ଷିତ ଏମ୍ବ୍ରିଓଲୋଜିଷ୍ଟ ଓ ଗାଇନୋକୋଲୋଜିଷ୍ଟମାନେ ବିଶ୍ଳେଷଣକରି ସୁସ୍ଥ ଡିମ୍ବାଣୁ ଏବଂ ଶୁକ୍ରାଣୁକୁ ଚୟନ କରିଥାନ୍ତି। ଏହାକୁ ପରୀକ୍ଷାକରି ମିଳିତ ସଂଯୋଗକରି ଫର୍ଟିଲାଇଜେଶନ କରାଇ ଭ୍ରୂଣ ପ୍ରସ୍ତୁତ କରନ୍ତି। ପରେ ଏହି ଭ୍ରୂଣକୁ ମା’ ଗର୍ଭାଶୟରେ ରୋପଣକରାନ୍ତି। ଏହାଦ୍ୱାରା ନିଃସନ୍ତାନ ମା’ ଗର୍ଭଧାରଣକରି ସନ୍ତାନ ସୁଖ ପ୍ରାପ୍ତି କରିପାରନ୍ତି।

**କାହା ପାଇଁ ଉପଯୋଗୀ:** ଫ୍ୟାଲୋପିଆନ୍ ବ୍ଲକେଜ୍ ଥିବା ଅବା କ୍ଷତିଗ୍ରସ୍ତ ହୋଇଥିବା ମହିଳା, ଏଣ୍ଡୋମେଟ୍ରିଓସିସ୍ ସମସ୍ୟା ଥିବା ମହିଳା, ଅନ୍ୟାନ୍ୟ ସ୍ୱାସ୍ଥ୍ୟ ସମସ୍ୟା ଯୋଗୁ ବାରମ୍ବାର ଗର୍ଭପାତ ହେଉଥିବା ମହିଳା, ବନ୍ଧ୍ୟାଦୋଷ ଥିବା ପୁରୁଷ, ଜେନେଟିକ୍ ସମସ୍ୟା ଆଦି କାରଣରୁ ସ୍ୱାଭାବିକ ଭାବେ ଗର୍ଭଧାରଣ କରିପାରୁ ନ ଥିବା ଦମ୍ପତିଙ୍କ ପାଇଁ ଏହା ଚିକିତ୍ସା ବିଜ୍ଞାନର ଏକ ବରଦାନ।

**ସାବଧାନତା:** ଆଇଭିଏଫ୍ ଦ୍ୱାରା ଗର୍ଭଧାରଣ କରୁଥିବା ମହିଳାଙ୍କୁ ଡାକ୍ତରଙ୍କ ଦ୍ୱାରା ଦିଆଯାଇଥିବା ଔଷଧ ନିୟମିତ ଖାଇବା ସହ ସମସ୍ତ ନିୟମ ଠିକ୍ ଭାବେ ପାଳନ କରିବା ଆବଶ୍ୟକ। ପ୍ରଚୁର ପାଣି ପିଇବା ଏବଂ ସନ୍ତୁଳିତ ଖାଦ୍ୟ ଖାଇବା ଦରକାର। ଧୂମପାନ ଓ ମଦ୍ୟପାନରୁ ଦୂରେଇରହିବା ଆବଶ୍ୟକ। ସବୁବେଳେ ବସି ରହିବା କିମ୍ବା ଶୋଇରହିବା ପରିବର୍ତ୍ତେ ଡାକ୍ତରଙ୍କ ପରାମର୍ଶକ୍ରମେ ଅଳ୍ପ ଅଳ୍ପ ଏକ୍ସରସାଇଜ୍ କରିବା ଭଲ। ନିଜକୁ ସବୁବେଳେ ଟେନ୍‌ସନ ଓ ଷ୍ଟ୍ରେସ୍ ଫ୍ରି ରଖିବା ଜରୁରୀ। ଭାରି ଜିନିଷ ଉଠାଇବା, ଅଧିକ ଦୂର ଯାତ୍ରା କରିବା ଆଦିରୁ ଦୂରେଇ ରହିବା ଭଲ।



*– ଡା. ମୋନିକା ଗୁପ୍ତା*
*ପ୍ରସୂତି ଓ ସ୍ତ୍ରୀରୋଗ ବିଶେଷଜ୍ଞ, ମଣିପାଳ ହସ୍ପିଟାଲ, ଭୁବନେଶ୍ୱର*

# ଜିମ୍ବାୱେ ବିପକ୍ଷରେ ୱେଷ୍ଟଇଣ୍ଡିଜ୍‌ର ବଡ଼ ବିଜୟ

ମୁମ୍ବାଇ,୨୩।୨

ଶିମରନ ହେଟମେୟର ଓ ରବମାନ ପାୱେଲଙ୍କ ବିସ୍ଫୋରକ ବ୍ୟାଟିଂ ଓ ପରେ ଗୁଦାକେଶ ମୋତିଙ୍କ ଜବରଦସ୍ତ ବୋଲିଂ ବଳରେ ଏଠାରେ ସୋମବାର ଖେଳାଯାଇଥିବା ଟି୨୦ ବିଶ୍ୱକପ୍‌ର ସୁପର-୮ ପର୍ଯ୍ୟାୟ ମ୍ୟାଚ୍‌ରେ ୱେଷ୍ଟଇଣ୍ଡିଜ ୧୦୭ ରନର ବଡ଼ ବ୍ୟବଧାନରେ ଜିମ୍ବାୱେକୁ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରିଥିବା ୱେଷ୍ଟଇଣ୍ଡିଜ୍ ୬ ଉଇକେଟ ହରାଇ ୨୫୪ ରନ କରିଥିଲା, ଯାହାକି ଚଳିତ ସଂସ୍କରର ସର୍ବାଧିକ ଓ ଟୁର୍ଣ୍ଣାମେଣ୍ଟ ଇତିହାସର ଦ୍ୱିତୀୟ ସର୍ବାଧିକ ସ୍କୋର ଥିଲା। ଏହି ମ୍ୟାଚ୍‌ରେ ଦୁଇ ଦଳର ବ୍ୟାଟରମାନେ ୩୧ ଛକା ମାରିଥିଲେ। ଏହା ଟି୨୦ ବିଶ୍ୱକପ୍ ଇତିହାସରେ ସର୍ବାଧିକ।

ଆମନ୍ତ୍ରଣ ପାଇ ପ୍ରଥମେ ବ୍ୟାଟିଂ କରିଥିବା ୱେଷ୍ଟଇଣ୍ଡିଜ ନିର୍ଦ୍ଧାରିତ ୨୦ ଓଭରରେ ୬ ଉଇକେଟ ହରାଇ ୨୫୪ ରନ କରିଥିଲା। ଏହା ୱେଷ୍ଟଇଣ୍ଡିଜ୍ ପାଇଁ ଟି୨୦ ବିଶ୍ୱକପ୍ ଇତିହାସରେ ସର୍ବାଧିକ ଦଳଗତ ସ୍କୋର। ଦଳ ପାଇଁ ହେଟମେୟର ୩୪ ବଲରେ ସର୍ବାଧିକ ୮୫ (୭ ଲେଖାଏ ଚୌକା ଓ ଛକା) ରନର ବିସ୍ଫୋରକ ଇନିଂସ ଖେଳିଥିଲେ। ତେବେ ଏହି ଇନିଂସରେ ସେ ଦୁଇ ଥର ଜୀବନଦାନ ପାଇଥିଲେ। ଉଭୟ ଥର ତାଶିଙ୍ଗା ମୁସେକିୱା କ୍ୟାଚ୍ ହାତଛଡ଼ା କରିଥିଲେ। ପାୱେଲ ୩୫ ବଲରେ ୫୯ (୪ ଲେଖାଏ ଚୌକା ଓ ଛକା), ରୋମାରିଓ ଶେଫର୍ଡ ୧୦ ବଲରେ ୨୧ (୩ ଛକା) ଓ ଜାସନ ହୋଲ୍ଡର ୪ ବଲରେ ୧୩ (୨ ଛକା), ଶରଫେନ ରଦରଫୋର୍ଡ ୧୩ ବଲରେ ୩୧ (୩ ଚୌକା ଓ ୨ ଛକା) ରନ କରିଥିଲେ। ଜିମ୍ବାୱେ ପାଇଁ ରିଚାର୍ଡ ଏନ୍‌ଗରାଭା ଓ ବ୍ଲେସିଂ ମୁଜରବାନି ୨ ଲେଖାଏ ଉକେଟ ହାତେଇଥିଲେ। ଜବାବରେ ଜିମ୍ବାୱେ ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ୧୭.୪ ଓଭରରେ ୧୪୭ ରନ କରି ଅଲଆଉଟ୍ ହୋଇଯାଇଥିଲା। ବ୍ରାଡ ଇଭାନ୍ସ ୨୦ ବଲରେ ୪୩ (୨ ଚୌକା ଓ ୫ ଛକା), ଡିଅନ ମେୟର୍ସ ୨୮ (୩ ଚୌକା ଓ ୨ ଛକା) ଓ ଅଧିନାୟକ ସିକନ୍ଦର ରଜା ୨୭ (୨ ଲେଖାଏ ଚୌକା ଓ ଛକା) ରନ କରିଥିଲେ। ୱେଷ୍ଟଇଣ୍ଡିଜ୍ ପକ୍ଷରୁ ଗୁଦାକେଶ ମୋତି ୪, ଅକିଲ ହୋସେନ ୩ ଓ ମାଥ୍ୟୁ ଫୋର୍ଡ ୨ ଉଇକେଟ ନେଇଥିଲେ।



ଅର୍ଦ୍ଧଶତକ ପରେ ଉଲ୍ଲସିତ ଶିମରନ ହେଟମେୟର।

**ଟି୨୦ ବିଶ୍ୱକପ୍**

(ଆଜିର ମ୍ୟାଚ୍)

**ପାକିସ୍ତାନ ବନାମ ଇଂଲଣ୍ଡ**
ସ୍ଥାନ: ପାଲିକେଲ
ସମୟ: ସନ୍ଧ୍ୟା ୭ଟା
ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ/ଜିଓ ହଟ୍‌ଷ୍ଟାର

**ସଂକ୍ଷିପ୍ତ ସ୍କୋର**

ୱେଷ୍ଟଇଣ୍ଡିଜ: ୨୦ ଓଭରରେ ୧୫୪/୬ (ଶିମରନ ହେଟମେୟର-୮୫, ରବମାନ ପାୱେଲ-୫୯, ଶରଫେନ ରଦରଫୋର୍ଡ-୩୧* ; ରିଚାର୍ଡ ଏନ୍‌ଗରାଭା-୨/୪୭, ବ୍ଲେସିଂ ମୁଜରବାନି-୨/୪୨, ବ୍ରାଡ ଇଭାନ୍ସ-୧/୪୬)। ଜିମ୍ବାୱେ: ୧୭.୪ ଓଭରରେ ୧୪୭/ଅଲଆଉଟ୍(ବ୍ରାଡ୍ ଇଭାନ୍ସ-୪୩, ସିକନ୍ଦର ରଜା-୨୭, ଗୁଦାକେଶ ମୋତି-୪/୨୮, ଅକିଲ ହୋସେନ-୩/୨୮, ମାଥ୍ୟୁ ଫୋର୍ଡ-୨/୨୭)।

# ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ୍ କଲେ ସଞ୍ଜୟ

## ଓସିଏ ନିର୍ବାଚନ ପ୍ରସଙ୍ଗ

## ଅଭିଯୋଗ କରିବେ ଲଳିତେନ୍ଦୁ

କଟକ,୨୩।୨(କୁମାରଶ୍ରୀ)

ଓଡ଼ିଶା କ୍ରିକେଟ ଆସୋସିଏସନ (ଓସିଏ)ର ସ୍ୱତନ୍ତ୍ର ସାଧାରଣ ପରିଷଦ ବୈଠକରେ ଏକ ଅପ୍ରୀତିକର ଘଟଣା ଉପୁଜିଥିଲା। ଦୀର୍ଘବର୍ଷ ଧରି ରାଜ୍ୟ କ୍ରିକେଟ ସହ ଅଙ୍ଗାଙ୍ଗି ଭାବେ ଜଡ଼ିତ ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର ଓସିଏରେ ଅନିୟମିତତା ଚାଲିଥିବା ଅଭିଯୋଗ ଉଠାଇ ବୈଠକ ସ୍ଥଳ ଛାଡ଼ି ପଳାଇଥିଲେ। ଏ ବାବଦରେ ମୁଖ୍ୟମନ୍ତ୍ରୀଙ୍କୁ ଭେଟି ଅଭିଯୋଗ ଜଣାଇବେ ବୋଲି ସେ ଚେତାବନୀ ଦେଇଥିଲେ। ମାତ୍ର ସାଧାରଣ ପରିଷଦ ବୈଠକ ପରେ ଓସିଏ ସମ୍ପାଦକ ସଞ୍ଜୟ ବେହେରା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରି ଅନ୍ତର୍ଜାତୀୟ ମ୍ୟାଚ୍‌ରେ ସମର୍ଥନ ହେତୁ କୃତଜ୍ଞତା ଜଣାଇଛନ୍ତି। ଯାହାକୁ ନେଇ ଏବେ ଚର୍ଚ୍ଚା ଜୋର ଧରିଛି। ଲଳିତେନ୍ଦୁଙ୍କୁ ଏ ବିଷୟରେ ପଚାରିବାରୁ ସେ କହିଥିଲେ ଯେ, ବ୍ୟକ୍ତିଗତ କାର୍ଯ୍ୟ ହେତୁ ମୁଖ୍ୟମନ୍ତ୍ରୀଙ୍କୁ ଭେଟି ପାରିନାହିଁ। ଦୁଇ ଦିନ ଭିତରେ ମୁଖ୍ୟମନ୍ତ୍ରୀଙ୍କୁ ଭେଟି ନିଶ୍ଚିତ ଭାବେ ନିଜର ଅଭିଯୋଗ ରଖିବି।

ରାଜ୍ୟ କ୍ରିକେଟର ସର୍ବୋଚ୍ଚ ସଂଘ ଓସିଏର ନିର୍ବାଚନକୁ ନେଇ ଏବେ କେଁ ଉଠିଛି। ନୂଆ କ୍ରୀଡ଼ା ନୀତି ଅନୁସାରେ ନିର୍ବାଚନ କରାଯିବାକୁ ପରିଷଦ ବୈଠକରେ ମୋହର ବାଜି ସାରିଛି। ଏଣୁ ଆସନ୍ତା ଡିସେମ୍ବର ୩୧ ସୁଦ୍ଧା ଓସିଏର କର୍ମକର୍ତ୍ତା ନିର୍ବାଚନ କରାଯିବ। ଏତଦ୍‌ବ୍ୟତୀତ ଲୋଧା କମିଟିର ନିୟମ ଅନୁସାରେ ଲଗାତର ଦୁଇଥର ପଦରେ ଅବସ୍ଥାପିତ ହୋଇଥିବା ସଦସ୍ୟ ୩ୟ ଥର ନିର୍ବାଚନ ଲଢ଼ି ପାରିବେ ନାହିଁ। କିନ୍ତୁ ନୂତନ କ୍ରୀଡ଼ା ନୀତି ବଳରେ ଦୁଇଥର ପଦ ସମ୍ଭାଳିଥିବା ସଦସ୍ୟ ଆଗାମୀ ନିର୍ବାଚନରେ ଭାଗ ନେଇ ପାରିବେ। ନିର୍ବାଚନ ପ୍ରସଙ୍ଗକୁ ମୁଖ୍ୟ ମୁଦ୍ଦା କରି ଲଳିତେନ୍ଦୁ ଓସିଏ କର୍ତ୍ତୃପକ୍ଷଙ୍କ ଉପରେ ବର୍ଷି ଥିଲେ। କାର୍ଯ୍ୟକାଳ ଶେଷ ହୋଇଥିଲେ ସୁଦ୍ଧା କ୍ରୀଡ଼ା ନୀତି ଲାଗୁ ହେବା ପୂର୍ବରୁ କାହିଁକି ନିର୍ବାଚନ କରାଗଲା ନାହିଁ ତାହାକୁ ନେଇ ପ୍ରଶ୍ନ ଉଠାଇଥିଲେ। ଓସିଏ ଭିତରେ ଅନିୟମିତତା ଚାଲିଥିବା କହି ସେ ବୈଠକ ଛାଡ଼ି ପଳାଇଥିଲେ। ପୂର୍ବତନ କ୍ରୀଡ଼ାବିତ ତଥା ରାଜ୍ୟ ଦଳର ପ୍ରାକ୍ତନ କୋଚ୍ ଲଳିତେନ୍ଦୁ ସନରାଇଜ୍ କ୍ଲବର ସଦସ୍ୟ ଭାବେ ବୈଠକରେ ସାମିଲ ଥିଲେ। ଏହାଛଡ଼ା ବ୍ରହ୍ମଗିରିର ପୂର୍ବତନ ବିଧାୟକ ତଥା ଭାଜପା ଦଳର ସେ ଜଣେ ବରିଷ୍ଠ ନେତା। କିଛି ମାସ ହେବ ଓସିଏର ବିଭିନ୍ନ କାର୍ଯ୍ୟକ୍ରମରେ ତାଙ୍କୁ ଦେଖିବାକୁ ମିଳୁଛି। ମୁଖ୍ୟମନ୍ତ୍ରୀଙ୍କୁ ଭେଟି ଓସିଏ ବିରୋଧରେ ମୁହଁ ଖୋଲିବାକୁ ସେ ଚେତାବନୀ ଦେଇଥିବା ବେଳେ ସଞ୍ଜୟ ମୁଖ୍ୟମନ୍ତ୍ରୀଙ୍କୁ ଭେଟି କୃତଜ୍ଞତା ଜଣାଇବାକୁ ନେଇ ଚର୍ଚ୍ଚା ବଢ଼ିଛି।


ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ସାକ୍ଷାତ୍ କରୁଛନ୍ତି ଓସିଏ ସମ୍ପାଦକ ସଞ୍ଜୟ ବେହେରା।

# ବିନ୍ଦ୍ରାଙ୍କ କାର୍ଯ୍ୟକାଳ ଶେଷ

ନୂଆଦିଲ୍ଲୀ, ୨୩।୨ (ପି.ଟି.)

ଭାରତୀୟ ଶୁଟିଂ କିମ୍ବଦନ୍ତୀ ଅଭିନବ ବିନ୍ଦ୍ରା ସୋମବାର ଘୋଷଣା କରିଛନ୍ତି ଯେ, ଅନ୍ତର୍ଜାତୀୟ ଅଲିମ୍ପିକ କମିଟି (ଆଇଓସି) ଆଥଲେଟ୍ସ କମିଶନର ଭାଇସ୍‌ଚେୟାରମ୍ୟାନ ଭାବେ ତାଙ୍କ କାର୍ଯ୍ୟକାଳ ଶେଷ ହୋଇଛି। ୪୩ ବର୍ଷୀୟ ବିନ୍ଦ୍ରା ଭାରତର ପ୍ରଥମ ଆଥ୍‌ଲେଟ ଭାବେ ବ୍ୟକ୍ତିଗତ ଅଲିମ୍ପିକ ସ୍ୱର୍ଣ୍ଣ ପଦକ ଜିତିଥିଲେ। ଇଟାଲିରେ ଉଦ୍‌ଯାପିତ ୱିଣ୍ଟର ଅଲିମ୍ପିକ୍ସରେ ବିନ୍ଦ୍ରାଙ୍କ ସ୍ଥାନରେ କେନିଆର ରଗ୍‌ବୀ ଖେଳାଳି ହମ୍ଫ୍ରେ କାୟାଙ୍ଗେଙ୍କୁ ଆଇଓସି ଆଥ୍‌ଲେଟ୍ସ କମିଶନରେ ନିଆଯାଇଛି।

# ରଣଜୀ ଟ୍ରଫି: ଆଜିଠୁ କର୍ଣ୍ଣାଟକ-ଜମ୍ମୁ କଶ୍ମୀର ଫାଇନାଲ

ହୁବଲି,୨୩।୨(ପି.ଟି.)

ଘରୋଇ କ୍ରିକେଟର ସବୁଠୁ ସମ୍ମାନଜନକ ଟୁର୍ଣ୍ଣାମେଣ୍ଟ ରଣଜୀ ଟ୍ରଫିର ୯୧ତମ ସିଜନର ଫାଇନାଲ ମ୍ୟାଚ୍ ମଙ୍ଗଳବାରଠାରୁ ଖେଳାଯିବ। କେଏସ୍‌ସିଏ ଷ୍ଟାଡିୟମରେ ଖେଳାଯିବାକୁ ଥିବା ଏହି ଟାଇଟଲ ଲଢ଼େଇରେ ତାରକା ଖଚିତ କର୍ଣ୍ଣାଟକ ଓ ପାରସ ଡୋଗ୍ରାଙ୍କ ଦକ୍ଷ ଜମ୍ମୁ କଶ୍ମୀର ଦଳ ଅବତୀର୍ଣ୍ଣ ହେବେ। ଏହି ମ୍ୟାଚ୍‌ରେ କର୍ଣ୍ଣାଟକ ଫେଭରାଇଟ ଭାବେ ପଡ଼ିଆକୁ ଓହ୍ଲାଇବ। କାରଣ ଦଳରେ ଅନେକ ତାରକା ରହିଥିବା ବେଳେ ଦଳ ଟୁର୍ଣ୍ଣାମେଣ୍ଟର ବିଭିନ୍ନ ପର୍ଯ୍ୟାୟରେ ମ୍ୟାଚ୍ ପରିସ୍ଥିତି ଓ ମୁଖ୍ୟ ଖେଳାଳିଙ୍କ ଇଞ୍ଜୁରି ସତ୍ତ୍ୱେ ଶକ୍ତିଶାଳୀ ଦଳକୁ ପରାସ୍ତ କରିଛି। ଦଳରେ ଲୋକେଶ ରାହୁଲ, କରୁନ ନାୟାର, ଦେବଦତ୍ତ ପାଡିକଲ ଓ ରବିଚନ୍ଦ୍ରନ ସମରାନଙ୍କ ଭଳି ଷ୍ଟାର ବ୍ୟାଟର ରହିଛନ୍ତି। ରାହୁଲ ୩ ମ୍ୟାଚ୍‌ରେ ୪୫୭ ରନ କରିଥିବା ବେଳେ କରୁନ ୮ ମ୍ୟାଚ୍‌ରେ ୬୯୯, ଅଧିନାୟକ ପାଡିକଲ ୫ ମ୍ୟାଚ୍‌ରେ ୫୩୨ ଓ ସମରାନ ୮ ମ୍ୟାଚ୍‌ରେ ୯୫୦ ରନ କରିଛନ୍ତି। ଏମାନଙ୍କ ଯୋଗୁ ନେତୃତ୍ୱରେ ପରିବର୍ତ୍ତନ ସତ୍ତ୍ୱେ ଦଳର ପ୍ରଦର୍ଶନ କୌଣସି ପ୍ରଭାବ ପଡ଼ି ନ ଥିଲା। ଦଳ ପାଖରେ ଶକ୍ତିଶାଳୀ ବ୍ୟାଟିଂ ଲାଇନଅପ୍ ଭଳି ପ୍ରସିଦ୍ଧ କ୍ରିଷ୍ଣା, ବିଦ୍ୱତ କାବେରପ୍ପା, ବିଦ୍ୟାଧର ପାଟିଲ, ବୈଶାଖ ବିଜୟକୁମାର, ମହସିନ ଖାନଙ୍କୁ ନେଇ ଗଠିତ ଦକ୍ଷ ବୋଲିଂ ଆଟାକ୍ ରହିଛି। ଏମାନଙ୍କ ଛଡ଼ା ଦଳରେ ଶ୍ରେୟସ ଗୋପାଲଙ୍କ ଭଳି ଦକ୍ଷ ଅଲରାଉଣ୍ଡର ରହିଛନ୍ତି। ଏହି ଲେଗ୍ ସ୍ପିନର ଚଳିତ ସିଜନରେ ୪୬ ଉଇକେଟ ନେବା ସହ ୪୪୨ ରନ କରିଛନ୍ତି।

ଅକିବ ନବିଙ୍କ ନେତୃତ୍ୱାଧୀନ ଜମ୍ମୁ କଶ୍ମୀରର ଦକ୍ଷ ବୋଲିଂ ଆଟାକ କଡ଼ା ଚ୍ୟାଲେଞ୍ଜ ଦେବ। ଏହି ଦଳ ଟୁର୍ଣ୍ଣାମେଣ୍ଟରେ ପଦାର୍ପଣ କରିବାର ୬୭ ବର୍ଷ ପରେ ପ୍ରଥମଥର ପାଇଁ ଫାଇନାଲରେ ପ୍ରବେଶ କରିଛି। ନବି ଚଳିତ ସିଜନରେ ଏପର୍ଯ୍ୟନ୍ତ ୫୫ ଉଇକେଟ ନେଇଛନ୍ତି। କେଏସ୍‌ସିଏ ଷ୍ଟାଡିୟମ ପିଚ୍‌ରେ ପ୍ରାରମ୍ଭିକ ଭାବେ ପେସ ବୋଲରଙ୍କୁ ସହାୟତା ମିଳିବ ବୋଲି ଆଶା କରାଯାଉଛି।




4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ